# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, August 2/2025 | Page 16 | ₹ 7.00

୫୧ଶ ଭାଗ ୨୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 248 | ମୂଲ୍ୟ₹୭/-




## ଜମିଲ ଫୁଟ୍‌ବଲ ମୁଖ୍ୟ କୋଚ୍

ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଭାବେ ମନୋନୀତ ହୋଇଛନ୍ତି ଖଲିଦ ଜମିଲ ।

୧୬

୦୭

## ଶାହରୁଖ, ବିକ୍ରାନ୍ତ ଶ୍ରେଷ୍ଠ ଅଭିନେତା

୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶାହରୁଖ ଖାନ୍ ଏବଂ ବିକ୍ରାନ୍ତ ମେସି ଯୁଗ୍ମ ଭାବେ ଶ୍ରେଷ୍ଠ ଅଭିନେତା ମନୋନୀତ ହୋଇଛନ୍ତି।



# ‘ପୁଷ୍କରା’କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର




ଭୁବନେଶ୍ୱର, ୧।୮ (ସୌମ୍ୟରଞ୍ଜନ ରାଉତ)

୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଶୁକ୍ରବାର ଘୋଷଣା ହୋଇଛି। ଏଥିରେ ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ଭାବେ ‘ପୁଷ୍କରା’କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ମନୋନୀତ କରାଯାଇଛି। ତରଙ୍ଗ ସିନେ ପ୍ରଡକ୍ସନ୍ସ ପ୍ରସ୍ତୁତ ଏବଂ ସବ୍ୟସାଚୀ ମିଶ୍ରଙ୍କ ଅଭିନୀତ ଫିଲ୍ମ ‘ପୁଷ୍କରା’କୁ ଶ୍ରେଷ୍ଠ ଓ ଫିଲ୍ମ ଭାବେ ଘୋଷଣା କରାଯାଇଛି। ଏହା ଶଙ୍କର ତ୍ରିପାଠୀଙ୍କ ମୂଳ ଉପନ୍ୟାସ ‘ନାଦବିନ୍ଦୁ’ ଉପରେ ଆଧାରିତ ଥିଲା। ଏଥିରେ ଓଡ଼ିଆ ପ୍ରଥା ପରମ୍ପରାରେ ମୃତ୍ୟୁ ସମୟରେ ପୁଷ୍କର ଲାଗିଲେ ତାହାକୁ କିପରି ଛଡାଯାଏ ଏବଂ ସେଥିପାଇଁ କିପରି ପରମ୍ପରା ପାଳନ ହୁଏ ଚଳଚ୍ଚିତ୍ରରେ ତାହା ଦୃଶ୍ୟମାନ ହୋଇଥିଲା। ଚଳଚ୍ଚିତ୍ରଟି ୨୦୨୩ ସେପ୍ଟେମ୍ବର ୧୯ରେ ମୁକ୍ତିଲାଭ କରିଥିଲା। ଶୁଭ୍ରାଂଶୁଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ସବ୍ୟସାଚୀଙ୍କ ନିଖୁଣ ଅଭିନୟକୁ ବିପୁଳ ଦର୍ଶକୀୟ ଆଦୃତି ମିଳିଥିଲା। ଏଥିସହ ଚଳଚ୍ଚିତ୍ରରେ ପୁରୀର ଜାଗାଘର, ସାହିଯାତ ଓ ଡଙ୍ଗାଭସା ଭଳି ପରମ୍ପରାକୁ କାହାଣୀ ମାଧ୍ୟମରେ ସୁନ୍ଦର ଭାବରେ ଦେଖାଯାଇଛି। ☞ପୃଷ୍ଠା-୪

### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ‘ପୁଷ୍କରା’ ଏବଂ ‘ଦ ସି ଆଣ୍ଡ୍ ସେଭେନ୍ ଭିଲେଜେସ୍’ ଚଳଚ୍ଚିତ୍ର ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ଏନେଇ ସେ ତାଙ୍କ ‘X’ ଆକାଉଣ୍ଟରେ ଉଭୟ ଚଳଚ୍ଚିତ୍ରର ନିର୍ମାତା, ନିର୍ଦ୍ଦେଶକ, କଳାକାର ତଥା ଏଥିସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତ ନୂତନ ପ୍ରୟାସ ଓ ପ୍ରୟୋଗ ସହ ଏହିପରି ଆହୁରି ଅନେକ ସଫଳତା ପ୍ରାପ୍ତ କରୁ ବୋଲି କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ରାଜସ୍ୱ ହାନି ଏଡ଼ାଇବାକୁ ‘ଟ୍ରାକ୍ ଆଣ୍ଡ ଟ୍ରେସ୍’ ବ୍ୟବସ୍ଥା

- ପାନମସଲା, ଇଟାଭାଟି, ବାଲି ଖନନ ଆଦିରେ ଲାଗୁହେବ
- ରାଜ୍ୟ କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ମୋହର

**ରାଜ୍ୟବାସୀଙ୍କ ହିତକୁ ଦୃଷ୍ଟିରେ ରଖି ଶୁକ୍ରବାର ରାଜ୍ୟ କ୍ୟାବିନେଟ୍‌ରେ ୪ଟି ବିଭାଗର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମୋହର ବାଜିଛି। ବିଶେଷକରି ଏଭଳି କେତେକ କ୍ଷେତ୍ର ରହିଛି, ଯେଉଁଠି ସରକାରଙ୍କୁ ସବୁବେଳେ ରାଜସ୍ୱ ହାନିର ଆଶଙ୍କା ରହୁଛି। କାରଣ ସେସବୁ କ୍ଷେତ୍ରରେ ରାଜସ୍ୱ ଫାଙ୍କିବାକୁ ଅନେକ ବେଆଇନ କାର୍ଯ୍ୟ ହେଉଛି। ଏସବୁକୁ ଏଡ଼ାଇବା ପାଇଁ ସରକାର ‘ଟ୍ରାକ୍ ଆଣ୍ଡ୍ ଟ୍ରେସ୍’ ବ୍ୟବସ୍ଥା ଆପଣାଇଛନ୍ତି। ଏହା ହେଉଛି ଏକ ସଫ୍ଟୱେରଭିତ୍ତିକ ସମାଧାନ। ଏହା ମାଧ୍ୟମରେ ଲୋଡିଂ ୟୁନିଟ୍, ସାମଗ୍ରୀ ପରିବହନ ଓ ଏଥିରେ ନିୟୋଜିତ ଯାନବାହନ ଉପରେ ନଜର ରଖାଯାଇ ଯୋଗାଣକାରୀଙ୍କଠାରୁ ଗ୍ରାହକଙ୍କ ପର୍ଯ୍ୟନ୍ତ ସମଗ୍ର ଯୋଗାଣ ଶୃଙ୍ଖଳକୁ ତଦାରଖ କରାଯିବ।**

ଭୁବନେଶ୍ୱର,୧।୮ (ରବିନାରାୟଣ ଜେନା)

ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟ ସରକାର ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ-୨୦୧୭ରେ ସଂଶୋଧନ ଆଣିଛନ୍ତି। ଏହାଦ୍ୱାରା ବ୍ୟବସ୍ଥାକୁ ସରଳ କରିବା ସହ କରଦାତା ଓ କର ପ୍ରଶାସକଙ୍କୁ କେତେକ ସୁବିଧା ମିଳିବ। ପାନ ମସଲା, ଇଟାଭାଟି, ବାଲି ଖନନ ଆଦି କ୍ଷେତ୍ରରେ ରାଜସ୍ୱ ହାନିର ଆଶଙ୍କାକୁ ଏଡ଼ାଇବା ପାଇଁ ‘ଟ୍ରାକ୍ ଆଣ୍ଡ ଟ୍ରେସ୍’ ବ୍ୟବସ୍ଥାର ପ୍ରଚଳନ କରାଯିବ। ଟ୍ରାକ୍ ଓ ଟ୍ରେସ୍ ବ୍ୟବସ୍ଥାର ଉଲ୍ଲଂଘନ କଲେ ୧ ଲକ୍ଷ ଟଙ୍କା ବା ଦେୟ କରର ୧୦% ଶାସ୍ତି ବିଧାନ କରାଯିବ, ଯାହା ଅଧିକ ତାହା ପ୍ରଦାନ କରିବାକୁ ବାଧ୍ୟ ହେବେ।

ମୁଖ୍ୟ ଶାସନ ସଚିବ ଆହୁଜା କହିଛନ୍ତି, ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ପାଇବା କ୍ଷେତ୍ରରେ ‘ପ୍ଲାଣ୍ଟ ଏବଂ ମେଶିନେରି’ ଏବଂ ‘ପ୍ଲାଣ୍ଟ କିମ୍ବା ମେଶିନେରି’ର ବ୍ୟାଖ୍ୟା ମଧ୍ୟରେ ଥିବା ଅସ୍ପଷ୍ଟତାକୁ ଦୂର କରାଯିବ। ଫଳରେ ଟିକସଦାତାଙ୍କୁ ରିଟର୍ନ ଫାଇଲ କରିବାରେ ଅଧିକ ସୁବିଧା ପ୍ରଦାନ କରିବ । ବିକ୍ରୟ ପରେ ଫେରସ୍ତ କିମ୍ବା ଅନ୍ୟ କୌଣସି କାରଣରୁ ଦ୍ରବ୍ୟ ବା ସେବା ଯୋଗାଣର ମୂଲ୍ୟ ହ୍ରାସ ପାଇଲେ, ଯୋଗାଣକାରୀମାନେ କ୍ରେଡିଟ୍ ନୋଟ୍ ଜାରି କରନ୍ତି। ଟିକସ ଫାଙ୍କିକୁ ରୋକିବା ପାଇଁ ଦ୍ରବ୍ୟ ବା ସେବା ଗ୍ରହଣକାରୀ ମଧ୍ୟ ଆନୁପାତିକ ଭାବେ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍‌କୁ କମାଇବେ ।

ଆହୁଜା କହିଛନ୍ତି, କ୍ୟାବିନେଟରେ ‘ସ୍ଥାନୀୟ ପାଣି’ ଏବଂ ‘ମ୍ୟୁନିସିପାଲିଟି ପାଣି’ ଶବ୍ଦଗୁଡ଼ିକରେ ସ୍ପଷ୍ଟତା ଅଣାଯିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଭାଉଚର ସହିତ ଜଡ଼ିତ କାରବାର ସମ୍ବନ୍ଧରେ ଯୋଗାଣ ସମୟ ବ୍ୟବସ୍ଥାକୁ ହଟାଯିବ, କାରଣ ଏହା ନା କୌଣସି ସାମଗ୍ରୀ ଯୋଗାଣ ନା ସେବା ସମ୍ପର୍କିତ କାରବାର। ସେହିପରି ଟିକସ ☞ପୃଷ୍ଠା-୪

## ଖାଦ୍ୟ ପ୍ରକ୍ରିୟାକରଣ ନୀତିରେ ସଂଶୋଧନକୁ ଅନୁମୋଦନ

ଭୁବନେଶ୍ୱର,୧।୮ (ରବିନାରାୟଣ ଜେନା)

ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା କହିଛନ୍ତି, ଆର୍ଥିକ ପ୍ରୋତ୍ସାହନର ମଞ୍ଜୁରୀକରଣ ପ୍ରକ୍ରିୟାକୁ ସରଳ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ରେ ସଂଶୋଧନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ସଂଶୋଧନ ନୀତି-୨୦୧୬ ଅନୁଯାୟୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଆର୍ଥିକ ପ୍ରୋତ୍ସାହନ ଆବେଦନଗୁଡ଼ିକୁ ଅନୁମୋଦନ ପାଇଁ ତିନୋଟି କମିଟି ରହିଥିଲା। ସେଥିମଧ୍ୟରେ ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ

### ଜିଲାପାଳଙ୍କ ହାତକୁ ଗଲା ଅନୁମୋଦନ କ୍ଷମତା, ବାଦ୍ ପଡ଼ିଲେ ମୁଖ୍ୟ ଶାସନ ସଚିବ

(ଏସ୍‌ଡିଏଲ୍‌ସି) ବୈଠକରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରସ୍ତାବକୁ ଅନୁମୋଦନ ମିଳୁଥିଲା। ସେହିପରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଥିବା ଉପ-ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି ୨୫ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଏବଂ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କମିଟି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରସ୍ତାବ ଉପରେ ଅନୁମୋଦନ ଦେଉଥିଲା। ଶୁକ୍ରବାର ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି କ୍ରମେ ଏବେ ଏହି ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ ଅଧ୍ୟକ୍ଷତାରେ ☞ପୃଷ୍ଠା-୪


## Government of Odisha
### Higher Education Department

**Revised Remaining Timeline for admission into 2 Year B.Ed., B.H.Ed., M.Ed. Courses for the Academic Session 2025-26 under SAMS**

**No.N-141:** The revised remaining timeline for admission into 2 Year B.Ed., B.H.Ed., M.Ed. courses for the year 2025-26 under 'Student Academic Management System (SAMS)' is given below. Any change in the timeline will be published on the website https://te.samsodisha.gov.in/. The applicants are advised to read the information Brochure Carefully.

| Sl# | Activities | Timeline |
|---|---|---|
| 1 | Publication of Revised Entrance Test Score on SAMS TE Portal | 01-Aug-2025 (Friday) (11.00 AM) |
| 2 | **Students Activity:** **Editing of 1) Choice locking for the institutions by the applicants in their student login, if required 2) Graduation/ Equivalent marks** | 01-Aug-2025 (04.00 PM) (Friday) to 04-Aug-2025 (11.45 PM) (Monday) |
| 3 | **1st Round** Publication of Provisional Allotment of Seats (For First Round Selection) | 08-Aug-2025 (Friday) (02.00 PM) |
| 4 | **Students Activity:** Selection of **Slide/Freeze** option and Online payment of admission fees by the selected students through SAMS (Student's login) portal | 08-Aug-2025 (04.00 PM) (Friday) to 13-Aug-2025 (03.00 PM) (Wednesday) |
| 5 | **Students Activity:** Reporting of applicants at allotted institutions for taking admission **(for First Round Selection)** **(Applicants who have chosen the Freeze option will only be required to report for admission)** | 11-Aug-2025 (10.00 AM) (Monday) to 13-Aug-2025 (05.00 PM) (Wednesday) |
| 6 | **Institution Activity:** Data updation of admitted students in the e-space **(for First Round Admission)** by the respective institutions | 11-Aug-2025 (10.00 AM) (Monday) to 13-Aug-2025 (11.45 PM) (Wednesday) |
| 7 | **2nd Round :** Publication of Provisional Allotment of Seats **(For Second Round Selection)** | 19-Aug-2025 (Tuesday) (02.00 PM) |
| 8 | **Students Activity:** Selection of Slide/Freeze option and **Online payment of admission fees** by the Selected students through SAMS (Student's login) portal | 19-Aug-2025 (04.00 PM) (Tuesday) to 22-Aug-2025 (03.00 PM) (Friday) |
| 9 | **Students Activity:** **Reporting of applicant** at allotted institutions for taking admission **(For Second Round Selection)** **(Applicants who have chosen the Freeze option will only be required to report for admission)** | 20-Aug-2025 (10.00 AM) (Wednesday) to 22-Aug-2025 (05.00 PM) (Friday) |
| 10 | **Institution Activity:** Data Updation of admitted students in the e-space **(For second round Admission)** by the respective Institutions | 20-Aug-2025 (10.00 AM) (Wednesday) to 22-Aug-2025 (11.45 PM) (Friday) |
| 11 | **3rd (Final) Round** Publication of Provisional Allotment of Seats **(For Third Round Selection)** | 26-Aug-2025 (Tuesday) (02.00 PM) |
| 12 | **Students Activity:** **(Selection of FREEZE OPTION)** & Online payment of admission fees by the selected students through SAMS (Student's login) portal | 26-Aug-2025 (04.00 PM) (Tuesday) to 01-Sep-2025 (03.00 PM) (Monday) |
| 13 | **Students Activity:** Reporting of the applicant at allotted institutions for taking admission **(for Third Round Selection)** | 29-Aug-2025 (10.00 AM) (Friday) to 01-Sep-2025 (05.00 PM) (Monday) (Except Holiday) |
| 14 | **Institution Activity:** Data updation of admitted students in the e-space **(for Third Round of Selection)** by the respective Institutions | 29-Aug-2025 (10.00 AM) (Friday) to 01-Sep-2025 (11.45 PM) (Monday) |
| 15 | **4th Round (Waiting/ Spot)** **Students Activity:** Availability of online Common Application Form (CAF) in the student's login for providing minimum 01 (One) and maximum as many fresh options to participate in the Phase-I 4th Round (waiting list / Spot) Admission process | 03-Sep-2025 (11.00 AM) (Wednesday) to 05-Sep-2025 (11.45 PM) Friday |
| 16 | Publication of merit wise list among the reported waitlisted applicants at HEIs e-space | 08-Sep-2025 (02.00 PM) (Monday) |
| 17 | **Institution Activity:** Publication of selected and waitlisted applicant's list by the HEIs at their Notice Board/ Website and the HEIs will also communicate to the applicants via phone call/ SMS/ whatsapp/ e-mail etc. | 09-Sep-2025 (02.00 PM) (Tuesday) |
| 18 | Reporting of selected applicants of waitlisted round to take admission in one of the selected HEI's where the total/ differential admission fees will be deposited directly at the HEIs in online mode (Net Banking/ Bank Challan/ NEFT/UPI etc.) | 10-Sep-2025 (10.00 AM) (Wednesday) & 11-Sep-2025 (05.00 PM) (Thursday) |
| 19 | Reporting of **waiting** applicants in waitlisted round to take admission in one of the selected HEI's, where the **total/differential admission fees** will be deposited directly at the HEIs in online mode **(Net Banking/ Bank Challan/NEFT/UPI etc.)** | 12-Sep-2025 (10.00 AM) (Friday) to 13-Sep-2025 (05.00 PM) (Saturday) |
| 20 | Admission Updation of the student's data by the HEIs in their e-Space | 10-Sep-2025 (10.00 AM) (Wednesday) to 13-Sep-2025 (11.45 PM) (Saturday) |
| 21 | Commencement of 1st Year Classes for B.Ed., B.H.Ed. & M.Ed. for the AY:2025-26 | 02-Sep-2025 (Tuesday) |

**For More details please contact: e-Admission Helpline (Toll Free) Number 155335/ 1800-345-6770**

OIPR-11001/11/0095/2526 — **Sd./- Deputy Director, PTC Section**


## ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ,୧।୮(ପି.ଟି.)

ଉପରାଷ୍ଟ୍ରପତି ପଦବୀ ପାଇଁ ସେପ୍ଟେମ୍ବର ୯ରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ନିର୍ବାଚନ କମିଶନ (ଇସି) ଘୋଷଣା କରିଛନ୍ତି। ଏଥିପାଇଁ ଅଗଷ୍ଟ ୭ରେ ବିଜ୍ଞପ୍ତି ଜାରି ହେବାକୁ ଥିବାବେଳେ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଅଗଷ୍ଟ ୨୧ ରହିବ। ଆବଶ୍ୟକ ପଡ଼ିଲେ ସେପ୍ଟେମ୍ବର ୯ ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ ମଧ୍ୟରେ ସଂସଦ ଭବନର ପ୍ରଥମ ମହଲା ପ୍ରକୋଷ୍ଠ ନମ୍ବର ଏଫ୍-୧୦୧, ବସୁଧାରେ ଅନୁଷ୍ଠିତ ହେବ ଓ ସେହିଦିନ ଫଳାଫଳ ପ୍ରକାଶ ପାଇବ। ଜଗଦୀପ୍ ଧନ୍‌କର ଜୁଲାଇ ୨୧ରେ ଇସ୍ତଫା ଦେବା ପରେ ଉପରାଷ୍ଟ୍ରପତି ପଦ ଖାଲି ପଡ଼ିଛି। ଏହି ନିର୍ବାଚନ ପାଇଁ ଇସି ରାଜ୍ୟ ସଭାର ମହାସଚିବଙ୍କୁ ରିଟର୍ନିଂ ଅଫିସର ନିଯୁକ୍ତ କରିଥିବାବେଳେ ଉଚ୍ଚ ସଦନ ସଚିବାଳୟର ୨ ଜଣ ଅଧିକାରୀଙ୍କୁ ସହକାରୀ ରିଟର୍ନିଂ ଅଫିସର ନିଯୁକ୍ତ କରିଛନ୍ତି। ☞ପୃଷ୍ଠା-୪

## ମୁରିବାହାଲରେ ଚାଷୀ ଆତ୍ମହତ୍ୟା

**ବର୍ଷାଭାବ, ଋଣ ଯୋଗୁ କୀଟନାଶକ ପିଇ ଦେଲେ ଚାଷୀ**

ବଲାଙ୍ଗୀର, ୧।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଡଙ୍ଗରପଡା ଗ୍ରାମ ପଞ୍ଚାୟତର ଦନ୍ଦରା ଗାଁରେ ଶୁକ୍ରବାର ଜଣେ ଚାଷୀ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ଜଣକ ହେଲେ ରାଜକୁମାର ପାତ୍ର (୪୫)। ବର୍ଷାଭାବରୁ ଫସଲ ହାନି ଓ ଋଣବୋଝ ଚିନ୍ତାରେ ଚାଷୀ ରାଜକୁମାର କୀଟନାଶକ ପିଇ ଜୀବନ ହାରିଥିବା କୁହାଯାଉଛି। ମିଳିଥିବା ସୂଚନା ମୁତାବକ, ଦନ୍ଦରା ଗାଁର ଚାଷୀ ରାଜକୁମାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସିଏସ୍‌ଏସ୍ ସଙ୍କଟ**




# ‘ଶକ୍ତିଶ୍ରୀ ସଂଯୋଜିକା’, ‘ଶକ୍ତିଶ୍ରୀ ଅପା’ ଚୟନ ନିର୍ଦ୍ଦେଶ

## ତୁରନ୍ତ ଦାୟିତ୍ୱ ଦେବାକୁ ଉଚ୍ଚଶିକ୍ଷା ବିଭାଗର ଚିଠି

ଭୁବନେଶ୍ୱର, ୧।୮ (ସୁଚିସ୍ମିତା ସାହୁ)

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ରାଜ୍ୟରେ ଛାତ୍ରୀଙ୍କ ସୁରକ୍ଷା ସହ ସେମାନଙ୍କୁ ସଶକ୍ତ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ଦେଖାଇଛି। ‘ଶକ୍ତିଶ୍ରୀ ଯୋଜନା’ରେ ସମସ୍ତ ଶିକ୍ଷାନୁଷ୍ଠାନରେ ‘ଶକ୍ତିଶ୍ରୀ ସଂଯୋଜିକା’ ଏବଂ ଜିଲାସ୍ତରରେ ‘ଶକ୍ତିଶ୍ରୀ ଅପା’ ଚୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ର ଶୁକ୍ରବାର ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଓ କଲେଜ ପ୍ରିନ୍ସିପାଲଙ୍କୁ ଚିଠି ଲେଖିଛନ୍ତି। ଅଗଷ୍ଟ ୪ ସୁଦ୍ଧା ଜଣେ ଅଧ୍ୟାପିକାଙ୍କୁ ‘ଶକ୍ତିଶ୍ରୀ ସଂଯୋଜିକା’ ଭାବେ ମନୋନୀତ କରି ଦାୟିତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶକ୍ତିଶ୍ରୀ ସଂଯୋଜିକା ଛାତ୍ରୀଛାତ୍ରଙ୍କୁ ସମାନ ଭାବେ ଦେଖିବା ସହିତ ଛାତ୍ର କଲ୍ୟାଣ, ସଶକ୍ତୀକରଣ ଏବଂ ସାମାଜିକ ନ୍ୟାୟ ଦେଇପାରୁଥିବେ। ସେ ଜଣେ ଅଭିଜ୍ଞତା ଓ ଆଗ୍ରହୀ ଛାତ୍ର ଅନୁକୂଳ ମହିଳା ଅଧ୍ୟାପିକା ହୋଇଥିବା ଜରୁରୀ। ଛାତ୍ରୀଙ୍କ ଅଧିକାର ଏବଂ ସଶକ୍ତୀକରଣକୁ ସମର୍ଥନ କରୁଥିବା ସକାରାତ୍ମକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ କ୍ୟାଲେଣ୍ଡର ଅନୁସାରେ ଆତ୍ମରକ୍ଷା, ସ୍ୱାସ୍ଥ୍ୟ ସଚେତନତା, ଆଇନଗତ ସାକ୍ଷରତା, ଜୀବନ କୌଶଳ, ନୈତିକ ମୂଲ୍ୟବୋଧ ଆଦି ଉପରେ ତାଲିମ, କର୍ମଶାଳା କିମ୍ବା ସେମିନାର ମାଧ୍ୟମରେ ସଚେତନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ଜିଲାସ୍ତରରେ ନିଯୁକ୍ତ ହେବେ ‘ଶକ୍ତି ଅପା’। ପ୍ରତି ଜିଲାରେ ୫ଜଣ ମହିଳାଙ୍କୁ ନିଯୁକ୍ତ କରାଯିବ। ଜିଲାର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ମାର୍ଗଦର୍ଶନ ସହ ପ୍ରୋତ୍ସାହିତ କରିବା ସେମାନଙ୍କ ପ୍ରମୁଖ କାର୍ଯ୍ୟ ରହିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଅବଗତ କରାଯାଇଛି। ୫ଜଣ ଶକ୍ତି ଅପାଙ୍କ ମଧ୍ୟରେ ଜଣେ ଲେଖାଏ ମହିଳା ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ, ପୋଲିସ ବା ଶସସ୍ତ୍ର ବାହିନୀରୁ ଅବସରପ୍ରାପ୍ତ ସରକାରୀ ମହିଳା ଅଧିକାରୀ, ଆଇନ୍ କ୍ଷେତ୍ର ସହ ଜଡ଼ିତ ଆଇନ ଏବଂ ସାଇବର ସିକ୍ୟୁରିଟି ଉପରେ ଅଭିଜ୍ଞତା ଥିବା ଶିକ୍ଷିତ ମହିଳା, ସ୍ୱାସ୍ଥ୍ୟ ବିଶେଷଜ୍ଞ ବା ମନସ୍ତତ୍ତ୍ୱବିତ୍ ଏବଂ ବିଶ୍ୱବିଦ୍ୟାଳୟ ଷ୍ଟୁଡେଣ୍ଟ ୱେଲଫେୟାର୍ କମିଟିର ସଂଯୋଜକ ବା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ସ୍ଥାନ ପାଇବେ। ସେମାନେ ପ୍ରତି ୩ ମାସରେ ଥରେ ଶିକ୍ଷାନୁଷ୍ଠାନକୁ ଯାଇ ଛାତ୍ରୀଙ୍କ ସହ ଆଲୋଚନା କରିବେ। ଆସନ୍ତା ୨୦ତାରିଖ ମଧ୍ୟରେ ସେମାନଙ୍କୁ ଚୟନ କରିବା ସହ ସେମାନଙ୍କ ସମସ୍ତ ତଥ୍ୟ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସହ ଘଟିଚାଲିଥିବା ଅଘଟଣକୁ ଏଡ଼ାଇବା ପାଇଁ ଗତ ଜୁଲାଇ ୧୯ରେ ରାଜ୍ୟ ସରକାର ‘ଶକ୍ତିଶ୍ରୀ ଯୋଜନା’ ଘୋଷଣା କରିଥିଲେ। ରାଜ୍ୟର ୧୬ ବିଶ୍ୱବିଦ୍ୟାଳୟ ଓ ୭୩୦ ସରକାରୀ ଓ ଅନୁଦାନପ୍ରାପ୍ତ କଲେଜରେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଇଗ୍ନୁ ନାମଲେଖା, ପୁନଃପଞ୍ଜୀକରଣ ଅବଧି ୧୫କୁ ବୃଦ୍ଧି

ଭୁବନେଶ୍ୱର, ୧।୮ (ସୁଚିସ୍ମିତା ସାହୁ)

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜୁଲାଇ-୨୦୨୫ ଶିକ୍ଷା ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଅବଧି ୧୫ ତାରିଖକୁ ବୃଦ୍ଧି କରାଯାଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ କୌଣସି ବୟସର ବ୍ୟକ୍ତିବିଶେଷ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ୍(ସ୍ନାତକ), ପୋଷ୍ଟ ଗ୍ରାଜୁଏଟ୍(ସ୍ନାତକୋତ୍ତର), ପିଜି ଡିପ୍ଲୋମା (ସ୍ନାତକୋତ୍ତର ଡିପ୍ଲୋମା) ଏବଂ ସାର୍ଟିଫିକେଟ୍ ପ୍ରୋଗ୍ରାମରେ ନାମ ଲେଖାଇବାକୁ ଏହି ସଯୋଗ ଦିଆଯାଇଛି। ଅଣ୍ଡର ଗ୍ରାଜୁଏଟ୍ (ସ୍ନାତକ) ପ୍ରୋଗ୍ରାମ ଯଥା କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୁ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେନାହିଁ। ଆଗ୍ରହୀ ଛାତ୍ରୀଛାତ୍ର ଇଗ୍ନୁ ୱେବ୍‌ସାଇଟ www.ignou.ac.in ଏବଂ http//ignouadmission.samarth.edu.in ଅନୁସରଣ କରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ଇ-ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ। ସେହିପରି ୦୬୭୪-୨୯୭୧୦୭୧ କିମ୍ବା ୦୬୭୪-୨୩୦୧୩୪୮ ଦୂରଭାଷ ନମ୍ବରରେ ଯୋଗାଯୋଗ କରିବା ପାଇଁ ଇଗ୍ନୁର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ୮ରୁ ଧାରଣାରେ ବସିବେ ମା’ ମୋନାଲିସା

## ପିହୁ ନିଖୋଜକୁ ୬ ବର୍ଷ ପୂରିବ



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ମୋନାଲିସା ନାୟକ।

ଯାଜପୁର ଟାଉନ, ୧।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ ମଧୁସୂଦନପୁର ଗାଁର ନାବାଳିକା ପିହୁ ନିଖୋଜ ଘଟଣାକୁ ୬ ବର୍ଷ ପୂରିବାକୁ ବସିଲାଣି, ହେଲେ ଏ ପର୍ଯ୍ୟନ୍ତ ତାଙ୍କ ସନ୍ଧାନ ମିଳିପାରିନାହିଁ। ଏହାକୁ ନେଇ ପିହୁଙ୍କ ମା’ ମୋନାଲିସା ନାୟକ ଭାଙ୍ଗିପଡ଼ିଛନ୍ତି। ଝିଅକୁ ପାଇବା ପାଇଁ ଚାରିଆଡ଼େ ଦୌଡ଼ି ନିରାଶ ହେବାପରେ ଏବେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୮ ତାରିଖଠାରୁ ମୋନାଲିସା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଶୁକ୍ରବାର ଜିଲା ପ୍ରଶାସନକୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପିହୁ ନ ମିଳିବା ପର୍ଯ୍ୟନ୍ତ ମୋନାଲିସା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହିତ ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବାକୁ ସେ ଦାବିପତ୍ରରେ ଦର୍ଶାଇଛନ୍ତି।

ପିହୁ ନିଖୋଜ ହେବା ଦିନଠାରୁ ମୋନାଲିସା ଜିଲା ପ୍ରଶାସନ, ପୋଲିସ, ରାଜନେତା ଓ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବା ସହ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ଏପରିକି ମୋନାଲିସା ବିଧାନସଭା ସମ୍ମୁଖରେ ଧାରଣାଦେବାକୁ ଯାଉଥିବାବେଳେ କ୍ରାଇମବ୍ରାଞ୍ଚ ତାଙ୍କୁ ଅଟକାଇ ନିଜ ଆଡୁ ତଦନ୍ତ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ କିଛି ହୋଇ ନ ଥିଲା। ସୂଚନାଯୋଗ୍ୟ, ୨୦୨୦ଅଗଷ୍ଟ ୯ରେ ଗାଁ ଦାଣ୍ଡରେ ଖେଳୁଥିବାବେଳେ ପିହୁ ନିଖୋଜ ହୋଇଯାଇଥିଲେ।

# ଭିଜିଲାନ୍ସରେ ଧରାପଡ଼ିଲେ ବ୍ୟାସନଗର ତହସିଲ କିରାଣି



କିରାଣି ହେମନ୍ତ ପେରେଇଙ୍କୁ ଭିଜିଲାନ୍ସ ଅଧିକାରୀ ଗିରଫ କରି ନେଉଛନ୍ତି।

## ଜମି ରେକର୍ଡ ସଂଶୋଧନ ପାଇଁ ୫ ହଜାର ଲାଞ୍ଚ ନେଉଥିଲେ

ଯାଜପୁରରୋଡ୍, ୧।୮ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ଜିଲା ବ୍ୟାସନଗର ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣି ହେମନ୍ତ ପେରେଇ ଶୁକ୍ରବାର ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଯାଜପୁର ଭିଜିଲାନ୍ସ ଟିମ୍ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛି।

କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମର ଲକ୍ଷ୍ମୀଧର ସାହୁ ତାଙ୍କର ଏକ ଜମିର ରେକର୍ଡ ସଂଶୋଧନ ପାଇଁ ୨୦୦୭ରୁ ବ୍ୟାସନଗର ତହସିଲକୁ ଦୌଡିଦୌଡ଼ି ନୟାନ୍ତ ହୋଇଥିଲେ। ତହସିଲର ବରିଷ୍ଠ କିରାଣି ପେରେଇଙ୍କୁ ତାଙ୍କ କାର୍ଯ୍ୟ କରିଦେବାକୁ ନେହୁରା ହୋଇଥିଲେ। କିରାଣି ତାଙ୍କୁ ୧୦ ହଜାର ଟଙ୍କା ଦେଲେ କାମ ହେବ ବୋଲି କହିଥିଲେ। ଲକ୍ଷ୍ମୀଧର ଜଣେ ଗରିବ ଶ୍ରେଣୀର ହୋଇଥିବରୁ ଏତେ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିଥିଲେ। ଶେଷରେ ୫ ହଜାର ଟଙ୍କା ଦେଲେ କାମ ହୋଇଯିବ ବୋଲି କିରାଣି ପେରେଇ କହିଥିଲେ। ଏନେଇ ଲକ୍ଷ୍ମୀଧର ଯାଜପୁର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ଅନୁଯାୟୀ ଲକ୍ଷ୍ମୀଧର କିରାଣି ପେରେଇଙ୍କୁ ଟଙ୍କା ଦେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀ ତାଙ୍କୁ ମାଡ଼ିବସିଥିଲେ। ଭିଜିଲାନ୍ସ ଡିଏସ୍‌ପି ସୁଲୋଚନା ନାୟକ, ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ସାହୁ, ଏଏସ୍‌ଆଇ ସୁରଜ କୁମାର ସେଠୀ, ସୁଶାନ୍ତ କୁମାର ସାମଲ ଓ ଶ୍ରୀକାନ୍ତ ନାୟକ ଚଢ଼ାଉରେ ସାମିଲ ହୋଇଥିଲେ।






# ଉପରାଷ୍ଟ୍ରପତି ନିର୍ବାଚନ: ଦୋଛକିରେ ବିଜେଡି

## ରାଜ୍ୟ ରାଜନୀତି ସରଗରମ

ଭୁବନେଶ୍ୱର,୧୮(ରବିନାରାୟଣ ଜେନା)

ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନକରଙ୍କ ଇସ୍ତଫା ପରେ ଜାତୀୟ ଓ ରାଜ୍ୟ ରାଜନୀତିରେ ନୂଆ ସମୀକରଣ ଦେଖାଦେଇଛି। ଶୁକ୍ରବାର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ହେବାକୁ ସ୍ଥିର ହୋଇଛି। ଧନକରଙ୍କ ଇସ୍ତଫାକୁ ନେଇ ଜାତୀୟସ୍ତରରେ ଅନେକ କଳ୍ପନା ଜଳ୍ପନା ଚାଲିଛି। ସେ ତାଙ୍କ ଇସ୍ତଫା ପତ୍ରରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇଥିଲେ ମଧ୍ୟ ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ସନ୍ଦେହ କରୁଛନ୍ତି। ଧନକର ଦିନରେ ସ୍ୱାଭାବିକ ଭାବେ ରାଜ୍ୟ ସଭା କାର୍ଯ୍ୟ ସାରିବା ପରେ ରାତିରେ ହଠାତ୍ ଇସ୍ତଫା ଘୋଷଣା କରିଥିବାରୁ ଏହା ପଛରେ ଭାଜପାର ନିଶ୍ଚିତ କିଛି ଯୋଜନା ରହିଥିବା ବିରୋଧୀ ଆକଳନ କରୁଛନ୍ତି। ଏ ନେଇ ସେମାନେ ଭାଜପାର ଆଭିମୁଖ୍ୟ ଉପରେ ଅନେକ ପ୍ରଶ୍ନ ମଧ୍ୟ ଉଠାଉଛନ୍ତି । ଏହାକୁ ଅନୁଧ୍ୟାନକଲେ ଆସନ୍ତା ଉପରାଷ୍ଟ୍ରପତି ନିର୍ବାଚନ ସହମତି ଭିତ୍ତିରେ ହେବା ନେଇ ସନ୍ଦେହ ରହିଛି। ଯଦି 'ଇଣ୍ଡି ମେଣ୍ଟ' ଉପରାଷ୍ଟ୍ରପତି ପାଇଁ ପ୍ରାର୍ଥୀ ଦିଏ, ତେବେ ଓଡ଼ିଶାର ବିରୋଧୀ ଦଳ ବିଜେଡି କେଉଁ ଆଭିମୁଖ୍ୟ ରଖିବ, ତାହାକୁ ନେଇ ରାଜ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ନିକଟରେ 'ଅପରେଶନ ସିନ୍ଦୂର' ବିତର୍କ ବେଳେ ରାଜ୍ୟ ସଭାରେ 'ସିନ୍ଦୂର' ସପକ୍ଷରେ ବିଜେଡି ରହିଥିଲା। ପୂର୍ବରୁ ରାଷ୍ଟ୍ରପତି ନିର୍ବାଚନ ସମୟରେ ଦ୍ରୌପଦୀ ମୁର୍ମୁଙ୍କୁ ବିଜେଡି ପୂର୍ଣ୍ଣମାତ୍ରାରେ ସମର୍ଥନ କରିଥିଲା। ଉପରାଷ୍ଟ୍ରପତି ନିର୍ବାଚନ ସମୟରେ ମଧ୍ୟ ବିଜେଡି ଧନକରଙ୍କୁ ସମର୍ଥନ ଦେଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସେତେବେଳେ ଗଣମାଧ୍ୟମ ସମ୍ମୁଖରେ ତାଙ୍କ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। କିନ୍ତୁ ଏବେ ସମୟ ବଦଳିଛି। ବର୍ତ୍ତମାନ ରାଜ୍ୟରେ ବିରୋଧୀ ଆସନରେ ବସିଥିବାରୁ ବିଜେଡି କ'ଣ ପଦକ୍ଷେପ ନେବ ତାହାକୁ ନେଇ ଦଳରେ ଦ୍ୱନ୍ଦ୍ୱ ଲାଗି ରହିଛି। ରାଜ୍ୟର ଆଇନଶୃଙ୍ଖଳା ପ୍ରସଙ୍ଗରେ ଭାଜପା ସରକାରକୁ ବିଜେଡି ଘେରୁଛି। ତେଣୁ ଜାତୀୟ ପ୍ରସଙ୍ଗରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କଲେ ବିଜେଡିକୁ ପୁଣି ସମାଲୋଚନାର ସାମ୍ନା କରିବାକୁ ପଡ଼ିବ ବୋଲି ରାଜନୈତିକ ମହଲରେ କୁହାଯାଉଛି।

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ କଂଗ୍ରେସ ଉଭୟେ ଭାଜପା-ବିଜେଡିକୁ ନେଇ ବହୁ ସମାଲୋଚନା କରିଥିଲା, ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି କହିଥିଲା। ନିର୍ବାଚନ ପରେ ଏବେ ରାଜ୍ୟ ରାଜନୀତି ସମୀକରଣ ବଦଳିଛି। ବିଜେଡି-କଂଗ୍ରେସ ବିଭିନ୍ନ ପ୍ରସଙ୍ଗରେ ଏକ ହୋଇ ଭାଜପା ସରକାରଙ୍କୁ ଘେରୁଛନ୍ତି। ହେଲେ ରାଜ୍ୟ ସଭାରେ ୱକଫ୍ ବିଲ୍ ଆଗତ ବେଳେ ବିଜେଡିର ଆଭିମୁଖ୍ୟ ସ୍ପଷ୍ଟ ନ ଥିଲା, ଯାହାକୁ ନେଇ ଦଳ ଭିତରେ ଏବେ ବି ତୁ ତୁ ମେଁ ମେଁ ଲାଗି ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମହତ୍ୟା, ବଲାଙ୍ଗୀରେ ଛାତ୍ରୀଙ୍କୁ ପୋଡ଼ିବାକୁ ଉଦ୍ୟମ ଭଳି ବହୁ ପ୍ରସଙ୍ଗ ବିରୋଧୀଙ୍କୁ ଏକ ହେବାର ସୁଯୋଗ ସୃଷ୍ଟି କରିଛି; ଯେଉଁଥିପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ଭାଜପା ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଆହ୍ୱାନ ଦେଇ ବିଜେଡିର ସମର୍ଥନ ଲୋଡ଼ିଛନ୍ତି । ଏହି ପ୍ରସଙ୍ଗ ଏବେ ମୌସୁମୀ ଅଧିବେଶନ ପାଇଁ ଅପେକ୍ଷାରେ ରହିଛି। ଅନ୍ୟପକ୍ଷରେ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ସମର୍ଥନ ନ କଲେ କେନ୍ଦ୍ର ଭାଜପାର ଆକ୍ରୋଶର ଶିକାର ହେବ ବୋଲି ରାଜନୈତିକ ମହଲରେ ବିବେଚନା କରାଯାଉଛି।

ନିକଟରେ ରାଜ୍ୟ ସଭାରେ ଏମ୍‌ପି ସୁଲତା ଦେଓ ଯେଉଁଭଳି ଧନକରଙ୍କ ଇସ୍ତଫା ପ୍ରସଙ୍ଗରେ ସମାଲୋଚନା କରିଛନ୍ତି, ତାହା ତାଙ୍କର ବ୍ୟକ୍ତିଗତ ବକ୍ତବ୍ୟ ଥିଲା ନା ଦଳୀୟ ଇସାରା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେଣୁ ଉପରାଷ୍ଟ୍ରପତି ନିର୍ବାଚନବେଳେ ବିଜେଡିର ଆଭିମୁଖ୍ୟ ଉପରେ ସମସ୍ତଙ୍କର ନଜର ରହିଛି। ଏଭଳିସ୍ଥଳେ ନାମାଙ୍କନର ଶେଷ ତାରିଖ ଅର୍ଥାତ୍ ଅଗଷ୍ଟ ୨୧ ପୂର୍ବରୁ ଉପରାଷ୍ଟ୍ରପତି ନିର୍ବାଚନ ନେଇ ଭାରତର ବିରୋଧୀ ଆଞ୍ଚଳିକ ଦଳଗୁଡ଼ିକ କେଉଁ ନିଷ୍ପତ୍ତି ନେବେ ତାହା ପ୍ରାୟତଃ ଜଣାପଡ଼ିଯିବ। ଏନେଇ ଓଡ଼ିଶାର କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି, ଉଭୟେ ବିଜେଡି-ଭାଜପା ୧୦ବର୍ଷ ଧରି ସରକାରରେ ଥିଲେ। ସେମାନଙ୍କ ମଧ୍ୟରେ ମଧୁର ସମ୍ପର୍କ ରହିଛି। ତେବେ ପ୍ରଥମଥର ପାଇଁ ବିଜେଡି ବିରୋଧୀ ଆସନରେ ବସିଛି। ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଭାଜପା ସରକାରଙ୍କୁ ବିରୋଧ କରୁଛନ୍ତି। ଆମେ ଆଶା କରିବୁ, ବିଜେଡି ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ 'ଇଣ୍ଡି ମେଣ୍ଟ'କୁ ସମର୍ଥନ କରୁ ବୋଲି ଅଶୋକ କହିଛନ୍ତି।

ବିଜେଡି ବିଧାୟକ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ଉପରାଷ୍ଟ୍ରପତି ନିର୍ବାଚନ ବେଳେ ଦଳର ଆଭିମୁଖ୍ୟ କ'ଣ ରହିବ ତାହାର ନିଷ୍ପତ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନେବେ। ବିଜେଡି ସବୁବେଳେ ରାଜ୍ୟର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛି। ଏଥର ମଧ୍ୟ ଦଳ ଠିକ୍ ସମୟରେ ଠିକଣା ନିଷ୍ପତ୍ତି ନେବ ବୋଲି ମିଶ୍ର କହିଛନ୍ତି।

ଭାଜପା ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି, ପୂର୍ବରୁ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନବେଳେ ବିଜେଡିକୁ ସମର୍ଥନ ନ ମାଗିଲେ ମଧ୍ୟ ଦେଇଛି। ଆଗକୁ ମଧ୍ୟ ସମର୍ଥନ ଦେବ, ବିଜେଡିର କିଛି ଉପାୟ ନାହିଁ। ସମୟ କହିବ କିଏ କାହାକୁ ସମର୍ଥନ କରୁଛି। ଯେହେତୁ ନିର୍ବାଚନ କଥା, ଭାଜପା ପକ୍ଷରୁ ନିଶ୍ଚିତ ଭାବେ ସମସ୍ତଙ୍କୁ ସମର୍ଥନ ମଗାଯିବ ବୋଲି ଷଡ଼ଙ୍ଗୀ କହିଛନ୍ତି। ସେହିପରି ଭାଜପାର ଅନ୍ୟ ଜଣେ ବରିଷ୍ଠ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ନିଶ୍ଚିତ ଭାବେ ଆମ ପ୍ରାର୍ଥୀଙ୍କୁ ଭୋଟ ଦେବ। ସେମାନେ ଗୋଡ଼ାଣିଆ, ସେମାନଙ୍କୁ କୌଣସି ତୋଷାମଦ କରିବାକୁ ପଡ଼ିବ ନାହିଁ। ସେମାନେ ବଳେ ଆସି ଆମ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇବେ।

## ୫ଦିନ ବଜ୍ରପାତ ଭୟ

**ଭୁବନେଶ୍ୱର,୧୮(ଅନୁରାଧା ମହାରଣା):** ରାଜ୍ୟରେ ମୌସୁମୀ ସକ୍ରିୟ ଥିବାରୁ ବର୍ଷା ଜାରି ରହିଛି। ଶୁକ୍ରବାର ପୁରୀରେ ସର୍ବାଧିକ ୨୭.୧ ମିମି ଓ ଭବାନୀପାଟଣାରେ ୧୪.୮ ମିମି ବର୍ଷା ହୋଇଛି। ଏହାବ୍ୟତୀତ ରାଜ୍ୟର କାଁଭାଁ କିଛି ଅଞ୍ଚଳରେ ବର୍ଷା ହୋଇଛି। ତେବେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆସନ୍ତା ୫ଦିନ ରାଜ୍ୟର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବାବେଳେ ବଜ୍ରପାତ ଭୟ ରହିଛି। ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲାକୁ ବିଜୁଳି ଓ ଘଡ଼ଘଡ଼ି ପାଇଁ ୟେଲୋ ୱାର୍ନିଂ ସହ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିପାରେ ବୋଲି ସୂଚନା ଦିଆଯାଇଛି।

# ଅଗଷ୍ଟ ୩୧ରେ ସ୍ପେଶାଲ ଓଟିଇଟି

କଟକ,୧୮(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ଅନୁଷ୍ଠିତ ହେବା ନିମନ୍ତେ ପୁନଃ ବିଜ୍ଞପ୍ତି ଶୁକ୍ରବାର ପ୍ରକାଶ ପାଇଛି। ଚାକିରିରେ ଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ପରୀକ୍ଷା ୨ଟି ସିଟିଂରେ ଅଗଷ୍ଟ ୩୧ ତାରିଖ (ରବିବାର)ରେ ହେବାକୁ ସ୍ଥିର ହୋଇଛି। ପ୍ରଥମ ସିଟିଂରେ ପେପର-୧ ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ସିଟିଂରେ ପେପର-୨ ପରୀକ୍ଷା ଅପରାହ୍ନ ୨ଟାରୁ ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିନିମନ୍ତେ ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ ଅଗଷ୍ଟ ୨୨ରୁ ବୋର୍ଡ ୱେବ୍‌ସାଇଟ୍ (www.bseodisha.ac.in) ରେ ଉପଲବ୍ଧ ହେବ। ତେବେ ପରୀକ୍ଷାର୍ଥୀମାନଙ୍କ ଦ୍ୱାରା ଅନ୍‌ଲାଇନ୍‌ରେ ପ୍ରଦତ୍ତ ସୂଚନା ଆଧାରରେ ଆଡ୍‌ମିଟ୍ କାର୍ଡ ପ୍ରସ୍ତୁତ କରାଯିବ। କୌଣସି ପରୀକ୍ଷାର୍ଥୀ ମିଥ୍ୟା ତଥ୍ୟ ପ୍ରଦାନ କରିବାର ଜଣାପଡ଼ିଲେ ତାଙ୍କ ପରୀକ୍ଷା ଆବେଦନ ଅଥବା ଫଳାଫଳକୁ ଖାରଜ କରାଯିବ। ଏଥିସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଭିନ୍ନକ୍ଷମ ପରୀକ୍ଷାର୍ଥୀମାନେ ବୋର୍ଡର ଗାଇଡ୍‌ଲାଇନ ଅନୁଯାୟୀ ସୁବିଧା ପାଇବା ନିମନ୍ତେ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ରର ଅଧୀକ୍ଷକଙ୍କୁ ପରୀକ୍ଷାର ୪ ଦିନ ପୂର୍ବରୁ ଅରିଜିନାଲ କାଗଜପତ୍ର ସହ ଅବଗତ କରାଇବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଗତ ଜୁଲାଇ ୨୦ରେ ହେବାକୁ ଥିବା ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ୧୯ ତାରିଖ ରାତିରେ ପ୍ରଘଟ ହେବା କାରଣରୁ ବୋର୍ଡ ପକ୍ଷରୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା।

# କଳାହାଣ୍ଡିରୁ ଆଉ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

- ପ୍ରଘଟ ପ୍ରଶ୍ନପତ୍ର ଅଭିଯୁକ୍ତ ପ୍ରଶାନ୍ତଙ୍କ ହାତଲେଖା
- ଗିରଫଦାରି ସଂଖ୍ୟା ୭କୁ ବୃଦ୍ଧି

କଟକ,୧୮(କାର୍ତ୍ତିକ ସାହୁ)


ଗିରଫ ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀ

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଆଉ ଜଣେ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଳାହାଣ୍ଡି ଜିଲା ଭବାନୀପାଟଣା ଅନ୍ତର୍ଗତ ଭେଜିପଦରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀ (୫୬)। ସେ ବୋର୍ଡ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କଠାରୁ ପ୍ରଶ୍ନପତ୍ର ପାଇବା ସହ ତାକୁ ନିଜ ହାତଲେଖାରେ ନକଲ କରିଥିଲେ। ପୂର୍ବରୁ ଏହି ମାମଲାରେ କ୍ରାଇମବ୍ରାଞ୍ଚ ୬ଜଣଙ୍କୁ ଗିରଫ କରିଥିଲା। ଫଳରେ ଏହି ମାମଲାର ଗିରଫଦାରି ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଖମାରୀଙ୍କ ମୋବାଇଲ ଫୋନ ଜବତ କରିବା ସହ ହାତଲେଖା ନମୁନା ସଂଗ୍ରହ କରିଛି। ଏହାର ପରୀକ୍ଷା ପାଇଁ ହ୍ୟାଣ୍ଡରାଇଟିଂ ବ୍ୟୁରୋ ଏବଂ ସାଇବର ଫୋରେନସିକ ଲ୍ୟାବକୁ ପଠାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର ଏବଂ କୋରାପୁଟ ଜିଲାର ପୂର୍ବତନ କ୍ୟାଡର ଶିକ୍ଷକ ସଂଘ ସଭାପତି ସନାତନ ବିଶୋୟୀଙ୍କ ସହ ଖମାରୀ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ। ଖମାରୀଙ୍କ ବିରୋଧରେ ପ୍ରଘଟ ହୋଇଥିବା ପ୍ରଶ୍ନପତ୍ରଗୁଡ଼ିକୁ ପୂର୍ବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାରେ ବିଫଳ ହୋଇଥିବା ଶିକ୍ଷକମାନଙ୍କୁ ବିକ୍ରି କରିବା ଅଭିଯୋଗ ହୋଇଛି। ଆର୍ଥିକ କାରବାର ତଦନ୍ତରୁ ଜଣାପଡ଼ିଛି ଯେ, ସେ ଶିକ୍ଷକମାନଙ୍କଠାରୁ ଟଙ୍କା ସଂଗ୍ରହ କରିବା ପରେ ଫୋନ ପେ' ମାଧ୍ୟମରେ ବିଜୟ କୁମାର ମିଶ୍ରଙ୍କୁ ୯୯,୦୦୦ ଟଙ୍କା ଟ୍ରାନ୍ସଫର କରିଥିଲେ। ତାଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ବର୍ତ୍ତମାନ ଯାଞ୍ଚ କରାଯାଉଛି। ଅଭିଯୁକ୍ତ ଖମାରୀଙ୍କୁ କଟକ ଜେଏମ୍‌ଏଫ୍‌ସି-୩ ଅଦାଲତକୁ ଚାଲାଣ କରାଯାଇଛି। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ ଏବଂ ଗିରଫ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି ବୋଲି ଡିଆଇଜି ଗଙ୍ଗାଧର ସୂଚନା ଦେଇଛନ୍ତି।

## କୁନ୍ଧୁରାର ଡାଟା ଏଣ୍ଟ୍ରି ଅପରେଟର ଗିରଫ

**ଫଟୋକପି ଦୋକାନ ମାଲିକଙ୍କୁ କ୍ରାଇମବ୍ରାଞ୍ଚର ଜେରା**

ଜୟପୁର,୧୮(ପବନ ପାଣିଗ୍ରାହୀ)

ସ୍ୱତନ୍ତ୍ର ଓଟିଇଟି ପ୍ରଶ୍ନପତ୍ର ଭାଇରାଲ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଜୋର୍‌ଦାର କରି କୁନ୍ଧୁରାରୁ ଜଣେ ଡାଟା ଏଣ୍ଟ୍ରି ଅପରେଟର ନିରଞ୍ଜନ ବିଶୋୟୀଙ୍କୁ ଶୁକ୍ରବାର ଗିରଫକରି କୋର୍ଟ ଚାଲାଣ କରିଛି। ଏଥିସହ ଜୟପୁର ଅଞ୍ଚଳର ଏକ ଫଟୋକପି ଦୋକାନୀଙ୍କୁ କ୍ରାଇମବ୍ରାଞ୍ଚ ଜେରା କରୁଥିବା ଏସ୍‌ଡିପିଓ ପାର୍ଥ କଶ୍ୟପ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଓଟିଇଟି ପ୍ରଶ୍ନପତ୍ର ଲିକ୍ ପଛରେ ଲକ୍ଷାଧିକ ଟଙ୍କାର କାରବାର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ବୋର୍ଡ ଅଫିସର ଡାଟା ଏଣ୍ଟ୍ରି ଅପରେଟରଙ୍କ ଏଥିରେ ମୁଖ୍ୟ ଅଭିଯୁକ୍ତ ଥିବା ଜଣାପଡ଼ିଥିଲା। ବିଭିନ୍ନ ଜିଲାରେ ମଧ୍ୟ ଡାଟା ଏଣ୍ଟ୍ରି ଅପରେଟରମାନଙ୍କ ଏଥିରେ ସମ୍ପୃକ୍ତି ଥିବାବେଳେ କୋରାପୁଟ ଜିଲାରୁ ଏହି ୨ ଜଣଙ୍କ ସମ୍ପୃକ୍ତି ଥିବା ନେଇ କ୍ରାଇମବ୍ରାଞ୍ଚ ଟିମ୍ ସୂଚନା ପାଇଥିଲେ। ପ୍ରକାଶ ଯେ, ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପାଇଁ ୧୯୩ ପରୀକ୍ଷା କେନ୍ଦ୍ର ହୋଇଥିଲା। ପ୍ରାୟ ୭୫ ହଜାର ଶିକ୍ଷକ ଏହି ପରୀକ୍ଷା ଦେଇଥାନ୍ତେ। କିନ୍ତୁ ପ୍ରଶ୍ନପତ୍ର ଲିକ୍‌ହେବା କାରଣରୁ ପରୀକ୍ଷା ବାତିଲ କରାଯାଇଥିଲା।

# ମା'ଙ୍କୁ ପିଠିରେ ୮ କି.ମି. ବୋହି ଡାକ୍ତରଖାନା ନେଲେ ଝିଅ

**ସାପ କାମୁଡ଼ାରେ ଚାଲିଗଲା ଜୀବନ**

## ଗାଁକୁ ରାସ୍ତା ନାହିଁ, ଆସିପାରିଲାନି ଆମ୍ବୁଲାନ୍ସ

ତୁମୁଡ଼ିବନ୍ଧ/ବାଲିଗୁଡ଼ା,୧୮(ଦୀପକ କୁମାର ପରାସେଠ/ସଞ୍ଜୟ ପାଣିଗ୍ରାହୀ)


ଜଙ୍ଗଲ ରାସ୍ତାରେ ମା'ଙ୍କୁ ଆମ୍ବୁଲାନ୍ସ ନିକଟକୁ ପିଠିରେ ବୋହି ନେଉଛନ୍ତି ଝିଅ ରଜନୀ ମାଝୀ।

ସାପ କାମୁଡ଼ାରେ ଗୁରୁତର ହୋଇପଡ଼ିଥିବା ମା'ଙ୍କ ଜୀବନ ବଞ୍ଚାଇବାକୁ ତାଙ୍କୁ ପିଠିରେ ୮ କି.ମି. ଜଙ୍ଗଲ ରାସ୍ତାରେ ବୋହି ଆମ୍ବୁଲାନ୍ସ ଯାଏ ନେଇଥିଲେ ଝିଅ। ପରେ ମା'ଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଅଞ୍ଚଳରେ ଗୁରୁବାର ଦେଖିବାକୁ ମିଳିଛି ଏହି ଘଟଣା। ମୃତା ହେଲେ ବଲମାଡୁ ମାଝୀ (୪୫)।

ଖବରରୁ ଜଣାପଡିଛି, ତୁମୁଡ଼ିବନ୍ଧ ବ୍ଲକ ମୁଣ୍ଡିଗଡ଼ ପଞ୍ଚାୟତ ତର୍ଲିଙ୍ଗି ତୁମେରପଡ଼ା ଅଞ୍ଚଳର ବିଧବା ମହିଳା ବଲମାଡୁ ବୁଧବାର ରାତିରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଗୁରୁବାର ସକାଳୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ୮ କି.ମି ଦୂର ପିକୁସି ଗ୍ରାମ ପର୍ଯ୍ୟନ୍ତ ଆସି ଅଟକି ରହିଥିଲା। ଫଳରେ ଉପାୟଶୂନ୍ୟ ହୋଇ ଝିଅ ରଜନୀ ମାଝୀ ମା' ବଲମାଡୁଙ୍କୁ ପିଠିରେ ୮ କି.ମି. କାଦୁଅ ଓ ଜଙ୍ଗଲ ରାସ୍ତାରେ ବୋହି ନେଇ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସରେ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ବଲମାଡୁଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ତୁମୁଡ଼ିବନ୍ଧ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ଏ ନେଇ ନଂ. ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅନୁଧ୍ୟାନ ଚାଲିଥିବା ତୁମୁଡ଼ିବନ୍ଧ ପୋଲିସ କହିଛି। ମୃତ ମହିଳାଙ୍କ ପୁଅ କହିଛନ୍ତି, ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରିଲାନି। ଠିକ୍ ସମୟରେ ଡାକ୍ତରଖାନାକୁ ମା'ଙ୍କୁ ଆଣି ନ ପାରିବାରୁ ଏପରି ଘଟିଲା। ପ୍ରଶାସନ ନିକଟରେ ବାରମ୍ବାର ଦାବିକରିବା ସତ୍ତ୍ୱେ ଏଯାଏ ଗାଁକୁ ରାସ୍ତାଟିଏ ନିର୍ମାଣ ହୋଇପାରି ନାହିଁ। ପ୍ରଶାସନ ଗାଁକୁ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



**ଆଜିର ମନ୍ତବ୍ୟ**
ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଧୁନିକ ଇତିହାସରେ ସବୁଠୁ ଅସ୍ଥିର, ଅସଭ୍ୟ ଓ ଦାୟିତ୍ୱହୀନ ରାଷ୍ଟ୍ରମୁଖ୍ୟ।
-ଏଚ୍.ଡି. ଦେବେଗୌଡ଼ା, ପୂର୍ବତନ ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୟୁନିଟ୍-୮ ସରସ୍ୱତୀ ବିଦ୍ୟା ମନ୍ଦିର ପକ୍ଷରୁ ବିଜ୍ଞାନ ମେଳା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।

## କଟକ
- ଶ୍ରୀଶ୍ରୀ ରାମଚରିତ ମାନସ ସାମୂହିକ ପାଠର ଦ୍ୱିତୀୟ ଦିବସ, ସ୍ଥାନ: ଧବଳେଶ୍ୱର ପୀଠ ପଞ୍ଚମୁଖୀ ହନୁମାନ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ୫୦ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ତିଳତର୍ପଣ, ସ୍ଥାନ: ମହାନଦୀର ଗଡ଼ଗଡ଼ିଆ ଘାଟ, ସମୟ: ସକାଳ ୮ଟା।
- ସିଡିଏ ବରିଷ୍ଠ ନାଗରିକ ମହାସଂଘ (ସିବନାମ)ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଦୃଷ୍ଟିବାଧିତ ବିଦ୍ୟାଳୟ, ବିଡ଼ାନାସୀ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ମହୋତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ତୁଳସୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆଦିନେତା ସ୍ୱର୍ଗୀୟ ବିଚିତ୍ରାନନ୍ଦ ଦାସଙ୍କ ୧୫୦ତମ ଶ୍ରାଦ୍ଧ ଦିବସ, ସ୍ଥାନ: କାୟସ୍ଥ ବୋର୍ଡିଂ ପରିସର, କାଠଗଡ଼ାସାହି, ସମୟ: ଅପରାହ୍ନ ୫ଟା।
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ରୋଗୀ କଲ୍ୟାଣ ସମିତି ପକ୍ଷରୁ ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ, ସ୍ଥାନ: ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ଅପରାହ୍ନ ୩ଟା।
- ଶିଶୁ ସମାଚାରର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ପୌରସଦନ, ସମୟ: ସକାଳ ୮ଟା।
- ଊନବିଂଶତମ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୯ଟା।
- ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର,ମଧୁବନ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ରାସ୍ତା ପାର୍ଶ୍ୱ ଉଠା ଦୋକାନୀଙ୍କ ବୈଠକ, ସ୍ଥାନ: ପାରାଡାଇଜ୍ ହୋଟେଲ ନିକଟ ଧାରଣାସ୍ଥଳ,
- ସମୟ: ପୂର୍ବାହ୍ନ ୧୧ଟା୪୫।

- ଗାନ୍ଧିଜୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ସନ୍ଧ୍ୟା ୫ଟା।
- ଦାନବୀର ବଡ଼େ ହରିହର ଗୁରୁଙ୍କ ସ୍ମୃତି ଉତ୍ସବ, ସ୍ଥାନ: ଗୁରୁ ଇଷ୍ଟେଟ, ବଡ଼ଦାଣ୍ଡ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା
- ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୁରୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ସ୍ୱର୍ଗତ ଅରୁଣ ଦେଙ୍କ ସ୍ମୃତିସଭା, ସ୍ଥାନ: ଝୋଟକଳ ଶ୍ରମିକ ସଂଘ କାର୍ଯ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ପିଏମ୍ କିସାନ ଦିବସ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା, ସ୍ଥାନ: ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଓଷ୍ଟା ପକ୍ଷରୁ ବିକ୍ଷୋଭ, ସ୍ଥାନ: ଶ୍ରୀବତ୍ସପୁର, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଅରୁଣ ଦେଙ୍କ ଚତୁର୍ଥ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ
- ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ସଂଘର ଆନ୍ଦୋଳନ, ସ୍ଥାନ: ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ୧୪ତମ ଜିଲା ସମ୍ମିଳନୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କେନ୍ଦୁଝର
- ବୃକ୍ଷ ରୋପଣ, ସ୍ଥାନ: ବଡ଼ବିଲ କଲେଜ ସମ୍ମୁଖ ଜଙ୍ଗଲ ଜମି, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ଟା।
- ଏକ ପେଡ୍ ମା' କେ ନାମ, ବନ ମହୋତ୍ସବ, ସ୍ଥାନ: କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।

- ଜିଲାସ୍ତରୀୟ ପିଏମ କିଶାନ ପ୍ରଦାନ ଉତ୍ସବ, ସ୍ଥାନ: କେନ୍ଦୁଝର ୟୁଡ଼ିଆ ଫାର୍ମ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ପଟ୍ଟା ଓ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାର ବଣ୍ଟନ, ସ୍ଥାନ: ଗନ୍ଧଲପଦା, ଗୁଆଲି, ସମୟ: ଅପରାହ୍ନ ୩ ଟା।
- କ୍ୟାରମ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଟାଉନ କ୍ଲବ, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟର ଶୁଭ ଉଦ୍‌ଘାଟନ, ସ୍ଥାନ:କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଆଞ୍ଚଳିକସ୍ତରୀୟ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।

## ଗଞ୍ଜାମ
- ପିଏମ୍ କିଷାନ ଦିବସ ସମାରୋହ, ସ୍ଥାନ: ଛତ୍ରପୁର ଋଷିକୁଲ୍ୟା ସମ୍ମିଳନୀ ଗୃହ, ସମୟ : ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଜିଲାସ୍ତରୀୟ କିଷାନ ଦିବସ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ସମୟ: ଅପରାହ୍ନ ୪ଟା।
- ଆକାଂକ୍ଷା ହାଟ ଉଦଯାପନୀ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ପରିସର, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ
- ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ଆଠମଲ୍ଲିକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା ୧୫।
- ପିଏମ୍ କିଷାନ ଦିବସ ପାଳନ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଯୋଗ ଶିବିର, ସ୍ଥାନ: କପିଳମୁନି ଆଶ୍ରମ, ମଧୁବନ, ପାରାଦୀପ, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ପିଏମ୍ କିଶାନ ଦିବସ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ପରିବେଶ ସୁରକ୍ଷା ଉପରେ ସଚେତନତା,ସ୍ଥାନ: ଏରଡ଼ା, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ମା' ବୁଢ଼ୀ ସାଆନ୍ତାଣୀ ବୋଲବମ ସଂଘ ପକ୍ଷରୁ କାଶି ବିଶ୍ୱନାଥ ପଦଯାତ୍ରା, ସ୍ଥାନ, ଅଠରବାଟିଆ, ମାର୍ଶାଘାଇ, ସମୟ: ସକାଳ ୭ଟା।
- ଶ୍ରୀରାମଚରିତ ମାନସ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଜିଲା ଭାଜପା ପକ୍ଷରୁ ରାଜନେତାଙ୍କ ମିଶ୍ରଣ ପର୍ବ, ସ୍ଥାନ: ସଂସ୍କୃତି ଭବନ, ଉଦୟପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର
- ଅଖିଳ ଚକ୍ର ପକ୍ଷରୁ ଆଦି ନେତା ବିଚିତ୍ରାନନ୍ଦ ଦାସଙ୍କ ୧୫୦ତମ ଶ୍ରାଦ୍ଧବାର୍ଷିକୀ ପାଳନ, ସ୍ଥାନ: ଦଶରଥପୁର ବ୍ଲକ କଣ୍ଟାବଣିଆ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମ୍-କିସାନ ଦିବସ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା୩୦।

## ନୟାଗଡ଼
- ପିଏମ୍ କିଷାନର ୨୦ତମ କିସ୍ତି ପ୍ରଦାନ ଉତ୍ସବରେ ସିଧା ପ୍ରସାରଣ, ସ୍ଥାନ: ପାଣିପୋଇଲା କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଖଳିସାହି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।

## ରାୟଗଡ଼ା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ଚାଷୀଙ୍କୁ ବିହନ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା କୃଷି ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ନବରଙ୍ଗପୁର
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷୀ ହାଟ, ସ୍ଥାନ: ନବରଙ୍ଗପୁର ପୋଲିସ ପଡ଼ିଆ, ସମୟ: ପୂର୍ବାହ୍ନ୧୧ଟା।

## କୋରାପୁଟ
- ଉପର କୋଲାବ ପ୍ରୋଜେକ୍ଟ କାର୍ଯ୍ୟାଳୟରେ ବିଜେଡିର ବିକ୍ଷୋଭ, ସ୍ଥାନ: ବାରିଣୁପୁଟ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷୀ ହାଟ ଉଦ୍‌ଘାଟନ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ପରିସର, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଫିନାଇଲ ପ୍ରସ୍ତୁତି କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ ରୋଡ଼, ମାଲକାନଗିରି, ସମୟ: ମଧ୍ୟାହ୍ନ ୧୨ ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏସନ ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦
- ଦେଓଗାଁ ସରସ୍ୱତୀ ଶିଶୁମନ୍ଦିରରେ ବିଜ୍ଞାନ ମେଳା, ସ୍ଥାନ: ପଞ୍ଚାୟତ ମୁଖ୍ୟାଳୟ, ଦେଓଗାଁ ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା

## ରାଉରକେଲା
- ଏକତ୍ର ପକ୍ଷରୁ ଏକକ ଅଭିନୟ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସ୍ତରୀୟ ବନ ମହୋତ୍ସବ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ଦିବସ,ସ୍ଥାନ: ସେକ୍ଟର--୧୬, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ସେକ୍ଟର--୬, ସ୍ଥାନ: ପୂର୍ବାହ୍ନ ୧୧ଟା।
- ଭାଗବତ ପାରାୟଣର ଦ୍ୱିତୀୟ ଦିବସ, ସ୍ଥାନ: ଅଗ୍ରସେନ ଭବନ, ଉଦିତ ନଗର, ସମୟ: ଅପରାହ୍ନ ୩ଟା ୩୦।
- ଅଲ୍ ଇଣ୍ଡିଆ ପ୍ୟାରେଣ୍ଟସ ରାଜ୍ୟ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୧୭, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ପିଏମ୍ କିଷାନ ଦିବସ ପାଳନ, ସ୍ଥାନ: ସମ୍ମିଳନୀ କକ୍ଷ, ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜସ୍ୱ ମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ଅପରାହ୍ନ ୩ଟା ୧୦।

## କଳାହାଣ୍ଡି
- ଇନ୍ଦ୍ର ପୂଜା ଉପଲକ୍ଷେ ଋଷି ଶୃଙ୍ଗ ଋଷିଙ୍କ ଆଗମନ ଓ ପୁରାଣ ପଠନ, ସ୍ଥାନ: କେସିଙ୍ଗା ବ୍ଲକ ବାଲ୍‌ସି ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ଦକ୍ଷତା ବିକାଶ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ରାଙ୍କିଂ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ, ସ୍ଥାନ: ଇନଡୋର ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୯ଟା

## ଦେବଗଡ଼
- ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ କିଷାନ ଦିବସ ପାଳନ, ସ୍ଥାନ: ଦେବଗଡ଼ କୃଷିବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର
- ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକମାନଙ୍କୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ପରିଚୟପତ୍ର ପ୍ରଦାନ, ସ୍ଥାନ: ବୀରମହାରାଜପୁର ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ କିଷାନ ଦିବସ ପାଳନ, ସ୍ଥାନ: ଡିପିଆର୍‌ସି ଭବନ ସିଳଦା ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଯେକୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଆଡ୍‌ଜଷ୍ଟ କରିନେବାରେ ସମର୍ଥ ହେବେ। ବନ୍ଧୁଙ୍କ ଆଗମନରେ ପରିବାର ସହ କିଛି ସମୟ ଅତିବାହିତ କରିବାକୁ ପଡିପାରେ। ଆକସ୍ମିକଭାବରେ ସରକାରୀ କାମରେ ହଠାତ୍ ବାହାରକୁ ଯାତ୍ରା କରିବାକୁ ପଡିପାରେ। ଲାଗି ରହିଥିବା ବିବାଦର ସମାଧାନର ରାସ୍ତା ସୁଗମ ହୋଇଯିବ।

**ବୃଷ** – ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ଏକ ପ୍ରକାର ବ୍ୟତିବ୍ୟସ୍ତ ହୋଇପାରନ୍ତି। ଆନୁଷ୍ଠାନିକ କାମ, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କାମ କରି ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବାର ସୂଚନା ରହିଛି।

**ମିଥୁନ** – ଆଜି ଅସୁବିଧାବଶତଃ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକିରହିଥିବା ଯୋଗୁ ଅନ୍ୟମନସ୍କ ରହିପାରନ୍ତି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ବିତର୍କ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। ପଡ଼ୋଶୀଙ୍କ ସହ ଏକ ସାମାନ୍ୟ କାରଣରୁ ସମ୍ପର୍କ ହାନି ଘଟିପାରେ।

**କର୍କଟ** – ଅର୍ଥ ଓ ସମ୍ମାନ ଲାଭରେ ଗୌରବାନ୍ୱିତ ମନେ କରିବାର ସୁଯୋଗ ମିଳିବ। ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ନିଜର ଅଭିଜ୍ଞତା ଓ ଦୂରଦର୍ଶିତା ବହୁ ମାତ୍ରାରେ ସାହାଯ୍ୟ କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଶଂସିତ ହୋଇପାରନ୍ତି।

**ସିଂହ** – ଭୁଲ୍ ବୁଝାମଣାରୁ ପରିବାରରେ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିବେ। ଅନେକାଂଶରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ବନ୍ଧୁମିଳନ ଅବସରରେ ଆଜି ଦିନଟି ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**କନ୍ୟା** – ଘଟିଯାଇଥିବା ଘଟଣାଗୁଡ଼ିକ ମନକୁ ବାରମ୍ବାର ଆନ୍ଦୋଳିତ କରିବା ଫଳରେ ମାନସିକ ସ୍ଥିତି ଭଲ ରହିବ ନାହିଁ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା ବଢ଼ିବାରୁ ବ୍ୟବସାୟରେ ମନାନ୍ତର ଦେଖା ଦେବ। ବନ୍ଧୁଙ୍କ ସହାୟତାରେ ଟେନ୍‌ସନ ଦୂର ହେବ ଓ ତୀର୍ଥାଟନ ଯୋଗ ରହିଛି।

**ତୁଳା** – ବ୍ୟବସାୟରେ କ୍ଷତି, ଯାନବାହନରୁ ଆଘାତ, ଏବଂ ବନ୍ଧୁବର୍ଗରେ ମନାନ୍ତର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ କେତେକ କାର୍ଯ୍ୟରେ ବହୁ କଷ୍ଟରେ ସଫଳତା ହାସଲ ଆଶା କରାଯାଇପାରେ। ଜମିଜମା ପ୍ରଭୃତି କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ସାମୟିକ ବିଚଳିତ ହେବେ।

**ବିଛା** – କର୍ମକ୍ଷେତ୍ରରେ ସାହାଯ୍ୟକାରୀ ମନୋବୃତ୍ତି ହେତୁ ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ହେବ। ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବାରୁ ଆଶ୍ୱସ୍ତିଲାଭ କରିବେ। କୌଣସି କଥାର ସତ୍ୟତା ନ ଥାଇ ବନ୍ଧୁଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ** – ନିଜ ଘର ଅପେକ୍ଷା ବାହାର ଲୋକ ଆପଣଙ୍କ ପକ୍ଷ ସମର୍ଥନ କରିବେ। ଅଟକିଥିବା କାମ ହାସଲ ପାଇଁ ଚେଷ୍ଟା କରି କିଛି ମାତ୍ରାରେ ସଫଳ ହେବେ । ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଏଥିପାଇଁ ଜଣାଶୁଣା ବ୍ୟକ୍ତିଙ୍କ ପରାମର୍ଶ ମାନିବା ଠିକ୍ ହେବ।

**ମକର** – ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାରେ ପଡ଼ିବେ। ବାକି ପଡିଥିବା ଅର୍ଥ ଆଦାୟରେ ସକ୍ଷମ ହେବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା ବିଫଳ ହେବ ନାହିଁ। ବ୍ୟବସାୟରେ ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ଅଯଥା ସମ୍ପର୍କକୁ ତିକ୍ତ କରିବାରେ ସାହାଯ୍ୟ କରିବ।

**କୁମ୍ଭ** – ଆଜି ଯାହା ଚିନ୍ତା କରିଛନ୍ତି ତାହା ସମ୍ପନ୍ନ କରିବାରେ କୌଣସି ଅସୁବିଧା ହେବନାହିଁ। ସଭାସମିତି, ଆନୁଷ୍ଠାନିକ କାମ ପ୍ରଭୃତିରେ କିମ୍ବା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ କିନ୍ତୁ ଠିକ୍ ସମୟରେ ଠକି ଦେବେ। ପରିବାରରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ** – ବାରମ୍ବାର ଚେଷ୍ଟା ଦ୍ୱାରା କାର୍ଯ୍ୟ ହାସଲ କରିବା ହେତୁ ମାନସିକ ସ୍ଥିତି ଭଲ ରହିବ। ପଡ଼ୋଶୀଙ୍କ ପରାମର୍ଶରେ ପାରିବାରିକ ସ୍ଥିତିରେ ସୁଧାର ଆଣିବାକୁ ଚେଷ୍ଟାକଲେ ସଫଳ ହେବେ। କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ।

ଆଜି ଅଗଷ୍ଟ ୨ ତାରିଖ, ଶ୍ରାବଣ କୃଷ୍ଣ ନବମୀ ଶନିବାର। ରାଶିନକ୍ଷତ୍ର-ବିଶାଖା/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୧୬ ଗତେ ଘ.୦୧.୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୮.୩୯ ଗତେ ଘ.୧୦.୧୬ ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଙ୍ଗଳ ରାତି, ବୁଧ ପାହାନ୍ତି,**
**ଯେଣେ ଯାଇ ତେଣେ ଯଶଃ ପାଆନ୍ତି ।**

ମଙ୍ଗଳବାର ରାତ୍ରିର ଶେଷ ପ୍ରହର ତଥା ବୁଧବାରର ପାହାନ୍ତିଆ ସମୟ ସବୁଠାରୁ ଭଲ ବା ଶୁଭ ସମୟ ହୋଇଥାଏ। ଏହି ସମୟ ମଧ୍ୟରେ ଯେଉଁ କାମ କଲେ ବା ଯୁଆଡ଼େ ଗଲେ ଯଶ, ସମ୍ମାନ ପ୍ରାପ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୋତେ ଯେତେ ମାଠିବୁ ମାଠ,**
**ମୁଁ ସେଇ ଟେମେଡ଼ା କାଠ ।**

ଅଯୋଗ୍ୟ, ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଲୋକସେବା ଭବନର ତୃତୀୟ ମହଲାରେ ଶୁକ୍ରବାର କ୍ୟାବିନେଟ୍ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂଦେଓ, ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଅଛନ୍ତି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ସେପ୍ଟେମ୍ବର ୯ରେ ...
ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଇଲେକ୍ଟୋରାଲ କଲେଜରେ ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାର ସଦସ୍ୟ ରହିଛନ୍ତି। ରାଜ୍ୟ ସଭାର ମନୋନୀତ ସଦସ୍ୟମାନେ ମଧ୍ୟ ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେଇପାରିବେ। ଅର୍ଥାତ୍ ଏହି ନିର୍ବାଚନରେ ରାଜ୍ୟ ସଭାର ୨୩୩ ନିର୍ବାଚିତ ସଦସ୍ୟ, ୧୨ ମନୋନୀତ ସଦସ୍ୟ ଏବଂ ଲୋକ ସଭାର ୫୪୩ ସଦସ୍ୟ ଭୋଟ ଦେବେ। ବର୍ତ୍ତମାନ ରାଜ୍ୟ ସଭାରେ ୫ଟି ଆସନ ଏବଂ ଲୋକ ସଭାରେ ଗୋଟିଏ ଆସନ ଖାଲି ରହିଥିବାରୁ ଇଲେକ୍ଟୋରାଲ କଲେଜର ମୋଟ ସାମର୍ଥ୍ୟ ୭୮୨ ରହିଛି। ନିର୍ବାଚନ ଜିତିବା ପାଇଁ ୩୯୧ ସଦସ୍ୟଙ୍କ ଆବଶ୍ୟକତା ରହିଛି। ଲୋକ ସଭାର ୫୪୨ ସଦସ୍ୟଙ୍କ ମଧ୍ୟରୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପାଖରେ ୨୯୩ ଜଣଙ୍କ ସମର୍ଥନ ରହିଛି। ସେହିପରି ରାଜ୍ୟ ସଭାରେ ବର୍ତ୍ତମାନର ୨୪୦ ସଦସ୍ୟଙ୍କ ମଧ୍ୟରୁ ୧୨୯ ଜଣ ଶାସକ ମେଣ୍ଟକୁ ସମର୍ଥନ କରୁଛନ୍ତି। ଏହା ବ୍ୟତୀତ ମନୋନୀତ ସଦସ୍ୟମାନେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବେ। ଏନ୍‌ଡିଏ ପଛରେ ମୋଟ ୪୨୨ ସଦସ୍ୟଙ୍କ ସମର୍ଥନ ରହିଛି।

## ମୁରିବାହାଲରେ ଚାଷୀ ...
ଚଳିତବର୍ଷ ଧାନ ଓ ଛତୁ ଚାଷ କରିଛନ୍ତି। ଏଥିଲାଗି ସେ ହାତଉଧାରି ଏବଂ ମାଇକ୍ରୋ ଫାଇନାନ୍ସରୁ ଋଣ କରିଥିଲେ। ଚଳିତବର୍ଷ ବଙ୍ଗୋମୁଣ୍ଡା ଅଞ୍ଚଳରେ ବର୍ଷାଭାବ ଲାଗି ରହିଛି। ଫଳରେ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଏହି ସମସ୍ୟାକୁ ନେଇ ରାଜକୁମାର କିଛିଦିନ ହେଲା ଚିନ୍ତାରେ ରହୁଥିଲେ। ଶୁକ୍ରବାର ପୂର୍ବାହ୍ନରେ ସବୁଦିନ ଭଳି ସେ ତାଙ୍କ କ୍ଷେତକୁ ଯାଇଥିଲେ। ସେଠାରେ ସେ କୀଟନାଶକ ପିଇ ଦେଇଥିଲେ। ଚାଷଜମି ନିକଟରେ ପଡିଥିବା ଦେଖି ପାଖ କ୍ଷେତରେ କାମ କରୁଥିବା ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି କଣ୍ଟାବାଞ୍ଜି ହସ୍ପିଟାଲକୁ ନେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୧ଟାରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ ଚାଷଙ୍କ ସ୍ତ୍ରୀ କୁନ୍ତୀ ଓ ଯୁକ୍ତ ଦୁଇ ଶ୍ରେଣୀରେ କିଛି ଦିନ ତଳେ ନାମ ଲେଖାଇଥିବା ଝିଅ ମାନସୀ ଅଛନ୍ତି। ରାଜକୁମାରଙ୍କ ଆତ୍ମହତ୍ୟା ପରେ ସ୍ତ୍ରୀ ଓ ଝିଅ ଭାଙ୍ଗିପଡିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗାଁରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଲାଙ୍ଗୀର ଜିଲାରେ ଚାଷୀ ଆତ୍ମହତ୍ୟା ଅଭିଯୋଗ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି।



ମୃତ ଚାଷୀ ରାଜକୁମାର ପାତ୍ର

## ରାଜସ୍ୱ ହାନି ଏଡ଼ାଇବାକୁ ...
ଦାବି ନ କରି କେବଳ ଜରିମାନା ସଂକ୍ରାନ୍ତ ଆଦେଶ ଜାରି ହୋଇଥିଲେ, ତାହା ବିରୋଧରେ ଆପିଲେଟ୍ କର୍ତ୍ତୃପକ୍ଷ କିମ୍ବା ଆପିଲେଟ୍ ଟ୍ରିବ୍ୟୁନାଲରେ ଆବେଦନ କରିବା ପାଇଁ ଜରିମାନା ରାଶିର ୧୦% ଆଗୁଆ ଜମା କରିବାକୁ ପଡ଼ିବ।

## ଖାଦ୍ୟ ପ୍ରକ୍ରିୟାକରଣ ...
(୧ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ) ପ୍ରସ୍ତାବକୁ ଅନୁମୋଦନ ମିଳିପାରିବ। ସେହିପରି ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୧ କୋଟି ଟଙ୍କାରୁ ଅଧିକ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ ପ୍ରସ୍ତାବକୁ ଅନୁମୋଦନ ଦେବ। ଅନୁରୂପ ଭାବେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୧୦ କୋଟି ଟଙ୍କାରୁ ଅଧିକ ଏବଂ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିରେ ନିବେଶ ପ୍ରସ୍ତାବକୁ ଅନୁମୋଦନ କରିପାରିବ। ଏହା ଶିଳ୍ପ ପ୍ରୋତ୍ସାହନ ନୀତି ଅନୁଯାୟୀ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ଥିବା ପ୍ରକ୍ରିୟାକୁ ସରଳ କରିବ, ଯାହାଫଳରେ ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶର ଗତି ବୃଦ୍ଧି ପାଇବ ଏବଂ ଅଧିକ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## 'ପୁଷ୍କରା'କୁ ଜାତୀୟ ...
କାହାଣୀରେ ସବ୍ୟସାଚୀଙ୍କ ବିପକ୍ଷରେ ନାୟିକା ଭାବେ ସୁପ୍ରିୟାଙ୍କୁ ଦେଖିବାକୁ ମିଳିଥିଲା। ଚଳଚ୍ଚିତ୍ରରେ ସୁପ୍ରିୟା ଓ ସବ୍ୟସାଚୀଙ୍କ ପ୍ରଥମଥର ଯୋଡ଼ିକୁ ସିନେମାରେ ଦର୍ଶକ ମଧ୍ୟ ବେଶ୍ ପ୍ରଶଂସା କରିଥିଲେ। ଅନ୍ୟତମ ମୁଖ୍ୟ ଭୂମିକା ନିଭାଇ ଥିବା କଳାକାରଙ୍କ ଭିତରେ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ପିଣ୍ଟୁ ନନ୍ଦ, ତ୍ରିଭୁବନ ପଣ୍ଡା, ଅଳକା ଶତପଥୀ, ରବି ମିଶ୍ର, ଶଙ୍କର ପ୍ରଧାନଙ୍କ ଭଳି କଳାକାର ଅଛନ୍ତି। କାହାଣୀର ନିର୍ଦ୍ଦେଶକ ଶୁଭ୍ରାଂଶୁ ଦାଶ ଦେଇଥିବାବେଳେ ଦେବୀଦତ୍ତ ମହାନ୍ତି, ଚିତ୍ତ ପଟ୍ଟନାୟକ ଓ ଜନ୍ମେଜୟ ସିଂହ ଚିତ୍ରନାଟ୍ୟ ପ୍ରସ୍ତୁତ କରିଛନ୍ତି। ବିଭୂତି ଭୂଷଣ ଗଡ଼ନାୟକ ଏହାର ସଙ୍ଗୀତକାର ରହିଛନ୍ତି। ଏନେଇ ଅଭିନେତା ସବ୍ୟସାଚୀ କହିଛନ୍ତି, ଏହା ମୋ ଅଭିନୀତ ଚଳଚ୍ଚିତ୍ର ପାଇଁ ପ୍ରଥମ ଜାତୀୟ ପୁରସ୍କାର। ଏହା ମୋତେ ବହୁତ ଖୁସି ଦେଇଛି ଏବଂ ଏହା ମୋ ଜୀବନର ଏକ ଅବିସ୍ମରଣୀୟ ମୁହୂର୍ତ୍ତ। କୋଭିଡ୍ ମହାମାରୀ ସମୟରେ ଓଡ଼ିଆ ଚଳଚ୍ଚିତ୍ର ସ୍ଥାଣୁ ଅବସ୍ଥାକୁ ଆସିଯାଇଥିଲା। ସେ ସମୟରେ 'ପୁଷ୍କରା' ଆରମ୍ଭ ହେଲା। କଳାକାରମାନେ କମ୍ ପାରିଶ୍ରମିକ ନେଇ ଏଥିରେ ଅଭିନୟ କରିଥିଲେ। ସମସ୍ତଙ୍କ ଲକ୍ଷ୍ୟ ଥିଲା ପୁଣିଥରେ ଓଡ଼ିଆ ଚଳଚ୍ଚିତ୍ର ଆଡକୁ ଦର୍ଶକଙ୍କ ଆଗ୍ରହ ଫେରାଇ ଆଣିବା। ୨୦୨୩ରେ ଚଳଚ୍ଚିତ୍ର ପୂର୍ଣ୍ଣରୂପ ନେଲା ଏବଂ ସେ ସମୟରେ ଏହା ପ୍ରେକ୍ଷାଳୟରେ ଭଲ ଚାଲିଥିଲା। ତେବେ ଏହି ଚଳଚ୍ଚିତ୍ର ଜାତୀୟ ପୁରସ୍କାର ପାଇଁ ମନୋନୀତ ହେବା ଓଡ଼ିଆ ସିନେ ଜଗତ ପାଇଁ ଗର୍ବର ବିଷୟ। ସେହିପରି ଆଉ ଏକ ଓଡ଼ିଆ ଚଳଚ୍ଚିତ୍ର (ନନ୍ ଫିଚର୍ ବର୍ଗରେ) 'ଦ ସି ଆଣ୍ଡ୍ ସେଭେନ୍ ଭିଲେଜେସ୍' ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛି।

# ଧରିତ୍ରୀ ଖବରଦାତାଙ୍କୁ ଆକ୍ରମଣ, ତଣ୍ଟିଚିପି ହତ୍ୟା ଉଦ୍ୟମ

## ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା, ଅଭିଯୁକ୍ତଙ୍କୁ ଗିରଫ ଦାବି

ଖୋର୍ଦ୍ଧା,୧।୮(ପ୍ରଭାତ ପାଣିଗ୍ରାହୀ)

ଧରିତ୍ରୀରେ ଏକ ଖବର ପ୍ରକାଶନକୁ ନେଇ ଶୁକ୍ରବାର ରାତିରେ ବାଣପୁର ଖବରଦାତା ଦିଲ୍ଲୀପ ସ୍ୱାଇଁଙ୍କୁ ଗମ୍ଭାରୀମୁଣ୍ଡା ଛକରେ କେତେଜଣ ବ୍ୟକ୍ତି ଗାଳିଗୁଲଜ ଏବଂ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଛନ୍ତି। ଫଳରେ ଦିଲ୍ଲୀପ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବାଣପୁର ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଜଣେ ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ପ୍ରଲୋଭିତକରି ଅଶ୍ଳୀଳ ଫଟୋକୁ ପର୍ନ ସାଇଟ୍‌ରେ ଭାଇରାଲ ଘଟଣା ନେଇ ଗତ ମେ ୯ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହି ଘଟଣାରେ ଦିଲ୍ଲୀରୁ ଆସିଥିବା ସିବିଆଇର ଏକ ଟିମ୍ ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅଧୀନ ହରିଚନ୍ଦନପୁର ଗ୍ରାମର ଅଭିଯୁକ୍ତ ଦୋଳଗୋବିନ୍ଦ ଜେନା (୪୫)ଙ୍କୁ ଗିରଫ କରିଥିଲା। ତେବେ ଏହି ଖବର ପରିବେଷଣକୁ ନେଇ ଅଭିଯୁକ୍ତ ଓ ତାଙ୍କ ପରିବାର ଲୋକେ କ୍ଷୁବ୍ଧ ହୋଇପଡ଼ିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଧରିତ୍ରୀ ପ୍ରତିନିଧି ଦିଲ୍ଲୀପ ଗମ୍ଭାରୀମୁଣ୍ଡା ଛକରେ ଠିଆହୋଇଥିବାବେଳେ ଅଭିଯୁକ୍ତ ଦୋଳଗୋବିନ୍ଦଙ୍କର କେତେଜଣ ସମ୍ପର୍କୀୟ ଓ ସହଯୋଗୀ କୁହାଯାଉଥିବା ୩୦ରୁ ୪୦ଜଣ ବ୍ୟକ୍ତି ହଠାତ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଦିଲ୍ଲୀପ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ତଣ୍ଟିଚିପି ଜୀବନରୁ ମାରିଦେବାକୁ ଚେଷ୍ଟା କରିଥିଲେ। ଆକ୍ରମଣରେ ଦିଲ୍ଲୀପଙ୍କ ଛାତିରେ ଗଭୀର ଆଘାତ ଲାଗିଛି। ତାଙ୍କୁ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ହେଉଥିବା ବେଳେ ସେ କଥା କହିପାରୁନାହାନ୍ତି। ଖବର ପାଇ ନାରୁଣୀ ଓ ବାଣପୁର ଥାନା ପୋଲିସ ବାଣପୁର ମେଡିକାଲରେ ପହଞ୍ଚି ଦିଲ୍ଲୀପଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚି ଦିଲ୍ଲୀପଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି କରିଛନ୍ତି। ଆକ୍ରମଣ ଘଟଣାକୁ ବିଭିନ୍ନ ସାମ୍ବାଦିକ ସଂଘ ଦୃଢ ନିନ୍ଦା କରିଛନ୍ତି। ଚିଲିକା ପ୍ରେସ୍ କ୍ଲବ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଜିଲା ସଭାପତି ପ୍ରକାଶ ହାତୀ, ସମ୍ପାଦକ ଦିଲ୍ଲୀପ ପଟ୍ଟନାୟକ, ସାମ୍ବାଦିକ ପ୍ରବୀଣ ଭଞ୍ଜ, ଶୁଭନାରାୟଣ ମହାପାତ୍ର ଏବଂ ରଞ୍ଜିତ ସାମନ୍ତରାୟ ପ୍ରମୁଖ ଏହି ଘଟଣାର ଦୃଢ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିଛନ୍ତି। ଉଲ୍ଲେଖ ଥାଉ କି, ଗତ ଡିସେମ୍ବରରେ ଗମ୍ଭାରୀମୁଣ୍ଡା ଖଜୁରିଆ ଗ୍ରାମରେ କେତେଜଣ ଯୁବକଙ୍କ ମଧ୍ୟରେ ପୂର୍ବଶତ୍ରୁତାକୁ ନେଇ ଦୁଇ ଯୁବଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହି ଘଟଣାରେ ସେତେବେଳେ ଗୋଟିଏ ଗୋଷ୍ଠୀର ଗଣ୍ଡଗୋଳକାରୀ ଖବର ପରିବେଷଣକୁ କେନ୍ଦ୍ରକରି ଦିଲ୍ଲୀପଙ୍କୁ ଧମକ ଦେଇଥିଲେ।



ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଧରିତ୍ରୀ ବାଣପୁର ଖବରଦାତା ଦିଲ୍ଲୀପ ସ୍ୱାଇଁ।

# ୩୦ ଜିଲାରେ ଖୋଲିବ ୩୮ ମଡେଲ ମଣ୍ଡି

ଭୁବନେଶ୍ୱର,୧।୮(ସୁନିତ୍ ମିଶ୍ର)

ରାଜ୍ୟରେ ଆସନ୍ତା ବର୍ଷ ସୁଦ୍ଧା ସମସ୍ତ ଜିଲାରେ ୩୮ଟି ମଡେଲ ମଣ୍ଡି ହେବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଆବଶ୍ୟକତାକୁ ଦେଖି ବଡ଼ ଜିଲାରେ ୨ଟି ଲେଖାଏ ମଣ୍ଡି ହେବ। ମଡେଲ ମଣ୍ଡିରେ ପାନୀୟ ଜଳ, ଶୌଚାଳୟ, ବିଶ୍ରାମାଗାର, ବିଜୁଳି ବ୍ୟବସ୍ଥା, ଦୋକାନ, ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ଟିଫିନ୍ ସେଣ୍ଟର, ପାର୍କିଂ ଆଦି ବ୍ୟବସ୍ଥା ରହିବ। ମଡେଲ ମଣ୍ଡିର ରୂପରେଖ କେମିତି ରହିବ ସେ ନେଇ ସମବାୟ ମନ୍ତ୍ରୀ ବଳସାମନ୍ତ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ମଡେଲ ମଣ୍ଡି ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ତଥ୍ୟ ରଖିଛନ୍ତି।

# ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ: ମନ୍ତ୍ରୀ

ଭୁବନେଶ୍ୱର,୧।୮(ସୁନିତ୍ ମିଶ୍ର)

ରତ୍ନଭଣ୍ଡାରର ଗଣତି ମଣତି ଲାଗି ପ୍ରକ୍ରିୟା ଆଗେଇ ଚାଲିଛି। ଗଣତିମଣତି ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ସୂଚନା ଦେଇଛନ୍ତି। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ସରକାର ୨ ଜଣ ଏକ୍ସପର୍ଟଙ୍କୁ ଦେବା ପାଇଁ ଆର୍‌ବିଆଇକୁ ଲେଖିଥିଲେ। ସେମାନେ ୨ ଜଣ ଏକ୍ସପର୍ଟଙ୍କ ନାଁ ମଧ୍ୟ ଦେଇଛନ୍ତି। ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ। କମିଟିର ଅନୁମତିକ୍ରମେ ରତ୍ନ ସବୁକୁ ଭିତର ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ସେ ପ୍ରକ୍ରିୟା ସରିବା ପରେ ଆର୍‌ବିଆଇ ଅଧିକାରୀଙ୍କୁ ନିର୍ଦ୍ଧାରିତ ତାରିଖ ଜଣାଯିବ। ଏହାପରେ ଏକ୍ସପର୍ଟ ଆସି ଉପସ୍ଥିତ ରହି ଗଣତି ମଣତି କରିବେ ବୋଲି ଆଇନମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ଉନ୍ନୟନ କମିଶନର ଶରଧାବାଲି ଦଳାଚକଟା ରିପୋର୍ଟ ଦେବା ପ୍ରସଙ୍ଗରେ ଆଇନମନ୍ତ୍ରୀ କହିଛନ୍ତି ରିପୋର୍ଟକୁ ମୁଖ୍ୟମନ୍ତ୍ରୀ ତର୍ଜମା କରୁଛନ୍ତି। ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ମୁଖ୍ୟମନ୍ତ୍ରୀ ତା'ର ନିଷ୍ପତ୍ତି ନେବେ।

HI-TECH MEDICAL COLLEGE & HOSPITAL
Health Park, Pandara, Rasulgarh, Bhubaneswar-751025

## ନୋଟିସ୍

ଆପଣଙ୍କୁ ଏହି ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଛି କି, ଆପଣମାନେ ଉପରିସ୍ଥ କର୍ମଚାରୀଙ୍କୁ କିଛି ନ ଜଣାଇ ଆପଣଙ୍କ କାର୍ଯ୍ୟରେ ଅନଧିକୃତ ଅନୁପସ୍ଥିତ ଅଛନ୍ତି ଏବଂ କାର୍ଯ୍ୟରେ ବହୁତ ଅବହେଳା କରି ଅଛନ୍ତି। ଆପଣଙ୍କୁ ବାରମ୍ବାର ନୋଟିସ୍ ଦେଲା ପରେ କୌଣସି କୈଫତ ଦେଇ ନାହାଁନ୍ତି। ଅତଏବ, ଆପଣଙ୍କ ଏପରି ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଆପଣଙ୍କୁ ଆପଣଙ୍କ କାର୍ଯ୍ୟରୁ ଆଜିଠାରୁ ବହିଷ୍କାର କରାଗଲା ଏବଂ ଉକ୍ତ ଅନୁଷ୍ଠାନର ନାମକୁ ଅସଦୁପଯୋଗ କଲେ ଆପଣ ସଂପୂର୍ଣ୍ଣ ଦାୟୀ ରହିବେ।

| SL NO | NAME OF THE STAFF | DESIGNATION | DATE OF ABSENT | ADRESS |
|---|---|---|---|---|
| 1 | NAMITA MALLICK | Staff Nurse | 29.05.2025 | AT-SASANKHAS,PO-CHABISHAPADA SASAN,PS-TIHIDI, DIST-BHADRAK, 756130 |
| 2 | KANIZ FATMA | Staff Nurse | 06.06.2025 | KAZIMOHALLA NIMISAHI,PURUNA BAZAR,PO-BHADRAK, 756100 |
| 3 | IPSITA PAIKARAY | Staff Nurse Trainee | 06.06.2025 | AT-KSHETRAPAL,PO-RAHANBELLI, PURI, 752030 |
| 4 | LIPIKA GHOSH | Staff Nurse Trainee | 06.06.2025 | VILL-SANKOTI,PO-PANCHURI,PS-KOTOWALI, DIST-PASCHIM MEDINIPUR, West Bengal, 721150 |
| 5 | LIPSHA GHOSH | Staff Nurse Trainee | 06.06.2025 | AT-KERUKOCHA,PO-MURAL, DIST- EAST SINGHBHUM, Jharkhand, 832301 |
|  | SANTOSINI PANDA | Staff Nurse Trainee | 06.06.2025 | AT-GANDAPADA,PO-SINGBRAHMAPUR,PS-DELANG |
| 7 | ANANYA SAHOO | Pharmacist | 03.06.2025 | AT: GAMPAS PLASTECH PVT LTD, GANESWARPUR INDUSTRIAL AREA, JANUGANJ, PO: JANUGANJ, DIST : BALASORE, 756019 |
| 8 | RABINA NAIK | ANM | 05.06.2025 | AT-RANGAMATIA,PO-BADJOD,PS-BETNOTI, DIST-MAYURBHANJ, 757029 |
| 9 | NAMITA SETHY | Staff Nurse Trainee | 05.06.2025 | AT/PO-TARADAPADA,PS-JAGATSINGHPUR, DIST-JAGATSINGHPUR, 754103 |
| 10 | JHARANA SETHI | Staff Nurse | 26.09.2023 | AT/PO: SANKUDA, PS: BEGUNIAPADA, DIST : GANJAM, 761035 |
| 11 | MAMATAMAYEE BEHERA | Staff Nurse Trainee | 06.06.2025 | AT-BANAGURIA,PO-KUHUNDA,PS-MAHANGA, DIST-CUTTACK, 754204 |
| 12 | SASMITA DWARI | Staff Nurse | 04.06.2025 | AT: JOGITAPALLI, PO: BALUGAON, PS : KHANDAPADA, DIST : NAYAGARH, 752070 |
| 13 | DIPTIKANTA ROUT | Pharmacist | 06.06.2025 | AT-DHENUKHOIA,PO-NUAGAN,VIA-RUPSA,PS-BASTA, DIST-BALASORE, 756028 |
| 14 | SANJUKTA MALIK | Staff Nurse | 06.06.2025 | T-SANALHUMPAL,PO-MUDUSULI,PS-TIHIDI, DIST-BHADRAK, 756131 |
| 15 | ABHILIPSA BARIK | Staff Nurse | 08.06.2025 | AT/PO-RAMAKRUSHNAPUR,PS-BHADRAK, DIST-BHADRAK, 756113 |
| 16 | KALPANA BARIK | Staff Nurse | 08.06.2025 | AT/PO-RAMA KRUSHNAPUR,PS-BHADRAK, 756113 |
| 17 | KUMUDINI SAHOO | Staff Nurse Trainee | 06.06.2025 | TARINI NAYA, PS: NAYAPALLI, BHUBANESWAR, 751013 |
| 18 | ANDRILA SINGH | Staff Nurse Trainee | 06.06.2025 | AT-MISSION ROAD BY LANE,BHATBANDH,BIKASHPALLY,WARD NO-,PO-PURULIA TOWN,PS-PURULIA, DIST-PURULIA,WEST BENGAL, 723101 |
| 19 | ANUSRI MAITY | Staff Nurse Trainee | 06.06.2025 | VILL-CHOTTONALGERIA,PO-ATBATI,PS-EGRA, DIST-PURBA MEDINIPUR, West Bengal |
| 20 | ROHAN BHANJA | Staff Nurse Trainee | 01.06.2025 | VILL/PO- BARCHA,PS- MOYNA, DIST- PURBA MEDINIPUR, West Bengal, 721642 |
| 21 | SUSHREE SANGEETA BISWAL | Staff Nurse Trainee | 06.06.2025 | AT/PO-GARHAKARAMALA,PS-GOP, DIST-PURI, 752116 |
| 22 | PRAVASINI SETHI | ANM | 06.06.2025 | AT: JANKIA, PO: GADASHI, PS: KANASH, DIST : PURI, 752017 |
| 23 | KALYANI BHOENA | Staff Nurse | 05.06.2025 | AT/PO: VSS NAGAR, PS: SAHID NAGAR, BHUBANESWAR, 751007 |
| 24 | SUBHASMITA KABAT | Staff Nurse Trainee | 05.06.2025 | AT/PO-MANATRI,PS-BAISINGA, DIST-MAYURBHANJ, 757017 |
| 25 | JHUNITA NAIK | Staff Nurse | 03.06.2025 | AT/PO- DONGASIL, BLOCK- KASHIPUR, RAYAGADA, 765015 |
| 26 | SUCHITRA SUBHADARSHINI NAYAK | Staff Nurse Trainee | 06.06.2025 | AT - MAHIUR, PO - KOUDUKHOL, PS - BALICHHDARPUR, DIST – JAJPUR, 754296 |

କର୍ତ୍ତୃପକ୍ଷ
ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ
ପାଣ୍ଡରା, ଭୁବନେଶ୍ୱର

# ସନମସ୍ମିତା ରାଜ୍ୟ ଟପ୍ପର

## ଏସ୍‌ଡିଆଇପିଆର୍‌ଓ ପରୀକ୍ଷାଫଳ ପ୍ରକାଶ

କଟକ/ଦେବଗଡ଼,୧।୮(କାର୍ତ୍ତିକ ସାହୁ/ ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏସ୍‌ଡିଆଇପିଆର୍‌ଓ ପଦବୀ ନିମନ୍ତେ ଅନୁଷ୍ଠିତ ଓଡ଼ିଶା ସୂଚନା ସେବା (ଓଆଇଏସ୍-୨) ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ରାଜ୍ୟ ଟପ୍ପର ଭାବେ ସନମସ୍ମିତା ସାହୁ ତାଲିକାର ଶୀର୍ଷରେ ଅଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନରେ ଅଲିଭା ଅଭିଲିପ୍ସା ଓ ତୃତୀୟରେ ଲିପକ ହରିଚନ୍ଦନ କୃତକାର୍ଯ୍ୟ ହୋଇଛନ୍ତି। ଓପିଏସ୍‌ସି ୱେବସାଇଟ୍ opsc.gov.inରେ ପରୀକ୍ଷା ଫଳ ଉପଲବ୍ଧ ହୋଇଛି। ତେବେ କୃତକାର୍ଯ୍ୟ ହୋଇଥିବା ୩୯ଜଣଙ୍କ ମଧ୍ୟରୁ ୨୧ଜଣ ପୁରୁଷ ଥିବା ବେଳେ ୧୮ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ତେବେ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କ ସାର୍ଟିଫିକେଟ ଯାଞ୍ଚ କାର୍ଯ୍ୟ ନିଯୁକ୍ତି ଅଧିକାରୀଙ୍କ ଦ୍ୱାରା କରାଯିବ। ଉଲ୍ଲେଖଯୋଗ୍ୟ ଯେ, ଉପରୋକ୍ତ ପଦବୀ ନିମନ୍ତେ ଲିଖିତ ପରୀକ୍ଷା ୨୦୨୫ ମାର୍ଚ୍ଚ ୨୯ ଓ ୩୦ ତାରିଖ ଦୁଇ ଦିନ ଧରି ହୋଇଥିଲା। ସେହିପରି ସାକ୍ଷାତକାର ପରୀକ୍ଷା ୨୦୨୫ ଜୁଲାଇ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ, ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ ଟିଙ୍କବୀର ଗ୍ରାମର ସନମସ୍ମିତା ସାହୁ ହେଉଛନ୍ତି ଭୁବନେଶ୍ୱର ସାହୁ ଓ ଅଞ୍ଜଳି ସାହୁଙ୍କ ଏକମାତ୍ର କନ୍ୟା। ସେ ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରୁ ୨୦୨୩-୨୪ରେ ପିଜିଡିଏମ୍‌ସିରେ ଉତ୍ତୀର୍ଣ୍ଣ ହୋଇଥିଲେ।



ସନମସ୍ମିତା ସାହୁ

# ଓଡ଼ିଶାରେ ସର୍ବାଧିକ ରକ୍ତଶିକୁଳି ମାମଲା

ନୂଆଦିଲ୍ଲୀ,୧।୮

ଦେଶରେ ସର୍ବାଧିକ ସଂଖ୍ୟକ ରକ୍ତ ଶିକୁଳି (ସିକିଲ୍ ସେଲ୍) ରୋଗୀ ଓଡ଼ିଶାରେ ରହିଥିବା ରାଜ୍ୟ ସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି। ଦେଶରେ ମୋଟ ୨,୧୫,୩୮୦ ରକ୍ତ ଶିକୁଳି ରୋଗୀ ଥିବାବେଳେ କେବଳ ଓଡ଼ିଶାରେ ୯୬,୦୮୦ ମାମଲା ପଞ୍ଜୀକୃତ ହୋଇଛି। ଓଡ଼ିଶା ପଛକୁ ମଧ୍ୟପ୍ରଦେଶରେ ୩୦,୫୮୦, ଗୁଜରାଟରେ ୨୮,୧୫୦, ମହାରାଷ୍ଟ୍ରରେ ୨୩,୨୧୮ ଏବଂ ଛତିଶଗଡ଼ରେ ୨୬,୧୦୪ ମାମଲା ରହିଛି। ଅନ୍ୟ ରାଜ୍ୟ ମଧ୍ୟରେ ରାଜସ୍ଥାନରେ ୨,୭୨୯, ଆନ୍ଧ୍ରପ୍ରଦେଶରେ ୨,୧୫୯ ଏବଂ ଝାଡ଼ଖଣ୍ଡରେ ୨,୧୫୪ ସିକିଲ୍ ସେଲ୍ ରୋଗୀ ଅଛନ୍ତି। ଏହା ବ୍ୟତୀତ କେରଳରେ ୧,୪୬୯, ପଶ୍ଚିମବଙ୍ଗରେ ୮୮୩, କର୍ନାଟକରେ ୫୭୯, ତାମିଲନାଡୁରେ ୪୮୫ ଏବଂ ତେଲଙ୍ଗାନାରେ ୪୬୮ ମାମଲା ଥିବାବେଳେ ଆସାମ, ଉତ୍ତରପ୍ରଦେଶ, ବିହାର ଏବଂ ଉତ୍ତରାଖଣ୍ଡରେ ଯଥାକ୍ରମେ ୨୮୫, ୩୨, ୮ ଏବଂ ୬ ମାମଲା ରହିଛି। ଏହି ରୋଗର ଚିକିତ୍ସା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ବୈଷୟିକ ଓ ଆର୍ଥିକ ସହାୟତା ଯୋଗାଇଦେଉଛନ୍ତି। ସିକିଲ୍ ସେଲ୍ ଆନେମିଆର ପରୀକ୍ଷାନିରୀକ୍ଷା, ଔଷଧ କିଣିବା, କାଉନସେଲିଂ, ସଚେତନତା ଶିବିର, ସ୍ୱାସ୍ଥ୍ୟକର୍ମୀଙ୍କ ତାଲିମ ଓ ରକ୍ତ ଟ୍ରାନ୍ସଫ୍ୟୁଜନ ପାଇଁ ଏହି ସହାୟତା ଉଦ୍ଦିଷ୍ଟ।

ଭାରତ ସରକାର
ଅନ୍ନଦାତାଙ୍କୁ ସମ୍ମାନ
ଏକ ସମୃଦ୍ଧ ରାଷ୍ଟ୍ରର ନିର୍ମାଣ
ପିଏମ୍ କିଷାନ ସମ୍ମାନ ନିଧି ଅଧୀନରେ
ଆଜି, ୨୦ତମ କିସ୍ତି ଆକାରରେ ₹୨୦,୫୦୦ କୋଟିରୁ ଅଧିକ ପରିମାଣର ଅର୍ଥରାଶି
ସିଧାସଳଖ ୯ କୋଟି ୭୦ ଲକ୍ଷ ଚାଷୀଙ୍କ ଖାତାକୁ ସ୍ଥାନାନ୍ତର କରାଯିବ
ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ
ଦ୍ୱାରା



୦୨ ଅଗଷ୍ଟ, ୨୦୨୫ | ପୂ.୧୧.୦୦ ଘଟିକା | ବାରାଣସୀ, ଉତ୍ତରପ୍ରଦେଶ
ଏବେ ସୁଦ୍ଧା, ପିଏମ୍ କିଷାନ ସମ୍ମାନ ନିଧି ଅଧୀନରେ
ଚାଷୀମାନଙ୍କୁ ₹୩.୭୦ ଲକ୍ଷ କୋଟିର ସମ୍ମାନ ରାଶି ପ୍ରଦାନ କରାଯାଇସାରିଛି
ବିଶ୍ୱର ଅନ୍ୟତମ ସର୍ବବୃହତ୍ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍ (ଡିବିଟି) ଯୋଜନା
ଚାଷୀମାନଙ୍କୁ ବାର୍ଷିକ ₹6000ର ସହାୟତା
ପିଏମ୍ କିଷାନ ଯୋଜନାର ୮୫%ରୁ ଅଧିକ ହିତାଧିକାରୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ
ପିଏମ୍-କିଷାନର ପ୍ରତି ଚାରିଜଣ ହିତାଧିକାରୀଙ୍କ ମଧ୍ୟରୁ ଅନ୍ୟୂନ ଜଣେ ମହିଳା ଅଟନ୍ତି
ବିହନରୁ ବଜାର ପର୍ଯ୍ୟନ୍ତ ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମର୍ଥନ
ବିଗତ ୧୧ ବର୍ଷରେ କୃଷି ବଜେଟ ୫ ଗୁଣରୁ ଅଧିକ ବୃଦ୍ଧି ପାଇ ₹୨୨ ହଜାର କୋଟିରୁ ₹୧.୨୭ ଲକ୍ଷ କୋଟିରେ ପହଞ୍ଚିଛି
ବିଗତ ୧୧ ବର୍ଷରେ ଖାଦ୍ୟଶସ୍ୟର ଉତ୍ପାଦନ ୨୪୬ ମିଲିୟନ ଟନ୍‌ରୁ ୩୫୪ ମିଲିୟନ ଟନ୍‌କୁ ବୃଦ୍ଧି ପାଇଛି ଓ ଉଦ୍ୟାନକୃଷି ଫସଲ ଉତ୍ପାଦନ ୨୮୦ ମିଲିୟନ ଟନ୍‌ରୁ ୩୬୨ ଟନ୍‌କୁ ବୃଦ୍ଧି ପାଇଛି
सॉइल हेल्थ कार्ड
ମାଟିର ଉର୍ବରତା ବୃଦ୍ଧି କରିବା ଏବଂ ସାରର ବିଚାରବନ୍ତ ବ୍ୟବହାର ପାଇଁ ଚାଷୀମାନଙ୍କୁ ୨୫ କୋଟିରୁ ଅଧିକ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ବଣ୍ଟନ
ପିଏମ୍ ଫସଲ ବୀମା ଯୋଜନା ଅଧୀନରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଚାଷୀମାନଙ୍କୁ କ୍ଷତିପୂରଣ ଭାବେ ₹୧.୮୩ ଲକ୍ଷ କୋଟି ପୈଠ କରାଯାଇଛି
ବିଗତ ୧୧ ବର୍ଷ ₹୨୩ ଲକ୍ଷରୁ ଅଧିକର ଦେୟ ପୈଠ କରାଯାଇ ଏମ୍ଏସ୍‌ପିରେ ଗହମ, ଧାନ, କପା, ଡାଲି ଓ ତୈଳବୀଜ କ୍ରୟ
ବିଗତ ୧୧ ବର୍ଷରେ ₹୧୪ ଲକ୍ଷ କୋଟିର ସାର ସବ୍‌ସିଡି ଏବଂ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସମୟୋଚିତ ଭାବେ ସାର ଯୋଗାଣ
ଇ-ନାମ୍ ପ୍ଲାଟ୍‌ଫର୍ମ ସହ ୧୫୨୨ଟି କୃଷି ମଣ୍ଡିକୁ ସଂଯୋଗ କରାଯାଇଛି; ₹୪.୨୦ ଲକ୍ଷ କୋଟିରୁ ଅଧିକ ସୁବିଧାଜନକ କାରବାର ସମ୍ଭବ
'ପର୍ ଡ୍ରପ୍ ମୋର୍ କ୍ରପ୍' - ଲଘୁ ଜଳସେଚନ କଭରେଜ ୪୨ ଲକ୍ଷ ହେକ୍ଟରରୁ ୧୦୦ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି
ଡିଡି ନ୍ୟୁଜ୍ କିମ୍ବା ଡିଡି କିଷାନ ଚ୍ୟାନେଲରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ
न्यूज़ किसान
ଆମକୁ ଅନୁସରଣ କରନ୍ତୁ: @AgriGoI
ଅଧିକ ବିବରଣୀ ପାଇଁ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
CBC 01102/13/0002/2526

"ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ



# ସିଏସ୍ଏସ୍ ସଙ୍କଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସେଣ୍ଟ୍ରାଲ ସେକ୍ରେଟାରିଏଟ ସର୍ଭିସ(ସିଏସ୍ଏସ୍)ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇନ ପାରେ ; କିନ୍ତୁ ଏହା ନିଶ୍ଚିତ ଯେ, ତାହା ସରକାରଙ୍କର ସବୁ କ୍ଷେତ୍ରକୁ ଏମାନେ ସୁଚାରୁପେ ଚଳାଇବାରେ ସାହାଯ୍ୟ କରିଥାଏ। ଏବେ ଏହା ଅଚଳ ହୋଇଯିବାର ସଙ୍କେତ ମିଳୁଛି। ଅନେକ ବର୍ଷ ଧରି ସିଏସ୍ଏସ୍ କ୍ୟାଡର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛି ଏବଂ ଠିକ୍ ସମୟରେ କ୍ୟାଡର ସମୀକ୍ଷା, ତ୍ରୁଟିଶୂନ୍ୟ ପଦୋନ୍ନତି ଏବଂ ଅନ୍ୟ କେନ୍ଦ୍ରୀୟ ସର୍ଭିସ ସହ ସମାନତା ପାଇଁ ଦାବି କରିଆସୁଛି। ତେବେ ୨୦୧୮ରେ ହୋଇଥିବା ୪ର୍ଥ କ୍ୟାଡର ସମୀକ୍ଷା ଅମଲାତନ୍ତ୍ରିକ ମନ୍ଥରତା ଯୋଗୁ ଅଟକି ଗଲା। ଏହାର ପାଖାପାଖି ଦୁଇ ବର୍ଷ ପୂର୍ବରୁ ଏକ କମିଟି ଗଠନ ହୋଇଥିଲେ ମଧ୍ୟ ଏହା ହୋଇପାରି ନ ଥିଲା। କ୍ୟାଡର ସମୀକ୍ଷା ନିୟମିତ ଭାବେ ପ୍ରତି ୫ ବର୍ଷରେ ହେବାକୁ ଥିବାବେଳେ ଏଥିରେ ୭ ବର୍ଷ ବିଳମ୍ବ ହୋଇଛି। ପଦୋନ୍ନତି ସମ୍ପୂର୍ଣ୍ଣ ଅଟକି ରହିଛି। ପାଞ୍ଚ ବର୍ଷ ପରେ ପଦୋନ୍ନତି ପାଇଁ ଯୋଗ୍ୟ ଅଣ୍ଡର ସେକ୍ରେଟାରିମାନେ ୧୨ ବର୍ଷରୁ ଅଧିକ ସମୟ ଅପେକ୍ଷା କରି ବସିଛନ୍ତି। ୨୦୧୪ ବ୍ୟାଚ୍‌ର ଏଏସ୍ଓମାନଙ୍କ ମଧ୍ୟରୁ ଜଣେ ହେଲେ କେହି ପଦୋନ୍ନତି ପାଇନାହାନ୍ତି। ଏହା ଏକ ଉଦାସୀନତା ଭଳି ମନେହେଉଛି। ଆରଟିଆଇ ଉତ୍ତରରୁ ଜଣାପଡ଼ିଛି ଯେ,କେବଳ ୨୪ଟି ବିଭାଗରେ ୨,୫୦୦ରୁ ଅଧିକ ସିଏସ୍ଏସ୍ ପଦବୀ ଖାଲି ରହିଛି , ଯାହା ଶାସନ, ଦକ୍ଷତା ଓ ସାର୍ବଜନୀନ ସେବାକୁ ପ୍ରଭାବିତ କରୁଛି। ଅତ୍ୟନ୍ତ ଦୁଃଖଦାୟକ ଯେ, ଅନ୍ୟ ସେବାଗୁଡ଼ିକର କ୍ୟାଡର ସମୀକ୍ଷା ଏକ ବର୍ଷରୁ କମ୍ ସମୟରେ ପୂର୍ଣ୍ଣ କରାଯାଉଛି। କେବଳ ସିଏସ୍ଏସ୍‌କୁ କାହିଁକି ଅଲଗା କରି ରଖାଯାଇଛି ବୋଲି ସିଏସ୍ଏସ୍ ବାବୁମାନେ ପ୍ରଶ୍ନ ଉଠାଉଛନ୍ତି। କାର୍ମିକ ନୀତି ପାଇଁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ହିଁ ଦାୟୀ। ଏହାକୁ ନିଶ୍ଚିତ କରିବାକୁ ପଡ଼ିବ ଯେ, ସିଏସ୍ଏସ୍ ଅଧିକାରୀଙ୍କୁ ସିଭିଲ୍ ସର୍ଭିସର ଅନ୍ୟ ସଦସ୍ୟଙ୍କ ଭଳି ସମ୍ମାନର ସହ ଗଣାଯିବା ଦରକାର। ତେବେ ସିଏସ୍ଏସ୍ ସୁବିଧା ପାଇଁ କହୁନାହିଁ ; କିନ୍ତୁ ପ୍ରଶାସନିକ କଳ ବନ୍ଦ ହେବା ପୂର୍ବରୁ ସେମାନଙ୍କ କଥା ଶୁଣିବାକୁ ହେବ।

### ଇସ୍ତଫାକୁ ନେଇ ନୀରବତା

ଉପରାଷ୍ଟ୍ରପତି ଜଗଦୀପ ଧନକର ସ୍ୱାସ୍ଥ୍ୟଗତ କାରଣ ଯୋଗୁ ଇସ୍ତଫା ଦେଇଥିବା କହି ମୂଳ ରହସ୍ୟକୁ ଆଢୁଆଳରେ ରଖାଯାଇପାରେ, କିନ୍ତୁ ଏହାର ପରବର୍ତ୍ତୀ ଘଟଣାକ୍ରମ ବାସ୍ତବରେ ଅତି ଆଶ୍ଚର୍ଯ୍ୟଜନକ। ଧନକରଙ୍କ ଇସ୍ତଫାକୁ ଗଣମାଧ୍ୟମ ଭଲ ଭାବେ ହୃଦୟଙ୍ଗମ କରିବା ପୂର୍ବରୁ ଡେପୁଟେଶନରେ ଥିବା ଅଧିକାରୀଙ୍କ ସମେତ ତାଙ୍କ ସଚିବାଳୟ କର୍ମଚାରୀମାନଙ୍କୁ ତୁରନ୍ତ ସେମାନଙ୍କ ମୂଳ କ୍ୟାଡରକୁ ପଠାଇଦିଆଯାଇଥିବା ଜଣାପଡ଼ିଛି। ଏଭଳି ସ୍ଥାନାନ୍ତର ପାଇଁ ଏହା ଉପଯୁକ୍ତ ସମୟ ନୁହେଁ। ଏହି ସ୍ତରର ଏକ ସାମ୍ବିଧାନିକ ପଦବୀ ପାଇଁ ଏଭଳି ଶୀଘ୍ର ପଦକ୍ଷେପ ନେବା ଅନୁଚିତ। ଯେତେବେଳେ ଏକ ଉଚ୍ଚ ସାମ୍ବିଧାନିକ ପଦାଧିକାରୀଙ୍କୁ କାର୍ଯ୍ୟକାଳ ଅଧାରୁ ଅନ୍ତର କରାଯାଏ, ସେତେବେଳେ ସାଧାରଣତଃ ବ୍ୟବସ୍ଥାଗତ କାର୍ଯ୍ୟ ଅଟକି ଯାଏ, ସ୍ୱଚ୍ଛତା ଜାରି ରଖାଯାଏ ଏବଂ ଏକ ବ୍ୟବସ୍ଥିତ ହସ୍ତାନ୍ତରକୁ ନିଶ୍ଚିତ କରେ। କିନ୍ତୁ ଏହି ଘଟଣାରେ ତାହା ହୋଇନାହିଁ। ବରଂ ଏଥର କେବଳ ଉପରାଷ୍ଟ୍ରପତି ନୁହନ୍ତି, ବରଂ ତାଙ୍କ ଲୋକମାନେ ମଧ୍ୟ ବାହାରିଗଲେ ଏବଂ ତାହା ଖୁବ୍‌ଶୀଘ୍ର କରାଗଲା। ଏହି ପ୍ରକାର ପ୍ରଶାସନିକ କସରତ ଦର୍ଶାଉଛି ଏବଂ ଆଧିକାରିକ ସୂତ୍ରରୁ ଯାହା ଜଣାପଡୁଛି, ଧନକରଙ୍କ ଇସ୍ତଫା ସ୍ୱେଚ୍ଛାକୃତ ନ ଥିଲା। ଏହା ସହ ଶାସକ ଦଳ ପକ୍ଷରୁ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରାଯାଉଛି। ଅମଲତନ୍ତ୍ରର କାଗଜ କଲମ ଓ ତଥ୍ୟରେ ସବୁବେଳେ ବହୁତ କିଛି କହୁଥିବାବେଳେ ଏହି ସମୟରେ ତାହା ପ୍ରତିଶୋଧ ନେବା ମାନସିକତାରେ ଥିବା ଭଳି ମନେହେଉଛି। ବେଳେବେଳେ ଧନକରଙ୍କ ମନ୍ତବ୍ୟ ସରକାରଙ୍କୁ ଅକଳରେ ପକାଉଥିଲା, ସମ୍ଭବତଃ କ୍ଷମତାଧାରୀଙ୍କୁ ଏହି କଥା ପସନ୍ଦ ହୋଇନାହିଁ। କିନ୍ତୁ ତାଙ୍କ କର୍ମଚାରୀଙ୍କ ପ୍ରତି ସରକାରଙ୍କ ବ୍ୟବହାରରୁ ଜଣାପଡ଼ିଛି ଯେ, ଏହା କେତେ ବ୍ୟକ୍ତିଗତ ହୋଇଗଲାଣି।

### ପୋଡକାଷ୍ଟରେ ବାବୁ

ପୋଡକାଷ୍ଟରେ ଏବେ ବାବୁମାନେ ଦେଖିବାକୁ ମିଳିଲେଣି। ଏଥିରେ ପୋଲିସ ଅଧିକାରୀ ଏବଂ ବାବୁମାନେ ସେମାନଙ୍କ କାହାଣୀକୁ ଶେୟାର କରୁଛନ୍ତି, ଯାହା ଗୋଟିଏ ସମୟରେ କେବଳ କାର୍ଯ୍ୟାଳୟ ପରିସରରେ ସୀମିତ ଥିଲା। ଉତ୍ତରପ୍ରଦେଶ ପୋଲିସର 'ବିୟଣ୍ଡ ଦି ବ୍ଲେଜ୍' ସିରିଜରେ ୧୦୦ କୋଟି ଟଙ୍କା ବୀମା ଜାଲିଆତି ଏବଂ ୟୁପିଏସ୍‌ସି ଟପ୍ପରଙ୍କ ଆକର୍ଷଣୀୟ କାହାଣୀ ନିଜେ ପୋଲିସ ଅଧିକାରୀମାନେ କହୁଛନ୍ତି। ଏଥିରେ ସେମାନେ ୟୁନିଫର୍ମରେ ଫୋରେନ୍‌ସିକର ସମ୍ପୂର୍ଣ୍ଣ ବିବରଣୀ ସହ ଆକାଂକ୍ଷାପୂର୍ଣ୍ଣ ଯାତ୍ରା ସମ୍ପର୍କିତ କାହାଣୀ ବଖାଣୁଛନ୍ତି। ହରିୟାଣାର ଏଚ୍ଏସ୍ଏନ୍‌ସିବି ମୁଖ୍ୟ ନିକଟରେ ବିନା ଡାକ୍ତରଙ୍କ ପରାମର୍ଶରେ ନିଜେ ଔଷଧ ସେବନ କରିବାଠାରୁ ଆରମ୍ଭ କରି ଆନ୍ତଃରାଜ୍ୟ ଚୋରାକାରବାର ନେଟୱର୍କ ପର୍ଯ୍ୟନ୍ତ ମାଦକଦ୍ରବ୍ୟର ଅବୈଧ ବ୍ୟବହାର ଓ ବେପାରକୁ ରୋକିବା ଲାଗି କରାଯାଉଥିବା ଆଇନଗତ ପ୍ରୟାସ ବା ପଦକ୍ଷେପ ସମ୍ପର୍କିତ କାହାଣୀର ଏକ ସିରିଜ ଆରମ୍ଭ କରିଥିଲେ। ପୋଡକାଷ୍ଟର ଭାବେ ବାବୁମାନେ ଅପରାଧର ଅବଗଣନା ଯେତିକି କରୁଛନ୍ତି ତାହାଠାରୁ ଅଧିକ ନିଜ ଭାବମୂର୍ତ୍ତି ଗଢ଼ିବାରେ ଜୋର ଦେଉଥିବା ଦେଖାଯାଉଛି। ଭାରତର ବ୍ୟାପକ ପୋଡକାଷ୍ଟ ସଂସ୍କୃତିରେ ଏବେ ବାବୁ ପୋଡକାଷ୍ଟରମାନେ ଜାଗା ଜମାଇ ସାରିଲେଣି। ବାବୁମାନଙ୍କ ପ୍ରବେଶ ଅତ୍ୟନ୍ତ କୌତୂହଳପ୍ରଦ। ବାବୁମାନେ ପୋଡକାଷ୍ଟିଙ୍ଗ ଆରମ୍ଭ କରି ସେମାନଙ୍କ ବ୍ୟକ୍ତିତ୍ୱକୁ ମାର୍ଜିତ କରିବା କିମ୍ବା ପଦବୀର ପ୍ରଚାର କରୁଥିବାବେଳେ ତାହା ସମସ୍ତଙ୍କୁ ଚକିତ କରିଛି ଏବଂ କିଛି ସନ୍ଦେହ ସୃଷ୍ଟି କରୁଛି। ଯଦି ବାବୁମାନେ ସେମାନଙ୍କ ପ୍ରଶଂସା ଚାହୁଁଛନ୍ତି, ତେବେ ବାସ୍ତବ ପରୀକ୍ଷା କହୁଥିବା କାହାଣୀରେ ନାହିଁ ବରଂ ତାହା ପ୍ରକୃତରେ ସଚ୍ଚୋଟ କାର୍ଯ୍ୟରେ ଅଛି।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | 6 | | | | | 5 |
| | 7 | | | 3 | | 1 | | 9 |
| 4 | | | | 2 | | | | |
| | 6 | | | | 1 | | 9 | |
| | | 4 | 2 | | | | 6 | 1 |
| | | | 7 | | | | | 3 |
| 6 | | 9 | 4 | | 8 | | | |
| | | | | 1 | 6 | | | 8 |
| 8 | | | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 3 | 4 | 9 | 6 | 5 | 2 | 8 |
| 5 | 9 | 8 | 3 | 2 | 7 | 1 | 4 | 6 |
| 2 | 6 | 4 | 5 | 8 | 1 | 3 | 7 | 9 |
| 4 | 7 | 1 | 2 | 3 | 9 | 6 | 8 | 5 |
| 8 | 2 | 5 | 1 | 6 | 4 | 7 | 9 | 3 |
| 9 | 3 | 6 | 8 | 7 | 5 | 2 | 1 | 4 |
| 6 | 8 | 2 | 7 | 4 | 3 | 9 | 5 | 1 |
| 1 | 4 | 9 | 6 | 5 | 2 | 8 | 3 | 7 |
| 3 | 5 | 7 | 9 | 1 | 8 | 4 | 6 | 2 |

ଗତକାଲିର ଉତ୍ତର

# ଏନ୍ଏମ୍‌ସି, ନାକ୍ ଓ ଏନ୍‌ଟିଏ



ସୌଭାଗ୍ୟ ସୁନ୍ଦରରାୟ

ନିକଟରେ ଜାତୀୟ ମେଡିକାଲ କମିଶନ (ଏନ୍ଏମ୍‌ସି), କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର କିଛି ଅଧିକାରୀ ଓ କେତେକ ଘରୋଇ ମେଡିକାଲ କଲେଜ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଦୁର୍ନୀତିଜନିତ ଏଫ୍ଆଇଆର୍ ଦାଏର କରିଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ଉପରୋକ୍ତ ସଂସ୍ଥାର ଅଧିକାରୀଗଣ ମିଳିତ ଭାବେ ଦୁର୍ନୀତି ଉପାୟ ଅବଲମ୍ବନ କରି କିଛି ଘରୋଇ ମେଡିକାଲ କଲେଜକୁ ଅନୁକମ୍ପା ପ୍ରଦର୍ଶନ କରିଛନ୍ତି। ଭାରତୀୟ ନ୍ୟାୟ ସଂହିତାର ଧାରା ୬୧(୨) ଓ ଦୁର୍ନୀତି ନିବାରଣ ଆଇନର ଏକାଧିକ ଧାରାରେ ଏହି ମାମଲା ଦାଏର ହୋଇଛି। ଦେଶର ମେଡିକାଲ କଲେଜ ସ୍ୱୀକୃତି ବା ପୂର୍ବ ସ୍ୱୀକୃତି ନବୀକରଣ ଏନ୍ଏମ୍‌ସି ଅନୁମୋଦନରେ ହୋଇଥାଏ। ଏହାର ନାମ ପୂର୍ବରୁ ମେଡିକାଲ କାଉନ୍‌ସିଲ ଅଫ ଇଣ୍ଡିଆ ବା ଏମ୍‌ସିଆଇ ଥିଲା। ଭାରତୀୟ ଜନତା ପାର୍ଟି ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ ଏହି ନାମ ପରିବର୍ତ୍ତନ ହୋଇଛି। ଏହା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏକ ସ୍ୱୟଂଶାସିତ ସଂସ୍ଥା। ଦେଶର ମେଡିକାଲ କଲେଜଗୁଡ଼ିକ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମାର୍ଗଦର୍ଶିକା ଓ ବିଭିନ୍ନ ସର୍ତ୍ତାବଳୀ ପାଳନ କରୁଛନ୍ତି କି ନାହିଁ ତାହା ତଦାରଖ କରି ବାର୍ଷିକ ଭିତ୍ତିରେ କଲେଜର ସ୍ୱୀକୃତି ନବୀକରଣ, ନୂଆ କଲେଜକୁ ସ୍ୱୀକୃତି ପ୍ରଦାନ ଅଥବା ନାମଲେଖା ଆସନ ସଂଖ୍ୟା ହ୍ରାସ ପାଇଁ ଏହି ସଂସ୍ଥା ନିଷ୍ପତ୍ତି ନେଇଥାଏ। ଏଥିପାଇଁ ସଂସ୍ଥା ପକ୍ଷରୁ ନିୟୋଜିତ ଏକ ବିଶେଷଜ୍ଞ ପର୍ଯ୍ୟବେକ୍ଷକ ଦଳ ବିଭିନ୍ନ କଲେଜ ଗସ୍ତ କରି ରିପୋର୍ଟ ପ୍ରଦାନ କରିଥାନ୍ତି। ବିଶେଷଜ୍ଞ ଦଳ ସଦସ୍ୟଙ୍କ ନାମ, ପଦବୀ ଓ ତଦାରଖ ସମୟ ଏକ ଗୋପନୀୟ ବ୍ୟବସ୍ଥା। କିନ୍ତୁ ଏନ୍ଏମ୍‌ସି ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର କେତେକ ଅଧିକାରୀ ଏହି ଗୋପନୀୟ ସୂଚନା ଆଗୁଆ ସମ୍ପୃକ୍ତ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥାନ୍ତି। ଫଳରେ କଲେଜ କର୍ତ୍ତୃପକ୍ଷ ବିଭିନ୍ନ ସର୍ତ୍ତାବଳୀ ପୂରଣ ପାଇଁ 'ଭୂତ' ବା ଅସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିଥାନ୍ତି। କାରଣ ଏହି କଲେଜଗୁଡ଼ିକର ଆବଶ୍ୟକ ଭିତ୍ତିଭୂମି ନ ଥାଏ। ଏହି ବ୍ୟବସ୍ଥାରେ ପ୍ରଚୁର ମାତ୍ରାରେ ଲାଞ୍ଚ କାରବାର ହୋଇଥାଏ। ପରିଶେଷରେ କଲେଜ ସ୍ୱୀକୃତି ପାଇଥାଏ ବା ଆସନ ସଂଖ୍ୟା ନବୀକରଣ ହୋଇଥାଏ। ଏହାଦ୍ୱାରା ମେଡିକାଲ କଲେଜ ଶିକ୍ଷା ବ୍ୟବସ୍ଥାରେ ନିମ୍ନ ମାନର ଡାକ୍ତର ସୃଷ୍ଟି ହେବା ନିଶ୍ଚିତ। ଏହି ଘଟଣାରେ ୟୁଜିସିର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍‌ସ (ଟିସ୍)ର କୁଳପତିଙ୍କ ବିରୋଧରେ ମାମଲା ଦାଏର ହୋଇଛି। ୨୦୨୫-୨୬ ଶିକ୍ଷାବର୍ଷରେ ଏହି ଦୁର୍ନୀତିରେ ପ୍ରାୟ ୧୦୦୦ କୋଟି ଟଙ୍କା ଲାଞ୍ଚ କାରବାର ହୋଇଛି। ସିବିଆଇ ମାମଲା ପରେ ବିଭିନ୍ନ କଲେଜକୁ ସ୍ୱୀକୃତି ପ୍ରଦାନ,



ନବୀକରଣ ବା ଆସନ ସଂଖ୍ୟା ବୃଦ୍ଧି ବା ହ୍ରାସ କାର୍ଯ୍ୟ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ବର୍ତ୍ତମାନ ଏନ୍ଏମ୍‌ସିରେ କେହି ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି।

ଏବେ ଦେଖିବା ନାକ୍ ବିଷୟ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଅଧୀନସ୍ଥ ଏହି ସଂସ୍ଥା ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ପାଳନ ଭିତ୍ତିରେ ଦେଶର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନକୁ ମାନ୍ୟତା ପ୍ରଦାନ କରିଥାନ୍ତି। ସର୍ତ୍ତାବଳୀ ଅନୁପାଳନ ଭିତ୍ତିରେ କାହାକୁ ଉଚ୍ଚ ଗ୍ରେଡ୍ ତ କାହାକୁ ନିମ୍ନ ଗ୍ରେଡ୍ ପ୍ରଦାନ କରାଯାଇଥାଏ। ଏହି ଗ୍ରେଡ୍ ଭିତ୍ତିରେ ମହାବିଦ୍ୟାଳୟ ମାନ୍ୟତା ବୃଦ୍ଧି ବା ହ୍ରାସ ପାଇଥାଏ ଏବଂ ଛାତ୍ରୀଛାତ୍ର ସେହି ଅନୁଯାୟୀ ଶିକ୍ଷାନୁଷ୍ଠାନ ପସନ୍ଦ କରିଥାନ୍ତି। ନାକ୍ ମାନ୍ୟତା ପାଇଁ ମଧ୍ୟ ବିଶେଷଜ୍ଞ କମିଟି ବିଭିନ୍ନ ମହାବିଦ୍ୟାଳୟ ଗସ୍ତ କରିଥାନ୍ତି। ତେବେ ଗତ ଫେବୃୟାରୀ ମାସରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ଥିବା ଏକ ମହାବିଦ୍ୟାଳୟକୁ ଅନୁକମ୍ପା ପ୍ରଦର୍ଶନ ପାଇଁ ଲାଞ୍ଚ ନେଇଥିବା ଅଭିଯୋଗରେ ସିବିଆଇ ଦ୍ୱାରା ୭ ଜଣ ବିଶେଷଜ୍ଞ କମିଟି ସଦସ୍ୟ ଗିରଫ ହେଲେ। ଏମାନଙ୍କ ମଧ୍ୟରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ପାହ୍ୟାର ସଦସ୍ୟ ମଧ୍ୟ ରହିଛନ୍ତି। ଏହି ଘଟଣା ପରେ ନାକ୍ ଏହାର ୧୨୦୦ ବିଶେଷଜ୍ଞ କମିଟି ସଦସ୍ୟଙ୍କୁ ବିଦା କରିଛି। ନୂଆ ପଦ୍ଧତିରେ ମୂଲ୍ୟାୟନ ପାଇଁ ନିଷ୍ପତ୍ତି ନେଇଛି।

ଦେଶରେ ଉଚ୍ଚଶିକ୍ଷା, ବୈଷୟିକ ଶିକ୍ଷା ବା ବୃତ୍ତିଗତ ଶିକ୍ଷା ମାନବୃଦ୍ଧି ପାଇଁ ଗଠନ କରାଯାଇଥିବା ଉପରୋକ୍ତ ସଂସ୍ଥାର ବିଶେଷଜ୍ଞ ସଦସ୍ୟ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରଲୋଭିତ ହୋଇ ଯେଉଁ ରିପୋର୍ଟ ପ୍ରଦାନ କରୁଛନ୍ତି ତାହା ଦେଶର ଭବିଷ୍ୟତକୁ ତଳିତଳାନ୍ତ କରୁଛି। ମାନ୍ୟତା କମିଟିରେ ଉଚ୍ଚଶିକ୍ଷିତ ବ୍ୟକ୍ତିବିଶେଷ ସାମିଲ ଥାଇ ଓ ଅତୀତରେ ମୋଟା ଅଙ୍କର ସରକାରୀ ଦରମା ନେଇ ବିଶେଷଜ୍ଞ ପଦବୀକୁ ଉନ୍ନୀତ ହୋଇଥିବା ସତ୍ତ୍ୱେ ଲୋଭର ମୋହ ସମ୍ବରଣ କରିପାରୁ ନାହାନ୍ତି। ଏହି ବ୍ୟକ୍ତିବିଶେଷ ଦେଶପ୍ରେମୀ ନା ଦେଶଦ୍ରୋହୀ ଭାବେ ବିବେଚିତ ହେବେ ? ଏହା ପଛରେ ରାଜନୈତିକ ପୃଷ୍ଠପୋଷକତା ରହିଥିବା ମଧ୍ୟ ଅନୁମେୟ।

ଏବେ ଦେଖିବା ଦେଶର ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନରେ ନାମଲେଖା ଦୁର୍ନୀତି। ଅତୀତରେ ସ୍ନାତକ ମେଡିକାଲ ଇଞ୍ଜିନିୟରିଂ ଶିକ୍ଷା ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା ପରିଚାଳନା କରୁଥିଲା ସିବିଏସ୍‌ଇ। ଭାଜପା ସରକାର ଆସିବା ପରେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସୀ (ଏନ୍‌ଟିଏ) ନାମରେ ଏକ ନୂଆ ସଂସ୍ଥା ଗଠନ କରି ଉଭୟ ପରୀକ୍ଷା ଦାୟିତ୍ୱ ଏହି ସଂସ୍ଥା ଉପରେ ନ୍ୟସ୍ତ କଲେ। କୁହାଗଲା ନୂଆ ଢାଞ୍ଚା ତଥା ସ୍ୱଚ୍ଛ ପଦ୍ଧତିରେ ଏହି ସଂସ୍ଥା ପରୀକ୍ଷା ପରିଚାଳନା କରିବ। ଦେଖାଗଲା ଯେ, ୨୦୨୪ ମସିହାରେ ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ହେଲା। ଦେଶବ୍ୟାପୀ ଏନ୍‌ଟିଏ ନିନ୍ଦିତ ହେଲା। ଏହି ଘଟଣାରେ ସିବିଆଇ ୪୦ ଜଣଙ୍କ ନାମରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛି। ୨୦୨୪ ଶିକ୍ଷାବର୍ଷରେ ୨୪ ଲକ୍ଷ ବିଦ୍ୟାର୍ଥୀ ନିଟ୍-ୟୁଜି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩.୫ ଲକ୍ଷ ପରୀକ୍ଷାର୍ଥୀ ଅଧିକ ନମ୍ବର ରଖିଥିବା ଜଣାପଡ଼ିଲା। ଫଳରେ ପରୀକ୍ଷା ବାତିଲ କରି ପୁନଃପରୀକ୍ଷା ପାଇଁ ଦାବି ଉଠିଲା। ମାମଲା ଶୀର୍ଷ ଅଦାଲତକୁ ଗଲା। କେତେକ କେନ୍ଦ୍ରରେ ପୁନଃ ପରୀକ୍ଷା କରାଗଲା। ସେହିବର୍ଷ ୟୁଜିସି-ନେଟ୍ ପରୀକ୍ଷା ପ୍ରଶ୍ନପତ୍ର ମଧ୍ୟ ପ୍ରଘଟ ହେଲା। ଫଳରେ ପରୀକ୍ଷା ବାତିଲ କରାଗଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏନ୍‌ଟିଏ ନିର୍ଦ୍ଦେଶକ ସୁବୋଧ କୁମାର ସିଂହଙ୍କୁ ପଦବୀରୁ ହଟାଇବାକୁ ସରକାର ବାଧ୍ୟ ହେଲେ। ଏନ୍‌ଟିଏ କାର୍ଯ୍ୟଧାରା ଅନୁଧ୍ୟାନ କରି ଆବଶ୍ୟକ ସଂସ୍କାର ସୁପାରିସ କରିବାକୁ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ୭ ଜଣିଆ କମିଟି ଗଠନ କରାଗଲା। ଏବେ ଏକ କେନ୍ଦ୍ରୀଭୂତ ଭାରତୀୟ ଉଚ୍ଚ ଶିକ୍ଷା କମିଶନ (ଏଚ୍ଇସିଆଇ) ଗଠନ କରିବାକୁ ଯାଉଛନ୍ତି।

ଦେଖାଯାଉଛି ନାକ୍ ଓ ଏନ୍ଏମ୍‌ସି ବିଶେଷଜ୍ଞ ମନୋନୟନ ରାଜନୈତିକ ଦୃଷ୍ଟିକୋଣରୁ ହେଉଛି। ଏଥିପାଇଁ ଲାଞ୍ଚ କାରବାର ମଧ୍ୟ ହେଉଛି। ଫଳରେ ଏହି ବିଶେଷଜ୍ଞମାନେ ପରବର୍ତ୍ତୀ ସମୟରେ ଦୁର୍ନୀତି ଉପାୟ ଅବଲମ୍ବନ କରି ନିକୃଷ୍ଟ ଶିକ୍ଷାନୁଷ୍ଠାନକୁ ଉତ୍କୃଷ୍ଟ ଶିକ୍ଷାନୁଷ୍ଠାନର ମାନ୍ୟତା ଦେଇ ବିପୁଳ ଅର୍ଥ ରୋଜଗାର କରୁଛନ୍ତି। ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଆଇଆଇଟି, ଆଇଆଇଏମ୍ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତାକୁ ଗ୍ରହଣ କରିନାହାନ୍ତି। ଏହାଦ୍ୱାରା କ'ଣ ସଂପୃକ୍ତ ଶିକ୍ଷାନୁଷ୍ଠାନ ମାନରେ ଅବନତି ଘଟିଯାଇଛି ? ଏଣୁ ନାକ୍ ମାନ୍ୟତା ସଂପ୍ରତି ପ୍ରହସନରେ ପରିଣତ ହୋଇଛି। ନାକ୍ ଓ ଏନ୍ଏମ୍‌ସି ସ୍ୱୀକୃତି ଆଳରେ ଯେଉଁ ଦୁର୍ନୀତି ହେଉଛି ତାହାର ନିରାକରଣ ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଆବଶ୍ୟକ। ସେହିପରି ସମସ୍ତ ପରୀକ୍ଷାକୁ ଏକକ ପରିଚାଳନା କରିବାକୁ ଯେଉଁ ପଦକ୍ଷେପ ନିଆଯାଇଛି ତାହା ବିଫଳ ହୋଇଥିବା ଏନ୍‌ଟିଏ ଅବ୍ୟବସ୍ଥାରୁ ଜଣାପଡ଼ିଛି। ଯେତେଦିନ ପର୍ଯ୍ୟନ୍ତ ପ୍ରତିଯୋଗିତା ପରୀକ୍ଷା ବିକେନ୍ଦ୍ରୀକୃତ ଥିଲା ସେଥିରେ ଅନିୟମିତତା କମ୍ ରହିଥିଲା। କେନ୍ଦ୍ରୀଭୂତ ବ୍ୟବସ୍ଥାରେ ଅସ୍ୱଚ୍ଛତା ବୃଦ୍ଧି ପାଇଛି। ଏନ୍‌ଟିଏର ଆବଶ୍ୟକ ଭିତ୍ତିଭୂମି ନାହିଁ। ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସଂସ୍ଥା ଆଉଟସୋର୍ସିଂ କରୁଛି। ସଂପୃକ୍ତ ସଂସ୍ଥାର ମଧ୍ୟ ପ୍ରଯୁକ୍ତି ଭିତ୍ତିଭୂମି ନାହିଁ। ଫଳରେ ଗୋପନୀୟତା ପ୍ରସଙ୍ଗରେ ଏହା ନିୟନ୍ତ୍ରଣ ହରାଉଛି। ଏଣୁ ସମସ୍ତ ପରୀକ୍ଷା ଏନ୍‌ଟିଏ ଦ୍ୱାରା ପରିଚାଳନା କରା ନ ଯାଇ ଏହାର ବିକେନ୍ଦ୍ରୀକରଣ କରାଯିବା ଆବଶ୍ୟକ।

ମୋ: ୯୪୩୭୨୨୯୨୩୩

# ମାଟିର ବଇରୀ ମଣିଷ



ଡ. କମଳାକାନ୍ତ ଜେନା

ପୃଥିବୀରେ ବଞ୍ଚିବା ଲାଗି ମଣିଷ ପାଇଁ ପାଣି ଓ ବାୟୁ ଯେମିତି ଜରୁରୀ, ମାଟି ବି ସେମିତି ଜରୁରୀ। କିନ୍ତୁ ମଣିଷ ହିଁ ମାଟିର ବଇରୀ ଭଳି କାମ କରିଚାଲିଛି। ଯେଉଁ ମାଟି ମଣିଷକୁ ବଞ୍ଚେଇ ରଖିଛି, ଆଜି ମଣିଷର ଅସ୍ୱାସ୍ଥ୍ୟକର ଓ ଅବିବେକୀ ବ୍ୟବହାର ସେହି ମାଟିର କ୍ଷୟ ଓ ପ୍ରଦୂଷଣକୁ ବହୁଗୁଣିତ କରିଚାଲିଛି। ଏକଥା ସତ, ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ମାଟି ଖରାପ ହୁଏ। କିନ୍ତୁ କିଛିଦିନ ଭିତରେ ପ୍ରକୃତି ସେହି ଖରାପ ମାଟିକୁ ଭଲ ମାଟିରେ ବଦଳାଇ ଦିଏ। ହେଲେ ମଣିଷର ଅବିବେକୀ କାର୍ଯ୍ୟକଳାପ ଦ୍ୱାରା ମାଟି ଥରେ ଖରାପ ହେଲା ପରେ ପ୍ରକୃତି ଦ୍ୱାରା ତାହା ସହଜରେ ଭଲ ମାଟିରେ ପରିଣତ ହୋଇପାରେ ନାହିଁ।

ମାଟିକୁ ମାଆର ସମ୍ମାନ ଦିଆଯାଏ। କାହିଁକି ନା, ମଣିଷ ମାଆ କୋଳରେ ସିନା ଜନ୍ମ ନିଏ, କିନ୍ତୁ ଖେଳେ ମାଟି ଉପରେ ଓ ବଡ଼ ହୁଏ ମାଟିର କୋଳରେ। ମାଟି ହେଉଛି ମଣିଷ ଜୀବନର ପୃଷ୍ଠଭୂମି। ସେଥିପାଇଁ ମାଟିର ଯେ କୌଣସି ପ୍ରକାରର ପରିବର୍ତ୍ତନ ମାନବ ଜାତିକୁ ପ୍ରଭାବିତ କରିବ। ମାଟି ପ୍ରଦୂଷିତ ହେଲେ ମାନବ ଜାତିର ଅଗ୍ରଗତି ବାଧାପ୍ରାପ୍ତ ହେବ। ଆମେ ଯେଉଁ ମାଟି ଦେଖୁ, ତାହା ଆଜି କି ଗତକାଲି ତିଆରି ହୋଇନାହିଁ। ଆଞ୍ଜୁଳାଏ ମାଟି ତିଆରି ହେବାପାଇଁ ଶହ ଶହ ବର୍ଷ ଲାଗିଛି। ଦୁଃଖର କଥା, ଆଜି ମାଟି ଅଛି, କିନ୍ତୁ ମଣିଷର ଅବିବେକୀ କାର୍ଯ୍ୟକଳାପ ହେତୁ ତାହାର ମାଟିତ୍ୱ ନାହିଁ। ମାଟିରେ ଅତିମାତ୍ରାରେ ବିଷାକ୍ତ ରାସାୟନିକ ଯୌଗିକ, ଲବଣ, ରୋଗ ସୃଷ୍ଟିକାରୀ ଅଣୁଜୀବ ଓ ତେଜସ୍କ୍ରିୟ ଉପାଦାନମାନ ରହି ତାକୁ ପ୍ରଦୂଷିତ କରିଛି। ମାଟିରେ ଅଧିକ ପରିମାଣରେ କାଗଜ, ଟିଣ, ପାଉଁଶ, ଧାତୁ, ପ୍ଲାଷ୍ଟିକ୍, ଯନ୍ତ୍ରାଂଶ, ସିରାମିକ୍, କାଚ, ପଲିଥିନ୍, ବିଷ୍ଠା, ସିମେଣ୍ଟ, ଇଟା, ସାର, କୀଟନାଶକ, କାଠ ଇତ୍ୟାଦି ପଦାର୍ଥ ରହିବା ଫଳରେ ତାହା ଆଉ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। କଳକାରଖାନା, କୃଷିକାର୍ଯ୍ୟ, ଘରୋଇ ଆବର୍ଜନାରୁ ବାହାରୁଥିବା ବର୍ଜ୍ୟବସ୍ତୁ ମାଟିକୁ ନଷ୍ଟ କରୁଛି। ପ୍ଲାଷ୍ଟିକ୍ ଉପକରଣ ତିଆରି କଳକାରଖାନା ଓ ବୟନ ଶିଳ୍ପରୁ ବାହାରୁଥିବା ପ୍ଲାଷ୍ଟିକ୍ ଖଣ୍ଡ, ପଲିଥିନ୍, ରଙ୍ଗ, ତୁଳାଗୁଣ୍ଡ ଓ ବିଭିନ୍ନ ରାସାୟନିକ ଦ୍ରବ୍ୟ ମାଟିରେ ମିଶି ମାଟିକୁ ଅମାଟି କରିଦେଉଛି। ଅଠା ଓ ରଙ୍ଗ ପ୍ରସ୍ତୁତକାରୀ କାରଖାନାରୁ ବାହାରୁଥିବା ଫେନଲ୍, ଫର୍ମାଲଡିହାଇଡ୍ ଓ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ମାଟିକୁ ବ୍ୟବହାର ଅନୁପଯୋଗୀ କରି ଦେଉଛି। ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ଇସ୍ପାତ କାରଖାନାରୁ ବାହାରୁଥିବା ତରଳ ଓ କଠିନ ବର୍ଜ୍ୟବସ୍ତୁ ମାଟିର ଗୁଣକୁ ନଷ୍ଟ କରୁଛି। ଖାଲି ସହର ମଣିଷ ନୁହେଁ, ଗାଆଁର ମଣିଷ ବି ଚାଷ କାମ ଛାଡ଼ିଲା ପରେ ମାଟିର ମମତାକୁ ପାସୋରି ଦେଇଛି।

ପଚାଶ ବର୍ଷ ତଳେ ଗାଆଁର ମାଟି ଓ ଗାଆଁ ମୁଣ୍ଡରେ କ୍ଷେତ ଠିକ୍ ଥିଲା। ଜମି ଚାଷ ହେଉଥିଲା। ଜମି ଥିଲା ଜୀବିକା। ତେଣୁ ମଣିଷ ମାଟିକୁ ପୂଜା କରୁଥିଲା। ମାଟିକୁ ପୂଜା କରିବା ଲାଗି ଆମ ସଂସ୍କୃତିରେ ଅନେକ ପର୍ବପର୍ବାଣି ରହିଥିଲା। ଏବେ ସମସ୍ତେ ସହରମୁହାଁ। ଯିଏ ବି ଗାଆଁରେ ରହୁଛି, ସେ ଆଉ ଚାଷ କରୁନି। ସେ କାହିଁକି ମାଟିକୁ ପୂଜା କରିବ ? ସେ କାହିଁକି ମାଟିକୁ ସମ୍ମାନ ଦେବ ? ପଚାଶ ବର୍ଷ ତଳେ ଆମର ଜେଜେ ଜେଜେମା' ନାନା ପ୍ରକାର ଉଦ୍ଭିଦର ଔଷଧୀୟ ଗୁଣ ବିଷୟରେ ଜାଣିଥିଲେ। ସେହି ଉଦ୍ଭିଦର ଚେର, ମୂଳ, ପତ୍ର, ଫୁଲ ଓ ଫଳକୁ ଖାଇ ନୀରୋଗ ରହୁଥିଲେ। କିନ୍ତୁ ଆଜି ସେହି ଗଛଲତା ଆଉ ଦେଖିବାକୁ ମିଳୁନାହିଁ। ମାଟି ଖରାପ ହେଲା ପରେ ସେସବୁ ଗଛଲତା ଲୋପ ପାଇଗଲା। ମୁଁ ଯାହା ଶୁଣିଛି, ଆଗରୁ କାମ କରୁ କରୁ ଗୋଡ଼ହାତ ଖଣ୍ଡିଆ ହେଲେ ଲୋକ କ୍ଷତସ୍ଥାନରେ ମଲମ ବଦଳରେ ମାଟି ଲଗେଇ ଦେଉଥିଲେ। ଆମକୁ କଥାଟା ଆଶ୍ଚର୍ଯ୍ୟ ଲାଗିପାରେ, କିନ୍ତୁ ମାଟି ଲଗେଇ ଦେଲେ କ୍ଷତ ଶୁଖିଯାଉଥିଲା। ସେତେବେଳର ମାଟିରେ ବୋଧହୁଏ ଔଷଧୀୟ ଗୁଣ ଥିଲା। ହେଲେ ଆଜି ସେହି ମାଟି ବିଷ ହୋଇଯାଇଛି। ସେହି ବିଷାକ୍ତ ପ୍ରଦୂଷିତ ମାଟିକୁ କ୍ଷତ ସ୍ଥାନରେ ଲଗେଇବାର ପ୍ରଶ୍ନ ଉଠୁନି। ଗତକାଲିର ଶୁଦ୍ଧ ମାଟିକୁ ମଣିଷ ହିଁ ଅଶୁଦ୍ଧ କରିଦେଇଛି। ମାଟିରେ ରାସାୟନିକ ସାର ଓ କୀଟନାଶକର ଉପସ୍ଥିତି ମଣିଷ ପାଇଁ ବିପଜ୍ଜନକ ପ୍ରମାଣିତ ହେଉଛି।

ମଣିଷର କାର୍ଯ୍ୟକଳାପ ପାଇଁ ଯେଉଁ ବିଷାକ୍ତ ଉପାଦାନ ମାଟିରେ ମିଶୁଛି, ତାହା ମାଟିରୁ ଗଛଲତା ଭିତରକୁ ପ୍ରବେଶ କରି ଶେଷରେ ମଣିଷ ଶରୀରକୁ ଯାଉଛି। ତେଣୁ ମଣିଷ ବିଭିନ୍ନ ଜଣାଅଜଣା ରୋଗର ଶିକାର ହେଉଛି। ତେଣୁ ମାଟିର ଶୁଦ୍ଧତା ଦିଗରେ ପଦକ୍ଷେପ ନେବା ଜରୁରୀ। ବିଭିନ୍ନ କିସମର ବର୍ଜ୍ୟବସ୍ତୁ ଦ୍ୱାରା ମାଟି ଖରାପ ହୁଏ। ଯେଉଁ ନିର୍ମାଣ କୌଶଳରେ କମ୍ ବର୍ଜ୍ୟବସ୍ତୁ ବାହାରିବ ଓ ମାରାତ୍ମକ ବର୍ଜ୍ୟବସ୍ତୁ ବାହାରିବ ନାହିଁ, ସେହି କୌଶଳକୁ ସ୍ୱାଗତ କରାଯାଉ। ବିପଦ ସୃଷ୍ଟିକାରୀ ଓ ବିଘଟିତ ହେଉ ନ ଥିବା ବର୍ଜ୍ୟବସ୍ତୁକୁ କମ୍ କରିବା ପାଇଁ ଉନ୍ନତ ବ୍ୟବସ୍ଥା ହେଉ। ବ୍ୟବହୃତ ଜିନିଷକୁ ଆଉ ଥରେ କଞ୍ଚାମାଲ୍ ରୂପରେ ବ୍ୟବହାର କରାଯାଇପାରିବ। ଅଦରକାରୀ ବର୍ଜ୍ୟବସ୍ତୁକୁ ଏଣେ ତେଣେ ଖୋଲାରେ ନ ପକେଇ ମାଟି ତଳେ ପୋତି ସେଥିରୁ ଦରକାରୀ କମ୍ପୋଷ୍ଟ ପ୍ରସ୍ତୁତ କରି ହେବ। ଜୀବଜନ୍ତୁ ଓ ମଣିଷଠାରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଏକତ୍ରିତ କରି ବାୟୋଗ୍ୟାସ୍ ମିଳିପାରିବ। ପାଉଁଶକୁ କୃଷିକ୍ଷେତ୍ରରେ ପ୍ରୟୋଗ କରିବା ଉଚିତ। ତାପଜବିଦ୍ୟୁତ୍ କେନ୍ଦ୍ରରୁ ବାହାରୁଥିବା ପାଉଁଶରେ ଇଟା ତିଆରି କରିହେବ। କମ୍ ବର୍ଜ୍ୟବସ୍ତୁ ବାହାରୁଥିବା କଞ୍ଚାମାଲ୍ କାରଖାନାରେ ବ୍ୟବହାର କରାଯିବ। ମାଟିକୁ ସୁସ୍ଥ ରଖିବା ସକାଶେ କଡ଼ା ଆଇନ ରହିବ। ଏମିତି କିଛି ପଦକ୍ଷେପ ନେଲେ ମାଟିର ଦୁଃଖ କିଛି ମାତ୍ରାରେ ଲାଘବ ହେବ।



**ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ, ଭଦ୍ରକ**
**ସ୍ୱୟଂଶାସିତ ସରକାରୀ କଲେଜ, ଭଦ୍ରକ**
**ମୋ:୯୪୩୯୫୦୧୬୫୧**

## ଏଇ ଭାରତରେ

ଡ. କ୍ରାନ୍ତି ମିଶ୍ରା ନିଜର ସବୁକିଛି ଦାନ କରି ଅନ୍ୟମାନଙ୍କ ଆଶାବାଡ଼ି ସାଜିଛନ୍ତି। କର୍ତ୍ତବ୍ୟ ଭିତରୁ ସମୟ ବାହାର କରି ସେ ସମାଜସେବାରେ ନିଜ ଜୀବନକୁ ସମର୍ପିତ କରି ଦେଇଛନ୍ତି। ସେ ମଧ୍ୟପ୍ରଦେଶ ସତନା ଜିଲାରେ ଥିବା ଶହୀଦ ପଦମଧର ସିଂହ କଲେଜର ହିନ୍ଦୀ ପ୍ରଫେସର ଭାବେ କାମ କରନ୍ତି। ଚାକିରିକାଳର ସମସ୍ତ ରୋଜଗାରରେ ସେ ଗରିବ ଝିଅମାନଙ୍କୁ ମାଗଣାରେ ପାଠ ପଢ଼ାଉଛନ୍ତି। କେବଳ ଏତିକି ନୁହେଁ ସେମାନଙ୍କୁ ନିଜ ଖର୍ଚ୍ଚରେ ମଧ ବିବାହ କରାଉଛନ୍ତି। ଏବେ ସୁଦ୍ଧା ୪୦ ଜଣ ଗରିବ କନ୍ୟାଙ୍କ ବିବାହ କରିସାରିଲେଣି। ୬୦ରୁ ଅଧିକ ଛାତ୍ରଙ୍କ ପାଠପଢ଼ା ଖର୍ଚ୍ଚ ବହନ କରି ସେମାନଙ୍କୁ ଆତ୍ମନିର୍ଭର କରିଛନ୍ତି। ଏହା ବ୍ୟତୀତ ସହ ସ୍ୱଚ୍ଛତା ଅଭିଯାନ, ନିଶାମୁକ୍ତି ଆନ୍ଦୋଳନ, ମହିଳା ସାକ୍ଷରତା ତଥା ଗମନାଗମନ ସୁବିଧା ଆଦି ପାଇଁ ମଧ ଡ. ମିଶ୍ରା ବିଭିନ୍ନ ସଂସ୍ଥା ମାଧ୍ୟମରେ କାମ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨ ଅଗଷ୍ଟ ୧୯୭୬

- ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଦୁର୍ନୀତି ନିରୋଧ ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ନୂତନ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିଷ୍ପତ୍ତି କରିଥିବାର ଜଣାପଡ଼ିଛି।
- ଢେଙ୍କାନାଳ ଜିଲାର ସଦର ମହକୁମାଠାରେ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ।
- କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଡଃ ଶଙ୍କର ଦୟାଲ ଶର୍ମା ରାୟପୁରଠାରେ ୨ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ମାଇକ୍ରୋୱେଭ ଟାୱାର ତିଆରି କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ଚିରନ୍ତନୀ

ବାଲୁକାଚରେ ଚକ୍ରବାକ
ଚରଇ ମହାନନ୍ଦେ
ଗୋଧୂଳି ପଥ ଅରୁଣ ଆହେ
ଚରଣ ତବ ବନ୍ଦେ
ମୋଚନ କର ବିରହ-ଶାପ
ବନ୍ଧନ ହେ ବନ୍ଧନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତିଗ୍ରସ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେଉ

ମହାଶୟ,

ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ଜଗନ୍ନାଥ ଦେଶ ଭାବେ ଏହାର ଖ୍ୟାତି ରହିଛି। ହେଲେ ରାଜ୍ୟରେ ଅନେକ ଦୁର୍ନୀତିଗ୍ରସ୍ତ କିରାଣି, ଅମିନ, ପୋଲିସ, ଅଫିସର ଏବଂ ଇଞ୍ଜିନିୟର ପ୍ରତିଦିନ ଭିଜିଲାନ୍ସ, ଇଡି ଓ ସିବିଆଇ ଦ୍ୱାରା ଧରା ହେଉଛନ୍ତି ; ଯେଉଁମାନେ କି କୋଟି କୋଟି ଟଙ୍କାର ମାଲିକ। ଚାକିରି ଜୀବନରେ ସେମାନେ ଯେତିକି ଅର୍ଥ ରୋଜଗାର କରିଥାନ୍ତି ତାହାଠାରୁ ଅନେକ ହଜାର ଗୁଣ ସମ୍ପତ୍ତି କେମିତି ଠୁଳ କଲେ ବୁଝି ହୁଏ ନାହିଁ। ସରକାରଙ୍କ ଗେଜେଟେଡ୍ ପାହ୍ୟା ଏମାନଙ୍କୁ ମିଳିଥାଏ। ଧରାପଡ଼ିବା ପରେ ଏମାନେ ମୁହଁକୁ ଘୋଡ଼ାଇ ଯେମିତି ଯାଉଛନ୍ତି ଆମକୁ ଲଜ୍ଜା ଲାଗୁଛି। କାରଣ ସେମାନଙ୍କୁ ଦେଖି ଆମେ ନମସ୍କାର କରୁଥିଲୁ ତାଙ୍କର ପଦ ପଦବୀ ଲାଗି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଚାକିରିରୁ ବହିଷ୍କାର କରାଯାଉ ଏବଂ ସମ୍ପତ୍ତି ବାଜ୍ୟାପ୍ତି ହେଉ।

**-ଅକ୍ଷୟ ମହାନ୍ତି, କଳିଙ୍ଗ ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶାହରୁଖ, ବିକ୍ରାନ୍ତ ଶ୍ରେଷ୍ଠ ଅଭିନେତା

## ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର



ବିକ୍ରାନ୍ତ ମେସି



ଶାହରୁଖ ଖାନ୍



ରାଣୀ ମୁଖାର୍ଜୀ

ନୂଆଦିଲ୍ଲୀ, ୧।୮

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ମିଡିଆ ସେଣ୍ଟରରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ବର୍ଷ ୨୦୨୩ ପାଇଁ ବିଭିନ୍ନ କ୍ଷେତ୍ରରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମକୁ ଘୋଷଣା କରାଯାଇଛି। ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ଅଭିନେତା ଶାହରୁଖ ଖାନ୍ ଏବଂ ବିକ୍ରାନ୍ତ ମେସି ଯୁଗ୍ମ ଭାବେ ଶ୍ରେଷ୍ଠ ଅଭିନେତା ସମ୍ମାନ ପାଇବେ। ଏଟଲୀ କୁମାରଙ୍କ ନିର୍ଦ୍ଦେଶିତ ଆକ୍ସନ ଥ୍ରୀଲର ଫିଲ୍ମ 'ଯୱାନ' ପାଇଁ ଶାହରୁଖଙ୍କ ନାମକୁ ଘୋଷଣା କରାଯାଇଛି। ବଲିଉଡ୍‌ରେ ନିଜ ୩୩ ବର୍ଷର ଲମ୍ବା କ୍ୟାରିୟରରେ ଶାହରୁଖ୍ ପ୍ରଥମ ଥର ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିବେ। 'ଟୁଏଲ୍‌ଭ୍‌ଥ ଫେଲ୍' ଫିଲ୍ମ ପାଇଁ ଅଭିନେତା ବିକ୍ରାନ୍ତ ମେସିଙ୍କ ନାମ ଘୋଷଣା କରାଯାଇଛି। ଅସୀମା

### ରାଣୀ ମୁଖାର୍ଜୀ ଶ୍ରେଷ୍ଠ ଅଭିନେତ୍ରୀ

ଚିବ୍ବରଙ୍କ ନିର୍ଦ୍ଦେଶିତ 'ମିସେସ୍ ଚାଟାର୍ଜି ଭର୍ସେସ୍ ନରୱେ' ଫିଲ୍ମ ପାଇଁ ଅଭିନେତ୍ରୀ ରାଣୀ ମୁଖାର୍ଜୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ମନୋନୀତ କରାଯାଇଛି। ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ବିଧୁ ବିନୋଦ ଚୋପ୍ରାଙ୍କ ନିର୍ଦ୍ଦେଶିତ 'ଟୁଏଲ୍‌ଭ୍‌ଥ ଫେଲ୍' ଫିଲ୍ମ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ସମ୍ମାନିତ ହେବ। 'ଦି କେରଳ ଷ୍ଟୋରି' ଫିଲ୍ମ ପାଇଁ ନିର୍ଦ୍ଦେଶକ ସୁଦୀପ୍ତ ସେନ୍‌ଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ମନୋନିତ କରାଯାଇଛି। ସୁସ୍ଥ ମନୋରଞ୍ଜନ ପାଇଁ ଲୋକପ୍ରିୟ ଫିଲ୍ମ ଭାବେ ଫିଲ୍ମ ନିର୍ମାତା କରନ୍ ଜୋହରଙ୍କ 'ରକି ଔର୍ ରାନୀ କି ପ୍ରେମ୍ କାହାନୀ' ଫିଲ୍ମ ମନୋନୀତ ହୋଇଥିବାବେଳେ ମେଘନା ଗୁଲଜାରଙ୍କ 'ସାମ ବାହାଦୁର' ଫିଲ୍ମକୁ ଜାତୀୟତାବାଦ, ପରିବେଶଗତ ଏବଂ ସାମାଜିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରୁଥିବା ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ମନୋନୀତ କରାଯାଇଛି।

# ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବେ ଦିବ୍ୟା ଦତ୍ତା

ହାଇଦ୍ରାବାଦ

ବଲିଉଡ୍ ଅଭିନେତ୍ରୀ ଦିବ୍ୟା ଦତ୍ତା ଖୁବ୍‌ଶୀଘ୍ର ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବାକୁ ଯାଉଛନ୍ତି। 'ମାୟାସଭା' ନାମକ ଏକ ତେଲୁଗୁ ୱେବ୍ ସିରିଜ୍‌ରେ ତାଙ୍କୁ ଦେଖିବାକୁ ମିଳିବ। ଗୁରୁବାର ଏହାର ଟ୍ରେଲରକୁ ଜାରି କରାଯାଇଛି। ଉକ୍ତ ଟ୍ରେଲରକୁ ଦିବ୍ୟା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଟ୍ରେଲରରେ ଦିବ୍ୟାଙ୍କୁ ଜଣେ ରାଜନେତାଙ୍କ ଭୂମିକାରେ ଦେଖିବାକୁ ମିଳିଛି। କ୍ୟାପ୍‌ଶନ୍‌ରେ ସେ ଲେଖିଛନ୍ତି, ଏକ ଏପରି କାହାଣୀ ଯାହା ରାଜ୍ୟର ଭାଗ୍ୟ ବଦଳାଇପାରିଛି। ତେଲୁଗୁ ଇଣ୍ଡଷ୍ଟ୍ରିରେ ନିଜ ଡେବ୍ୟୁକୁ ନେଇ ଏକ ସାକ୍ଷାତ୍‌କାରରେ ଦିବ୍ୟା କହିଛନ୍ତି, ସେ ଲମ୍ବା ସମୟ ହେବ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ କାର୍ଯ୍ୟ କରିବାକୁ ଚାହୁଁଥିଲେ। 'ମାୟାସଭା' ୱେବ ସିରିଜ୍ ଦ୍ୱାରା ତାଙ୍କର ଉକ୍ତ ଇଚ୍ଛା ପୂରଣ ହୋଇଛି। ତେଣୁ ସିରିଜ୍‌ର ନିର୍ମାତା, ନିର୍ଦ୍ଦେଶକ ଏବଂ ଅନ୍ୟ କ୍ରିଉ ସଦସ୍ୟଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଜନୈତିକ ପୃଷ୍ଠଭୂମିକୁ ନେଇ ଆଧାରିତ 'ମାୟାସଭା' ସିରିଜ୍ ଆସନ୍ତା ୭ରୁ ଓଟିଟି ପ୍ଲାଟ୍‌ଫର୍ମ ସୋନି ଲିଭ୍‌ରେ ଷ୍ଟ୍ରିମିଂ ହେବ। ପ୍ରକାଶ ଯେ, ୪୭ ବର୍ଷୀୟା ଦିବ୍ୟା 'ବୀର୍ ଜାରା', 'ବଦଲାପୁର', 'ଛାବା' ପରି ଅନେକ ସୁପରହିଟ୍ ବଲିଉଡ୍ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କର ପ୍ରଶଂସା ସାଉଣ୍ଟିଛନ୍ତି।



# ୮ ପୁରୁଷଙ୍କୁ ବାହାହୋଇ ଅନେକ ଲକ୍ଷ ଲୁଟିଥିଲେ

ନାଗପୁର

ମହାରାଷ୍ଟ୍ରର ନାଗପୁରରେ ପୋଲିସ ଜଣେ ଲୁଣ୍ଠନକାରୀ ବୋହୂଙ୍କୁ ଗିରଫ କରିଛି। ସେ ଜଣେ କି ୨ ଜଣ ନୁହେଁ, ଜଣକ ପରେ ଜଣେ ଏପରି ୮ ଜଣଙ୍କୁ ବିବାହ କରି ଅନେକ ଲକ୍ଷ ଟଙ୍କା ଲୁଟିଥିଲେ। ସମୀରା ଫତିମା ନାମ୍ନୀ ଏହି ମହିଳା ପରବର୍ତ୍ତୀ ଟାର୍ଗେଟ ତଲାସରେ ଥିଲାବେଳେ ଗିରଫ ହୋଇଥିବା ପୋଲିସ ଅଧିକାରୀ କହିଛନ୍ତି। ସମ୍ଭାବ୍ୟ ୯ମ ବରକୁ ଭେଟିବା ବେଳେ ସେ ଧରାପଡ଼ିଥିଲେ। ପ୍ରାଥମିକ ତଦନ୍ତ ଅନୁଯାୟୀ, ଅଭିଯୁକ୍ତ ମହିଳା ଜଣକ ସ୍ୱାମୀମାନଙ୍କୁ ବ୍ଲାକ୍‌ମେଲ୍ କରି ସେମାନଙ୍କୁଠାରୁ ଟଙ୍କା ଶୋଷଣ କରୁଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରିପୋର୍ଟ ଅନୁଯାୟୀ ସମୀରା ଜଣେ ଶିକ୍ଷିତା ଓ ପେସାରେ ଜଣେ ଶିକ୍ଷୟିତ୍ରୀ। ସେ ବିଭିନ୍ନ ସ୍ୱାମୀଙ୍କଠାରୁ ଅର୍ଥ ଶୋଷଣ ପାଇଁ ଏକ ଗ୍ୟାଙ୍ଗ୍ ସହ କାମ କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ୧୫ ବର୍ଷ ମଧ୍ୟରେ ସମୀରା ଅନେକ ଧନୀ ଓ ବିବାହିତ ମୁସଲମାନ ପୁରୁଷଙ୍କୁ ପ୍ରଲୋଭିତ କରିଥିଲେ। ସେ ଜଣେ ସ୍ୱାମୀଠାରୁ ୫୦ ଲକ୍ଷ ଟଙ୍କା ଲୁଟିଥିବାବେଳେ ଅନ୍ୟ ଜଣକଠାରୁ ୧୫ ଲକ୍ଷ ଟଙ୍କା ଶୋଷଣ କରିଥିଲେ।



ସମୀରା ଫତିମା

# ୪୩ତମ ପ୍ରପୋଜ୍‌ରେ ଗର୍ଲଫ୍ରେଣ୍ଡଙ୍କ ହଁ



ଲ୍ୟୁକ୍ ୱିନଟ୍ରିପ୍‌ଙ୍କ ସହ ସାରା।

ଲଣ୍ଡନ

ବ୍ରିଟେନ୍‌ର ଲ୍ୟୁକ୍ ୱିନଟ୍ରିପ୍ (୩୬) ଗତ ୭ ବର୍ଷ ମଧ୍ୟରେ ତାଙ୍କ ଗର୍ଲଫ୍ରେଣ୍ଡ ସାରା (୩୮)ଙ୍କୁ ୪୨ଥର ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ ମଧ୍ୟ ପ୍ରତିଥର ସାରା ଉକ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ତେବେ ଚଳିତ ବର୍ଷ ପ୍ରାରମ୍ଭରେ ଲ୍ୟୁକ୍ ୪୩ତମ ଥର ପାଇଁ ସାରାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ, ଯାହାକୁ ସାରା ଗ୍ରହଣ କରିଥିଲେ।

୨୦୧୮ରେ ୬ ମାସ ଧରି ରିଲେଶନ୍‌ଶିପ୍‌ରେ ରହିବା ପରେ ଲ୍ୟୁକ୍ ସାରାଙ୍କୁ ପ୍ରଥମଥର ପାଇଁ ବିବାହ ପ୍ରସ୍ତାବ ଦେଇଥିଲେ। ତେବେ ସାରା ଉକ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ଯେକୌଣସି ବଡ଼ ନିଷ୍ପତ୍ତି ନେବା ପୂର୍ବରୁ ସାରା ଭଲ ଭାବେ ଚିନ୍ତା କରିବାକୁ ଚାହୁଁଥିଲେ। ତେବେ ସାରାଙ୍କ ମନ ଜିଣିବା ପାଇଁ ଲ୍ୟୁକ୍ ନିଜ ପ୍ରୟାସ ଜାରି ରଖିଥିଲେ। ପ୍ରତ୍ୟେକ ଥର ସେ ବିଭିନ୍ନ ନୂତନ ଉପାୟରେ ସାରାଙ୍କୁ ପ୍ରପୋଜ୍ କରୁଥିଲେ। କେତେବେଳେ କୌଣସି ଐତିହାସିକ ଦୁର୍ଗରେ ତ କେତେବେଳେ କ୍ୟାଣ୍ଡେଲଲାଇଟ୍ ଡିନର ଏବଂ କେବେ କେବେ ବିଭିନ୍ନ ଦ୍ୱୀପରେ ସେ ସାରାଙ୍କୁ ପ୍ରପୋଜ୍ କରିଥିଲେ।

ଚଳିତ ବର୍ଷ ପ୍ରାରମ୍ଭରେ ଲଣ୍ଡନର ଗ୍ରୀନ୍‌ୱିଚ୍‌ଠାରେ ଲ୍ୟୁକ୍‌ଙ୍କ ୪୩ତମ ପ୍ରପୋଜ୍‌କୁ ସାରା ଗ୍ରହଣ କରିଥିଲେ ଏବଂ ତାଙ୍କସହ ବିବାହ କରିବାକୁ ରାଜି ହୋଇଥିଲେ। ଗତ ମେ' ୧୭ରେ ଜାମାଇକାରେ ଉଭୟେ ଡେଷ୍ଟିନେଶନ୍ ୱେଡିଂ କରିଥିଲେ।

TP SOUTHERN ODISHA DISTRIBUTION LIMITED
(Procurement Department)
TPSODL

BPR North Star Building,
2nd Floor, Khodasingi, Berhampur, Odisha-760010

NOTICE INVITING TENDER

Dt.: 02.08.2025

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for shifting of HT & LT lines with S/S due to construction of Flyover at Gate bazar Chowk, Berhampur | TPSODL/OT/2025-26/2500001031 | 7,00,000/- | 5,000 | 11.08.2025; 18:00 Hrs. |
| 2 | Rate Contract for Hiring Services of Commercial Vehicles at Various Locations, TPSODL, Odisha. | TPSODL/OT/2025-26/2500001033 | 5,00,000/- | 5,000 | 11.08.2025; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

CAREER APPOINTMENT
ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm

PAY FOR 1, GET 1 FREE

For Bookings
Call : 0674-2580385
Email : advt@dharitri.com

REQUIRED

Contract Specialist, Designers, Architect, Project Managers, DPM, Site Engineers, Surveyors, QS, QC for Civil (Roads, Bridges, Buildings, Pipelines, STP/WTP & OTH) Works and experienced Mechanical Staff, Accountants, HR, CA, Social Expert, Purchase & Stores @ Telangana & PAN India. Preference: Male.

CONTACT:
hr.hyd@keystoneinfra.com, 9393645644 | 7901031633

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
|---|---|---|
| ACCOUNTS EXECUTIVES | ▸ Candidates should have at least 3 years+ experience in the field of Accounts. ▸ Experience should include cash register maintenance, day to day accounting, MIS, Verification of Bills and Tally entry. ▸ Proficiency in MS Excel, MS Word & Tally is a must. | BHUBANESWAR |
| CIRCULATION EXECUTIVES | ▸ 2-3 years sales experience in print media. ▸ Oversee distribution to subscribers, retailers & customers. ▸ Willingness to travel & keep in touch with agents. Collection of outstanding dues. Own bike or transport will be preferred. ▸ Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

GOVERNMENT OF ODISHA
OFFICE OF THE EXECUTIVE ENGINEER, P.H. DIVISION, BALASORE
Phone : 9438660004, e-mail : eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.29.07.2025

No.C-779 : The Superintending Engineer, P.H. Division, Balasore on behalf of Governor of Odisha, invites Item Rate bids in Double cover system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Class of contractor | Period of Completion | Availability of bid documents for online bidding | | Last date and time of seeking Clarification | Date & Time of opening of technical bid |
|---|---|---|---|---|---|---|---|---|---|
| | | | | | | From | To | | |
| 1 | Supply of ISI Marked DI (K7/K9) pipes for the work laying of clear water rising main DI K9 to all zonal reservoirs of Balasore Municipality from MBR | SEPHBLS-06 dt.29.07.2025 | 595.53 | Manufacturer | 60 (Sixty Days) | 11:00 Hrs. of dt.05.08.2025 | 17:00 Hrs. of dt.20.08.2025 | 17:00 Hrs. of 14.08.2025 | 11:00 Hrs. of 21.08.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid : The Superintending Engineer, P.H. Division, Balasore - 756056, Odisha, Phone : 9438660004

OIPR-13053/11/0027/2526 Sd./- Superintending Engineer, P.H.Division, Balasore

See Career Appointment on every Wednesday & Saturday

WANTED

Marketing Staff for a Reputed Real Estate Company on the Basis of Monthly Salary of Rs.10,000/- per Month. Kindly Contact- At: SPPL, N1/200, IRC Village, Nayapalli, Bhubaneswar-15, Cell: 9937605789

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to visit Website

ସିଆର୍‌ପି ସିଏସ୍‌ଏ - XV

ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)

ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ

ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ **କଷ୍ଟମର ସର୍ଭିସ୍ ଆସୋସିଏଟ୍ସ** [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି।

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ସମୟରେଖା |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

**ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।**

ସିଆର୍‌ପି ସିଏସ୍‌ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ।

ମୁମ୍ବାଇ
ତାରିଖ: ୦୧.୦୮.୨୦୨୫ ନିର୍ଦ୍ଦେଶକ

Azadi Ka Amrit Mahotsav — G20

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

RECRUITMENT NOTICE

Applications are invited from the eligible candidates for the following posts:

Adv. No.: AD6B10/07/2025 Dated: 31.07.2025
(Regular Posts for SVNIRTAR, Cuttack)

| Sl. No. | Name of the Post | Pay Matrix Level | Category | No. of posts |
|---|---|---|---|---|
| 1 | Nursing Sister | Level-08(Group - B) | UR | 01 |
| 2 | Clinical Psychologist-cum- Junior Lecturer | Level-07(Group - B) | UR | 01 |
| 3 | Demonstrator (Physiotherapy) | Level-06(Group - B) | UR | 01 |
| 4 | Demonstrator (Prosthetics & Orthotics) | Level-06(Group - B) | OBC | 01 |
| 5 | Junior Store Keeper | Level-02(Group - C) | UR | 01 |

Adv. No.: AD6B19/08/2025 Dated: 31.07.2025
(Consultant Posts for SVNIRTAR, Cuttack & CRCSRE- Shillong)

| Sl. No. | Name of the post | Consolidated monthly remuneration | No. of posts |
|---|---|---|---|
| 01 | Assistant Professor (Clinical Psychology) (Consultant) | Rs.75,000/- | 02 (1 - SVNIRTAR, Cuttack) (1 - CRCSRE, Shillong) |

The aspiring applicants fulfilling the eligibility criteria in all respect may send their applications as per prescribed format to **"The Director, Swami Vivekanand National Institute of Rehabilitation Training & Research, At-Olatpur, PO: Bairoi, Dist- Cuttack, Odisha, Pin-754010"**.The detailed advertisement, terms and conditions, educational qualification and experience criteria, application form, etc. can be downloaded from the official websites i.e. https://svnirtar.nic.in / https://crcguwahati.nic.in,https://crcranchi.nic.in & https://crcshillong.nic.in/.

Sd/-
Director

महानिदेशक एवं पुलिस महानिरीक्षक का कार्यालय, झारखण्ड, राँची।
सूचना पट्ट निविदा आमंत्रण सूचना सं0– 11/2025–26

**Poly Carbonate Lathi – 450 Nos.** की आपूर्ति हेतु GST निबंधित फर्मो से दिनांक -11.08.2025 को समय - 16:00 बजे तक मुहरबन्द निविदाएं आमंत्रित की जाती है :–

नियम एवं शर्ते :–

1. ईच्छुक फर्म अपने लेटर पैड पर निविदा दो भागों – तकनीकी एवं वित्तीय भाग में देंगे। तकनीकी भाग में GST, पैन नम्बर तथा पूर्व में किसी सरकारी संस्थानों में समान/समरूप उपकरण आपूर्ति संबंधी प्रमाण–पत्र की छाया प्रति संलग्न करना अनिवार्य होगा।
2. परिशिष्ट–01 के रूप में संलग्न विहित प्रपत्र के अनुसार वित्तीय भाग समर्पित करेंगे। वित्तीय भाग में अंकित दर अंको/अक्षरों में होगी और उसमें कोई कटींग अथवा ओभर राईटींग मान्य नहीं होगा। ऐसी निविदा को अस्वीकृत कर दिया जायेगा।
3. **Poly Carbonate Lathi** का **Specifications** परिशिष्ट –02 के रूप में संलग्न है। उक्त Specifications के अनुरूप सामग्रियों की आपूर्ति करना अनिवार्य होगा। Specifications के अनुरूप सामग्रियों की आपूर्ति नहीं करने पर आपूर्ति स्वीकार नहीं किया जायेगा।
4. क्रयादेश निर्गत करने से पूर्व Procurement Committee आवश्यकतानुसार नमूना की माँग कर सकती है।
5. **Poly Carbonate Lathi** की आपूर्ति केन्द्रीय भण्डार, होटवार, राँची में करना अनिवार्य होगा।
6. निविदा के दोनों भाग (तकनीकी एवं वित्तीय) को अलग–अलग लिफाफा में सील कर दोनों के उपर अलग–अलग यथा "तकनीकी भाग" एवं "वित्तीय भाग" लिख कर एक अन्य लिफाफा में डालकर और उसे भी सील कर अधोहस्ताक्षरी के पदनाम से भेजना होगा। लिफाफा के उपर फर्म का नाम लिखा रहना अनिवार्य होगा।
7. निविदा का तकनीकी भाग एवं वित्तीय भाग दिनांक- 12.08.2025 को समय-12:00 बजे **Procurement Committee** के समक्ष अधोहस्ताक्षरी के कार्यालय कक्ष में खोली जायेगी। निविदा खुलने के समय निविदादाता या उनके प्रतिनिधि उपस्थित रह सकते हैं। जिस निविदादाता का तकनीकी भाग सही पाया जायेगा, केवल उन्हीं का वित्तीय भाग Procurement Committee के समक्ष खोली जायेगी।
8. निविदा समर्पित करने के पश्चात् निविदा से संबंधित किसी प्रकार का कागजात स्वीकार नहीं किया जायेगा।
9. महानिदेशक एवं पुलिस महानिरीक्षक, झारखण्ड, राँची को यह अधिकार सुरक्षित होगा कि बिना कारण बताये निविदा को रद्द कर सकेंगे।
10. सम्पूर्ण निविदा दस्तावेज (परिशिष्ट–01 एवं 02 सहित) झारखण्ड पुलिस के वेबसाईट www.jhpolice.gov.in पर उपलब्ध है। कार्यालय दिवस के दौरान पुलिस मुख्यालय, झारखण्ड, राँची से भी सम्पूर्ण निविदा दस्तावेज प्राप्त कर सकते हैं।

पुलिस महानिरीक्षक (प्रोविजन),
झारखण्ड, राँची।

PR 358730 Police(25-26)D

# ଲାଭ ସତ୍ତ୍ୱେ ଓଟିଡିସିକୁ ଘରୋଇକରଣ ମସୁଧା


ସମ୍ମିଳନୀ କକ୍ଷରେ ତାଲା ପକାଯିବା ପରେ ଉତ୍କଳ ପର୍ଯ୍ୟଟନ ନିଗମ ଏମ୍ପ୍ଲଇଜ୍ ଆସୋସିଏଶନ୍ ପକ୍ଷରୁ ବାହାରେ ଖବରଦାତା ସମ୍ମିଳନୀ କରାଯାଉଛି।

### ଆଗୁଆ ବୁକିଂ ସତ୍ତ୍ୱେ ସମ୍ମିଳନୀ କକ୍ଷରେ ତାଲା ପକାଇଦେଲେ କର୍ତ୍ତୃପକ୍ଷ

ଉତ୍କଳ ପର୍ଯ୍ୟଟନ ନିଗମ ଏମ୍ପ୍ଲଇଜ୍ ଆସୋସିଏଶନ୍ ପକ୍ଷରୁ ଓଟିଡିସିର ଘରୋଇକରଣ ଏବଂ ଅନ୍ୟାନ୍ୟ ସମସ୍ୟା ନେଇ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିପାଇଁ ପାନ୍ଥନିବାସର କଳିଙ୍ଗ କନ୍‌ଭେନସନ୍ ହଲ୍ ବୁକିଂ କରାଯାଇଥିଲା। ୪ଘଣ୍ଟା ପାଇଁ ଆସୋସିଏଶନ୍ ପକ୍ଷରୁ ଅନ୍‌ଲାଇନ୍ ମାଧ୍ୟମରେ ୧୪,୧୬୦ଟଙ୍କା ପଇଠ କରାଯାଇଥିଲା। ତେବେ ଖବରଦାତା ସମ୍ମିଳନୀର କିଛି ସମୟ ପୂର୍ବରୁ ଓଟିଡିସି ପରିଚାଳନା କମିଟି ପକ୍ଷରୁ ହଲ୍‌କୁ ତାଲା ପକାଇ ଦିଆଯାଇଥିଲା। ଏନେଇ ପଚାରିବାରୁ ଲାଇନ୍ ବ୍ୟବସ୍ଥା ଠିକ୍ ନ ଥିବା ସଫେଇ ଦିଆଯାଇଥିଲା। ଫଳରେ ବାହାରେ ପାନ୍ଥନିବାସ ପରିସରରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଟିଡିସିର ମନମୁଖୀ କାର୍ଯ୍ୟନେଇ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରାଯାଉଥିବାରୁ ଜାଣିଶୁଣି ଏଭଳି କରାଯାଇଥିବା ଆସୋସିଏଶନ୍ ପକ୍ଷରୁ ଅଭିଯୋଗ କରାଯାଇଛି।

ଭୁବନେଶ୍ୱର, ୧।୮ (ବନ୍ଦନା ସେଠୀ)

**ବିରୋଧ କଲା ଉତ୍କଳ ପର୍ଯ୍ୟଟନ ନିଗମ ଏମ୍ପ୍ଲଇଜ୍ ଆସୋସିଏଶନ୍**

**କମ୍ପାନୀ ସେକ୍ରେଟାରୀ ପ୍ରଶାନ୍ତ ପଣ୍ଡାଙ୍କ ନିଯୁକ୍ତି ବେଆଇନ**

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ରାଜ୍ୟ ସରକାରଙ୍କର ଏକ ଲାଭଦାୟକ ସଂସ୍ଥା ଭାବେ କାର୍ଯ୍ୟ କରୁଛି। ୨୦୧୧ ଡିସେମ୍ବର ୨୦ର ପିଇ ଡିପାର୍ଟମେଣ୍ଟ ସର୍କ୍ୟୁଲାର ନଂ. ୪୭୩୩ ଦ୍ୱାରା ଓଟିଡିସି ବ୍ରୋଞ୍ଜ ଶ୍ରେଣୀକୁ ମନୋନୀତ ହୋଇଥିବାବେଳେ ୨୦୨୪-୨୫ରେ ୧୧୮କୋଟି ୩୪ଲକ୍ଷ ଟଙ୍କାର କାରବାର କରି ସିଲ୍‌ଭର୍ ଶ୍ରେଣୀରେ ପହଞ୍ଚିଛି। ତେବେ ଏତେ ଲାଭରେ ଚାଲିଥିଲେ ହେଁ ଏହାର ପରିଚାଳନା କମିଟି ଓଟିଡିସିର କିଛି ୟୁନିଟ୍‌କୁ ଘରୋଇକରଣ କରିବାକୁ ଲାଗିପଡିଛନ୍ତି। ସେହିପରି ଆଗାମୀ ଦିନରେ ଅନ୍ୟ ସମସ୍ତ ୟୁନିଟ୍‌କୁ ମଧ୍ୟ ଘରୋଇକରଣ କରିବାକୁ ଷଡ଼ଯନ୍ତ୍ର ଚାଲିଥିବା ଉତ୍କଳ ପର୍ଯ୍ୟଟନ ନିଗମ ଏମ୍ପ୍ଲଇଜ୍ ଆସୋସିଏଶନ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଶୁକ୍ରବାର ଆସୋସିଏଶନ୍ ପକ୍ଷରୁ ପାନ୍ଥନିବାସ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଟିଡିସିର ବିଭିନ୍ନ ୟୁନିଟ୍‌କୁ ଘରୋଇକରଣରୁ ବାଦ୍ ଦେବା ଉପରେ ଆସୋସିଏଶନ୍ ପକ୍ଷରୁ ଦାବି କରାଯାଇଥିଲା। ସେହିପରି ଓଟିଡିସିରେ ନିଯୁକ୍ତି ହୋଇଥିବା କମ୍ପାନୀ ସେକ୍ରେଟାରୀ ପ୍ରଶାନ୍ତ ପଣ୍ଡାଙ୍କ ନିଯୁକ୍ତି ବେଆଇନ୍ ଭାବେ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ନିଯୁକ୍ତିରେ ଓସିଏ ରୁଲ୍-୫୨ ନିୟମକୁ ଉଲ୍ଲଘଂନ କରାଯାଇଛି। ତେଣୁ ସେକ୍ରେଟାରୀଙ୍କ ନିଯୁକ୍ତିକୁ ବାତିଲ୍ କରିବା ସହ ଏନ୍‌ଏମ୍‌ଆର୍/ ଡିଏଲ୍‌ଆର୍ ଏବଂ କଣ୍ଟ୍ରାକ୍ଟୁଆଲ୍ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି, ଆଉଟ୍‌ସୋର୍ସ କର୍ମଚାରୀଙ୍କ ବେତନ ଜିଏ ଡିପାର୍ଟମେଣ୍ଟର ରିଜୋଲ୍ୟୁଶନ ନଂ. ୭୯୮୨ ଅନୁଯାୟୀ ପ୍ରଦାନ କରିବାକୁ ଦାବି କରାଯାଇଛି। ସମ୍ମିଳନୀରେ ଆସୋସିଏଶନ୍‌ର ସଭାପତି ଶିବାନନ୍ଦ ରାୟ, କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ର, ସାଧାରଣ ସମ୍ପାଦକ ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱସ୍ତରୀୟ ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ, ଗବେଷଣା କେନ୍ଦ୍ର ପାଇଁ ରୋଡ୍‌ମ୍ୟାପ ହେବ

ଭୁବନେଶ୍ୱର, ୧।୮ (ବନ୍ଦନା ସେଠୀ)

**ବସିଲା ଉଚ୍ଚସ୍ତରୀୟ ବୈଠକ**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱସ୍ତରୀୟ ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ, ପାଠାଗାର ଓ ସଂସ୍କୃତି ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଉପରେ ବିଚାର ବିମର୍ଶ କରାଯାଇଥିଲା। ଏଥିସହ ଏକ ସମନ୍ୱିତ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରାଯିବ। ସହରାଞ୍ଚଳ ଭିତ୍ତିଭୂମି ବୃଦ୍ଧି ସହ ପୁରୀର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ ରଖିବାର ଗୁରୁତ୍ୱ ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ସେହିପରି ପୁରୀର ପବିତ୍ରତାକୁ ସମ୍ମାନ ଦେବା ଏବଂ ବିକଶିତ ଓଡ଼ିଶାର ପରିକଳ୍ପନା ଅନୁଯାୟୀ ଏହାର ସମୃଦ୍ଧ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। ସାଂସ୍କୃତିକ ଗୌରବ, ଐତିହ୍ୟ ସଂରକ୍ଷଣ ଏବଂ ସହରାଞ୍ଚଳ ରୂପାନ୍ତରକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ ବ୍ୟାପକ ଏଜେଣ୍ଡା ସହିତ ମେଳ ଖାଉଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବା ପାଇଁ ଏବେ ଏକ ବିସ୍ତୃତ ପ୍ରକଳ୍ପ ଯୋଜନା ପ୍ରସ୍ତୁତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ବୈଠକରେ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂହ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ମହାନଗର ନିଗମ ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଭୌମନଗର ହାଟ ବ୍ୟବସାୟୀ ସଂଘର ବୈଠକ

ଭୁବନେଶ୍ୱର, ୧।୮ (ବନ୍ଦନା ସେଠୀ)

ୟୁନିଟ୍-୪ ଭୌମନଗର ହାଟ ବ୍ୟବସାୟୀ ସଂଘ ଭୁବନେଶ୍ୱରର ବାର୍ଷିକ ସାଧାରଣ ସଭା ବୈଠକ ଶୁକ୍ରବାର ଗଣେଶ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ବିଭିନ୍ନ ପ୍ରସଙ୍ଗ ସହ ଆସନ୍ତା ଗଣେଶ ମହୋତ୍ସବ ଓ ନିର୍ବାଚନ ସମ୍ବନ୍ଧୀୟ ଆଲୋଚନା ହୋଇଥିଲା। ସଂଘ ଉପସଭାପତି ସରୋଜ କୁମାର ରାଉତଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳିତ ହୋଇଥିଲା। ସଂଘ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପାତ୍ର ବାର୍ଷିକ ବିବରଣୀ ପାଠ ସହ ସଭାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସଂଘର ସମ୍ପାଦକ ବଦ୍ରିନାରାୟଣ ମିଶ୍ର ଉଭୟ ଗଣେଶ ମହୋତ୍ସବ ଓ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ଉପଦେଷ୍ଟା ଦଣ୍ଡପାଣି ନାୟକ ବାର୍ଷିକ ସାଧାରଣ ସଭା ସହିତ ଗଣେଶ ମହୋତ୍ସବ ଓ ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ହାଟର ସମସ୍ତ ବରିଷ୍ଠ ବ୍ୟବସାୟୀ, ସଂଘ ସଦସ୍ୟାସଦସ୍ୟ ଯୋଗ ଦେଇ ନିଜ ସମସ୍ୟା ଓ ସଭା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ସଂଘର ସଦସ୍ୟ ପ୍ରଦୀପ କୁମାର ବାରିକ, ସନ୍ତୋଷ ସାମଲ ଏବଂ ସେକ ସାଜିଦ ପ୍ରମୁଖ ଉପସ୍ଥିତ ଥିଲେ।


ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ଆୟୋଜିତ ଉତ୍ସବରେ ଓଡ଼ିଶୀ ଗୁରୁ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀରଙ୍କୁ 'ଗୁରୁ ସୁଧାକର ସାହୁ ପୁରସ୍କାର' ପ୍ରଦାନ କରାଯାଉଛି।

# ଓୟୁଟିଆର୍‌ରେ ଛାତ୍ରୀଛାତ୍ରଙ୍କ ଓରିଏଣ୍ଟେଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧।୮ (ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର୍)ର ସ୍କୁଲ ଅଫ୍ ବେସିକ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟି ବିଭାଗ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉଦ୍ଦେଶ୍ୟରେ ଏକ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ଡ. ବିଭୂତି ଭୂଷଣ ବିଶ୍ୱାଳ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଶ୍ୱବିଦ୍ୟାଳୟ ଡିନ୍(ଏକାଡେମିକ୍ସ) ଡ. ଏ.ଏନ୍. ଆଚାର୍ଯ୍ୟ ଓ ଡିନ୍(ପିଜି ଏସ୍‌ଆର୍) ଡ. ଅରୁଣା ତ୍ରିପାଠୀ ଉପସ୍ଥିତ ରହି ଶିକ୍ଷାର ଗୁଣବତ୍ତା ଓ ବୃହତ୍ ଅନୁସନ୍ଧାନ ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀ ଡ. ବିଜ୍ଞାନ ରଞ୍ଜନ ଦାସ, ଡ. ବବିତା ଓଝା ଓ ଡ. ପି.କେ. ମିଶ୍ର ବିଭାଗର ପଢ଼ାପଢ଼ି ପ୍ରଣାଳୀ, ଶିକ୍ଷକଙ୍କ ପାଠପଢ଼ା ଓ ଗବେଷଣା ସହଯୋଗ ବିଷୟରେ କହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ଆଲୋଚନା ଓ ପ୍ରଶ୍ନୋତ୍ତର ସତ୍ର ଅନୁଷ୍ଠିତ ହୋଇଥିଲା।

# କଳାକାରଙ୍କୁ ସମ୍ବର୍ଦ୍ଧିତ କଲା ଓଡ଼ିଶା ମ୍ୟୁଜିକ୍ ହେରିଟେଜ

ଭୁବନେଶ୍ୱର, ୧।୮ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ମ୍ୟୁଜିକ୍ ହେରିଟେଜ୍ ସାଂସ୍କୃତିକ ଅନୁଷ୍ଠାନର ୪ର୍ଥ ବାର୍ଷିକ ଉତ୍ସବ ଶୁକ୍ରବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତବଲା ବାଦକ ଗୁରୁ ତାପସ କୁମାର ସାହୁ, କି-ବୋର୍ଡ ବାଦକ ଗୁରୁ ଧୃତିମୟ ବେହେରା, ଅକ୍ଟାପ୍ୟାଡ ବାଦକ ଶରତ କୁମାର ସାଇଁ ଏବଂ ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ସାନ୍ତନୁ ନାୟକ ପ୍ରମୁଖ କଳାକାରଙ୍କୁ ଓଡ଼ିଆ ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ ଅନୁଷ୍ଠାନ ପକ୍ଷରୁ ପୁଷ୍ପ ବୃକ୍ଷ, ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରି ସନ୍ଧ୍ୟାକୁ ଉତ୍ସବ ମୁଖରିତ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଶୀ ସଙ୍ଗୀତ ଗୁରୁ କେଶବ ଚନ୍ଦ୍ର ରାଉତ, ଡ. ପ୍ରଫେସର ସୁକାନ୍ତ ବଳ, ଲୋକ ସମ୍ପର୍କ ଓ ସୂଚନା ବିଭାଗ ପକ୍ଷରୁ ଉପ-ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ, ସଂସ୍କୃତି ବିଭାଗ ପକ୍ଷରୁ ଡ. ତ୍ରିଲୋଚନ ବରାଳ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା ସ୍ୱଦେଶ ମହାନ୍ତି ଓ ସାନ୍ତନୁ କୁମାର ରାଉତ କରିଥିଲେ। ବିନୋଦ ବିହାରୀ ମଞ୍ଚ ପରିଚାଳନା କରିଥିଲେ।


ଓଡ଼ିଶା ମ୍ୟୁଜିକ୍ ହେରିଟେଜ୍‌ର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କଳାକାର।

# ଦୁର୍ଗାଚରଣଙ୍କୁ 'ଗୁରୁ ସୁଧାକର ସାହୁ ପୁରସ୍କାର'

ଭୁବନେଶ୍ୱର, ୧।୮ (ସୌମ୍ୟରଞ୍ଜନ ରାଉତ)



ସାଧନା କଲ୍‌ଚରାଲ୍ ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଶୁକ୍ରବାର 'ଗୁରୁ ସୁଧାକର ସାହୁ ପୁରସ୍କାର ଉତ୍ସବ' ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶୀ ନୃତ୍ୟ ଗୁରୁ ସୁଜାତା ମହାପାତ୍ର, ଗୁଜରାଟରୁ ଆସିଥିବା ନୃତ୍ୟାଙ୍ଗନା ସୁପ୍ରଭା ମିଶ୍ର ଏକକ ନୃତ୍ୟ ପରିବେଷଣ କରିଥିବାବେଳେ ତ୍ରିଧାରାର ପ୍ରଭୁତୋଷ ପଣ୍ଡା ଓ ମୋକ୍ଷଦା ତ୍ରିପାଠୀ ଏବଂ ନୂପୁର ଅନୁଷ୍ଠାନର ଦୀପ୍ତି ପ୍ରସାଦ ଚମ୍ପତି ଓ ସଞ୍ଜନା ଗୌଡ଼ ଯୁଗ୍ମ ନୃତ୍ୟ, ଭୁବନେଶ୍ୱରର ଶ୍ରୀ ଡ୍ୟାନ୍ସ ଏକାଡେମୀ ଓ ସୁରଭିର ଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଓଡ଼ିଶୀ ଗୁରୁ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀରଙ୍କୁ ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟକୁ ଲୋକପ୍ରିୟ କରିବାରେ ଜୀବନବ୍ୟାପୀ ସାଧନା ପାଇଁ 'ଗୁରୁ ସୁଧାକର ସାହୁ ପୁରସ୍କାର' ପ୍ରଦାନ କରାଯାଇଥିଲା। ଅତିଥିଭାବରେ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଓଡ଼ିଶୀ ନୃତ୍ୟ ବିଶାରଦ ଦୀପ୍ତି ମିଶ୍ର, ପ୍ରଖ୍ୟାତ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ସାହିତ୍ୟିକ ସୁଦର୍ଶନ ଦାସ, ନୃତ୍ୟ ଶିଳ୍ପୀ ବିପଞ୍ଚ ଦାସ, ଗୁରୁ ନିରଞ୍ଜନ ରାଉତ, ପ୍ରଖ୍ୟାତ ଓଡ଼ିଶୀ ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ହରିହର ମହାନ୍ତି, ଚିନ୍ତା ଓ ଚେତନାର ପ୍ରତିଷ୍ଠାତା ସୁରେନ୍ଦ୍ର ଦାସ ଏବଂ କବି ମଙ୍ଗଳା ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏକାଡେମୀର ଉପଦେଷ୍ଟା ଡ଼. ତରୁଣ କୁମାର ଓଝା ସ୍ୱାଗତ ଭାଷଣ, ସମ୍ପାଦିକା ସଂଘମିତ୍ରା ମୁଦୁଲି ପ୍ରାରମ୍ଭିକ ସୂଚନା ଓ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମାଷ୍ଟରମାଇଣ୍ଡ ରାଜାଙ୍କୁ ଗିରଫ କଲା ଏସ୍‌ଟିଏଫ୍

**କଟକ, ଭୁବନେଶ୍ୱରରୁ ବିପୁଳ କଫ ସିରପ୍ ଜବତ ଘଟଣା**

ଭୁବନେଶ୍ୱର, ୧।୮ (ସତ୍ୟଜିତ୍ ରାଉତ)

କଟକ ଓ ଭୁବନେଶ୍ୱରରୁ ବିପୁଳ ପରିମାଣର ବେଆଇନ କଫ ସିରପ୍ ଜବତ ଘଟଣାରେ ମାଷ୍ଟରମାଇଣ୍ଡଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଶୁକ୍ରବାର ଗିରଫ କରିଛି। ସେ ହେଲେ ଭୁବନେଶ୍ୱର ଭରତପୁର ଥାନା ଅଞ୍ଚଳର ଅଂଶୁମାନ ଅଭିଜିତ୍ ସାହୁ ଓରଫ ରାଜା (୨୮)। ଏସ୍‌ଟିଏଫ୍ ଟିମ୍ ଦୁଇ ସହରରୁ ୨୬ ହଜାର ୬୫୮ ବୋତଲ (୨୬୬୫.୮ ଲିଟର) ବେଆଇନ କୋଡେନ୍ ଫସଫେଟ୍ କଫ ସିରପ୍ ଓ ଟ୍ରିପୋଲିଡିନ୍ ହାଇଡ୍ରୋକ୍ଲୋରାଇଡ୍ ସିରପ୍ ଏବଂ ରାଜାଙ୍କ ଘରୁ ନଗଦ ୨୫ ଲକ୍ଷ ୪୧ ହଜାର ଟଙ୍କା ଜବତ କରିଛି। ଏନେଇ ଏକ ମାମଲା (ନଂ.୧୭/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତ ରାଜାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଟ୍ରାକୋନ୍ କୋରିଅର୍ ପ୍ରାଇଭେଟ୍ ଲିଃ ସଂସ୍ଥା ଦ୍ୱାରା ଏସବୁ କଫ ସିରପ୍ ରାଜା ବିହାର ପାଟଣାରୁ ମଗାଇଥିଲେ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଡ୍ରଗ୍ସ ଆଣ୍ଡ କଣ୍ଟ୍ରୋଲର ସହାୟତାରେ ଏସ୍‌ଟିଏଫ୍ ଗୁରୁବାର ସନ୍ଧ୍ୟାରେ କଟକ ବାଦାମବାଡି ଏଲ୍‌ଆଇସି କଲୋନୀସ୍ଥିତ ଟ୍ରାକୋନ୍ କୋରିଅର୍ ପ୍ରାଇଭେଟ୍ ଲିଃରେ ଚଢ଼ାଉ କରି ୧୩ ହଜାରୁ ଊର୍ଦ୍ଧ୍ୱ ବୋତଲ କଫ ସିରପ୍ ଜବତ କରିଥିଲା। ଏହାପରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଉକ୍ତ କୋରିଅର୍ ସଂସ୍ଥାର ମୁଖ୍ୟ ବ୍ରାଞ୍ଚରେ ଚଢ଼ାଉ କରି ବାକି କଫ ସିରପ୍ ଜବତ କରାଯାଇଥିଲା। ଏହି ମାମଲାରେ କୋରିଅର୍ ସଂସ୍ଥାକୁ ମଧ୍ୟ ଏସ୍‌ଟିଏଫ୍ ତଦନ୍ତ ପରିସରଭୁକ୍ତ କରିଛି। ଗୁରୁବାର ସନ୍ଧ୍ୟାରୁ ଶୁକ୍ରବାର ସକାଳ ଯାଏ ଏହି ଚଢ଼ାଉ ଚାଲିଥିଲା ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଦୁଇବର୍ଷ ହେଲା ରାଜା ଏହି କାରବାର ଚଳାଇଥିଲେ। ତେବେ ରାଜାଙ୍କ ଲିଙ୍କ୍‌ରେ ଥିବା ଅନ୍ୟମାନଙ୍କୁ ଧରିବାକୁ ଏସ୍‌ଟିଏଫ୍ ତନାଘନା ଚଳାଇଛି। ଏହି କଫ ସିରପ୍ ସେ କେଉଁମାନଙ୍କୁ ବିକ୍ରି କରୁଥିଲେ ଓ ଏହି ର୍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହା ଜାଣିବାକୁ ଅଧିକ ତଦନ୍ତ ଚାଲୁରହିଥିବା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇଲେ ସିଆର୍‌ପିସିଏମ୍

ଭୁବନେଶ୍ୱର, ୧।୮ (ସୁଚିସ୍ମିତା ସାହୁ)

**ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

ମାସକୁ ୧୦ହଜାର ଟଙ୍କା, ଭି.ଆର୍.ଏଫ୍. କାମ ପାଇଁ ପାରିଶ୍ରମିକ ୫ହଜାର ଟଙ୍କା, ଅନ୍‌ଲାଇନ୍, ଫୋନ୍ ବିଲ୍, ଟିଏ, ଡିଏ ବାବଦକୁ ୩ହଜାର ଟଙ୍କା ପ୍ରଦାନ ଆଦି ବିଭିନ୍ନ ଦାବି ନେଇ ସିଆର୍‌ପିସିଏମ୍‌ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅଲ୍ ଓଡିଶା ସିଆର୍‌ପିସିଏମ୍ ଆସୋସିଏଶନ ପକ୍ଷରୁ ମିଶନ ଶକ୍ତିରେ କାର୍ଯ୍ୟରତ ହଜାର ହଜାର ସିଆର୍‌ପିସିଏମ୍‌ମାନେ ଶୁକ୍ରବାର ଲୋୟର ପିଏମଜିଠାରେ ଶୋଭାଯାତ୍ରା କରିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଏକ ପ୍ରତିବାଦ ସଭା କରାଯାଇଥିଲା। ବର୍ତ୍ତମାନ ସିଆରପିସିଏମ୍‌ଙ୍କୁ ମାସିକ ଭତ୍ତା ପ୍ରଦାନ ବଦଳରେ କାର୍ଯ୍ୟ ଅନୁଯାୟୀ ଇନ୍‌ସେନଟିଭ ମାଧ୍ୟମରେ ପାରିଶ୍ରମିକ ପ୍ରଦାନ କରାଯିବା ପାଇଁ ମିଶନ ଶକ୍ତି ବିଭାଗ ପକ୍ଷରୁ ଚିଠି ହୋଇଥିଲା। ସିଆର୍‌ପିସିଏମ୍‌ଙ୍କ ପାରିଶ୍ରମିକ ଅର୍ଥ କମିଯାଉଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଉକ୍ତ ପ୍ରତିବାଦ ସଭାରେ ଭାରତୀୟ ମଜଦୁର ସଂଘ କାର୍ଯ୍ୟକର୍ତ୍ତା ବସନ୍ତ କୁମାର ସାହୁ, ସଭାନେତ୍ରୀ ଲକି ହୋତା, ସାଧାରଣ ସମ୍ପାଦକ ତୁଳସୀ ହନ୍ତାଳ, ବିଜୟଲକ୍ଷ୍ମୀ ପରିଜା ପ୍ରମୁଖ ଉଦବୋଧନ ଦେଇଥିଲେ। ତୁରନ୍ତ ସମସ୍ତ ଦାବି ପୂରଣ କରିବା ପାଇଁ ସଂଘର ୫ ଜଣିଆ ପ୍ରତିନିଧିମଣ୍ଡଳୀ ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।



ବିଧାନସଭା ସମ୍ମୁଖ ଲୋୟର ପିଏମଜିରେ ସିଆର୍‌ପିସିଏମ୍‌ମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି

# 'ସ୍ତନ୍ୟପାନ ଅଭ୍ୟାସରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି'

**୧ରୁ ୭ ବିଶ୍ୱ ସ୍ତନ୍ୟପାନ ସପ୍ତାହ**

ଭୁବନେଶ୍ୱର, ୧।୮ (ବନ୍ଦନା ସେଠୀ)

ଓଡ଼ିଶା ସ୍ତନ୍ୟପାନ ଅଭ୍ୟାସରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ଏନ୍‌ଏଫ୍‌ଏଚ୍‌ଏସ୍-୫ ଅନୁଯାୟୀ, ଓଡ଼ିଶାରେ ୬୮.୫% ଶିଶୁ ଜନ୍ମର ପ୍ରଥମ ଘଣ୍ଟାଏ ମଧ୍ୟରେ ସ୍ତନ୍ୟପାନ କରନ୍ତି। ଏହା ଜାତୀୟ ହାର ୪୧.୮% ଅପେକ୍ଷା ବହୁତ ଅଧିକ। ସେହିପରି ରାଜ୍ୟରେ ୬ ମାସରୁ କମ୍ ବୟସର ୭୨.୯% ଶିଶୁ ସ୍ୱତନ୍ତ୍ର ସ୍ତନ୍ୟପାନ କରନ୍ତି, ଯାହା ଜାତୀୟ ହାର ୬୩.୭% ଅପେକ୍ଷା ଅଧିକ। ତେଣୁ ଶିଶୁମାନଙ୍କୁ ସୁସ୍ଥ ଭବିଷ୍ୟତ ପ୍ରଦାନ କରିବା ପାଇଁ ସ୍ତନ୍ୟପାନ ସମର୍ଥନକୁ ଦୃଢ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମତ ପ୍ରକାଶ ପାଇଛି। ଅଗଷ୍ଟ ୧ରୁ ୭ ପର୍ଯ୍ୟନ୍ତ ରାଜ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ହେଉଛି। ଏହି ଅବସରରେ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ୟୁନିସେଫ୍ ସହଭାଗିତାରେ ବିଭାଗର ସମ୍ମିଳନୀ କକ୍ଷରେ ଗଣମାଧ୍ୟମ କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାରେ ସ୍ତନ୍ୟପାନର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇ ରାଜ୍ୟରେ ସ୍ତନ୍ୟପାନ ପାଇଁ ଉନ୍ନତ ସହାୟକ ବ୍ୟବସ୍ଥାର ଆହ୍ୱାନ ଦିଆଯାଇଥିଲା। ଚଳିତ ବର୍ଷର ବିଷୟବସ୍ତୁ 'ସ୍ତନ୍ୟପାନରେ ନିବେଶ, ଭବିଷ୍ୟତ ପାଇଁ ନିବେଶ' ଉପରେ ଗୁରୁତ୍ୱ ଦେଇ ଡ. ରାଜଶ୍ରୀ ପଟ୍ଟନାୟକ କହିଲେ, ସ୍ୱାସ୍ଥ୍ୟ ବିଭାଗ ସକ୍ରିୟ ଭାବରେ ଶକ୍ତିଶାଳୀ ପରାମର୍ଶ ସେବା ଏବଂ ସାମୁଦାୟିକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ମା' ମାନଙ୍କ ପାଇଁ ଏକ ସହାୟକ ପରିବେଶ ସୃଷ୍ଟି କରୁଛି। ଏହାଦ୍ୱାରା ସେମାନେ ସ୍ତନ୍ୟପାନ ଜାରି ରଖିବା ପାଇଁ ଠିକ୍ ସୂଚନା, ସମୟୋପଯୋଗୀ ମାର୍ଗଦର୍ଶନ ଏବଂ ଭାବନାତ୍ମକ ସମର୍ଥନ ପାଇବେ। ସେହିପରି ସ୍ତନ୍ୟପାନକୁ ପ୍ରାଥମିକତା ଦେବା କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ, ବରଂ ଏହା ଶିଶୁ ଏବଂ ଆଗାମୀ ପିଢୀଙ୍କ ପାଇଁ ସୁସ୍ଥ ତଥା ଦୃଢ ଭବିଷ୍ୟତ ଦିଗରେ ଗୁରୁତ୍ୱପୂର୍ଣ୍ଣ ନିବେଶ ବୋଲି ମତ ରଖିଥିଲେ। ୟୁନିସେଫ୍ ଓଡ଼ିଶା ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ବିଶ୍ୱ ଓ ରାଜ୍ୟସ୍ତରରେ ସ୍ଥାୟୀ ସ୍ତନ୍ୟପାନ ସହାୟତା ବ୍ୟବସ୍ଥା ସୃଷ୍ଟି ପାଇଁ ଆବଶ୍ୟକ ରଣନୀତି ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଶିଶୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ଆଦିତ୍ୟ ମହାପାତ୍ର, ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡା. ସ୍ମୃତିଜିତ୍ ପଟ୍ଟନାୟକ ପ୍ରମୁଖ ମତ ରଖିଥିଲେ।


ଗଣମାଧ୍ୟମ କର୍ମଶାଳାରେ ଡ. ରାଜଶ୍ରୀ ପଟ୍ଟନାୟକ ବିଶ୍ୱସ୍ତନ୍ୟପାନ ସପ୍ତାହ ସମ୍ପର୍କରେ ସୂଚନା ଦେଉଛନ୍ତି।

# ପୁରୀ ବେଳାଭୂମିରୁ ଯୁବକଙ୍କ ମୃତଦେହ ଜବତ ହତ୍ୟା ଅଭିଯୋଗ ଆଣିଲେ ମା’

ପୁରୀ, ୧।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ବଳିଆପଣ୍ଡା ବେଳାଭୂମିରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି ପୋଲିସ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତକ ହେଉଛନ୍ତି ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାମଚଣ୍ଡୀ ବାଲିକୁଦା ବସ୍ତିର ଲୋକନାଥ ମୁଦୁଲି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ତେବେ ଲୋକନାଥଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମା’ ଅଭିଯୋଗ ଆଣିଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ବଳିଆପଣ୍ଡା ସମୁଦ୍ରକୂଳରେ ଏକ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଘଟଣାକୁ ନେଇ ପୋଲିସ ତଦନ୍ତ କରୁଥିବାବେଳେ ଲୋକନାଥଙ୍କ ମା’ ହତ୍ୟା ଅଭିଯୋଗ ଆଣିଛନ୍ତି। ଶ୍ୱଶୁର ଘର ଲୋକେ ତାଙ୍କ ପୁଅକୁ ହତ୍ୟା କରି ସମୁଦ୍ରରେ ଫିଙ୍ଗି ଦେଇଥିବା ଲୋକନାଥଙ୍କ ମା’ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଓସ୍ୱାସ ମାଧ୍ୟମରେ ହେବ ନଥିପତ୍ର କାମ

## କାର୍ଯ୍ୟ କରି ନ ଥିଲେ ଅଗଷ୍ଟ ମାସ ଦରମା ବନ୍ଦ

ଖୋର୍ଦ୍ଧା, ୧।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓସ୍ୱାସ ମାଧ୍ୟମରେ ନଥିପତ୍ର କାର୍ଯ୍ୟ ହେବ। ଏହାଦ୍ୱାରା କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ଲୋକଙ୍କୁ ତ୍ୱରିତ ସେବା ମିଳିପାରିବ। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଜିଲାରେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଓସ୍ୱାସ ମାଧ୍ୟମରେ ନଥିପତ୍ର କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସରକାର, ମୁଖ୍ୟ ଶାସନ ସଚିବ ଓସ୍ୱାସ ମାଧ୍ୟମରେ ନଥିପତ୍ର କାର୍ଯ୍ୟ ପଦ୍ଧତିକୁ ଗୁରୁତ୍ୱ ଦେଉଛନ୍ତି। ଖୋର୍ଦ୍ଧା ଜିଲାରେ ଶତ ପ୍ରତିଶତ ସଫଳତା ପାଇଁ ବୈଠକରେ ଅତିରିକ୍ତ ଜିଲାପାଳ ବେଉରା ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଓକାକ୍ ପ୍ରଯୁକ୍ତି ବିଦ୍ୟା ପରାମର୍ଶଦାତା ସତ୍ୟରଞ୍ଜନ ସାହୁ ଯୋଗଦେଇ ଅନଲାଇନ୍ ମାଧ୍ୟମରେ କିଭଳି କାର୍ଯ୍ୟ ଚାଲିଛି, ତାହା ଯାଞ୍ଚ କରିଥିଲେ।



ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଏବଂ ଅନ୍ୟ ଅଧିକାରୀ।

କେଉଁ ବିଭାଗ କାର୍ଯ୍ୟ କରୁଛନ୍ତି ତାହାର ସମୀକ୍ଷା କରାଯାଇଛି। ଚଳିତ ଅଗଷ୍ଟ ମାସରେ ଓସ୍ୱାସ ସଂଯୋଗ ଥିବା ଯେଉଁ ଜିଲାସ୍ତରୀୟ କାର୍ଯ୍ୟାଳୟ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ କାର୍ଯ୍ୟାଳୟ, ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟ, ସିଡିପିଓ ଆଦି କାର୍ଯ୍ୟାଳୟ ଓସ୍ୱାସରେ କାର୍ଯ୍ୟ କରି ନ ଥିବେ ସେମାନଙ୍କ କାର୍ଯ୍ୟାଳୟର ଅଧିକାରୀ ସମେତ ସଂପୃକ୍ତ କର୍ମଚାରୀଙ୍କ ଅଗଷ୍ଟ ମାସର ଦରମା ବନ୍ଦ କରାଯିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଓସ୍ୱାସ ନୋଡାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସିଡିଏମ୍ ଆଣ୍ଡ ପିଏଚ୍‌ଓ କାର୍ଯ୍ୟାଳୟ, ଜିଲା ପ୍ରାଣୀଧନ କାର୍ଯ୍ୟାଳୟ, ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ସପ୍ତାହକ ମଧ୍ୟରେ ଓସ୍ୱାସ୍‌ରେ ଶତ ପ୍ରତିଶତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଓସ୍ୱାସ ଅନଲାଇନ ପଦ୍ଧତିରେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଆଭ୍ୟନ୍ତରୀଣ ଭାବେ ଓସ୍ୱାସ ପଦ୍ଧତି ବ୍ୟବହାର ସହ ଜିଲା ପ୍ରଶାସନ ଅର୍ଥାତ୍ ବର୍ହିବିଭାଗ ସହ ଓସ୍ୱାସ ପଦ୍ଧତି ବ୍ୟବହାର କରିବାକୁ ପ୍ରଯୁକ୍ତି ବିଦ୍ୟା ଉପଦେଷ୍ଟା ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ କାର୍ଯ୍ୟାଳୟକୁ ଓସ୍ୱାସ ସମ୍ବନ୍ଧୀୟ ସହାୟତା ପ୍ରଦାନ କରିବା ପାଇଁ ଓସ୍ୱାନ ଡିଇଜିଏମ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡେପୁଟି କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ, ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତି, ପୌରପରିଷଦ ନିର୍ବାହୀ ଅଧିକାରୀ ରିଜୱାନା କ୍ୱବବ, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଆଞ୍ଚଳିକ ପରିବହନ ଅଧିକାରୀ ଅମରେନ୍ଦ୍ର ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲା ଇ. ଗଭର୍ନାନ୍ସ ମ୍ୟାନେଜର ମାନସ ମୋହନ ବ୍ରହ୍ମାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଓକାକ୍ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।

# ବିଦ୍ୟାଳୟସ୍ତରୀୟ ବାତଜ୍ୱର ସର୍ବେକ୍ଷଣ ଅଭିଯାନ ଆରମ୍ଭ



ଜଣେ ଶିଶୁଙ୍କୁ ଔଷଧ ଦିଆଯାଉଛି।

ଖୋର୍ଦ୍ଧା, ୧।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଫ୍ୟାଲେରିଆ (ବାତଜ୍ୱର) ନିରାକରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟସ୍ତରୀୟ ବାତଜ୍ୱର ସର୍ବେକ୍ଷଣ ଅଭିଯାନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ସର୍ବେକ୍ଷଣରେ ଜିଲାର ୨୭୫ଟି ବିଦ୍ୟାଳୟ ଭାଗନେବେ, ଯେଉଁଥିରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଫ୍ୟାଲେରିଆ ନିରାକରଣ ପାଇଁ ପରୀକ୍ଷା କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଖୋର୍ଦ୍ଧା ବ୍ଲକ, ଖୋର୍ଦ୍ଧା ସହରାଞ୍ଚଳ, ବେଗୁନିଆ, ବୋଲଗଡ଼, ବାଣପୁର, ଚିଲିକା ଓ ଟାଙ୍ଗୀ ବ୍ଲକ ଅଞ୍ଚଳରେ ଥିବା ବିଦ୍ୟାଳୟରେ ଅଗଷ୍ଟ ୮ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟରେ ସେପ୍ଟେମ୍ବରରେ ଜଟଣୀ ବ୍ଲକ, ଜଟଣୀ ସହରାଞ୍ଚଳ, ଭୁବନେଶ୍ୱର ବ୍ଲକ ଓ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା ବିଦ୍ୟାଳୟରେ ସର୍ବେକ୍ଷଣ କରାଯିବ। ସର୍ବେକ୍ଷଣରେ ୪୫ଟି ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଟିମ୍ ନିୟୋଜିତ ହୋଇଛନ୍ତି। ଜିଲାରେ ୯,୨୩୨ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କରାଯିବ ଓ ଫାଇଲେରିଆ ନିରୂପଣ ହେଲେ ଚିକିତ୍ସା ବ୍ୟବସ୍ଥା କରାଯିବ। ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ କାର୍ଯ୍ୟକ୍ରମର ତଦାରଖ କରାଯିବ।

# ୧୨ରୁ ଜିଲାରେ କୃମିନାଶକ ଅଭିଯାନ

## ୨,୧୧୮ ସ୍କୁଲ, ୨,୬୦୧ ଅଙ୍ଗନୱାଡ଼ି କେନ୍ଦ୍ରରେ ଦିଆଯିବ ବଟିକା

ଖୋର୍ଦ୍ଧା, ୧।୮ (ପ୍ରଭାତ ପାଣିଗ୍ରାହୀ)

କୃମି ନିରାକରଣ ନିମନ୍ତେ ତଥା ଜାତୀୟ କୃମି ନାଶକ ଦିବସ ପାଳନ ଉପଲକ୍ଷେ ଶୁକ୍ରବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ ସମ୍ମିଳନୀ କକ୍ଷରେ ବିଭାଗୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ କହିଲେ ଯେ, ଅଗଷ୍ଟ ୧୨ରୁ ଖୋର୍ଦ୍ଧା ଜିଲାର ୧ରୁ ୧୯ ବର୍ଷ ବୟସର ପିଲା ଏବଂ ୨୦ରୁ ୨୪ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ର ଓ ସମସ୍ତ ବିଦ୍ୟାଳୟରେ ଆଲବେଣ୍ଡଜାଲ ବଟିକା ପ୍ରଦାନ କରାଯିବ। ରକ୍ତହୀନତା ଏବଂ ଅସୁସ୍ଥତାରୁ ଦୂରେଇ ରଖିବାକୁ ସରକାରଙ୍କ ତରଫରୁ ପ୍ରତିବର୍ଷ ଫେବୃୟାରୀ ଓ ଅଗଷ୍ଟ ମାସରେ ଏହି ଔଷଧ ପ୍ରଦାନ କରାଯାଉଛି। ଖୋର୍ଦ୍ଧା ଜିଲାର ୨,୧୧୮ ବିଦ୍ୟାଳୟ ଓ ୨,୬୦୧ ଅଙ୍ଗନୱାଡ଼ି କେନ୍ଦ୍ରରେ ୭,୬୫,୦୭୪ ଜଣ ପିଲା ଏବଂ ୧,୧୫,୮୩୧ ମହିଳାଙ୍କୁ ଏହି ବଟିକା ପ୍ରଦାନ କରାଯିବ। ସୁସ୍ଥ ଖୋର୍ଦ୍ଧା ଭିଜନକୁ ସାକାର କରିବାକୁ ପଦକ୍ଷେପ ନିଆଯିବ ବୋଲି ଡାକ୍ତର ରାୟ ପ୍ରକାଶ କରିଛନ୍ତି। କୃମି ନାଶ ଓ ନିରାକରଣ ପାଇଁ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଓ ସହଭାଗିତା ଜରୁରୀ। ଏ ଦିଗରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ସମନ୍ୱିତ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା ସମେତ ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଏହି କୃମିନାଶକ ଅଭିଯାନରେ ଉତ୍ସର୍ଗୀକୃତ ନିଷ୍ଠାପର ସେବା ଯୋଗାଇଦେବା ପାଇଁ ଡା. ରାୟ ଆହ୍ୱାନ ଦେଇଥିଲେ। ବୈଠକରେ ଡେପୁଟି ମ୍ୟାନେଜର (ଶିଶୁ ପୋଷଣ ସ୍ୱାସ୍ଥ୍ୟ) ରୋଜାଲିନ ମହାପାତ୍ର, ଜିଲା କାର୍ଯ୍ୟକ୍ରମ ପରିଚାଳକ ଶୁଭକାନ୍ତ ଗନ୍ତାୟତ ଏବଂ ଏଡିଏମ୍‌ଓ (ପରିବାର ମଙ୍ଗଳ) ଡା. ପ୍ରଦୀପ୍ତ କୁମାର ସାହୁ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ପୁରୁଣା ପେନ୍‌ସନ୍ ଲାଗୁ ଦାବି



ଜିଲା ପ୍ରଶାସନ ଉଦ୍ଦେଶ୍ୟରେ ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଉଛି।

ଖୋର୍ଦ୍ଧା, ୧।୮ (ପ୍ରଭାତ ପାଣିଗ୍ରାହୀ)

କେନ୍ଦ୍ର ସରକାରଙ୍କ ପକ୍ଷରୁ ୟୁନିଫାଏଡ୍ ପେନ୍‌ସନ୍ ସ୍କିମ୍ ଘୋଷଣାକୁ ନେଇ ଦେଶ ତଥା ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଓଡ଼ିଶାରେ ଏହାକୁ ଲାଗୁ କରାଯାଇଛି। ଏହା ପ୍ରତିବାଦରେ ପୁରୁଣା ପେନ୍‌ସନ ପାଇଁ ଜାତୀୟ ଆନ୍ଦୋଳନ ରାଜ୍ୟ କମିଟି ରାଜ୍ୟ ସଭାପତି ବିଜୟ କୁମାର ମଲ୍ଲ ଓ ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳଙ୍କ ଆବାହକତ୍ୱରେ ସାରା ଓଡ଼ିଶାରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩୦ ଜିଲାର ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏହି କ୍ରମରେ ଶୁକ୍ରବାର ଖୋର୍ଦ୍ଧା ଜିଲାରେ ପୁରୁଣା ପେନ୍‌ସନ ଜାତୀୟ ଆନ୍ଦୋଳନ ସଂଯୋଜକ ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁଷ୍ଠାନର ଜୋନ୍ ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ, ଜଟଣୀ ବ୍ଲକ ସଭାପତି ଜିତ୍ ରଞ୍ଜନ ମହାପାତ୍ର, ସମ୍ପାଦକ ଆକାଶ କୁମାର ମହାନ୍ତି, ଖୋର୍ଦ୍ଧା ବ୍ଲକ ସମ୍ପାଦକ ଅମୀୟ କୁମାର ପରିଡ଼ା, ଉପସଭାପତି ରଶ୍ମି ଦାସ, ସହସମ୍ପାଦକ ଜ୍ୟୋର୍ତିମୟୀ ନାୟକ, ରବିନାରାୟଣ ପଣ୍ଡା, ନାରାୟଣ ପାଇକରାୟ, ରବୀନ୍ଦ୍ର ପ୍ରଧାନ, ମାଧବ ଚନ୍ଦ୍ର ରଣା, ପ୍ରତାପ ସ୍ୱାଇଁ, ଦିବ୍ୟସିଂ ସୁବୁଦ୍ଧି, ଲୋପାମୁଦ୍ରା ମହାରଥି, ସୁଜାତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ ପୁରୁଣା ପେନ୍‌ସନ୍ ଲାଗୁ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଟାଙ୍ଗୀ, ୧।୮ (ରଘୁନାଥ ସାହୁ)

ରାଇପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ରଣପୁର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମୀ ଦେଇ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ମହାସଚିବ ଜ୍ୟୋତିରଞ୍ଜନ ଦାସ, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ପରିଚାଳନା କମିଟି ଚେୟାରମ୍ୟାନ ରାମଚନ୍ଦ୍ର ଦଳବେହେରା, ବରଙ୍ଗଗାଡ଼ିଆର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ରାୟ, ଗୋପାଳପୁର ଜୋନ ସଭାପତି ବିଶ୍ୱଜିତ ମହାପାତ୍ର, ସମ୍ପାଦକ ଅଶୋକ କୁମାର ବେହେରା, ଟାଙ୍ଗୀ ସିଆର୍‌ସିସି ସନ୍ତୋଷ ବେହେରା, ଶିକ୍ଷକ ଶିବପ୍ରସାଦ ବେହେରା ଏବଂ ଶିକ୍ଷୟିତ୍ରୀ ରେଣୁବାଳା ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଶିବ ସାର ଏବଂ ରେଣୁବାଳା ଦିଦିଙ୍କ ଛାତ୍ର ବତ୍ସଳତା ଓ କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ତରୀୟ ଦେଇ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଛାତ୍ରୀଛାତ୍ର ଶିକ୍ଷକ ସଂଗଠନ ତରଫରୁ ଉପହାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ କୈଳାଶ ଚନ୍ଦ୍ର ମାଝୀ ସଂଯୋଜନା କରିଥିଲେ। ବଳରାମ ବେହେରା, ପ୍ରମୋଦ କୁମାର ମଲ୍ଲିକ, ସାରଙ୍ଗ ଭଞ୍ଜ, ଗୋପାଳ ମହାରଣା, ସ୍ୱର୍ଣ୍ଣପ୍ରଭା ମଙ୍ଗରାଜ, ହୁଲ୍ଲାସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

# ୪୦ ୟୁନିଟ୍ ରକ୍ତ ସଂଗ୍ରହ



ଜଣେ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖୋର୍ଦ୍ଧା, ୧।୮ (ପ୍ରଭାତ ପାଣିଗ୍ରାହୀ)

ସାମାଜିକ ସଙ୍ଗଠନ ଫ୍ରେଣ୍ଡ୍ ଅଫ୍ ସୋସାଇଟି ପକ୍ଷରୁ ଏକ ରକ୍ତଦାନ ଶିବିର ସ୍ଥାନୀୟ ଜେମାଦେଈ କମ୍ୟୁନିଟି ହଲରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସଦର ଡିଏସ୍‌ପି ନିହାର ରଞ୍ଜନ ପ୍ରଧାନ, ଶିଳ୍ପାଞ୍ଚଳ ଥାନା ଭାରପ୍ରାପ୍ତ ଅଧିକାରୀ ବାସୁଦେବ ଜୟସିଂ, ସାମାଜିକ କର୍ମୀ ଗୋପବନ୍ଧୁ ଦାସ ଏବଂ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ହର ରଥ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ହରିଶ୍ ଚନ୍ଦ୍ର ପଟ୍ଟନାୟକ, ପ୍ରିୟବ୍ରତ ଦାସ, ଗୌତମ ମହାରଣା, କୁନ୍ତଳତା ସ୍ୱାଇଁ, ରାମ ନାରାୟଣ ଦାସ, ମୋହିତ ବିକ୍ରମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋରୁ ଚୋରି ଅଭିଯୋଗରେ ୨ ଗିରଫ

ଟାଙ୍ଗୀ, ୧।୮ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅନ୍ତର୍ଗତ କୁଞ୍ଜୁରୀ ପଞ୍ଚାୟତର ଦୀକ୍ଷିତପଡ଼ା ଗ୍ରାମବାସୀ ଗୋରୁ ଚୋରି ଅଭିଯୋଗରେ ଦୁଇଜଣଙ୍କୁ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ଏକ କେସ୍ (ନଂ. ୫୧୪/୨୫) ରୁଜୁ କରିବା ସହ ଅଭିଯୁକ୍ତ ସେକ୍ ସଲିମ ଓ ତାଙ୍କ ସାଥୀଙ୍କୁ ଗିରଫ କରିଛି। ଦୁହେଁ ସ୍ଥାନୀୟ ଅଞ୍ଚଳରୁ ରାତିରେ ଗୋରୁ ଚୋରି କରି ଚାଲାଣ କରୁଥିବା ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ କହିଛନ୍ତି। ସ୍ଥାନୀୟ ଅଞ୍ଚଳରୁ ନିୟମିତ ଭାବେ ରାତିରେ ଗୋରୁ ଚୋରି ଓ ଗୋଚାଲାଣ ହେଉଥିବା ନେଇ ଗୋରକ୍ଷା ବାହିନୀ ଏବଂ ବଜରଙ୍ଗ ଦଳର ସଦସ୍ୟମାନେ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ।

# ସାମାଜିକ କର୍ମୀ ନୌକାରାଜୁ ଆଚାରୀଙ୍କ ସ୍ମୃତିଚାରଣ



ସ୍ମୃତିସଭାରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ବାଣପୁର, ୧।୮ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ତଥା ରାଜନେତା ନୌକାରାଜୁ ଆଚାରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସଭା ଗୁରୁବାର ବାଣପୁର ବଜାରସ୍ଥିତ କଳିଙ୍ଗ ବୈଶ୍ୟ ସଂଘ ସଭାଗୃହରେ ପାଳିତ ହୋଇଛି। ସଭାରେ ବାଣପୁର ସତ୍ୟସାଇ ସଂଘର ସଭାପତି ରାଜକିଶୋର ଭୋପା ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ଆଚାରୀଙ୍କ ଫଟୋଚିତ୍ରରେ ତାଙ୍କ ସାନଭାଇ ଭି. କାମେଶ୍ୱର ଆଚାରୀ ଓ ବଡ଼ପୁଅ ଭେଙ୍କେଟେଶ ଆଚାରୀଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଦୀପ କୁମାର ସ୍ୱାଇଁ, ବ୍ରଜସୁନ୍ଦର ମିଶ୍ର, ଶିକ୍ଷାବିତ୍ ବୈରାଗୀ ଚରଣ ବଳ, ଆଇନଜୀବୀ ରବୀନ୍ଦ୍ରନାଥ ମାନସିଂ, ସ୍ୱର୍ଗତ ଆଚାରୀଙ୍କ ସହଧର୍ମିଣୀ ଗିରିଶ୍ୱରୀ ଆଚାରୀ ପ୍ରମୁଖ ସ୍ୱର୍ଗତ ଆଚାରୀଙ୍କ ସ୍ମୃତିଚାରଣ କରିବା ସହ ସେ ସବୁଦିନ ବାଣପୁର ଅଞ୍ଚଳବାସୀଙ୍କ ହୃଦୟରେ ବଞ୍ଚିରହିବେ ବୋଲି କହିଥିଲେ। ସଭାରେ ବାଲୁଗାଁ ଓ ବାଣପୁର ଅଞ୍ଚଳର ବ୍ୟବସାୟୀ, ଆଇନଜୀବୀ, ଶିକ୍ଷାବିତ୍ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଭୁପ୍ରସାଦ ହରିଚନ୍ଦନ ଥିଲେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ

ଖୋର୍ଦ୍ଧା, ୧।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସାମନ୍ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁପ୍ରସାଦ ହରିଚନ୍ଦନଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟରେ ଆୟୋଜିତ ସଭାରେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ ସଭାପତିତ୍ୱ କରିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ପଦ୍ମଜ ପାଳ ଉଦ୍‌ଘାଟକ, ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି, ଅଧ୍ୟାପକ ଗୋପାଳକୃଷ୍ଣ ଦାସ ମୁଖ୍ୟବକ୍ତା, ପ୍ରଫେସର ଡ. ନାରାୟଣ ରାଓ ବିଶିଷ୍ଟ ଅତିଥି, ଜିଲା ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ଡ. ତାପସ କୁମାର ନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷାବିତ ଭୀମସେନ ପ୍ରଧାନ, ରମାକାନ୍ତ ମହାପାତ୍ର, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ବ୍ଲକ ସମ୍ବଳ ଶିକ୍ଷକ ଅଧିକାରୀ ସନ୍ଧ୍ୟାବତୀ ଲେଙ୍କା, ଶିକ୍ଷାବିତ୍ ରବୀନ୍ଦ୍ରନାଥ ଶତପଥି ଏବଂ ପରିଚାଳନା କମିଟିର ସଭାପତି ସୁକାନ୍ତ ପୃଷ୍ଟି ଅତିଥି ଭାବେ ଯୋଗଦେଇଥିଲେ। ହରିଚନ୍ଦନ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଓ ସମୟାନୁବର୍ତ୍ତୀ ଶିକ୍ଷକ ଥିଲେ ବୋଲି ସଭାରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ସ୍ମରଣିକା ‘ସ୍ମୃତିରେ ଅନେକ’ଉନ୍ମୋଚିତ ହୋଇଥିଲା। ନମିତାରାଣୀ ରାୟସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ରେଲୱେ ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

ଜଟଣୀ, ୧।୮ (ରବୀନ୍ଦ୍ରନାଥ ମହାକୁଡ)

ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ, ଗାର୍ଡ କାଉନ୍ସିଲ ଏବଂ ସର୍ବଭାରତୀୟ ରନିଙ୍ଗ ଷ୍ଟାଫ୍ ଆସୋସିଏଶନ ପକ୍ଷରୁ ମିଳିତ ଭାବେ ଗୁରୁବାରଠାରୁ ଚାଲିଥିବା ଆନ୍ଦୋଳନ ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ଖୋର୍ଦ୍ଧାରୋଡ ଲୋକୋଶେଡ୍ କ୍ରିୟୁ କଣ୍ଟ୍ରୋଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଓ ଧାରଣା ଦିଆଯାଇଥିଲା। ପ୍ରଶାସନ ସହ ଆଲୋଚନା ପରେ ଆନ୍ଦୋଳନକୁ ଦୁଇସପ୍ତାହ ପାଇଁ ସ୍ଥଗିତ ରଖାଯାଇଥିବା ଶ୍ରମିକ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

ଶୁକ୍ରବାର ଅପରାହ୍ନରେ ମଣ୍ଡଳ କାର୍ମିକ ଅଧିକାରୀ ପ୍ରମୋଦ କୁମାର ବେହେରା ଧାରଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ତାଳଚେରରେ ହୋଇଥିବା ଆଲୋଚନା ସମ୍ପର୍କରେ ଅବଗତ କରାଇ ଆନ୍ଦୋଳନରୁ ଓହରିଯିବାକୁ ନିବେଦନ କରିଥିଲେ। ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ପି.କେ.ବେହେରାଙ୍କ ସମେତ ଟ୍ରେନଚାଳକ, ଟ୍ରେନ ମ୍ୟାନେଜର ଓ ବରିଷ୍ଠ ଅଧିକାରୀମାନେ ତାଳଚେରରେ ଧାରଣାରତ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶଚନ୍ଦ୍ର ସାହୁ, ରନିଙ୍ଗ ଆସୋସିଏଶନର ଜେନେରାଲ ସେକ୍ରେଟାରୀ ମହମଦ ଫିରୋଜ ଆଲାମ ଏବଂ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ୧୧ଟି ସେକ୍ସନ ସମେତ ବାକି ଥିବା ସମସ୍ତ ସେକ୍ସନ ଉପରେ ୭ଦିନ ଭିତରେ ଏମ୍‌ଜିକେ ଲାଗୁ କରାଯିବା ସହ ଅନ୍ୟାନ୍ୟ ଦାବି ଉପରେ ଅଗ୍ରାଧିକାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକୁ ଦୁଇ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ସୂଚନାଥାଉ କି, ଏମ୍‌ଜିକେ ପୂର୍ବପରି ସର୍ବନିମ୍ନ ୧୨୦ କିମି ଦେବା, ୮ଘଣ୍ଟାରୁ ୧୦ ଘଣ୍ଟା ଗାଡ଼ି ଚାଳନା ପରେ ବିଶ୍ରାମ ଦେବା, ଏକକାଳୀନ ୨ ରାତି ଲଗାତର ଡ୍ୟୁଟି ନ ଦେବା, ସର୍ବାଧିକ ୩୬ ଘଣ୍ଟା ଭିତରେ ଜଣେ କର୍ମଚାରୀ ଘରକୁ ଫେରାଇ ଆଣିବା, ଲଙ୍ଗ୍ ଆୱାର କାର୍ଯ୍ୟକୁ ଭାଙ୍ଗିବା ପାଇଁ ଯେକୌଣସି ଷ୍ଟେଶନରେ ଦୁଇରୁ ଚାରି ଘଣ୍ଟା ବିଶ୍ରାମ ନେବାକୁ କହି ପୁନଃ ଗାଡ଼ି ଚଳାଇବାକୁ ବାଧ୍ୟ କରାଯିବାରୁ ବିରତ ରହିବା, ଡ୍ୟୁଟି ବକ୍ସକୁ ଲୋକୋ ଓ ଗାର୍ଡ ବଗିରେ ପହଞ୍ଚେଇବା ପାଇଁ ବକ୍ସ ବୟ ନିଯୁକ୍ତି, ସାମାନ୍ୟ ଭୁଲ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ବନ୍ଦ କରିବା ଆଦି ଦାବିରେ ଶ୍ରମିକ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା।




ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ, ଗାର୍ଡ କାଉନ୍ସିଲ ଏବଂ ସର୍ବଭାରତୀୟ ରନିଙ୍ଗ ଷ୍ଟାଫ୍ ଆସୋସିଏଶନ ପକ୍ଷରୁ ଧାରଣା ଦିଆଯାଇଛି।

# ପ୍ରସ୍ତାବିତ ଗ୍ରୀନଫିଲ୍ଡ ଏୟାରପୋର୍ଟ ପାଇଁ ମିଳିଲା ଅନୁମତି

ପୁରୀ,୧।୮ (ଅଜିତ୍ କୁମାର ମହାନ୍ତି)

ପୁରୀରେ ପ୍ରସ୍ତାବିତ ଗ୍ରୀନ ଫିଲ୍ଡ ଏୟାରପୋର୍ଟ ହେବା ନେଇ ଦ୍ୱନ୍ଦ୍ୱ ଦୂର ହୋଇଛି। ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ ପାଇଁ ଉଭୟ ସାଇଟ୍ କ୍ଲିଅରାନ୍ସ ଓ ନୀତିଗତ ମଞ୍ଜୁରି ମିଳିଥିବା ନେଇ ରାଜ୍ୟ ସଭାରେ କେନ୍ଦ୍ର ବେସାମରିକ ଓ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ସୂଚନା ଦେଇଛନ୍ତି। ପୁରୀରେ ପ୍ରସ୍ତାବିତ ବିମାନ ବନ୍ଦର ସମ୍ପର୍କରେ ରାଜ୍ୟସଭାରେ ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ପ୍ରଶ୍ନ କରିଥିଲେ। ଉକ୍ତ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ନାଇଡୁ କହିଛନ୍ତି, ପୁରୀରେ ହେବାକୁ ଥିବା ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦର ବର୍ଷକୁ ୪.୬ ମିଲିୟନ ଯାତ୍ରୀ ପରିବହନ କ୍ଷମତା ବିଶିଷ୍ଟ ହେବ। ଏୟାରପୋର୍ଟ ନୀତି ଅନୁଯାୟୀ, ଭୂମି ଅଧିଗ୍ରହଣ ଠାରୁ ଆରମ୍ଭ କରି ପରିବେଶ



ମଞ୍ଜୁରି ପର୍ଯ୍ୟନ୍ତ ରାଜ୍ଯ ସରକାରଙ୍କ ଦାୟିତ୍ୱରେ ଅଛି। ପ୍ରତିରକ୍ଷା ମନ୍ତ୍ରଣାଳୟର କୌଣସି ଆପତ୍ତି ନାହିଁ। ସେପ୍ଟେମ୍ବର ୨୦୨୩ରେ ସାଇଟ୍ କ୍ଲିଅରାନ୍ସ ମିଳିଥିଲା। ୬ ମେ ୨୦୨୫ରେ ରାଜ୍ୟ ସରକାରଙ୍କୁ ନୀତିଗତ ମଞ୍ଜୁରି ମଧ୍ୟ ମିଳିସାରିଛି। ୨୫ ଜୁନ୍‌ରେ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ଦ୍ୱାରା ବିମାନବନ୍ଦର ପ୍ରକଳ୍ପ ପାଇଁ ପରିବେଶଗତ ମଞ୍ଜୁରି ସୁପାରିସ କରାଯାଇଛି।

ସିଏଓ (କାର୍ଗୋ ଏୟାରକ୍ରାଫ୍ଟ ଓନ୍‌ଲି) ଅଧ୍ୟୟନ ଦର୍ଶାଉଛି, ବିମାନ ସଂଯୋଗୀକରଣ ଫଳରେ ଅର୍ଥନୀତିରେ ୩.୨୫ ଏବଂ ନିଯୁକ୍ତି କ୍ଷେତ୍ରରେ ୬.୧ ଗୁଣ ବଢ଼ିବ। ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ ନୀତି –୨୦୦୮ ଅନୁଯାୟୀ ବିମାନବନ୍ଦର ପ୍ରତିଷ୍ଠା ନିମନ୍ତେ ଦୁଇଟି ପର୍ଯ୍ୟାୟରେ ଅନୁମୋଦନ ଆବଶ୍ୟକ। ତାହା ହେଲା ବିମାନବନ୍ଦର ନିମନ୍ତେ ଭୂମି ଅନୁମୋଦନ (ସାଇଟ୍ କ୍ଲିୟରାନ୍ସ) ଓ ନୀତିଗତ ଅନୁମୋଦନ (ଇନ୍-ପ୍ରିନ୍ସିପିଲ ଆପ୍ରୁଭାଲ)। ଦୁଇଟି ଯାକ ଅନୁମତି ମିଳିଛି। ରାଜ୍ୟର ଆର୍ଥିକ କାରବାର ବିକାଶରେ ଏହି ପ୍ରକଳ୍ପ ସହାୟକ ହେବ। ଯାତ୍ରୀଙ୍କ ଯାତାୟାତ ସୁବିଧା ବଢ଼ାଇବା ସହ ପର୍ଯ୍ୟଟନ ବିକାଶ, ନିଯୁକ୍ତି ସୃଷ୍ଟି କରିବ। ଏହା ଅଞ୍ଚଳର ଜମି ଦର ବୃଦ୍ଧିରେ ସହାୟକ ହେବ। କେନ୍ଦ୍ର ଓ ରାଜ୍ୟର ସାମଗ୍ରିକ ଉନ୍ନତିରେ ସହାୟକ ହେବ। ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ, ପ୍ରଭାବିତଙ୍କୁ ଥଇଥାନ ଓ ପୁନର୍ବାସ, ପାଣି ବ୍ୟବସ୍ଥା ଓ ପରିବେଶ ଅନୁମତି ସୁନିଶ୍ଚିତ କରିବା ଦାୟିତ୍ୱ ରାଜ୍ୟ ସରକାର ନେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୮।୨୦୨୫

| ୫,୨୯,୧୪୨ ଟଙ୍କା | |
|---|---|
| ସୁନା | ୧.୬୫୦ ଗ୍ରାମ୍ |
| ରୁପା | ୪ ଗ୍ରାମ୍ |

## ସଂକ୍ଷେପରେ

### ପୁରୀ ବେଳାଭୂମିରୁ ଯୁବକଙ୍କ ମୃତଦେହ ଜବତ
-ହତ୍ୟା ଅଭିଯୋଗ ଆଣିଲେ ମା'

ପୁରୀ,୧।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ବଳିଆପଣ୍ଡା ବେଳାଭୂମିରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି ପୋଲିସ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତକ ହେଉଛନ୍ତି ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାମଚଣ୍ଡୀ ବାଲିକୁଦା ବସ୍ତିର ଲୋକନାଥ ମୁଦୁଲି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ତେବେ ଲୋକନାଥଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମା' ଅଭିଯୋଗ ଆଣିଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ବଳିଆପଣ୍ଡା ସମୁଦ୍ରକୂଳରେ ଏକ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଘଟଣାକୁ ନେଇ ପୋଲିସ ତଦନ୍ତ କରୁଥିବାବେଳେ ଲୋକନାଥଙ୍କ ମା' ହତ୍ୟା ଅଭିଯୋଗ ଆଣିଛନ୍ତି। ଶ୍ୱଶୁର ଘର ଲୋକେ ତାଙ୍କ ପୁଅକୁ ହତ୍ୟା କରି ସମୁଦ୍ରରେ ଫିଙ୍ଗି ଦେଇଥିବା ଲୋକନାଥଙ୍କ ମା' ଅଭିଯୋଗ କରିଛନ୍ତି।

### ଖବର ପ୍ରକାଶ ପରେ ବିଦ୍ୟୁତ୍ ସବ୍‌ଷ୍ଟେଶନ କାର୍ଯ୍ୟ ଆରମ୍ଭ

କଣାସ,୧।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ବିଦ୍ୟୁତ୍ ଗ୍ରାହକମାନଙ୍କୁ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ କଣାସ ବ୍ଲକ ଯାମଳଗୋଦା ପଞ୍ଚାୟତର ଯାମଳଗୋଦାଠାରେ ୧୦ବର୍ଷ ତଳେ ନିର୍ମାଣ କରାଯାଇଥିବା ବିଦ୍ୟୁତ୍ ସବ୍‌ଷ୍ଟେଶନ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇପାରି ନ ଥିବାରୁ କଣାସ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ଏନେଇ ଖବରକାଗଜରେ ଖବର ପ୍ରକାଶ ପରେ ସବ୍‌ଷ୍ଟେଶନ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଥିବାରୁ ସେଗୁଡ଼ିକୁ ସଫା କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି।

### କୁଶଭଦ୍ରା ନଦୀବନ୍ଧ ତଳୁ ମୃତଦେହ ଜବତ

ଗୋପ,୧।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ପୋଲିସ ବେଣୀପୁର ନିକଟସ୍ଥ କୁଶଭଦ୍ରା ନଦୀବନ୍ଧ ତଳୁ ଶୁକ୍ରବାର ସକାଳୁ ଜଣେ ରାଜମିସ୍ତ୍ରିଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମୃତକ ଉକ୍ତ ଥାନା ଅନ୍ତର୍ଗତ ତରଡାପଡ଼ା ଗ୍ରାମର ସତ୍ୟରଞ୍ଜନ ନାୟକ (୩୨)। ପ୍ରକାଶ ଯେ, ସତ୍ୟରଞ୍ଜନ ରାଜମିସ୍ତ୍ରି ଭାବେ କାମ କରି ପରିବାର ଭରଣପୋଷଣ କରୁଥିଲେ। ଗୁରୁବାର ରାତିରେ ଘରକୁ ଫେରୁଥିବା ବେଳେ କୌଣସି କାରଣରୁ ସାଇକେଲ ସହ ପଡ଼ିଯିବାରୁ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ୧୫/୨୫ ରୁଜୁ କରି ତଦନ୍ତ ଚଳାଇଛି ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।



ଅନୁପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ନାଟକ 'ଭକ୍ତ ବଳରାମ ଦାସ'ର ଏକ ଦୃଶ୍ୟ । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ଝୁଲଣ ଯାତ ପାଇଁ ପ୍ରସ୍ତୁତି ଜାରି

ପୁରୀ,୧।୮ (ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ଶୁକ୍ଳ ଦଶମୀ ତିଥିଠାରୁ ଶ୍ରୀମନ୍ଦିର ସମେତ ବିଭିନ୍ନ ମଠ ବାଡ଼ି ତଥା ପୂରପଲ୍ଲୀରେ ଆରମ୍ଭ ହେବ ବର୍ଷାକାଳୀନ ରାସ ତଥା ପବିତ୍ର ଝୁଲଣ ଯାତ୍ରା। ଝୁଲଣଯାତ୍ରା ପାଇଁ ସମସ୍ତ ମଠ ବାଡ଼ି ଓ ମନ୍ଦିରର ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିଛି। ଏହି ଯାତ୍ରା ୭ଦିନ ବ୍ୟାପି ଚାଲିବ। ଝୁଲଣ କୁଞ୍ଜରେ ଝୁଲିବେ ଶ୍ରୀଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନ। ଶ୍ରୀକ୍ଷେତ୍ରରେ ବିଭିନ୍ନ ମଠ ବାଡ଼ିରେ ମଧ୍ୟ ଝୁଲଣ ଯାତ ଅନୁଷ୍ଠିତ ହେବ। ଝୁଲଣ କୁଞ୍ଜରେ ବିଜେ ହେବେ ଶ୍ରୀରାଧା କୃଷ୍ଣ। ଝୁଲଣ ଯାତ ପାଇଁ ଶ୍ରୀମନ୍ଦିର ଠାରୁ ମଠ ବାଡ଼ି ଗୁଡ଼ିକ ବେଶ୍ ଚଳଚଞ୍ଚଳ ହୋଇଉଠିଛି। ଝୁଲଣ ଯାତ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ତିନି ବାଡ଼ରେ ସର୍ବାଙ୍ଗ ଲାଗି ଓ ବେଶ ହେବ। ଝୁଲଣ ଯାତ୍ରାକୁ ଦୃଷ୍ଟିରେ ରଖି ମୁକ୍ତିମଣ୍ଡପ ଉପରେ ଓ ସମ୍ମୁଖ ପାର୍ଶ୍ୱରେ ସାଜସଜ୍ଜା ଚାଲିଛି। ସେହିଭଳି ଶ୍ରୀକ୍ଷେତ୍ରର ମଠ ବାଡ଼ିରେ ମଧ୍ୟ ଝୁଲଣ ଯାତ୍ରା ପାଇଁ ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି। ଜଗନ୍ନାଥବଲ୍ଲଭ ମଠ, ରାଧାବଲ୍ଲଭ ମଠ, ସିଦ୍ଧବକୁଳ ମଠ, ଶ୍ୟାମକୁଞ୍ଜ ମଠରେ ସମସ୍ତ ପ୍ରକାର ସାଜସଜ୍ଜା ସହ ଝୁଲଣ କୁଞ୍ଜ ପ୍ରସ୍ତୁତ ହେଉଛି। କୁଞ୍ଜରେ ଶୁଆ, ସାରି, ବଣି, ପାରା, ଗୁଣ୍ଡୁଚି ମୂଷା, ମାଙ୍କଡ଼ ଆଦି ମୂର୍ତ୍ତି ଖଞ୍ଜା ଯାଇଛି। ପୁରୀରେ ୪୦ରୁ ଊର୍ଦ୍ଧ୍ୱ ମଠ ବାଡ଼ିରେ ଝୁଲଣ ଯାତ୍ରା ପାଳିତ ହେବ।

ସୂଚନାଯୋଗ୍ୟ, ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସମୟରେ ଏହା ଶ୍ରୀମନ୍ଦିରରେ ପ୍ରଥମେ ପାଳନ କରାଯାଇଥିଲା। ଶ୍ରୀମନ୍ଦିରରେ ଗୌଡ଼ୀୟମାନଙ୍କ ପ୍ରଭାବ ସମ୍ପର୍କରେ ଏହି ଯାତ ସୂଚନା ଦେଉଛି। ଗୌଡ଼ୀୟ ସମ୍ପ୍ରଦାୟର ରାଧାକୃଷ୍ଣ ଉପାସ୍ୟ ହେଉଛନ୍ତି। ସେଥିପାଇଁ ଶ୍ରୀକୃଷ୍ଣ ଗୋପରେ ଥିବାବେଳେ କରିଥିବା ରାସକୁ ଝୁଲଣ ଯାତ୍ରା ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ। ଝୁଲଣ ଯାତ ଦଶମୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ।



ଝୁଲଣ ଯାତ୍ରାପାଇଁ ଶିଳ୍ପୀ ଝୁଲଣ କୁଞ୍ଜ ସଜାଉଛନ୍ତି ।

## ତେଜରାତି ଦୋକାନରୁ ଚୋରି

ବଳଙ୍ଗା,୧।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତ ଅଧୀନସ୍ଥ ଗଡ଼ଚାନ୍ଦପୁର ଗ୍ରାମରେ ଥିବା ଏକ ତେଜରାତି ଦୋକାନରୁ ଚୋରି ହୋଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଦୀନବନ୍ଧୁ ପାତ୍ରଙ୍କର ଗାଁ ମୁଣ୍ଡରେ ଏକ ତେଜରାତି ଦୋକାନ ଥିବାବେଳେ ସବୁଦିନ ରାତିରେ ଦୋକାନରେ ଶୁଅନ୍ତି। ଗୁରୁବାର ରାତିରେ ତାଙ୍କର ଦେହ ଖରାପ ଥିବାରୁ ରାତି ୧୦ଟାରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ରାତି ୧ଟାବେଳେ ଦୋକାନ ଦେଖିବାକୁ ଆସିଥିବା ବେଳେ ଦେଖିଲେ ଯେ ଦୋକାନର ତାଲା ଭଙ୍ଗାଯାଇଛି। ଦୋକାନ ଭିତରକୁ ଯାଇ ଦେଖନ୍ତି ତ ୨୫ ଲିଟର ପେଟ୍ରୋଲ୍, ଏଲ୍‌ସିଡି ଟିଭି ସହିତ ନଗଦ ୧୨ ହଜାର ୭୦୦ ଟଙ୍କା ଓ ଦୋକାନରେ ଥିବା ତେଜରାତି ଜିନିଷ ଚୋରି ହୋଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ପେଟ୍ରୋଲ ଢାଳି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଅସ୍ତରଙ୍ଗ,୧।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

କୌଣସି କାରଣବଶତଃ ଅସ୍ତରଙ୍ଗ ଅଞ୍ଚଳର ଏକ କଲେଜ ସାମ୍ନାରେ ଯୁବକ ଜଣକ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରୁଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଅସ୍ତରଙ୍ଗ ଥାନା ଅଞ୍ଚଳରେ ଶୁକ୍ରବାର ମଧ୍ୟାହ୍ନରେ କଲେଜ ସାମ୍ନାରେ ଏକ ଝିଅ ଓ ପୁଅ ମଧ୍ୟରେ ଦୀର୍ଘ ସମୟ ବଚସା ହୋଇଥିଲା। ପରେ ଝିଅ ଜଣକ ପୁଅର ସ୍କୁଟିକୁ ଗୋଇଠା ମାରିଥିଲା। ଉକ୍ତ କଲେଜ ଅଧ୍ୟାପକ ଯୁବକ ଜଣକୁ ଡାକି ଘଟଣା ସମ୍ପର୍କରେ ବୁଝି ଥିଲେ। କିନ୍ତୁ ରାଗ ଜର୍ଜରିତ ଯୁବକ ପେଟ୍ରୋଲ ଆଣି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଯୁବକ ଜଣକ କିଏ ଓ କାହିଁକି ଏପରି ନିଷ୍ପତ୍ତି ନେଇଥିଲେ ତାହା ସନ୍ଦେହଘେରରେ। ଏହି ଘଟଣାକୁ ସ୍ଥାନୀୟ ପୋଲିସ ଗୁରୁତ୍ୱର ସହ ନେଇ କଲେଜରେ ପହଞ୍ଚି ଯାଞ୍ଚ କରି ତଦନ୍ତ ଚଳାଇଛି।

# ୪ ଦଫା ଦାବିରେ ଦଳିତ ସଂଘର ବିକ୍ଷୋଭ



ରାଜ୍ୟ ଦଳିତ ମହାସଂଘ ମହିଳା ଗୋଷ୍ଠୀ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ବଳଙ୍ଗା,୧।୮ (କେଦାରେଶ୍ୱର ନନ୍ଦ)

ରାଜ୍ୟ ଦଳିତ ମହାସଂଘ ମହିଳା ଗୋଷ୍ଠୀ ବଳଙ୍ଗା ଥାନା ଆଗରେ ଗର୍ଜିଛନ୍ତି। ଗଞ୍ଜେଇ ବେପାରୀଙ୍କୁ ଗିରଫ ଦାବିରେ ଅନେକ ଦଳିତ ମହିଳା ହାତରେ ପୋଷ୍ଟର ଧରି ବଳଙ୍ଗା ଥାନା ସାମ୍ନାରେ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ଜରିଆରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ଦଳିତ ସଂଘର ସଭାପତି ବିଜୟ ସେଠୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏକାଠି ହୋଇ ବଳଙ୍ଗା ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସୂଚନା ମୁତାବକ, ସରସ୍ୱତୀପୁର ପଞ୍ଚାୟତର କୃଷ୍ଣ ବେହେରାଙ୍କୁ ଅତି ଅମାନୁଷିକ ଭାବେ ମାଡ଼ ମାରିବା ସହ ଜାତିଆଣ ଆକ୍ଷେପ କରିଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିବା ସହ ତଦନ୍ତ ଜାରି ରଖିଥିବା ବେଳେ ଅନ୍ୟ ଅଭିଯୁକ୍ତ ଫେରାର୍ ଥିବାବେଳେ ଶୁକ୍ରବାର ମଧ୍ୟାହ୍ନରେ ଗଣଧାରଣାରେ ସେମାନଙ୍କର ଦାବି ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ୭୨ ଘଣ୍ଟା ଭିତରେ ଗିରଫ କରାଯାଉ। ଅନ୍ୟପଟେ ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ସ୍ୱାଇଁଙ୍କୁ ବଳଙ୍ଗା ଥାନା କର୍ମଚାରୀ ଗୁରୁବାର ବିଳମ୍ବିତ ରାତିରେ ଉଠାଇ ଆଣିବା ସହିତ ଆଜି କୋର୍ଟଚାଲାଣ କରାଯିବ ବୋଲି ବଳଙ୍ଗା ଥାନା ପକ୍ଷରୁ ସୂଚନା ମିଳିଛି।

# ୧୧୨ ହିତାଧିକାରୀ, ୧୭ ସ୍କୁଲକୁ ଜମିପଟ୍ଟା ବଣ୍ଟନକଲେ ଉପମୁଖ୍ୟମନ୍ତ୍ରୀ

ଗୋପ,୧।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ୍ ଅନ୍ତର୍ଗତ ତଥା ଗୋପ–ବାଲିଘାଇ ରାସ୍ତାରେ ଥିବା କଲ୍ୟାଣମଣ୍ଡପଠାରେ ଗୋପ ତହସିଲ ପକ୍ଷରୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମୁତାବକ ଜମିର ସ୍ଥାୟୀ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମେଗା ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ଯୋଜନାରେ ୧୭ଟି ବିଦ୍ୟାଳୟ ଓ ୧୧୨ ଜଣ ହିତାଧିକାରୀଙ୍କୁ ସରକାରଙ୍କ କଲମ ଟୁ ଯୋଜନାରେ ଯୋଜନାରେ ପଟ୍ଟା ବଣ୍ଟନ କରିଥିଲେ। ବିଭିନ୍ନ ଜମିଜମା ସମ୍ପର୍କିତ ଦାଖଲ ଖାରଜ ମାମଲାରେ ଦୈନନ୍ଦିନ ଶତାଧିକ ଲୋକ ଗୋପ ତହସିଲ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ସେମାନଙ୍କୁ ଜମି ପଟ୍ଟା ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମରେ ମଧ୍ୟ କେତେଜଣ ବ୍ୟକ୍ତି ଜମିପଟ୍ଟା ନେବାକୁ ଆସି ନ ଥିଲେ। ବିଶେଷକରି ଗୋପ ତହସିଲ ଅଫିସ ଅଧୀନ କୋଣାର୍କ, ବରିମୁଣ୍ଡ, ମହାପୁର, ମହଲପଡ଼ା, ଏରବଙ୍ଗ ସର୍କଲରେ ଜମି ପଟ୍ଟା ବଣ୍ଟନ ହୋଇପାରୁ ନାହିଁ ବୋଲି ଅଭିଯୋଗ ହୋଇଛି। ଜମିଜମା ସମ୍ପର୍କିତ ଦାଖଲ ଖାରଜ ଜମି ପଟ୍ଟା ଲାଗି ସଚ୍ଚିଦାନନ୍ଦ ସାହୁ, ପୁଷ୍ପାଞ୍ଜଳି ପାତ୍ର ପ୍ରମୁଖ ମାସ ମାସ ଧରି ଦୌଡ଼ୁଛନ୍ତି ବୋଲି ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମରେ ଉପଜିଲାପାଳ ରାଜକିଶୋର ଜେନା, ବିଡିଓ ଛବିରାଣୀ ସାହୁ, ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଯୁବ ସଭାପତି ଶିବପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ସପ୍ତାହ ପରେ ବି ସତ୍ୟାସତ୍ୟ ସାମ୍ନାକୁ ଆସିପାରି ନାହିଁ

### ବଳଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣା

ବଳଙ୍ଗା,୧।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣାକୁ ୨ ସପ୍ତାହ ବିତିଯାଇଥିଲେ ସୁଦ୍ଧା କୌଣସି ସତ୍ୟାସତ୍ୟ ସାମ୍ନାକୁ ଆସିପାରି ନାହିଁ। ଏପଟେ ଘଟଣା ଘଟିବା ଦିନଠାରୁ ପୀଡ଼ିତାଙ୍କ ଗାଁ ବାୟାବର ନୂଆଗୋପାଳପୁର ଅଞ୍ଚଳ ସମ୍ପୂର୍ଣ୍ଣ ସ୍ତବ୍ଧ ହୋଇଯାଇଥିବା ଦେଖିବାକୁ ମିଳିଛି। ଏମିତି ଘଟଣାରେ ଗ୍ରାମବାସୀ କୌଣସି ପ୍ରତିକ୍ରିୟା ଦେବା ତ ଦୂରର କଥା ବାହାରକୁ ବାହାରିବାକୁ ଡରୁଛନ୍ତି। ସେପଟେ ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ଦୁଃଖୀଶ୍ୟାମ କିଛିଦିନ ତଳେ ନିଜକୁ ଅସୁରକ୍ଷିତ ମନେକରିବା ସହ ପୋଲିସକୁ ସୁରକ୍ଷା ମାଗିଥିଲେ। ଆଉ ବଳଙ୍ଗା ପୋଲିସ ପକ୍ଷରୁ ମଧ୍ୟ ତାଙ୍କ ଘର ସାମ୍ନାରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏବେ ସେ ଗଣମାଧ୍ୟମ ସାମ୍ନାକୁ ଆସିବାକୁ ମଧ୍ୟ ମନା କରିଦେଉଛନ୍ତି। ପୀଡ଼ିତାଙ୍କ ପରିବାରକୁ ମଧ୍ୟ ୨୪ଘଣ୍ଟିଆ ସୁରକ୍ଷା ବଳୟ ଭିତରେ ରଖାଯାଇଛି, କିନ୍ତୁ ଅଧିକାଂଶ ସମୟ ତାଙ୍କ ଘର ସାମ୍ନାରେ ବାହାରୁ ଆଉ ଭିତର ପଟୁ ତାଲା ଝୁଲୁଥିବା ମଧ୍ୟ ଦେଖିବାକୁ ମିଳିଛି। ଘଟଣା ପଛରେ ଲୁଚି ରହିଥିବା ସତ୍ୟାସତ୍ୟ ଉପରୁ ପରଦା ଉଠାଇବା ପାଇଁ ତଦନ୍ତ ଜାରି ରହିଥିବା ବେଳେ ଘଟଣା ଘଟିଥିବା ସ୍ଥାନରେ ସମ୍ପୂର୍ଣ୍ଣ କେନାଲ ପାଣି ମାଡ଼ି ଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପୀଡ଼ିତାଙ୍କ ବୟାନ ରେକର୍ଡ କରିବାକୁ ଯାଇଥିବା ବଳଙ୍ଗା ଥାନାଧିକାରୀ ଓ ପୁରୀ ହେଡକ୍ୱାର୍ଟର୍ସ ଡିଏସ୍‌ପି ଶୁକ୍ରବାର ଅପରାହ୍ନରେ ଦିଲ୍ଲୀରୁ ଫେରି ବଳଙ୍ଗା ଥାନାରେ ପହଞ୍ଚିଥିବା ବେଳେ ଶନିବାର ଘଟଣା ନୂଆ ମୋଡ଼ ନେବା ସହ ସମ୍ପୂର୍ଣ୍ଣ ଘଟଣା ପଛରୁ ପୋଲିସ ପରଦା ଉଠାଇପାରେ ବୋଲି ଅନୁମାନ କରାଯାଉଛି।

# ସୁନାଗରିକ ହେବା ପାଇଁ ଶିକ୍ଷା ଆବଶ୍ୟକ

କାକଟପୁର/ଅସ୍ତରଙ୍ଗ,୧।୮
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

### ଭାବବିହ୍ୱଳ ପରିବେଶରେ ଶିକ୍ଷକଙ୍କ ଅବସର ସମ୍ବର୍ଦ୍ଧନା

ସୁନାଗରିକ ହେବା ପାଇଁ ଶିକ୍ଷା ଆବଶ୍ୟକ ବୋଲି ବରିଷ୍ଠ ଶିକ୍ଷକ ପୀତବାସ ଦୀକ୍ଷିତ ତାଙ୍କର ଅବସର ସମ୍ବର୍ଦ୍ଧନା ସଭାରେ ମତପ୍ରକାଶ କରିଛନ୍ତି। କାକଟପୁର ବ୍ଲକ ପିଏମ୍‌ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପୀତବାସ ଦୀକ୍ଷିତ ନିଜ ଚାକିରି କାଳରୁ ଜୁଲାଇ ୩୧ରେ ଅବସର ନେଇଛନ୍ତି। ଶୁକ୍ରବାର ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ପୁରୀ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସମ୍ମାନିତ ଅତିଥି ଭାବେ କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ସୁଧାନନ୍ଦ ପରିଡ଼ା, ସାମାଜିକ କର୍ମୀ ରତିକାନ୍ତ ବେହେରା, ଖବରଦାତା ପ୍ରଦୀପ୍ତ କୁମାର ଦୀକ୍ଷିତ, ଶିକ୍ଷାବିତ୍ ନିରଦ ମହାନ୍ତି, ଅର୍ଣ୍ଣବ କୁମାର ବେହେରା, ପୂର୍ବତନ ମଣ୍ଡଳ ଶିକ୍ଷାଧିକାରିଣୀ ପଙ୍କଜିନୀ ଦେଇ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ରୀନାଲତା ପରିଡ଼ା ଓ ଆଲୁମ୍ନି କମିଟି ସଭାପତି ସ୍ୱପ୍ନେଶ୍ୱର ସାହୁ ନିଜ ଅଭିଭାଷଣରେ କହିଥିଲେ, ପୀତବାସ ଦୀକ୍ଷିତ ଛାତ୍ରୀଛାତ୍ରମାନଙ୍କ ପାଇଁ ଯେତିକି ପ୍ରେରଣା ଓ ଉତ୍ସାହ ଦେଉଥିଲେ, ସମପରିମାଣରେ କନିଷ୍ଠ ଗୁରୁମାଗୁରୁଜୀଙ୍କୁ ଉତ୍ତମ ମାର୍ଗଦର୍ଶନ ଦେଇ ଆସୁଥିଲେ ବୋଲି କହିଥିଲେ। ବିଦ୍ୟାଳୟ ପକ୍ଷରୁ ବରିଷ୍ଠ ଶିକ୍ଷକ ଦୀକ୍ଷିତଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିଲା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମାନସ ଦୀକ୍ଷିତ ଧନ୍ୟବାଦ ଦେଇଥିଲେ।



ବରିଷ୍ଠ ଶିକ୍ଷକ ପୀତବାସ ଦୀକ୍ଷିତଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଉଛି ।

# ଜିଲାର ପ୍ରତି ପଞ୍ଚାୟତରେ ରଥବାଟିକା ନିର୍ମାଣ ହେବ

ନିମାପଡ଼ା,୧।୮ (ବିଚିତ୍ରାନନ୍ଦ ସାହୁ)

ଆଗାମୀ ଦିନରେ ପୁରୀ ରଥଯାତ୍ରା ପାଇଁ ପୁରୀ ଜିଲାରୁ ହିଁ ସମସ୍ତ ରଥ କାଠ ସଂଗୃହିତ ହେବ। ଏଥିପାଇଁ ଏବେଠାରୁ ଜିଲାର ପ୍ରତ୍ୟେକ ପଞ୍ଚାୟତରେ ରଥବାଟିକା ନିର୍ମାଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ପୁରୀ ବନଖଣ୍ଡ ବିଭାଗ ପକ୍ଷରୁ ଜିଲାସ୍ତରୀୟ ୭୬ତମ ବନ ମହୋତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ବନ୍ୟ ସମ୍ପଦ ଓ ପରିବେଶର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ଦେଶର ଭବିଷ୍ୟତ ଆଜିର ଛାତ୍ରୀଛାତ୍ରମାନଙ୍କ ହାତରେ ସୁରକ୍ଷିତ ରହିବ ବୋଲି ଉପ ମୁଖ୍ୟମନ୍ତ୍ରୀ ପରିଡ଼ା ମତବ୍ୟକ୍ତ କରିଥିଲେ।



ସମାରୋହରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା ବ୍ଲକ ଅନ୍ତର୍ଗତ ହଂସପଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଜିଲାସ୍ତରୀୟ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ସମାରୋହରେ ସମ୍ମାନିତ ଅତିଥିଭାବେ ପୁରୀ ବନଖଣ୍ଡ ଅଧିକାରୀ ମଗର ଧନୋଜି ରାଣୋ, ସହକାରୀ ବନ ସଂରକ୍ଷକ ସସ୍ମିତ ପଣ୍ଡା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବାପି ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଅତିଥିବୃନ୍ଦ, ଛାତ୍ରୀଛାତ୍ରମାନେ ବିଭିନ୍ନ କିସମର ଚାରାରୋପଣ କରିଥିବା ବେଳେ ମା ପାଇଁ ଗଛଟିଏ ଲଗାଇବାକୁ ଆହ୍ୱାନ ଦିଆଯାଇଥିଲା। ସମାରୋହରେ ବିଦ୍ୟାଳୟର ଛାତ୍ରୀଛାତ୍ର, କର୍ମଚାରୀ, ବନ ଅଧିକାରୀଙ୍କ ପକ୍ଷରୁ ଉପ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

**ଅବସରକାଳୀନ ସମ୍ବର୍ଦ୍ଧନା ସଭା**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡାଲ ବିଦ୍ୟାପୀଠ ଶିକ୍ଷୟିତ୍ରୀ ସୁଲୋଚନା ସ୍ୱାଇଁ ଅବସର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ଏବିଇଓ ଅରୁନ୍ଧତୀ ମିଶ୍ର, ପୌରଉପାଧକ୍ଷ ତଥା ଆଲମୁନି କମିଟି ସଭାପତି ଶୁଭେନ୍ଦୁ ସାମଲ, ସମ୍ପାଦକ ଆଶୁତୋଷ ଦାସ, ଉପସଭାପତି ଭାସ୍କର ଚନ୍ଦ୍ର ପ୍ରଧାନ, ସିଆର୍‌ସିସି ରାଜେଶ କୁମାର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଗୌତମ କୁମାର ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ମିଶ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ତପସ୍ୱିନୀ ପ୍ରଧାନ, ହିମାନୀ ଦାସ, ସୁଚିସ୍ମିତା ଦାସ, ପ୍ରଦୀପ୍ତ ପଣ୍ଡା, ସତ୍ୟବ୍ରତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ଯୁବକଙ୍କ ବେକରୁ ସୁନା ଚେନ ଝାମ୍ପି ନେଲେ ଦୁର୍ବୃତ୍ତ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୧।୮ (ଆଶୁତୋଷ ଦାସ/ମାନସ ସାମଲ)

ଚୌଦ୍ୱାର ଥାନା ଅଞ୍ଚଳରେ ପୁଣି କଳା ପଲସର୍ ଆତଙ୍କ ଦେଖାଯାଇଛି। ଶୁକ୍ରବାର ମର୍ନିଂ ୱାକରେ ଯାଇଥିବା ଯୁବକଙ୍କ ବେକରୁ ସୁନା ଚେନ ଛଡାଇ ନେଇ କଳାରଙ୍ଗର ପଲସର୍ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଏଭଳି ଘଟଣା ଘଟିଛି ଚୌଦ୍ୱାର ଥାନା ଟିପିଏମ ଫାଣ୍ଡି ଅଧୀନ ଧୁମାବତୀ ଧବଳେଶ୍ୱର ରାସ୍ତା ଚଷାପଡା ଗ୍ରାମ ନିକଟ ଜେନିପୁରଠାରେ। ସବୁଦିନ ଭଳି ଚିତ୍ରେଶ୍ୱର ଗ୍ରାମର ନରେନ୍ଦ୍ର ବେଉରା ଓ ତାଙ୍କ ସାଙ୍ଗ ବିଷ୍ଣୁ ଚରଣ ରାଉତଙ୍କ ସହ ପ୍ରାତଃଭ୍ରମଣରେ ଯାଉଥିବା ବେଳେ ୩ଜଣ ଦୁର୍ବୃତ୍ତ ହେଲମେଟ ପିନ୍ଧି ଏକ କଳା ପଲସର ଗାଡିରେ ଆସି ନରାଜ ଯିବା ପାଇଁ ରାସ୍ତା ପଚାରିଥିଲେ। ନରେନ୍ଦ୍ର ତାଙ୍କୁ ରାସ୍ତା ସମ୍ପର୍କରେ ସୂଚନା ଦେଉଥିବା ବେଳେ ହଠାତ୍ ୨ଜଣ ଯୁବକ ତାଙ୍କୁ ମାଡିବସି ମୁଣ୍ଡରେ ବନ୍ଧୁକ ଲଗାଇଥିଲେ। ଏହାକୁ ନରେନ୍ଦ୍ର ବିରୋଧ କରିବାରୁ ଏକ ଧାରୁଆ ଅସ୍ତ୍ରରେ ହାତକୁ ଆକ୍ରମଣ କରି ତାଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ଟିପିଏମ୍ ଫାଣ୍ଡି ଅଧିକାରୀ ନିରଞ୍ଜନ ଭୋଇ ଘଟଣାସ୍ଥଳରେ ପହଞ୍ଚି ଆହତ ନରେନ୍ଦ୍ରଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି। ତେବେ ଟିପିଏମ୍ ଫାଣ୍ଡି ନିକଟରୁ ଘଟଣାସ୍ଥଳ ମାତ୍ର ୨୦୦ମିଟର ହୋଇଥିବା ବେଳେ ପୋଲିସ ପ୍ରତି ଦୁର୍ବୃତ୍ତଙ୍କ ଡର ନ ଥିବା ବେଳେ ସାଧାରଣ ଲୋକେ ନିଜକୁ କେତେ ସୁରକ୍ଷିତ ମଣିବେ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ପ୍ରତିରୋପଣ ଅପେକ୍ଷାରେ ଅଧିକାଂଶ ରୋଗୀ

କଟକ,୧।୮ (ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବିରେ ଦିଗହରା ବୋନ୍ ମ୍ୟାରୋ, ଲିଭର ପ୍ରତିରୋପଣ**

**ଅପେକ୍ଷା କରି ମୃତ୍ୟୁବରଣ କଲେଣି ଅଧାରୁ ଅଧେ**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ବୋନ୍ ମ୍ୟାରୋ ପ୍ରତିରୋପଣ ଏକ ପ୍ରକାରର ବନ୍ଦ ହୋଇଯାଇଛି। ଏହାସହ ଯକୃତ ପ୍ରତିରୋପଣ ଯେପରି ଏବେ ସ୍ୱପ୍ନ ପାଲଟିଛି। ମେଡିକାଲରେ ବୋନ୍ ମ୍ୟାରୋ ଓ ଯକୃତ ପ୍ରତିରୋପଣକୁ ଅପେକ୍ଷା କରି ପ୍ରାୟତଃ ରୋଗୀ ଦିନ କାଟୁଛନ୍ତି ଏବଂ ସେଥିମଧ୍ୟରୁ କେତେଜଣ ରୋଗୀଙ୍କ ମୃତ୍ୟୁ ମଧ୍ୟ ହୋଇସାରିଲାଣି।

ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ୨୦୧୪ରେ ମେଡିକାଲରେ ବୋନ୍ ମ୍ୟାରୋ ପ୍ରତିରୋପଣ ଆରମ୍ଭ କରାଯାଇଥିଲା। ଏଯାଏ ପ୍ରାୟ ୧୮୦ଜଣ ରୋଗୀଙ୍କ ସଫଳ ଭାବେ ପ୍ରତିରୋପଣ କରାଯାଇଛି। ଏବେ ପ୍ରାୟ ୩୫ଜଣ ରୋଗୀ ପ୍ରତିରୋପଣ ଅପେକ୍ଷାରେ ଏବଂ ୫ଜଣଙ୍କ ମୃତ୍ୟୁ ହୋଇସାରିଛି। ଏପରି କି ହେମାଟୋଲୋଜି ବିଭାଗରେ ଏବେ ବିଶେଷଜ୍ଞ ଅଭାବରୁ ୫ମାସ ହେବ ପ୍ରତିରୋପଣ ବନ୍ଦ କରାଯାଇଛି । ସରକାରୀ ମେଡିକାଲରେ ପ୍ରତିରୋପଣ ନିଃଶୁଳ୍କ ଥିବାବେଳେ ଘରୋଇ ହସ୍ପିଟାଲରେ ଏଥିପାଇଁ ୩୦ରୁ ୪୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ୯ ମାସ ହେବ ଏସ୍‌ସିବିରେ ବୋନ୍ ମ୍ୟାରୋ ପ୍ରତିରୋପଣ ଅପେକ୍ଷାରେ ଥିବା ରୋଗୀ ସୁପ୍ରଭା ସାହୁ ଓ ଢେଙ୍କାନାଳ ଅଞ୍ଚଳର ଅନ୍ୟ ଜଣେ ରୋଗୀଙ୍କ ସମ୍ପର୍କୀୟ ସଲିଳା ସାହୁ କହିଛନ୍ତି, ଏସ୍‌ସିବିରେ ପ୍ରତିରୋପଣର ସମସ୍ତ ବ୍ୟବସ୍ଥା ଥିବା ଜାଣି ଏଠାକୁ ଆସିଥିଲୁ। ହେଲେ ଏବେ ପ୍ରତିରୋପଣ ବନ୍ଦ ହୋଇଯିବା ଯୋଗୁ ଅସୁବିଧା ଭୋଗିବାକୁ ପଡୁଛି। ସେତିକି ମାତ୍ରାରେ ଆର୍ଥିକ ସ୍ଥିତି ଠିକ୍ ନାହିଁ ଯେ ଘରୋଇ ହସ୍ପିଟାଲରେ ପ୍ରତିରୋପଣ କରାଇପାରିବୁ। ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି ଅନୁରୋଧ କରୁଛୁ। ସେହିପରି ମେଡିକାଲରେ ୨୦୨୪ରେ ହେପାଟୋଲୋଜି ବିଭାଗ ଅଧୀନରେ ଲିଭର ବା ଯକୃତ ପ୍ରତିରୋପଣ ଆରମ୍ଭ କରାଯାଇଥିଲା। ଟ୍ରମା କେୟାରଠାରେ ମଡ୍ୟୁଲାର ଓଟିର ବ୍ୟବସ୍ଥା କରାଯାଇଥିଲା। ରାଜ୍ୟ ସରକାର ହାଇଦ୍ରାବାଦସ୍ଥିତ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି) ସହ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହି ଟିମ୍ ଏସ୍‌ସିବି ବହୁବାର ଆସି ରୋଗୀଙ୍କ ସ୍କ୍ରିନିଂ କରିବା ସହ ଦୁଇଟି ଯକୃତ ପ୍ରତିରୋପଣ କରିଥିଲା। ହେଲେ ଦ୍ୱିତୀୟ ପ୍ରତିରୋପଣ ପରେ ପ୍ରାୟ ଏକ ମାସ ମଧ୍ୟରେ ତୃତୀୟ ପ୍ରତିରୋପଣ କରାଯିବ ବୋଲି ମେଡିକାଲ ପକ୍ଷରୁ ସ୍ଥିର କରାଯାଇଥିଲା। ହେଲେ ଆଜକୁ ୯ ମାସ ହେଲେ ପ୍ରତିରୋପଣ ହୋଇପାରିନାହିଁ। ଫଳରେ ତୃତୀୟ ପ୍ରତିରୋପଣ ପାଇଁ ସ୍ଥିର ହୋଇଥିବା ରୋଗୀଙ୍କ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ମେଡିକାଲର ଜଣେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ବେଳେ କହିଛନ୍ତି, ତୃତୀୟ ଯକୃତ ପ୍ରତିରୋପଣ ପାଇଁ ଚୟନ କରାଯାଇଥିବା ରୋଗୀ ଜଣକ ପ୍ରତିରୋପଣ ପାଇଁ ଯୋଗ୍ୟ ନ ଥିଲେ। ସେଥିପାଇଁ ପ୍ରତିରୋପଣ କରାଯାଇ ପାରି ନ ଥିଲା। ଏବେ ଏଆଇଜି ଟିମ୍ ଆଉ ଯକୃତ ପ୍ରତିରୋପଣ କରିବ ନାହିଁ। ରାଜ୍ୟ ସରକାର ହୃତ୍‌ପିଣ୍ଡ ପ୍ରତିରୋପଣ କରିବା ପାଇଁ ଏମ୍‌ଜିଏମ୍ ସହ ଚୁକ୍ତି କରିଥିଲେ, ଏବେ ଏହି ଏମ୍‌ଜିଏମ୍‌ର ଡାକ୍ତରୀ ଟିମ୍ ଯକୃତ ପ୍ରତିରୋପଣ କରିବେ। ସେହିପରି ଏହି ପ୍ରତିରୋପଣ ନିମନ୍ତେ ଏବେ ୩ଜଣଙ୍କର ସ୍କ୍ରିନିଂ କରାଯାଇଛି ବୋଲି ସେ କହିଛନ୍ତି। ତେବେ ରାଜ୍ୟ ସରକାର ମହାତ୍ମା ଗାନ୍ଧୀ ମେମୋରିଆଲ ହସ୍ପିଟାଲ (ଏମ୍‌ଜିଏମ୍) ସହ କରିଥିବା ଚୁକ୍ତିନାମାକୁ ପ୍ରାୟ ଏକ ବର୍ଷ ହେବା ଉପରେ ଥିବାବେଳେ ଗୋଟିଏ ବି ହୃତପିଣ୍ଡ ପ୍ରତିରୋପଣ କରାଯାଇ ପାରି ନାହିଁ। ଏବେ ଏମ୍‌ଜିଏମ୍‌ର ଟିମ୍ ଯକୃତ ପ୍ରତିରୋପଣ କରିବାରେ କେତେ ଯେ ସଫଳ ହେବ ତାହା ଦେଖିବାକୁ ବାକି ରହିଛି।

## କଲେଜ କ୍ୟାମ୍ପସରେ ଛାତ୍ରୀଙ୍କୁ ସୁରକ୍ଷା ଦିଆଯାଉ



ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

କଟକ,୧।୮ (ଶିଳ୍ପା ପ୍ରିୟଦର୍ଶିନୀ)

**ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ବିଜୁ ଛାତ୍ର ଜନତା ଦଳର ଦାବିପତ୍ର**

କଲେଜ କ୍ୟାମ୍ପସରେ ଛାତ୍ରୀଙ୍କ ସୁରକ୍ଷା ପ୍ରଦାନ କରିବାକୁ ଦାବି କରି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶୁକ୍ରବାର କ୍ୟାଣ୍ଟନମେଣ୍ଟ ଥାନାରେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଛାତ୍ର ବିଜେଡି ସଭାପତି ଆସିଫ ଅମିନଙ୍କ ନେତୃତ୍ୱରେ ଷ୍ଟୁଆର୍ଟ ବିଜ୍ଞାନ କଲେଜ ଓ ଖ୍ରୀଷ୍ଟ କଲେଜ ଛାତ୍ରୀଛାତ୍ରମାନେ କଲେଜ କ୍ୟାମ୍ପସରେ ଛାତ୍ରୀଙ୍କ ପାଇଁ ସୁରକ୍ଷା ଲୋଡିଛନ୍ତି। ଏ ନେଇ ଆସିଫ ଅମିନ କହିଛନ୍ତି, ଏଫ୍‌ଏମ୍ କଲେଜ ଘଟଣା ହେଉ କି ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ବଳାତ୍କାର କରିବା ଭଳି ଆଉ ଘଟଣା ଯେପରି ନ ଘଟୁ ତାହାକୁ ନ ଜରରେ ରଖି ଛାତ୍ରୀଙ୍କ ସୁରକ୍ଷାକୁ ଦାବି କରୁଛୁ। କଲେଜରେ ଅସାମଜିକ ଓ ଅଣଛାତ୍ର ପ୍ରବେଶକୁ ନିଷେଧ କରିବା ଭଳି ଦୃଢ଼ ପଦକ୍ଷେପ ଯେପରି ନିଆଯିବ ତାହା ଦାବି କରିଛୁ ବୋଲି ସେ କହିଛନ୍ତି। କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ଜତୀନ୍ଦ୍ର ସେଠୀ ଦାବିପତ୍ର ଗ୍ରହଣ କରି ଏ ବିଷୟରେ ପୋଲିସ ଡିଜିଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ସନ୍ତୋଷ ମହାପାତ୍ର, ପ୍ରସନଜିତ ଦାସ, ମନୋଜ କୁମାର ନାଏକ, ମନିଷ କୁମାର ସ୍ୱାଇଁଙ୍କ ସମେତ ଷ୍ଟୁଆର୍ଟ ବିଜ୍ଞାନ କଲେଜ ଓ ଖ୍ରୀଷ୍ଟ କଲେଜ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ଡ୍ରିମ୍‌ସ ଫିଜିଓଥେରାପି ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସମ୍ବର୍ଦ୍ଧନା ଦେବା ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

## ଭିଜିଲାନ୍ସ ଅଦାଲତରେ ଅବସରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଦଣ୍ଡିତ

କଟକ,୧।୮ (କାର୍ତ୍ତିକ ସାହୁ)

କଟକ ଇରିଗେସନ ଇଷ୍ଟର୍ଣ୍ଣ ସର୍କଲ୍‌ର ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ (ଅବସରପ୍ରାପ୍ତ) ମଦନ ମୋହନ ସାମନ୍ତରାୟ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରୁଜୁ ମାମଲାର ବିଚାର କରି ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ଅଭିଯୁକ୍ତ ସାମନ୍ତରାୟଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଓଡ଼ିଶା ଭିଜିଲାନ୍ସ ଏବେ ସାମନ୍ତରାୟଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ପ୍ରାଧିକୃତ ଅଧିକାରୀଙ୍କ ନିକଟକୁ ଯିବ। ଭିଜିଲାନ୍ସ ସେଲ୍‌ର ପୂର୍ବତନ ଇନସ୍‌ପେକ୍ଟର ଦେବ ନାରାୟଣ ଦାସ ମାମଲାର ତଦନ୍ତ କରିଥିଲେ। ସ୍ପେଶାଲ ପିପି ଗିରିଜା ପଟ୍ଟନାୟକ ଓ ଚନ୍ଦ୍ରକାନ୍ତ ଦାସ ମିଳିତ ଭାବେ ମାମଲା ପରିଚାଳନା କରୁଥିଲେ।

## ପିରବଜାରରେ ଖୋଲିଲା ପରିବର୍ତ୍ତନ ଗାର୍ମେଣ୍ଟ



ଅତିଥିଙ୍କ ଦ୍ୱାରା ପରିବର୍ତ୍ତନ ଗାର୍ମେଣ୍ଟକୁ ଉଦ୍‌ଘାଟନ କରାଯାଉଛି।

ମଙ୍ଗୁଳି-ଜଗତପୁର,୧।୮ (ମାନସ ସାମଲ)

କଟକ ଜିଲା ଜଗତପୁର ଥାନା ଅଧୀନ ଗୁଞ୍ଜରପୁର ନିକଟସ୍ଥ ପିରବଜାରରେ ପରିବର୍ତ୍ତନ ଗାର୍ମେଣ୍ଟ ଖୋଲାଯାଇଛି। ପିଙ୍କ ମୁନ ଭିଜନର ଏମ୍‌ଡି ପ୍ରଦିପ କୁମାର ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ପିଙ୍କ ମୁନ ଭିଜନର ସିଇଓ ଆକାଶ ଦାସ ଶର୍ମା, ସାମାଜିକ କର୍ମୀ ଅନୁଶୟା ମହାନ୍ତି ଯୋଗ ଦେଇଥିବାବେଳେ ମନୋଜ ବିଶ୍ୱାଳ, ରିତେଶ ଦାସ, ଶାନ୍ତନୁ ମହାନ୍ତି, କାର୍ତ୍ତିକ ବେହେରା, ତୁଳସୀ ଦାସ, ରଶ୍ମି ବିଶାଳ, ଶଶିକାନ୍ତ ମହାନ୍ତି ପ୍ରମୁଖ ସହାଯୋଗ କରିଥିଲେ। ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଦେଇ ଯେଉଁ ଗ୍ରାହକ ଦୋକାନରୁ କିଣିବେ ସେହି ଗ୍ରାହକଙ୍କୁ ଶତପ୍ରତିଶତ କ୍ୟାସ ବ୍ୟାକର ଦିଆଯିବ ବୋଲି ମାଲିକ ହିମାଂଶୁ ମହାନ୍ତି ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ପ୍ରଥମ ଥର ପାଇଁ ଜଗତପୁର ପିରବଜାର ଏଭଳି ଦୋକାନ ଖୋଲିଥିବା ବେଳେ ଏହାର ସୁଯୋଗ ଉଠାଇବା ପାଇଁ ପ୍ରଥମ ଦିନରେ ଶତାଧିକ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳିଥିଲା ।

## ଡ୍ରିମ୍‌ସରେ ଫିଜିଓଥେରାପି ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

କଟକ,୧।୮ (କାର୍ତ୍ତିକ ସାହୁ)

ଡ୍ରିମ୍‌ସ ସ୍କୁଲ ଅଫ ଫିଜିଓଥେରାପି ଓ ଅକ୍ୟୁପେସନାଲ ଥେରାପିର ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପଦ୍ମିନୀ ଅଡିଟୋରିୟମ୍‌ରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ବିଦାୟୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନର ବ୍ରାଣ୍ଡ୍ ଆମ୍ବାସଡର ଭାବେ ଅଭିହିତ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଛାତ୍ରୀଛାତ୍ରମାନେ ନିଜର ବୃତ୍ତିଗତ ଜୀବନରେ ଉତ୍ସର୍ଗୀକୃତ ମନୋଭାବ ନେଇ କର୍ତ୍ତବ୍ୟ ସଂପାଦନ କଲେ ସମାଜରେ ସେମାନଙ୍କ ସୁନାମ ପ୍ରତିଫଳିତ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ନିରୁପମା ଚୟନୀ, ଡ. ସୁଶାନ୍ତ କୁମାର ଦାସ, 'ଡିନ୍' ଡ. କୁମ୍ଭକର୍ଣ୍ଣ ରାଉତ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଫେସର ଡା. ସଞ୍ଜୟ କୁମାର ସ୍ୱାଇଁ ନିଜର ବୃତ୍ତି ପ୍ରତି ନିଷ୍ଠାବାନ୍ ହେବା ସହ ଏହାର ଗୌରବ ବୃଦ୍ଧି ଦିଗରେ ଯତ୍ନବାନ ହେବାକୁ ବିଦ୍ୟାର୍ଥୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଏବଂ ପ୍ରାଧ୍ୟାପିକା ଶୁଭସ୍ମିତା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ଗୋସ୍ୱାମୀ ତୁଳସୀ ଦାସ ଜୟନ୍ତୀ ସମାରୋହ ଉଦ୍‌ଯାପିତ

କଟକ ସଦର,୧।୮ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱରପୁରଠାରେ ଗୋସ୍ୱାମୀ ତୁଳସୀ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ଓ ସିଦ୍ଧେଶର, କନ୍ଦରପୁର ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ୯ଦିନ ବ୍ୟାପୀ ଏହି ଜୟନ୍ତୀ ଚାଲିଥିଲା। କାର୍ଯ୍ୟକ୍ରମରେ ପ୍ରବକ୍ତା ପରିଷଦ ସଭାପତି ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଅଧ୍ୟକ୍ଷତା କରୁଥିବା ବେଳେ ମାଳିକା ଗବେଷକ ବିଭୂତିଭୂଷଣ ପାଳ, ସନ୍ଥ ତ୍ରୈଲୋକେ ଶ୍ୱର୍ ଭାରତୀ, ବାବାଜୀ ନୀଳାଚଳ ଦାସ ଉଦଘାଟକ ଭାବେ ଯୋଗଦେଉଥିବା ବେଳେ ତୁଳସୀ ଦାସଙ୍କ ଦ୍ୱାରା ପ୍ରଣିତ ଶ୍ରୀରାମ ଚରିତ ମାନସ ଗ୍ରନ୍ଥକୁ ଆଧାର କରି ଓଡ଼ିଶାର ୨୨ଟି ଜିଲାରୁ ପ୍ରବକ୍ତାମାନେ ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ କଥା ପ୍ରସଙ୍ଗ ବ୍ୟାଖ୍ୟା କରିଥିଲେ। ରାଜ୍ୟର ୭ଜଣ କଥା ବ୍ୟାସମାନଙ୍କୁ ଗୋସ୍ୱାମୀ ତୁଳସୀ ଦାସ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ପଣ୍ଡିତ ରବିନାରାୟଣ ପଣ୍ଡା, ଭାବଗ୍ରାହୀ ମିଶ୍ର, ଶୁକଦେବ ପଣ୍ଡା, ଶ୍ୟାମ ସୁନ୍ଦର ଦାଶ, ପଣ୍ଡିତ ଜିତୁ ଦାସ, ବିଶନାଥ ଶତପଥୀ, ବ୍ରଜ କିଶୋର ମହାନ୍ତି। ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମଧ୍ୟ ଗୋସ୍ୱାମୀଙ୍କ ବିଭିନ୍ନ ଗ୍ରନ୍ଥ ଉପରେ ଆଲୋଚନା କରିଥିଲେ। ବିଭିନ୍ନ ଦିବସରେ ବୈକୁଣ୍ଠ ନାଥ ପ୍ରଧାନ, ଅର୍ଜୁନ ମହାନ୍ତି, ବିରଞ୍ଚି ଦାସ, ମହେଶ୍ୱର ସାହୁ, ଶ୍ରୀଧର ମହାନ୍ତି, କମଳେଶ ମହାରଣା, ସୁଦର୍ଶନ ତ୍ରିପାଠୀ,ହିମାଂଶୁ ଦାସ ପ୍ରମୁଖ ପ୍ରବଚନ ଦେଇଥିଲେ ବୋଲି ପ୍ରବକ୍ତା ସଂଘ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ଜଣାଇଛନ୍ତି।

## ୬ ଚୋରି ଗ୍ୟାସ୍ ସିଲିଣ୍ଡର ଜବତ: ୩ ଗିରଫ

କଣ୍ଟାପଡା,୧।୮ (ସୁରନାରାୟଣ ସାହୁ)



ଓଲଟପୁର ଥାନା ଦଧିଚି ଶିକ୍ଷାସମୂହ ଅନୁଷ୍ଠାନ ପରିସରସ୍ଥ ଫାଷ୍ଟଫୁଡ ଷ୍ଟଲରୁ ଗ୍ୟାସ୍ ସିଲିଣ୍ଡର ଚୋରି କରିବା ଓ ଉକ୍ତ ସିଲିଣ୍ଡର କିଣିବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଓଲଟପୁର ଥାନା ପିଙ୍ଗାପଡା ଗ୍ରାମର ଜଗନ୍ନାଥ ଭୋଇ (୧୯), ଶୁଭକାନ୍ତ ଭୋଇ ଓ ପାହାଳ ଫାଣ୍ଡି ଅନ୍ତର୍ଗତ ତ୍ରିନାଥ ବଜାରରେ ଥିବା ସାହୁ ଜେନେରାଲ ଷ୍ଟୋର ମାଲିକ ହର୍ଷବର୍ଦ୍ଧନ ସାହୁ। ଚୋରି ଘଟଣାରେ ମାଷ୍ଟରମାଇଣ୍ଡ ଫେରାର ଥିବା ଜଣାପଡ଼ିଛି। ଏ ନେଇ ଓଲଟପୁର ଥାନାରେ ଏକ ମାମଲା (ନଂ.୧୦୨/୨୫) ରୁଜୁ ହୋଇଛି। କଟକ ସଦର ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ ବୁଧବାର ରାତିରେ ଗିରଫ ୨ ଓ ଫେରାର ମାଷ୍ଟରମାଇଣ୍ଡ ସ୍ଥାନୀୟ ଦଧିଚି ଶିକ୍ଷାସମୂହ ଅନୁଷ୍ଠାନରେ ଥିବା ରନକ ପତିଙ୍କ ଫାଷ୍ଟଫୁଡ ଦୋକାନରୁ ୪ଟି ସିଲିଣ୍ଡର ଚୋରି କରିଥିଲେ। ଏହି ସିଲିଣ୍ଡରଗୁଡିକୁ ସେମାନେ ତ୍ରିନାଥ ବଜାରର ବ୍ୟବସାୟୀ ହର୍ଷବର୍ଦ୍ଧନଙ୍କୁ ବିକ୍ରି କରିଥିଲେ। ଗୁରୁବାର ରନକ ଓଲଟପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ସନ୍ଦେହରେ ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଥାନାକୁ ଆଣି ପଚରାଉଚରା କରିବାପରେ ସେମାନେ ସମସ୍ତ କଥା ମାନି ଯାଇଥିଲେ। ପୋଲିସ ଶୁକ୍ରବାର ସକାଳେ ତ୍ରିନାଥ ବଜାରସ୍ଥିତ ହର୍ଷଙ୍କ ଦୋକାନ ଉପରେ ଚଢ଼ାଉ କରି ଚୋରି ହୋଇଥିବା ୪ଟି ସିଲିଣ୍ଡର ସମେତ ମୋଟ ୬ଟି ସିଲିଣ୍ଡର ଜବତ କରିଥିଲା।

# ଛଟେଇ ସଫେଇ କର୍ମଚାରୀଙ୍କ ଧାରଣା

ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୧।୮ (ମାନସ ସାମଲ/ଆଶୁତୋଷ ଦାସ)

**■ ବିରୋଧ ଭୟରେ ପଛ ଗେଟ ବାଟେ ଆସିଲେ ବିଧାୟକ**

**■ ସଫେଇ ଗାଡ଼ି, ଯନ୍ତ୍ରାଂଶର କଲେ ଉଦ୍‌ଘାଟନ**

ଚୌଦ୍ୱାର ପୌରପାଳିକା ପକ୍ଷରୁ ୧୯ଟି ୱାର୍ଡ ପାଇଁ ସଫେଇ କାର୍ଯ୍ୟ ଲାଗି ଟେଣ୍ଡର ୨ଟି ଠିକା ସଂସ୍ଥା (ମଞ୍ଜୁ ସର୍ଭିସ ଓ ସର୍ଣ୍ଣ ଦେବୀ ଏଜେନ୍ସି)କୁ ମଞ୍ଜୁରି ମିଳିଥିଲା। ଠିକା ସଂସ୍ଥାର ସଫେଇ କାମରେ ନିୟୋଜିତ ଥିବା ୪/୩ ଚକିଆ ଗାଡି ଓ ଯନ୍ତ୍ରାଂଶରଗୁଡିକୁ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ଦ୍ୱାରା ଶୁକ୍ରବାର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଉଦ୍‌ଘାଟନ କାର୍ଯ୍ୟକ୍ରମ ପୂର୍ବ ଦିନ ଦୁଇଟି ଠିକା ସଂସ୍ଥା ବିନା ସୂଚନାରେ ୩୦ଜଣ ସଫେଇ କର୍ମଚାରୀଙ୍କୁ ଛଟେଇ କରିଥିଲେ। ଏହାକୁ ବିରୋଧ କରି ଶୁକ୍ରବାର ସଫେଇ କର୍ମଚାରୀ ସଂଘ ପକ୍ଷରୁ ଚୌଦ୍ୱାର ପୌରପାଳିକା ସମ୍ମୁଖରେ ଧାରଣା ଦେଇଥିଲେ। ଅପରପକ୍ଷେ ପୌରପାଳିକା ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଚୌଦ୍ୱାର-କଟକ ବିଧାୟକ ବିଶ୍ୱାଳ ଯୋଗଦେବାକୁ



ଛଟେଇ କର୍ମଚାରୀଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

ଆସିଥିଲେ ସୁଦ୍ଧା ସଫେଇ କର୍ମଚାରୀ ଧାରଣାରେ ବସିଥିବାରୁ ପଛଗେଟ ବାଟେ ପୌରପାଳିକାକୁ ପ୍ରବେଶ କରିଥିଲେ। କିଛି ସମୟ ପୌର ଅଧକ୍ଷା, ଉପାଧକ୍ଷ, ନିର୍ବାହୀ ଅଧିକାରୀ ଓ ଠିକାସଂସ୍ଥା ମ୍ୟାନେଜରଙ୍କ ସହିତ ଆଲୋଚନା ପରେ ସଫେଇ କର୍ମଚାରୀଙ୍କ ନିକଟକୁ ଯାଇ ଉଦ୍‌ଘାଟନ ପାଇଁ ଅନୁମତି ମାଗିଥିଲେ। ଉଦ୍‌ଘାଟନ ପରେ ଧାରଣାକାରୀଙ୍କ ଆଲୋଚନା କରି ୩୦ଜଣଙ୍କୁ ତୁରନ୍ତ କାର୍ଯ୍ୟରେ ଲଗାଇବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନା ମୁତାବକ, ସୋମବାର ଚୌଦ୍ୱାର ସଫେଇ କର୍ମଚାରୀ ସଂଘର ୩୦ଜଣ ସଦସ୍ୟଙ୍କୁ ଛଟେଇ କରାଯାଇଛି ବୋଲି ହଠାତ୍ ଫୋନ ଆସିଥିଲା। କାରଣ ଜାଣିବା ପାଇଁ ସେମାନେ ଦୁଇଟି ଠିକା ସଂସ୍ଥାକୁ ଲିଖିତ ଜଣାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର କି ସମାଧାନ କଲେ ନାହିଁ। ତେଣୁ ସମସ୍ତ କର୍ମଚାରୀ କାମ ବନ୍ଦ କରି ଗେଟ ସମ୍ମୁଖରେ ଧାରଣା ଦେଇଥିବା ଖବର ଗଣମାଧ୍ୟମରେ ପ୍ରକାଶ କରିଥିଲେ। ପ୍ରକାଶ ଥାଉକି, ଗତ ଟେଣ୍ଡର ସମୟରେ ଦୁଇଟି ଠିକା ସଂସ୍ଥା ୭୦ ଓ ୭୧ଜଣ କର୍ମଚାରୀ ପାଇଁ ଏଗ୍ରିମେଣ୍ଟ କରିଥିଲା। ଚଳିତ ଥର ସଫେଇ କାମକୁ ଅଧିକ ତ୍ୱରାନ୍ୱିତ କରିବା ୯୦/୯୫ଜଣ କର୍ମଚାରୀ ନିଯୁକ୍ତି ପାଇଁ ପ୍ରସ୍ତାବ ଥିବା ବେଳେ ଉକ୍ତ ପ୍ରସ୍ତାବିତ ନିଯୁକ୍ତି କମେଇବା ପଛର ଠିକାସଂସ୍ଥା ମସୁଧା କ'ଣ ରହିଛି ତାହାକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି।

**ଫଟୋରେ ଖବର**



ଜେ.ଏନ୍. ଇନଡୋର ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଆ ଅସ୍ମିତାର ମହାପର୍ବ ବନ୍ଦେ ଉତ୍କଳ ଜନନୀ ସାମୂହିକ ଗଣଗାୟନରେ ଅଂଶଗ୍ରହଣ କରିଥିବା ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ।




ବାରବାଟୀ ପ୍ୟାଲେସ ନିକଟରୁ ବାହାରିଥିବା ଏଚ୍‌ଆଇଭି ଏଡ୍‌ସ ସଚେତନତା ନେଇ ରେଡ୍ ରନ୍ ଡେ'କୁ ଶୁକ୍ରବାର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ମହାନଦୀ ଜଳ ବିବାଦର ଆପୋଷ ସମାଧାନକୁ ଗୁରୁତ୍ୱ

## ଏକାଠି ହେଲେ ରାଜନୈତିକ ଦଳ

■ମହାନଦୀ ରିଭର୍ ବୋର୍ଡ ଗଠନ ପାଇଁ ଦାବି




ଭୁବନେଶ୍ୱର, ୧୮ (ବନ୍ଦନା ସେଠୀ)

ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଜଳବିବାଦର ଆପୋଷ ସମାଧାନ ସଂକ୍ରାନ୍ତରେ ଏକ ଗୋଲ୍‌ଟେବୁଲ ବୈଠକ ଶୁକ୍ରବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ସମସ୍ତ ରାଜନୈତିକ ଦଳ ତଥା ବିଭିନ୍ନ ସାମାଜିକ ସଂଗଠନ ଓ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଛତିଶଗଡ ସହିତ ମହାନଦୀ ଜଳ ବିବାଦର ଆପୋଷ ସମାଧାନର ପ୍ରସ୍ତାବକୁ ସ୍ୱାଗତ କରାଯାଇଥିଲା। ସେହିପରି ସରକାର ଏହାର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ଚାହୁଁଥିଲେ, ତୁରନ୍ତ ରାଜ୍ୟର ସମସ୍ତ ରାଜନୈତିକ ଦଳ, ନଦୀ ଆନ୍ଦୋଳନର କର୍ମକର୍ତ୍ତା, ନଦୀ ବିଶେଷଜ୍ଞ, ବୁଦ୍ଧିଜୀବୀମାନଙ୍କୁ ନେଇ ବୈଠକ ଡାକିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ଅଣମୌସୁମୀ ସମୟରେ ମହାନଦୀରେ ୧.୭୪ ଏମ୍‌ଏଏଫ୍ ପାଣି ଓଡ଼ିଶାକୁ ଛାଡିବା ଦରକାର ବୋଲି ଛତିଶଗଡ଼ ପାଖରେ ସର୍ତ୍ତ ରଖାଯିବା ନେଇ ପ୍ରସ୍ତାବ ଦିଆଯାଇଥିଲା। ସେହିପରି ମହାନଦୀର ସୁରକ୍ଷା ଏବଂ ଏହାର ଅବବାହିକାର ସୁରକ୍ଷା ପାଇଁ ସମ୍ବିଧାନର ଧାରା ୧୬୫ ଅନୁଯାୟୀ ମହାନଦୀ ରିଭର୍ ବୋର୍ଡ ଗଠନ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଜଳ ବିବାଦର ଆପୋଷ ସମାଧାନ ପାଇଁ ବୈଷୟିକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ, କେନ୍ଦ୍ର ତଥା କେନ୍ଦ୍ରୀୟ ଜଳ ଆୟୋଗକୁ ପ୍ରଦାନ କରାଯିବ। ଏଥିପାଇଁ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି । ଏଥିରେ ଜଳ ସମ୍ପଦ ବିଭାଗର ପୂର୍ବତନ ସଚିବ ଡ. ଅରବିନ୍ଦ ବେହେରା, ପୂର୍ବତନ ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପଞ୍ଚାନ କାନୁନଗୋ, ପ୍ରସାଦ ହରିଚନ୍ଦନ, ବିଧାୟକ ଗଣେଶ୍ୱର ବେହେରା, କୃଷ୍ଣଚନ୍ଦ୍ର ଜଗଦେବ, ଡ. ଜୟକୃଷ୍ଣ ପାଣିଗ୍ରାହୀ, ଡ. ଶୁଭ୍ରାଂଶୁ ରାୟ, ଅନିଲ ଧୀର୍ ପ୍ରମୁଖ ସଭ୍ୟ ଭାବରେ ରହିଥିବାବେଳେ ସୁଦର୍ଶନ ଦାସ ଆବାହକ ଅଛନ୍ତି। ଏହାବାଦ୍ ଛତିଶଗଡରେ ଜଳ ବିବାଦର ଆପୋଷ ସମାଧାନ ପାଇଁ ସାମାଜିକ ସଂଗଠନ, ନଦୀ ଆନ୍ଦୋଳନର କର୍ମୀ, ବିଶେଷଜ୍ଞଙ୍କ ସହିତ ବୈଠକ କରିବା, ଓଡ଼ିଶାରେ ମହାନଦୀ ପ୍ରବେଶ କରିଥିବା ସ୍ଥାନ ସୁଖାସୋଡା ପାଖରୁ ପାରାଦୀପ ପର୍ଯ୍ୟନ୍ତ ନଦୀ ଯାତ୍ରା ଆୟୋଜନ କରିବା ଆଦି ଉପରେ ଆଲୋଚନା ହୋଇଥିଲା।

# ୧୩ ମାସରେ ୧୩ ପରୀକ୍ଷା ପରିଚାଳନାରେ ବିଭ୍ରାଟ, ପ୍ରଶ୍ନପତ୍ର ଲିକ୍: ବିଜେଡି

ଭୁବନେଶ୍ୱର, ୧୮ (ସୁନିତ୍ ମିଶ୍ର)

## ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ଗଣଶିକ୍ଷା ମନ୍ତ୍ରୀ

ରାଜ୍ୟ ସରକାରଙ୍କ ଅପାରଗତା ଲାଗି ଗତବର୍ଷ ୧୩ଟି ପରୀକ୍ଷାରେ ପରିଚାଳନାଗତ ତ୍ରୁଟି ଓ ପ୍ରଶ୍ନପତ୍ର ପ୍ରଘଟ ଯୋଗୁ ଛାତ୍ର ସମାଜ ହତୋତ୍ସାହିତ ହୋଇଥିଲା ବେଳେ ସରକାର ନିଦାବିସ୍ତ୍ର ପାଳିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଭାଜପା ସରକାର ରାଜ୍ୟରେ କ୍ଷମତାକୁ ଆସିଲା ପରେ ଓପିଏସ୍‌ସି, ଓଏସ୍‌ଏସ୍‌ସି ଓ ଓଏସ୍‌ଏସ୍‌ଏସ୍‌ସି ଦ୍ୱାରା ପରିଚାଳିତ କୌଣସି ପରୀକ୍ଷା ସୁଚାରୁ ଢଙ୍ଗରେ ପରିଚାଳନା କରିପାରିନାହାନ୍ତି। ଆର୍‌ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର, ଏକ୍ସାଇଜ ଓ ପୋଲିସ ସବ୍‌ଇନ୍ସପେକ୍ଟର, ଓଡ଼ିଶା ସିଭିଲ ସର୍ଭିସ୍, ଏସ୍‌ଡିଆଇପିଆର୍‌ଓ ଏବଂ ପରିଶେଷରେ ଓଟିଇଟି ଭଳି ସମସ୍ତ ପରୀକ୍ଷାରେ ଦେଖାଦେଇଥିବା ବିଭ୍ରାଟକୁ ରୋକିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଧର୍ମଙ୍କୁ ଆଖିଠାର ସଦୃଶ ୧କୋଟି ଟଙ୍କାର ଜରିମାନା ଓ ୧୦ ବର୍ଷର ଜେଲଦଣ୍ଡର ଆଇନ ପ୍ରଣୟନ କଲେ ମଧ୍ୟ ସ୍ଥିତିରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ। ଆର୍‌ଆଇ, ଅମିନ ପରୀକ୍ଷା ବିଭ୍ରାଟରେ ଭାଜପା ନେତାଙ୍କ ସମ୍ପୃକ୍ତି ଥିବାର ଅଭିଯୋଗ ଆସିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଚଳିତ ଫେବୃଆରୀରେ ହାଇକୋର୍ଟ ଓଡ଼ିଶା ଜୁଡିସିଆଲ ସର୍ଭିସ୍ ପରୀକ୍ଷାର ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ କାରଣରୁ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ୧ ଲକ୍ଷ ଟଙ୍କାର ସହାୟତାଦେବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ। ନିଯୁକ୍ତି ପାଇଁ ମେଧାବୀ ଛାତ୍ରୀଛାତ୍ରଙ୍କୁ ଚୟନକରିବା କ୍ଷେତ୍ରରେ ପକ୍ଷପାତିତା ପ୍ରଦର୍ଶନକରି ସରକାର ଯଦି ସେମାନଙ୍କ ଭବିଷ୍ୟତ ସହ ଖେଳିବେ, ତା' ହେଲେ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିପଡ଼ିବ। ବାରମ୍ବାର ପରୀକ୍ଷା ବାତିଲହେବା ଯୋଗୁ ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ଯନ୍ତ୍ରଣା ଓ ସମୟର ଅପଚୟକୁ ଦୃଷ୍ଟିରେ ରଖି କ୍ଷତିପୂରଣ ସହାୟତା ରାଶି ରାଜ୍ୟ ସରକାର ପ୍ରଦାନକରନ୍ତୁ। ଓଟିଇଟି ପରୀକ୍ଷା ବିଭ୍ରାଟରେ ବୋର୍ଡସଭାପତି, ଉପସଭାପତି ଓ ବିଦ୍ୟାଳୟ ଏବଂ ଗଣଶିକ୍ଷାମନ୍ତ୍ରୀ ସମପରିମାଣରେ ଦାୟୀ ହୋଇଥିବା ବେଳେ ରାଜ୍ୟ ସରକାର କେବଳ ଡାଟା ଏଣ୍ଟ୍ରିଅପରେଟର ଓ ଅଧସ୍ତନ କର୍ମଚାରୀଙ୍କୁ ଗିରଫକରି ବାହାଦୁରି ନେବାକୁ ଚେଷ୍ଟା କରୁଛନ୍ତି। ଛାତ୍ର ସମାଜର ଉଦ୍‌ବେଗ ସରକାର ଯଦି ହୃଦ୍‌ବୋଧ କରୁଥିବେ, ବୋର୍ଡ ସଭାପତି ଏବଂ ଉପସଭାପତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ସହ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜେଡି ଦାବି କରିଛି।

# କେନ୍ଦ୍ର ଭଗତସିଂ ଖୋସିୟାରୀ କମିଟି ସୁପାରିସ ଲାଗୁ କରୁ

ଭୁବନେଶ୍ୱର, ୧୮ (ରବିନାରାୟଣ ଜେନା)

## ଭକ୍ତଙ୍କୁ ଭେଟିଲେ ଇପିଏଫ୍ ପେନସନର୍ସ ସଂଘ

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନର ବରିଷ୍ଠ କର୍ମକର୍ତ୍ତାମାନେ ଶୁକ୍ରବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କୁ ରାଜ୍ୟ ଅତିଥି ଭବନଠାରେ ସାକ୍ଷାତ କରିଛନ୍ତି। ଏହି ଅବସରରେ ଇପିଏଫ୍ ପେନସନ୍ ଭୋଗୀଙ୍କ ସମସ୍ୟା ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। ଓଡ଼ିଶା ସମେତ ସାରା ଦେଶରେ ଥିବା ୮୦ଲକ୍ଷ ପାଖାପାଖି ଏହି ବର୍ଗର ପେନସନଭୋଗୀଙ୍କ କ୍ଷେତ୍ରରେ କେନ୍ଦ୍ର ସରକାର ସେପ୍ଟେମ୍ବର ୨୦୧୪ ମସିହାରେ ଏକ ହଜାର ଟଙ୍କା ସର୍ବନିମ୍ନ ପେନସନ ଲାଗୁ କରିଛନ୍ତି। ଏହି ସ୍ୱଳ୍ପ ପେନସନ ସହ ଦରଦାମ ବୃଦ୍ଧିର ଭରଣା ଲାଗି ମହଙ୍ଗା ଭତ୍ତା ମଧ୍ୟ ଲାଗୁ କରିନାହାନ୍ତି। ବିଡ଼ମ୍ବନାର କଥା, ୪୦ଲକ୍ଷ ପାଖାପାଖି ପେନସନ୍ ଭୋଗୀ ଏକ ହଜାର ଟଙ୍କାରୁ କମ୍ ପେନସନ୍ ପାଇ ଆର୍ଥିକ ଅଭାବ ଅନାଟନ ମଧ୍ୟରେ ଦିନ କାଟୁଛନ୍ତି। ପେନସନ୍ ବୃଦ୍ଧିଲାଗି ଭଗତସିଂ ଖୋସିୟାରୀ କମିଟି ଏବଂ କେନ୍ଦ୍ର ୭ମ ଷ୍ଟାଣ୍ଡିଙ୍ଗ କମିଟି ଦୀର୍ଘ ଦିନରୁ ସୁପାରିଶ କରିଥିଲେ ମଧ୍ୟ ଅର୍ଥ ଅଭାବର ଆଳ ଦେଖାଇ କେନ୍ଦ୍ର ସରକାର ଲାଗୁ କରୁନାହାନ୍ତି।

କେନ୍ଦ୍ର ସରକାରଙ୍କ କର୍ମଚାରୀମାନେ ପାଉଥିବା ପେନସନର ଅନୁରୂପ ଭାବେ ସର୍ବନିମ୍ନ ପେନସନ୍ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ଓ ନିଃଶୁଳ୍କ ଚିକିତ୍ସା ସୁବିଧା ଲାଗୁ କରିବାକୁ ସଂଘର କର୍ମକର୍ତ୍ତାମାନେ ଦାବି କରିଥିଲେ। ଏନେଇ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କୁ ଅବଗତ କରାଯିବ ବୋଲି ପିସିସି ସଭାପତି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାରେ ଆସୋସିଏସନର ସଭାପତି ବିଜୟ କୁମାର ଜେନା, ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କ ସମେତ ପ୍ରଫୁଲ୍ଲ କୁମାର ଦାସ, ବିକ୍ରମ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଉଦ୍‌ଯାପିତ

ଭୁବନେଶ୍ୱର, ୧୮ (ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଇତିହାସ ଓ ଇଂରାଜୀ ବିଭାଗ ସ୍ନାତକୋତ୍ତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ୫ଦିନିଆ ପ୍ରଶିକ୍ଷଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ କହିଥିଲେ ଯେ, ଏହି ପାଞ୍ଚ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ହିଁ ଶିକ୍ଷକମାନଙ୍କ ଶିକ୍ଷକତା ଯାତ୍ରାର ଶୁଭାରମ୍ଭ ହୋଇଛି । ଏହିଠାରୁ ବାହାରିବା ପରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ବିଦ୍ୟାଳୟର ଉନ୍ନତି ନିମନ୍ତେ କାର୍ଯ୍ୟ କରିବେ ବୋଲି ସେ କହିଥିଲେ। ସେହିପରି ପୂର୍ବତନ ପ୍ରାଣୀ ବିଜ୍ଞାନୀ ଆସୋସିଏଟ ପ୍ରଫେସର ଡ଼ ଜୟକୃଷ୍ଣ ପାଣିଗ୍ରାହୀ ଉଦଯାପନୀ ଅଧିବେଶନରେ ଯୋଗଦେଇ ଜଣେ ଭଲ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ହେବା ପାଇଁ ପ୍ରେରିତ କରିଥିଲେ। ଏହି ଅବସରରେ ଯୁଗ୍ମ ନିର୍ଦ୍ଦେଶିକା ସ୍ନିଗ୍ଧା ମିଶ୍ର ୫ଦିବସୀୟ ପ୍ରଶିକ୍ଷଣର ରିପୋର୍ଟ ପ୍ରଦାନ କରିଥିବା ଉପ-ନିର୍ଦ୍ଦେଶିକା ସିଏଚ. ବିଜୟଲକ୍ଷ୍ମୀ ପିଜିଟିଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଶେଷରେ ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଧିକ ଭିଡ଼ ଥିବା ୭୩ ରେଲଷ୍ଟେଶନରେ ନିଯୁକ୍ତ ହେବେ ଷ୍ଟେଶନ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୮ (ଅନୁରାଧା ମହାରଣା)

ରେଳଷ୍ଟେଶନଗୁଡ଼ିକରେ ହେଉଥିବା ପ୍ରବଳ ଯାତ୍ରୀ ଭିଡ଼ ପରିଚାଳନା ଲାଗି ଭାରତୀୟ ରେଳପଥ କେତେକ ଗୁରୁତ୍ୱପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିଛି। ଏଥିପାଇଁ ଆବଶ୍ୟକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଧିକ ଭିଡ଼ ଥିବା ୭୩ଟି ରେଳଷ୍ଟେଶନକୁ ଚିହ୍ନଟ କରାଯାଇଛି। ଏସବୁ ସ୍ଥାନରେ ଭିଡ଼ ପରିଚାଳନା ଲାଗି ସ୍ଥାୟୀ ପ୍ରତୀକ୍ଷା ସ୍ଥାନ ବା ହୋଲ୍ଡିଂ ଏରିଆ ନିର୍ମାଣ କରାଯିବ। ଟ୍ରେନ୍ ପ୍ଲାଟ୍‌ଫର୍ମରେ ପହଞ୍ଚିବା ପରେ ହିଁ ଯାତ୍ରୀମାନଙ୍କୁ ପ୍ଲାଟ୍‌ଫର୍ମକୁ ଯିବାକୁ ଅନୁମତି ଦିଆଯିବ। ନୂଆଦିଲ୍ଲୀ, ଆନନ୍ଦବିହାର, ବାରାଣସୀ, ଅଯୋଧ୍ୟା ଏବଂ ଗାଜିଆବାଦ୍ ଷ୍ଟେଶନରେ ପାଇଲଟ୍ ପ୍ରକଳ୍ପ ଆରମ୍ଭ ହୋଇଛି। ସମସ୍ତ ପ୍ରମୁଖ ରେଳଷ୍ଟେଶନରେ ଷ୍ଟେଶନ ନିର୍ଦ୍ଦେଶକ ଭାବେ ଜଣେ ଜଣେ ବରିଷ୍ଠ ଅଧିକାରୀ ନିୟୋଜିତ ରହିବେ। ଅନ୍ୟସବୁ ବିଭାଗ ଷ୍ଟେଶନ ନିର୍ଦ୍ଦେଶକଙ୍କୁ ରିପୋର୍ଟ କରିବେ। ଷ୍ଟେଶନ ନିର୍ଦ୍ଦେଶକଙ୍କୁ ଆର୍ଥିକ କ୍ଷମତା ପ୍ରଦାନ କରାଯିବ। ଏହାଦ୍ୱାରା ସେ ଷ୍ଟେଶନର ଉନ୍ନତି ପାଇଁ ତ୍ୱରିତ ନିଷ୍ପତ୍ତି ନେଇପାରିବେ। ଷ୍ଟେଶନ ଏବଂ ଉପଲବ୍ଧ ଟ୍ରେନ୍‌ର କ୍ଷମତା ଅନୁସାରେ ଟିକେଟ ବିକ୍ରୟ ନିୟନ୍ତ୍ରଣ କରିବା ପାଇଁ ଷ୍ଟେଶନ ନିର୍ଦ୍ଦେଶକଙ୍କୁ କ୍ଷମତା ଦିଆଯିବ। ଏଥିସହ ଅଧିକ ଭିଡ଼ ଥିବା ଷ୍ଟେଶନଗୁଡ଼ିକୁ ୱାକି-ଟକି, ଘୋଷଣା ପ୍ରଣାଳୀ, କଲିଂ ପ୍ରଣାଳୀ ଭଳି ଅତ୍ୟାଧୁନିକ ଡିଜାଇନ୍‌ର ଡିଜିଟାଲ ଯୋଗାଯୋଗ ଉପକରଣ ସଂଯୋଗ କରାଯିବ। ସିସି କ୍ୟାମେରାଗୁଡ଼ିକ ଭିଡ଼ ଉପରେ ନଜର ରଖିବ। ଦଳାଚକଟା ପରି ପରିସ୍ଥିତିକୁ ଏଡ଼ାଇବା ପାଇଁ ୧୨ ମିଟର ଚଉଡ଼ା (୪୦ଫୁଟ) ଏବଂ ୬ ମିଟର ଚଉଡ଼ା (୨୦ଫୁଟ) ମାନକ ପାଦଚଲା ଓଭର ବ୍ରିଜ୍‌ର ଦୁଇଟି ନୂତନ ଡିଜାଇନ ବିକଶିତ କରାଯାଇଥିବା ରେଳମନ୍ତ୍ରୀ ସୂଚନା ଦେଇଛନ୍ତି।

# ସ୍ୱଚ୍ଛତା ଅଭିଯାନ ଆରମ୍ଭ କଲା ପୂର୍ବତଟ ରେଳପଥ



ଭୁବନେଶ୍ୱର, ୧୮ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ନିଜ ଅଧୀନରେ ଥିବା ରେଳଷ୍ଟେଶନ, ଟ୍ରେନ୍, ଅଫିସ୍, କର୍ମଶାଳା, ରକ୍ଷଣାବେକ୍ଷଣ ଡିପୋ, ଡାକ୍ତରଖାନା ଏବଂ ଆବାସିକ ଅଞ୍ଚଳରେ ୧୫ ଦିନିଆ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯାଇଛି। ଉଦ୍‌ଘାଟନୀ ଦିବସରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ସ୍ୱଚ୍ଛତା ଅଭିଯାନର ଶପଥ ପାଠ କରାଇଛନ୍ତି। ସ୍ୱଚ୍ଛତା ଅଭିଯାନର ଏକ ଅଂଶ ଭାବେ ସଚେତନତା ସୃଷ୍ଟି ପାଇଁ ପରିଷ୍କାର, ପରିଚ୍ଛନ୍ନତା ଉପରେ ଚିତ୍ରାଙ୍କନ, ରଚନା ଆଦି ପ୍ରତିଯୋଗିତା କରାଯାଉଛି। ଏହାସହ ଷ୍ଟେଶନ ଏବଂ ଟ୍ରେନ୍‌ରେ ଅଳିଆ ଆବର୍ଜନାର ବିପଦ ବିଷୟରେ ସଚେତନ ବାର୍ତ୍ତା ଦିଆଯାଉଛି। ଟ୍ରେନ୍ ଭିତରେ ବିଶେଷକରି କୋଚ୍, ଟଏଲେଟ୍ ବ୍ଲକ ଏବଂ ପ୍ୟାଣ୍ଟ୍ରି କାର୍‌ରେ ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦିଆଯାଉଛି। ଜଳଯୋଗାଣ ସ୍ଥାନଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ଟ୍ୟାପ୍ ଏବଂ ଷ୍ଟେଶନଗୁଡ଼ିକରେ ଜଳ ଗୁଣବତ୍ତା ଯାଞ୍ଚ ଉପରେ ଗୁରୁତ୍ୱାରୋପ କରାଯାଉଛି। ପରିବେଷିତ ଖାଦ୍ୟର ଗୁଣବତ୍ତା, ଷ୍ଟେଶନ ପରିସର ଏବଂ ସୁବିଧାଗୁଡ଼ିକର ସ୍ୱଚ୍ଛତା ଉପରେ ଯାତ୍ରୀଙ୍କ ମତାମତ ମଧ୍ୟ ସଂଗ୍ରହ କରାଯାଉଛି। ପୂର୍ବତଟ ରେଳପଥ କର୍ମଚାରୀମାନେ ପ୍ରତିବର୍ଷ ୧୦୦ ଘଣ୍ଟା ପରିଷ୍କାର ପରିଚ୍ଛନ୍ନତା ପ୍ରତି ଉତ୍ସର୍ଗ କରିବା ଏବଂ ଅତିକମ୍‌ରେ ୧୦୦ ଜଣ ବ୍ୟକ୍ତିଙ୍କୁ ମଧ୍ୟ ଏହା କରିବାକୁ ଉତ୍ସାହିତ କରିବା ପାଇଁ ଶପଥ ନେଇଛନ୍ତି।

# ଭିଜିଲାନ୍ସ ଅଦାଲତରେ ଅବସରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଦଣ୍ଡିତ

କଟକ, ୧୮ (କାର୍ତ୍ତିକ ସାହୁ)

କଟକ ଇରିଗେସନ ଇଷ୍ଟର୍ଣ୍ଣ ସର୍କଲ୍‌ର ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ (ଅବସରପ୍ରାପ୍ତ) ମଦନ ମୋହନ ସାମନ୍ତରାୟ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରୁଜୁ ମାମଲାର ବିଚାର କରି ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ଅଭିଯୁକ୍ତ ସାମନ୍ତରାୟଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଓଡ଼ିଶା ଭିଜିଲାନ୍ସ ଏବେ ସାମନ୍ତରାୟଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ପ୍ରାଧିକୃତ ଅଧିକାରୀଙ୍କ ନିକଟକୁ ଯିବ। ଭିଜିଲାନ୍ସ ସେଲ୍‌ର ପୂର୍ବତନ ଇନସ୍‌ପେକ୍ଟର ଦେବ ନାରାୟଣ ଦାସ ମାମଲାର ତଦନ୍ତ କରିଥିଲେ। ସ୍ପେଶାଲ ପିପି ଗିରିଜା ପଟ୍ଟନାୟକ ଓ ଚନ୍ଦ୍ରକାନ୍ତ ଦାସ ମିଳିତ ଭାବେ ମାମଲା ପରିଚାଳନା କରୁଥିଲେ।


## NOTICE

The Deed of Partnership was executed on Dated 28.09.2007. At that time 1) SRI ASHOK KUMAR BHAGAT, 2) SRI DIWAKAR AZAD, were the partners of the partnership firm namely "M/S BARUNEI GASES" vide Registered No - 972 of 2011, whose registered office is situated at PLOT No : 184/797, VILLAGE : HANSPAL, PO : NAHARAKANTA, BALIANTA, DIST : KHURDA, ODISHA, On Dated 18.10.2013, the Deed has been reconstituted. This time 1) SRI ASHOK KUMAR BHAGAT, 2) SMT MANJU BHAGAT are the partners of the firm. Here, 1) SRI ASHOK KUMAR BHAGAT is the EXISTING PARTNER, 2) SMT MANJU BHAGAT is the INCOMING PARTNER whereas SRI DIWAKAR AZAD is the OUTGOING PARTNER wef 18.10.2013.

**Sd./- Ashok Kumar Bhagat**

## ପୂର୍ବ ତଟ ରେଳପଥ

ଫାଇଲ ନଂ.DRM/Engg/KUR/25-26/E-Tender/49,ତା.30.07.2025ରିଖ

(1) ଟେଣ୍ଡର ସଂ.e-Tender-CENTKUR-172-2025,ତା.18.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ହିନ୍ଦୋଳ ରୋଡ଼ ଗୁଡ୍‌ସ ସେଡ୍ ଠାରେ ଭିତ୍ତିଭୂମି ସୁବିଧାର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 706.85 ଲକ୍ଷ, EMD (ଟଙ୍କାରେ) : 5,03,400/-।

(2) ଟେଣ୍ଡର ସଂ.e-Tender-CENTKUR-173-2025,ତା.18.07.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ହିନ୍ଦୋଳ ରୋଡ଼ ଗୁଡ୍‌ସ ସେଡ୍ ଠାରେ ଭିତ୍ତିଭୂମି ସୁବିଧାର ବ୍ୟବସ୍ଥା ସମ୍ବନ୍ଧୀୟ ଜଳ ଯୋଗାଣ ବ୍ୟବସ୍ଥା ନିମନ୍ତେ 50000 ଗ୍ୟାଲୋନ୍ କ୍ଷମତା ବିଶିଷ୍ଟ RCC ଓଭର ହେଡ୍ ଟାଙ୍କିର ପ୍ରସ୍ତାବିତ ନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 143.31 ଲକ୍ଷ, EMD (ଟଙ୍କାରେ) : 2,21,700/-।

(3) ଟେଣ୍ଡର ସଂ.e-Tender-CENKUR-174-2025,ତା.18.07.2025ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ସେକ୍ସନ ପରିସୀମା ଅଧୀନସ୍ଥ 06 ଗୋଟି ଲେଭେଲ କ୍ରସିଂ ଗେଟ୍ ଠାରେ ରବରାଇଜଡ୍ (Rubberized) ପୃଷ୍ଠଭାଗ ପ୍ୟାନେଲ୍‌ଗୁଡ଼ିକର ସଂସ୍ଥାପନ ଦ୍ୱାରା ସଡ଼କ ପୃଷ୍ଠଭାଗର ଉନ୍ନୟନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 151.98 ଲକ୍ଷ, EMD (ଟଙ୍କାରେ) : 2,26,000/-।

ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ପାଇଁ), 08 ମାସ (କ୍ରମ ସଂ.2 ପାଇଁ) ଏବଂ 06 ମାସ (କ୍ରମ ସଂ.3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.08.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-426/Q/25-26

## Repco Home Finance — ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

ଭୁବନେଶ୍ୱର ଶାଖା: ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୬/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

### ଇ - ନିଲାମ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**
ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ **ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ଭୁବନେଶ୍ୱର ଶାଖା**ରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି । ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **"ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ"** ଏବଂ **"ଯେମିତି ଅଛି ଯାହା ଅଛି ସ୍ଥିତିରେ"** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି ।

**ଇ-ନିଲାମର ତାରିଖ ଓ ସମୟ: ୦୩.୦୯.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା**
**(୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୦୨.୦୯.୨୦୨୫, ଅପରାହ୍ନ ୪.୦୦ ଘଟିକା**

କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ସୁବୋଧ କୁମାର ଲେଙ୍କା, ପିତା: ଶ୍ରୀ ଲକ୍ଷ୍ମଣ ଲେଙ୍କା, ସହ-ଋଣଗ୍ରହୀତା: ୧. ଶ୍ରୀମତୀ ଏଲ୍. ସବିତା ଲେଙ୍କା, ସ୍ୱାମୀ: ଶ୍ରୀ ଲକ୍ଷ୍ମଣ ଲେଙ୍କା, ୨. ଶ୍ରୀମତୀ ଏସ୍. ସଂଘମିତ୍ରା ସ୍ୱାଇଁ, ସ୍ୱାମୀ: ଶ୍ରୀ ସୁବୋଧ କୁମାର ଲେଙ୍କା ଏବଂ ଗ୍ୟାରେଣ୍ଟିଦାତା: ଶ୍ରୀ ବ୍ରଜ କିଶୋର ସ୍ୱାଇଁ; ଡିମାଣ୍ଡ ନୋଟିସ ତାରିଖ: ୧୭.୧୧.୨୦୨୨; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. ୧୭୮୧୭୦୦୦୦୭୨୦) ହେଉଛି ତା୧୬.୧୧.୨୦୨୨ରିଖ ସୁଦ୍ଧା ₹୨୭,୪୯,୨୫୨/- ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: ୦୮.୦୩.୨୦୨୩; ବର୍ତ୍ତମାନର ବକେୟା ଅର୍ଥରାଶି: ତା୧୪.୦୭.୨୦୨୫ରିଖ ସୁଦ୍ଧା ₹୩୮,୪୯,୯୦୯/-।
**ସମ୍ପତ୍ତିର ବର୍ଣ୍ଣନା:** କଟକ ନିବନ୍ଧନ ଜିଲ୍ଲା, ଆଠଗଡ଼ ତହସିଲ, ମୌଜା: ରାଧାଗୋବିନ୍ଦପୁରଠାରେ ଅବସ୍ଥିତ ଜମି ଓ କୋଠାର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.୧୩୫, ଡ୍ରଇଂ ନଂ.: ଆଇ-୮୧୭/୩ । ପ୍ଲଟ୍ ନଂ.୦୫ (ପି) ଏମ୍‌ଆଇଜି-୧୧-୩୪, ରକବା-୨୨୦୦ ବର୍ଗଫୁଟ, ଜମିର କିସମ- ହୋମ୍‌ଷ୍ଟିଡ୍ । ଚଉହଦୀ: ପୂର୍ବରେ: ଘର ନଂ. ଏମ୍‌ଆଇଜି୧୧-୨୭ ଦ୍ୱାରା, ପଶ୍ଚିମରେ: ରାସ୍ତା ଦ୍ୱାରା, ଉତ୍ତରରେ: ଘର ନଂ. ଏମ୍‌ଆଇଜି୧୧-୩୩, ଦକ୍ଷିଣରେ: ଘର ନଂ. ଏମ୍‌ଆଇଜି୧୧-୩୫ ଦ୍ୱାରା।

| ସଂରକ୍ଷିତ ମୂଲ୍ୟ | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ |
|---|---|---|
| ₹୪୫,୪୦,୦୦୦/- | ₹୪,୫୪,୦୦୦/- | ₹୨୫,୦୦୦/- |

କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ରାମକୃଷ୍ଣ ସେନାପତି, ପିତା: ଶ୍ରୀ ଗୌରାଙ୍ଗ ଚରଣ ସେନାପତି, ସହ-ଋଣଗ୍ରହୀତା: ଶ୍ରୀ ଗୌରାଙ୍ଗ ଚରଣ ସେନାପତି, ପିତା: ଶ୍ରୀ ଧରମୁ ସେନାପତି; ଡିମାଣ୍ଡ ନୋଟିସ ତାରିଖ: ୦୭.୧୧.୨୦୨୦; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. ୧୭୮୧୭୦୦୦୦୬୯୪) ହେଉଛି ତା୦୭.୧୧.୨୦୨୦ରିଖ ସୁଦ୍ଧା ₹୨୦,୮୨,୪୫୭/- ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: ୧୦.୦୮.୨୦୨୧; ବର୍ତ୍ତମାନର ବକେୟା ଅର୍ଥରାଶି: ତା୦୯.୦୭.୨୦୨୫ରିଖ ସୁଦ୍ଧା ₹୨୮,୭୭,୧୩୯/-।
**ସମ୍ପତ୍ତିର ବର୍ଣ୍ଣନା:** ଜିଲ୍ଲା: କଟକ, ତହସିଲ: କଣ୍ଟାପଡ଼ା, ମୌଜା: ବ୍ରାହ୍ମଣସାଇଲୋଠାରେ ଅବସ୍ଥିତ ଜମି ଓ କୋଠାର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.୯୭୩/୧୩୮, ପ୍ଲଟ୍ ନଂ.: ୧୬୫୨/୩୧୧୨, ରକବା: ଏ.୦.୦୫୦ ଡିସିମିଲ, ଜମିର କିସମ: ହୋମ୍‌ଷ୍ଟିଡ୍ ଯାହାର ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା, ପୂର୍ବ: ଗୌରାଙ୍ଗ ଚରଣ ସେନାପତି, ପଶ୍ଚିମ: ଗୌରାଙ୍ଗ ଚରଣ ସେନାପତି।

| ସଂରକ୍ଷିତ ମୂଲ୍ୟ | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ |
|---|---|---|
| ₹୪୯,୪୩,୦୦୦/- | ₹୪,୯୪,୩୦୦/- | ₹୨୫,୦୦୦/- |

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ । **ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି । ଯୋଗାଯୋଗ ନଂ. ୦୬୭୪ - ୨୩୬୦୧୬୬ ଏବଂ ୯୪୩୭୪୯୬୯୯୮ ।**
ତାରିଖ: ୨୨.୦୭.୨୦୨୫/୨୪.୦୭.୨୦୨୫ ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

## ଦ.ପୂ. ରେଳପଥ – ଇ-ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ/ଟିପି/୨୦୨୫/୨୯, ତାରିଖ: ୩୦।୦୭।୨୦୨୫
"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.in ରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ |
|---|---|---|---|---|---|
| ୧ | ୩୩୨୫୧୪୭୯ଏ | ୧୭।୦୯।୨୫ | ପ୍ରାଇମେରୀ ସସ୍‌ପେନ୍‌ସନ ପାଇଁ ଟିପିୟୁ ରିଙ୍ଗସର ସେଟ୍ ଆଦି | ୨୮୫୦ ସେଟ୍ | ୬,୫୧,୦୮୦/- |
| ୨ | ୨୯୨୫୫୦୬୮ | ୨୬।୦୮।୨୫ | ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ପ୍ରଣାଳୀ ଆଦିର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ | ୧୫୨୪ ପାଉଣ୍ଡ | ୫୦,୦୦,୦୦୦/- |
| ୩ | ୨୫୨୫୫୦୧୪ | ୨୯।୦୮।୨୫ | ଟ୍ରାକ୍ସନ୍ ମୋଟର ଟାଇପ୍ ଏଚ୍‌ଏସ୍୧୫୨୫୦ଏ, ଆର୍ଥ ବ୍ରଶ୍ ଆସେମ୍ବ୍ଲି ଆଦି ସହିତ | ୧୧୨ ଗୋଟି | ୨୦,୦୦,୦୦୦/- |
| ୪ | ୨୫୨୫୩୩୦୩ | ୨୨।୦୯।୨୫ | ସିଙ୍ଗଲ ବଟଲ ଭିସିବି ଆଦି ପାଇଁ ଆଇଓଏଚ୍ କିଟ୍ | ୧୭୯ ସେଟ୍ | ୪,୧୭,୪୬୦/- |
| ୫ | ୨୯୨୫୩୨୯୮ | ୨୪।୦୯।୨୫ | କାର୍ବନ ସ୍ଲାଇଡିଂ ଷ୍ଟ୍ରିପ୍ (ଏସ୍‌କେ ୮୫ ସିୟୁ) | ୨୦୪ ଗୋଟି | ୧,୦୧,୮୦୦/- |
| ୬ | ୨୫୨୫୪୬୦୩ | ୧୩।୧୦।୨୫ | ଏଚ୍ ଟାଇପ୍ ସିବିସିର ସ୍ପେୟାର ପାର୍ଟସ୍ ସେଟ୍ ଆଦି | ୪୮ ସେଟ୍ | ୧,୨୮,୬୦୦/- |
| ୭ | ୨୯୨୫୩୨୫୨ | ୧୪।୧୦।୨୫ | ଏକ୍ସେଲ ବକ୍ସ ପାଇଁ ହୋଲ୍ଡର ସହିତ ଆର୍ଥ ରିଟର୍ନ ବକ୍ସ ଆଦି | ୩୦୬ ଗୋଟି | ୧,୪୫,୦୧୦/- |
| ୮ | ୨୯୨୫୩୧୬୯ | ୨୯।୧୦।୨୫ | ଭିଜିଲାନ୍ସ କଣ୍ଟ୍ରୋଲ ଡିଭାଇସ୍ (ଭିସିଡି) ସୟଳିତ । | ୩୧ ଗୋଟି | ୧,୨୮,୯୬୦/- |
| ୯ | ୮୩୨୫୧୮୮୩ | ୨୫।୦୮।୨୫ | କମ୍ପ୍ୟୁଟରାଇଜଡ ଅଣସଂରକ୍ଷିତ ଟିକେଟ ଆଦି | ୧୦୦୦୦୦ ଗୋଟି | ୧,୫୩,୪୦୦/- |
| ୧୦ | ୨୯୨୫୪୮୪୮ଏ | ୨୫।୦୮।୨୫ | ସିଲିକନ ଇମ୍ପ୍ରେଗ୍ନେଟିଂ ରେଜିନ୍ ସିଲରେସ୍, ଏଚ୍୬୨ସି | ୧୫୨୩ କିଗ୍ରା | ୧,୧୭,୮୨୦/- |
| ୧୧ | ୧୧୨୫୧୦୯୬ | ୦୧।୦୯।୨୫ | ଟ୍ରାନ୍ସିସନ୍ ସ୍କ୍ରୁ କପ୍ଲିଂର ସଂଶୋଧିତ ଆରେଞ୍ଜମେଣ୍ଟ ଓ ବିବରଣୀ । | ୩୧୧ ସେଟ୍ | ୧,୨୨,୫୬୦/- |
| ୧୨ | ୨୯୨୫୩୦୮୬ | ୦୧।୦୯।୨୫ | ସୁଇଚ୍ ୬ଏ-୨୫୦ଭିର ସେଟ୍ ଆଦି | ୨୨୨ ସେଟ୍ | ୧,୩୬,୭୪୦/- |
| ୧୩ | ୨୯୨୫୩୨୮୫ | ୧୫।୦୯।୨୫ | ଏୟାର ଡ୍ରାୟର । | ୭୫ ଗୋଟି | ୨,୭୯,୬୬୦/- |
| ୧୪ | ୨୯୨୫୩୧୫୨ | ୧୬।୦୯।୨୫ | ପିନିୟନ୍ ଶାଫ୍ଟ ୨୧ ଟିଥ୍ ଆଦି | ୮୪୧ ଗୋଟି | ୪,୯୬,୧୯୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-467)

## OHPC — ODISHA HYDRO POWER CORPORATION LIMITED

(A Government of Odisha Undertaking)
Regd. Office: OHPC CORPORATE OFFICE, BHOINAGAR, JANPATH, BHUBANESWAR –751022
Tel: 91- 0674-2542983, 2542802, 2545526, 2542826, Fax-2542102
E-mail: ohpc.co@gmail.com, CIN : U40101OR1995SGC003963

No. OHPC: TECH: C&P: 25/2025-26/6132, Date: 01.08.2025
ICB No. OHPC -C&P-01/2025 dated: - 01.08.2025

### NOTICE INVITING TENDER (NIT)
### (INTERNATIONAL COMPETITIVE BIDDING)

Odisha Hydro Power Corporation Limited Invites bids from eligible and qualified bidders for carrying out Design, Engineering, Manufacturing, Testing at manufacturer's works before Dispatch, Supply, Transportation, Storage at site, Intra site transportation, Insurance (Transit, Storage cum Erection, Testing & Commissioning), Erection, Testing and Commissioning of 4 nos. Vertical Francis Reversible Pump-Turbines and synchronous Motor-Generator sets each of 150 MW (total of 4 x 150 MW i.e 600 MW) along with all associated Auxiliary and Ancillary Equipments, 400KV GIS, Pothead yard & Power evacuation Structures including all Civil works, Hydro Mechanical works for Upper Indravati Pumped Storage Project through EPC on turnkey basis at Ranibahal, Kalahandi District, Odisha.

For enquiry, the interested bidders may contact Contract & Procurement Head, OHPC Corporate Office and visit website www.ohpcltd.com. Subsequent corrigendum/addendum/clarifications to the tender shall be published only on OHPC website mentioned above.

**Tender paper Cost Fee: Rs 20,000/- + G.S.T. @ 18% (Rupees Twenty Thousand Only + G.S.T @18%)**
**Earnest Money Deposit (EMD): ₹40,00,00,000/-(Rupees Forty Crores) Only**
**Sale of Tender documents: 07.08.2025 to 22.08.2025.**
**Last date for submission of Pre-bid queries: 22.08.2025.**
**Pre-Bid Meeting: -29.08.2025.**
**Uploading of Pre-Bid Compliance: - 04.09.2025.**
**Bid submission: - From 05.09.2025 to 19.09.2025 up to 4.00PM.**

For OHPC Limited
Contract & Procurement Head,
OHPC Corporate Office, Bhoinagar, Janpath,
Bhubaneswar-751022
Email: ohpc.co@gmail.com
Website: www.ohpcltd.com

Place: Bhubaneswar, Odisha, India
Date : 01.08.2025

## GOVERNMENT OF ODISHA
## OFFICE OF THE PANCHAYAT SAMITI, KUARMUNDA BLOCK, SUNDARGARH
### INVITATION TENDER CALL NOTICE

No.2114 Dt. - 01.08.2025

The Block Development Officer, Kuarmunda, Sundargarh invites percentage rate basis for the following work in sealed tender on behalf of Government of Odisha from registered and eligible contractor of the state PWD (R&B) / Water Resources / Rural Work / Minor Irrigation / CPWD for the following works eventually to be drawn up in the P1 forms in conformity with the details tender call notice. The bidder may submit bids for following works under DMF scheme for the year 2025-26.

| Sl. No. | Name of works | Value of Works In Rupees (Excluding GST) | Bid Security @1% (In Rs) | Cost of Bid document (In Rs) | Class of bidder | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | CONSTRUCTION OF MPCC BUILDING AT MAJHAPADA, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 2 | CONSTRUCTION OF MPCC BUILDING AT RITHATOLI, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 3 | CONSTRUCTION OF MPCC BUILDING AT JAIKUDAR, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 4 | CONSTRUCTION OF MPCC BUILDING AT BESALBADI, SALANGABAHAL G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 5 | CONSTRUCTION OF ADDITIONAL CLASS ROOM AT GOVT. UPPER PRIMARY SCHOOL, KARICHAPAL JHARBEDA G.P | 1553390.00 | 15535.00 | 6000/- | "C&D" | 6 (Six) Calendar month |
| 6 | CONSTRUCTION OF ADDITIONAL CLASS ROOM AT GOVT. PRIMARY SCHOOL, SALANGABAHAL G.P | 1511102.00 | 15112.00 | 6000/- | "C&D" | 6 (Six) Calendar month |
| 7 | CONSTRUCTION OF ADDITIONAL CLASS ROOM AT GOVT. PRIMARY SCHOOL, ANDALI G.P | 1509068.00 | 15090.00 | 6000/- | "C&D" | 6 (Six) Calendar month |

The detailed terms & conditions can be downloaded from the district website www.sundargarh.nic.in

**Sd./- Block Development Officer**
**Kuarmunda**

**ଭାରସାମ୍ୟ ହରାଇ ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ୍**

ଆଠଗଡ, (ସତ୍ୟ ପ୍ରସାଦ ରଥ) : ଖୁଣ୍ଟୁଣୀରୁ ଆଠଗଡ଼ ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଆଜି ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏହି ଟ୍ରକ୍‌ଟି ଦୋରଡ଼ ନିକଟରେ ଏକ ଶିକ୍ଷାନୁଷ୍ଠାନର ଗାଡ଼ି ସହ ଧକ୍କା ହୋଇଥିଲା। ଏହାପରେ ଗାଡ଼ିଟି ଦ୍ରୁତଗତିରେ ଆସୁଥିବାବେଳେ ପେଟ୍ରୋଲ ପମ୍ପ ନିକଟରେ ଓଲଟି ପଡ଼ିଛି। ଖବରପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିଛି। ଅପରପକ୍ଷେ ଚାଳକଙ୍କ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ନିମନ୍ତେ ତାଙ୍କୁ କଟକ ପଠାଯାଇଛି।

**ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ**

# ରାସ୍ତାରେ ଛାତ୍ରୀଛାତ୍ରଙ୍କ ଧାରଣା

ବାଙ୍କୀ, ୧।୮ (ଶୁଭେନ୍ଦୁ ମହାପାତ୍ର)



ଧାରଣାରେ ବସିଥିବା ଛାତ୍ରୀଛାତ୍ରମାନେ।

ବାଙ୍କୀ ଓ ଡମପଡ଼ା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ବିରୋଧ କରି ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଡମପଡ଼ା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ କୁଶପଙ୍ଗି ପ୍ରାଥମିକ ବିଦ୍ୟାଳୟରେ ଇଂଲିଶ୍ ଶିକ୍ଷକଙ୍କ ବଦଳିକୁ ନେଇ ଶୁକ୍ରବାର ଅଭିଭାବକମାନେ ଫାଟକରେ ତାଲା ପକାଇ ବିରୋଧ କରିଛନ୍ତି। ଏପରିକି ଛାତ୍ରୀଛାତ୍ର ରାଜରାସ୍ତାରେ ବସି ଧାରଣା ଦେଇଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ବିଦ୍ୟାଳୟରେ ୧୪୭ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ଏଠାରେ ୬ ଶ୍ରେଣୀକୁ ୪ ଶିକ୍ଷକ ରହିଛନ୍ତି। ଏଭଳି ସ୍ଥିତିରେ ଏଠାରୁ ଇଂଲିଶ୍ ଶିକ୍ଷକଙ୍କ ବଦଳିକୁ ନେଇ ପ୍ରତିବାଦ କରାଯାଇଛି।

ସ୍ଥାନୀୟ ସରପଞ୍ଚ ନରେଶ ଚନ୍ଦ୍ର ବେଉରା, ସାମାଜିକ କର୍ମୀ ଅଜୟ କୁମାର ସ୍ୱାଇଁଙ୍କ ସମେତ ବହୁ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ବିନା କାରଣରେ ଶିକ୍ଷକ ବଦଳି କରାଯାଇଥିବା ଅଭିଯୋଗ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ଧାରଣା ଓ ଅଭିଭାବକଙ୍କ ପ୍ରତିବାଦକୁ ସମର୍ଥନ କରିଥିଲେ। ଡମପଡ଼ା ବ୍ଲକ ଶିକ୍ଷା ଅଧିକାରୀ କାମରାଜ ସାହୁଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ବ୍ଲକ ଶିକ୍ଷା ଅଧିକାରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ବ୍ୟକ୍ତିକରି ସରପଞ୍ଚ ବେଉରା ମଧ ଧାରଣାରେ ସାମିଲ ହୋଇଥିଲେ। ଖବରପାଇ ଡମପଡ଼ା ତହସିଲଦାର ବୈଶାଖୀ ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ସରପଞ୍ଚ, ଅଭିଭାବକଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

**କୁଶପଙ୍ଗି ପ୍ରାଥମିକ ବିଦ୍ୟାଳୟ**
- ଇଂଲିଶ୍ ଶିକ୍ଷକଙ୍କ ବଦଳିକୁ ବିରୋଧ

# ୩ ବେଆଇନ କ୍ରଶର ସିଲ୍

ଟିଗିରିଆ, ୧।୮ (ଜାଫର ଖାଁ)

**ଗୋଟିଏରୁ ବିଦ୍ୟୁତ୍ ସଂଯୋଗ ଛିନ୍ନ କଲା ଖଣିବିଭାଗ**

ଟିଗିରିଆ ବ୍ଲକରେ ଦୀର୍ଘଦିନ ଧରି ବେଆଇନ ଭାବେ ଚାଲୁଥିବା ୧୦ରୁ ଊର୍ଦ୍ଧ୍ୱ କ୍ରଶରକୁ ଖଣି ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିଲା। ଏଥିସହ କ୍ରଶରର ମାଲିକମାନଙ୍କୁ ନିଜର ପକ୍ଷ ରଖିବା ପାଇଁ ଖଣି ବିଭାଗ ପକ୍ଷରୁ ନୋଟିସ କରାଯାଇଥିଲା। ଏହି ସମୟ ସୀମା ଶେଷ ହେବା ପରେ ଶୁକ୍ରବାର ଖଣି ବିଭାଗ ପକ୍ଷରୁ ୩ କ୍ରଶରକୁ ସିଲ୍ କରାଯାଇଛି। ପ୍ରଦୂଷଣ ବୋର୍ଡର କାଞ୍ଚନବାଳା ବେହେରା, ଏକ୍ସିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଭାବେ ଆଠଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ମାନସ ରଞ୍ଜନ ବେହେରା, ଟିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡ଼ା, ଟିଗିରିଆ ପୋଲିସ, ଟିଗିରିଆ ବିଦ୍ୟୁତ୍ ବିଭାଗର ମିଳିତ ସହଯୋଗରେ ପ୍ରାଥମିକ ପର୍ଯ୍ୟାୟରେ ଭେଳିଆ, ପୁରୁଣା ଟିଗିରିଆ ଓ ନୂଆ ସଡ଼କରେ ଥିବା ୩ ବେଆଇନ କ୍ରଶରକୁ ସିଲ୍ କରାଯାଇଛି। ସିଲ୍ ହୋଇଥିବା ନୂଆସଡ଼କସ୍ଥିତ କ୍ରଶରରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ବେଳେ ଅନ୍ୟ ଦୁଇଟି କ୍ରଶର ବିଦ୍ୟୁତ୍ ସଂଯୋଗ କରି ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଟିଗିରିଆରେ ଦୀର୍ଘଦିନ ଧରି ୧୦ରୁ ଅଧିକ ବେଆଇନ କ୍ରଶର ଚାଲୁରହିଛି। ଏହି କ୍ରଶର ଚାଳିକା ଫଳରେ ଉକ୍ତ ଅଞ୍ଚଳରେ ଜଳଥ, ଚାଷଜମି ପ୍ରଭାବିତ ହେବା ସହ ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। କ୍ରଶରରୁ ଉତ୍ପାଦନ ହେଉଥିବା ଚିପ୍ସ୍, ବାଲୁଗି ସହ ଅନ୍ୟାନ୍ୟ ପଥର ନେବା ପାଇଁ ପ୍ରତ୍ୟହ ଶତାଧିକ ଭାରିଯାନ ଏହି ଅଞ୍ଚଳକୁ ଯାତାୟାତ କରୁଥିଲା। ଫଳରେ ଲୋକଙ୍କୁ ଘରୁ ବାହାରିବା କଷ୍ଟକର ହୋଇପଡୁଥିଲା। ଏଥିସହ ଘରଦ୍ୱାର ଧୂଳିରେ ଭର୍ତ୍ତି ହୋଇଯାଉଥିଲା।

# ଅଧ୍ୟାପିକା ମମତା ଜେନାଙ୍କୁ ସବୁଜ ବନାନୀ ସମ୍ମାନ

ବାଙ୍କୀ, ୧।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ଅଧ୍ୟାପିକା ମମତା ଜେନାଙ୍କୁ ସମ୍ମାନିତ କରାଯାଉଛି।

ଡମପଡ଼ା ବ୍ଲକ ଅନ୍ତର୍ଗତ ଅରଗୁଡ଼ ଗ୍ରାମର ଅଧ୍ୟାପିକା ମମତା ଜେନାଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବପରିଷଦ ତରଫରୁ ସବୁଜ ବନାନୀ ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅକ୍ଷୟ କୁମାର ସାମଲ ଯୋଗଦେଇ ଅଧ୍ୟାପିକା ଜେନାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ଏହି ଅବସରରେ ଅରଗୁଡ଼ ଶିବମନ୍ଦିର ଓ ମଙ୍ଗଳା ମନ୍ଦିରର ରାସ୍ତାର ଦୁଇ ପାର୍ଶ୍ୱରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ କଂଗ୍ରେସ ରଣା ଓ ବିଶ୍ୱରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ। ପ୍ରଦ୍ୟୁତ କୁମାର ନାୟକ ଓ ଅମରେନ୍ଦ୍ର ନାୟକ ଏହାକୁ ପରିଚାଳନା କରିଥିଲେ।

# ସ୍ୱାଧୀନତା ଦିବସକୁ ସରସସୁନ୍ଦର କରିବାକୁ ଗୁରୁତ୍ୱ




ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଆଠଗଡ଼, ୧।୮ (ସତ୍ୟ ପ୍ରସାଦ ରଥ)

୭୯ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମକୁ ସରସସୁନ୍ଦର ଭାବେ ପାଳନ କରିବା ନିମନ୍ତେ ପଞ୍ଚାୟତ ସମିତି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତଥା ସ୍ୱାଧୀନତା ଦିବସ ପାଳନ କମିଟି ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତିସଭା ଗୃହରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା, ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା, ଭାରପ୍ରାପ୍ତ ଥାନା ଅଧିକାରୀ ସୁମତୀ ମହାନ୍ତି, ନିର୍ବାହୀ ଅଧିକାରୀ ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ବଳୟ ଦେହୁରୀ ଉପସ୍ଥିତ ଥିଲେ।

ଚଳିତ ବର୍ଷ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଆଠଗଡ଼ ଷ୍ଟାଡିୟମରେ ପାଳନ କରାଯିବ। ସକାଳ ୯ଟା୧୫ରେ ମୁଖ୍ୟଅତିଥି ଆଠଗଡ଼ ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ କରି ପରେଡ୍ ଅଭିବାଦନ ଗ୍ରହଣ କରିବେ। ଏଥିସହ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବେ। ଏହାଛଡ଼ା ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ, ବାଣିଜ୍ୟକ ପ୍ରତିଷ୍ଠାନରେ ସକାଳ ୭ଟା ୩୦ ମିନିଟରେ ପତାକା ଉତ୍ତୋଳନ କରିପାରିବେ। ଏହି ଅବସରରେ ପ୍ରାତଃ ୪ଟା ୩୦ରୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡ଼ାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୂନ ପରିବେଷଣ କରାଯିବ। ଚଳିତବର୍ଷ ବିଭିନ୍ନ ଶିକ୍ଷାନୁଷ୍ଠାନର ସମରଶିକ୍ଷାର୍ଥୀ ବାହିନୀ, ଗାଇଡ଼ ଓ ସିଭିଲିଆନ ଦଳ ସମ୍ମିଳିତ ପରେଡ୍‌ରେ ଭାଗନେବେ। ସ୍ୱାଧୀନତା ଦିବସ ଉପଲକ୍ଷେ ମଣ୍ଡଳଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ଇଂଲିଶ୍ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଗାନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ଉପଖଣ୍ଡସ୍ତରୀୟ ସମାରୋହରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବାକୁ ନିଷ୍ପତ୍ତି ହୋଇଛି।

ସ୍ୱାଧୀନତା ଦିବସକୁ ସଫଳ କରିବା ପାଇଁ ପୂର୍ତ୍ତ ବିଭାଗ, ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଦ୍ୟୁତ୍ ବିଭାଗ, ଗ୍ରାମୀଣ ଜଳ ଯୋଗାଣ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ସେବା ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରିବା ପାଇଁ ଉପଜିଲାପାଳ ଶର୍ମା ନିର୍ଦ୍ଦେଶ ଦେଇଥିଲେ। ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତାପସ କୁମାର ଓଝା ପୂର୍ବ ବର୍ଷର ବିବରଣୀ ପାଠ କରିବା ସହ ବୈଠକରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଆଠଗଡ଼ର ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ମୁଖ୍ୟ, ସମସ୍ତ ବିଭାଗୀୟ ଅଧିକାରୀ, ଆଠଗଡ଼ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧ୍ୟମର ପ୍ରତିନିଧି ବୃନ୍ଦ, ଉପଜିଲାପାଳ ଏବଂ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ସାମାଜିକ କର୍ମୀ ଦୁର୍ଗା ଚରଣ ସାହୁଙ୍କ ପରଲୋକ

ସାଲେପୁର, ୧।୮ (ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅନ୍ତର୍ଗତ ବାରିଗୋଳ ପଞ୍ଚାୟତ କାଶୀପୁର ଗ୍ରାମର ସାମାଜିକ କର୍ମୀ ଦୁର୍ଗା ଚରଣ ସାହୁ (୭୫)ଙ୍କ ପରଲୋକ ଘଟିଛି। ସେ କିଛିଦିନ ହେବ ଶାରୀରିକ ଅସୁସ୍ଥତା ଦେଇ ଗତି କରୁଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସାହୁଙ୍କ ମୃତ୍ୟୁ ଘଟିଛି। ସେ ପ୍ରାୟ ୩୦ ବର୍ଷ ଧରି ଓଡ଼ିଶା ସେଚାଞ୍ଚଳ ଉନ୍ନୟନ କର୍ମଚାରୀ ସମନ୍ୱୟ ସମିତି ସଭାପତି ଭାବେ କାର୍ଯ୍ୟ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ସ୍ନେହୀ, ମେଳାପି ଓ ଧର୍ମପରାୟଣା ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ହରିବନ୍ଧୁ ଶତପଥୀ, ସାଲେପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ରବୀନ୍ଦ୍ର ନାଥ କର, ବାରିଗୋଳ ସରପଞ୍ଚ ଶିବୁ ବେହେରା ପ୍ରମୁଖ ସାହୁଙ୍କ କାଶୀପୁରସ୍ଥିତ ବାସଭବନରେ ପହଞ୍ଚି ସମବେଦନା ଜଣାଇଛନ୍ତି। ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ ଶାରଦା ପ୍ରସାଦ ସାହୁ ମୁଖାଗ୍ନି ଦେଇଥିଲେ।

# ବେଲଅଣ୍ଟା ଗ୍ରାମ ଗଣ୍ଡଗୋଳ ଘଟଣା: ୧ ଗିରଫ

ଟିଗିରିଆ, ୧।୮ (ଜାଫର ଖାଁ)



ବିକାଶ ମଲ୍ଲ।

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଟିଗିରିଆ ଥାନା ଭୋଗଡ଼ା ପଞ୍ଚାୟତ ଅନ୍ତର୍ଗତ ବେଲଅଣ୍ଟା ଗ୍ରାମରେ ଜୁଲାଇ ୨୨ରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ଶୁକ୍ରବାର ଟିଗିରିଆ ପୋଲିସ ଜଣେ ଅଭିଯୁକ୍ତକୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଗ୍ରାମର ବିକାଶ ମଲ୍ଲ। ଖୁବ୍‌ଶୀଘ୍ର ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ଟିଗିରିଆ ଥାନା ଅନ୍ତର୍ଗତ ଭୋଗଡ଼ା ପଞ୍ଚାୟତ ବେଲଅଣ୍ଟା ଗ୍ରାମର ନରେଶ ନାୟକଙ୍କୁ ଜୁନ୍ ୩ରେ ବେଲଅଣ୍ଟା ଗ୍ରାମର କେତେଜଣ ବ୍ୟକ୍ତି ପୂର୍ବ ଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ନରେଶ ଗୁରୁତର ହୋଇପଡ଼ିଥିଲେ। ଏହି ଘଟଣାରେ ୫ ଜଣଙ୍କୁ ଗିରଫ ପରେ ଜେଲ ହାଜତକୁ ପଠାଯାଇଥିବାବେଳେ ଜଣେ ଫେରାର ଥିଲେ। ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣ ଜୁଲାଇ ୨୨ରେ ଜାମିନରେ ଆସିଥିଲେ। ସେମାନେ ଜେଲ୍‌ରୁ ଗ୍ରାମକୁ ବାଇକ୍‌ରେ ଆସୁଥିବାବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଅପର ଗୋଷ୍ଠୀର ସଦସ୍ୟମାନେ ସେମାନଙ୍କୁ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଏଥିରେ ସୁଶାନ୍ତ ରାଉତ ଗୁରୁତର ହୋଇଥିବାବେଳେ ବଷ୍ଟି ଆହତ ହୋଇଥିଲେ। ଉଭୟଙ୍କୁ ପ୍ରଥମେ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସୁଶାନ୍ତଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ଏନେଇ ଟିଗିରିଆ ପୋଲିସ ପକ୍ଷରୁ ଏକ ମାମଲା (ନଂ.୨୩୯/୨୫) ରୁଜୁ କରାଯାଇଛି।


**NOTICE**

The Deed of Partnership was executed on Dated 28.09.2007. At that time 1) SRI ASHOK KUMAR BHAGAT, 2) SRI DIWAKAR AZAD, were the partners of the partnership firm namely "M/S BARUNEI GASES" vide Registered No - 972 of 2011, whose registered office is situated at PLOT No : 184/797, VILLAGE : HANSPAL, PO : NAHARAKANTA, BALIANTA, DIST : KHURDA, ODISHA, On Dated 18.10.2013, the Deed has been reconstituted. This time 1) SRI ASHOK KUMAR BHAGAT, 2) SMT MANJU BHAGAT are the partners of the firm. Here, 1) SRI ASHOK KUMAR BHAGAT is the EXISTING PARTNER, 2) SMT MANJU BHAGAT is the INCOMING PARTNER whereas SRI DIWAKAR AZAD is the OUTGOING PARTNER wef 18.10.2013.

Sd./- Ashok Kumar Bhagat



**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/49,ତା.30.07.2025ରିଖ

(1) ଟେଣ୍ଡର ସଂ.e-Tender-CENTKUR-172-2025,ତା.18.07.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ହିନ୍ଦୋଳ ରୋଡ୍ ଗୁଡ୍‌ସ ସେଡ୍ ଠାରେ ଭିତ୍ତିଭୂମି ସୁବିଧାର ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 706.85 ଲକ୍ଷ, EMD (ଟଙ୍କାରେ) : 5,03,400/-।

(2) ଟେଣ୍ଡର ସଂ.e-Tender-CENTKUR-173-2025,ତା.18.07.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ହିନ୍ଦୋଳ ରୋଡ୍ ଗୁଡ୍‌ସ ସେଡ୍ ଠାରେ ଭିତ୍ତିଭୂମି ସୁବିଧାର ବ୍ୟବସ୍ଥା ସମ୍ବନ୍ଧୀୟ ଜଳ ଯୋଗାଣ ବ୍ୟବସ୍ଥା ନିମନ୍ତେ 50000 ଗ୍ୟାଲୋନ୍ କ୍ଷମତା ବିଶିଷ୍ଟ RCC ଓଭର ହେଡ୍ ଟାଙ୍କିର ପ୍ରସ୍ତାବିତ ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 143.31 ଲକ୍ଷ, EMD (ଟଙ୍କାରେ) : 2,21,700/-।

(3) ଟେଣ୍ଡର ସଂ.e-Tender-CENKUR-174-2025,ତା.18.07.2025ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ସେକ୍ସନ ପରିସୀମା ଅଧୀନସ୍ଥ 06 ଗୋଟି ଲେଭେଲ କ୍ରସିଙ୍ଗ୍ ଗୁଡ଼ିକ ଠାରେ ରବରିକୃତ (Rubberized) ପୃଷ୍ଠଭାଗ ପ୍ୟାଡ୍‌ଗୁଡ଼ିକର ସଂସ୍ଥାପନ ଦ୍ୱାରା ସଡ଼କ ପୃଷ୍ଠଭାଗର ଉନ୍ନୟନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 151.98 ଲକ୍ଷ, EMD (ଟଙ୍କାରେ) : 2,26,000/-।

ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ପାଇଁ), 08 ମାସ (କ୍ରମ ସଂ.2 ପାଇଁ) ଏବଂ 06 ମାସ (କ୍ରମ ସଂ.3 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.08.08.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-426/Q/25-26



**Repco Home Finance**

**ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

**ଭୁବନେଶ୍ୱର ଶାଖା:** ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୬/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

**ଇ - ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ **ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ଭୁବନେଶ୍ୱର ଶାଖା**ରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି। ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **"ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ"** ଏବଂ **"ଯେମିତି ଅଛି ଯାହା ଅଛି ସ୍ଥିତିରେ"** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି।

**ଇ-ନିଲାମର ତାରିଖ ଓ ସମୟ: ୦୩.୦୯.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା (୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡରର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୦୨.୦୯.୨୦୨୫, ଅପରାହ୍ନ ୪.୦୦ ଘଟିକା**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ସୁବୋଧ କୁମାର ଲେଙ୍କା**, ପିତା: ଶ୍ରୀ ଲକ୍ଷ୍ମଣ ଲେଙ୍କା, **ସହ-ଋଣଗ୍ରହୀତା: ୧. ଶ୍ରୀମତୀ ଏଲ୍. ସବିତା ଲେଙ୍କା**, ସ୍ୱାମୀ: ଶ୍ରୀ ଲକ୍ଷ୍ମଣ ଲେଙ୍କା, **୨. ଶ୍ରୀମତୀ ଏସ୍. ସଂଘମିତ୍ରା ସ୍ୱାଇଁ**, ସ୍ୱାମୀ: ଶ୍ରୀ ସୁବୋଧ କୁମାର ଲେଙ୍କା ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ବ୍ରଜ କିଶୋର ସ୍ୱାଇଁ**; ଡିମାଣ୍ଡ ନୋଟିସ ତାରିଖ: **୧୭.୧୧.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୭୮୧୮୭୦୦୦୦୭୨୦**) ହେଉଛି **ତା୧୬.୧୧.୨୦୨୨ରିଖ ସୁଦ୍ଧା ₹୨୭,୪୯,୨୫୨/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୮.୦୩.୨୦୨୩**; ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୪.୦୭.୨୦୨୫ରିଖ ସୁଦ୍ଧା ₹୩୮,୪୯,୯୦୯/-**।

**ସମ୍ପତ୍ତିର ବର୍ଣ୍ଣନା:** କଟକ ନିବନ୍ଧନ ଜିଲ୍ଲା, **ଆଠଗଡ଼ ତହସିଲ, ମୌଜା: ରାଧାଗୋବିନ୍ଦପୁରଠାରେ ଅବସ୍ଥିତ** ଜମି ଓ କୋଠାର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.୧୩୫, ଡ୍ରଇଂ ନଂ.: ଆଇ-୮୯୭/୯୩। **ପ୍ଲଟ୍ ନଂ.୦୫ (ପି) ଏମ୍‌ଆଇଜି-୧୧-୩୪, ରକବା-୨୨୦୦ ବର୍ଗଫୁଟ, ଜମିର କିସମ- ହୋମ୍‌ଷ୍ଟିଡ୍**। ଚଉହଦୀ: ପୂର୍ବରେ: ଘର ନଂ. ଏମ୍‌ଆଇଜି୧୧-୨୭ ଦ୍ୱାରା, ପଶ୍ଚିମରେ: ରାସ୍ତା ଦ୍ୱାରା, ଉତ୍ତରରେ: ଘର ନଂ. ଏମ୍‌ଆଇଜି୧୧-୩୩, ଦକ୍ଷିଣରେ: ଘର ନଂ. ଏମ୍‌ଆଇଜି୧୧-୩୫ ଦ୍ୱାରା।

| ସଂରକ୍ଷିତ ମୂଲ୍ୟ | ₹୪୫,୪୦,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୫୪,୦୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ରାମକୃଷ୍ଣ ସେନାପତି**, ପିତା: ଶ୍ରୀ ଗୌରାଙ୍ଗ ଚରଣ ସେନାପତି, **ସହ-ଋଣଗ୍ରହୀତା: ଶ୍ରୀ ଗୌରାଙ୍ଗ ଚରଣ ସେନାପତି**, ପିତା: ଶ୍ରୀ ଧରମୁ ସେନାପତି; ଡିମାଣ୍ଡ ନୋଟିସ ତାରିଖ: **୦୭.୧୧.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୭୮୧୮୭୦୦୦୦୬୯୪**) ହେଉଛି **ତା୦୭.୧୧.୨୦୨୦ରିଖ ସୁଦ୍ଧା ₹୨୦,୮୨,୪୫୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୦.୦୮.୨୦୨୧**; ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୯.୦୭.୨୦୨୫ରିଖ ସୁଦ୍ଧା ₹୨୮,୭୭,୧୩୯/-**।

**ସମ୍ପତ୍ତିର ବର୍ଣ୍ଣନା:** ଜିଲ୍ଲା: କଟକ, ତହସିଲ: କଣ୍ଟାପଡ଼ା, **ମୌଜା: ବ୍ରାହ୍ମଣସାଇଲୋଠାରେ ଅବସ୍ଥିତ** ଜମି ଓ କୋଠାର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.୯୭୩/୧୩୮, **ପ୍ଲଟ୍ ନଂ.: ୧୬୫୨/୩୧୧୨, ରକବା: ଏ.୦.୦୫୦ ଡିସିମିଲ, ଜମିର କିସମ: ହୋମ୍‌ଷ୍ଟିଡ୍** ଯାହାର ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା, ପୂର୍ବ: ଗୌରାଙ୍ଗ ଚରଣ ସେନାପତି, ପଶ୍ଚିମ: ଗୌରାଙ୍ଗ ଚରଣ ସେନାପତି।

| ସଂରକ୍ଷିତ ମୂଲ୍ୟ | ₹୪୯,୪୩,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୯୪,୩୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ। **ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି। ଯୋଗାଯୋଗ ନଂ. ୦୬୭୪ - ୨୩୬୦୧୬୬ ଏବଂ ୯୪୩୭୪୯୬୯୯୮।**

**ତାରିଖ: ୨୨.୦୭.୨୦୨୫/୨୪.୦୭.୨୦୨୫** **ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**



**ଦ.ପୂ. ରେଳପଥ – ଇ-ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୨୯, ତାରିଖ: ୩୦।୦୭।୨୦୨୫**

**"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ **www.ireps.gov.in** ରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର **୧୪.୦୦ ଘଟିକାରେ ବନ୍ଦ ହେବ।**

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ |
|---|---|---|---|---|---|
| ୧ | ୩୩୨୫୧୪୭୯ଏ | ୧୭।୦୯।୨୫ | ପ୍ରାଇମେରୀ ସସ୍‌ପେନ୍ସନ ପାଇଁ ଟିପିୟୁ ରିଙ୍ଗସର ସେଟ୍ ଆଦି | ୨୮୫୦ ସେଟ୍ | ୬,୫୧,୦୮୦/- |
| ୨ | ୨୯୨୫୫୦୬୮ | ୨୬।୦୮।୨୫ | ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ପ୍ରଣାଳୀ ଆଦିର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ | ୧୫୨୪ ପାଉଣ୍ଡ | ୫୦,୦୦,୦୦୦/- |
| ୩ | ୨୫୨୫୫୦୧୪ | ୨୯।୦୮।୨୫ | ଟ୍ରାକ୍ସନ୍ ମୋଟର ଟାଇପ୍ ଏଚ୍‌ଏସ୍୧୫୨୫୦ଏ, ଆର୍ଥ ବ୍ରଶ୍ ଆସେମ୍ବ୍ଲି ଆଦି ସହିତ | ୧୧୨ ଗୋଟି | ୨୦,୦୦,୦୦୦/- |
| ୪ | ୨୫୨୫୩୩୦୩ | ୨୨।୦୯।୨୫ | ସିଙ୍ଗଲ ବଟଲ ଭିସିବି ଆଦି ପାଇଁ ଆଇଓଏଚ୍ କିଟ୍ | ୧୭୯ ସେଟ୍ | ୪,୧୭,୪୬୦/- |
| ୫ | ୨୯୨୫୩୨୯୮ | ୨୪।୦୯।୨୫ | କାର୍ବନ ସ୍ଲାଇଡିଂ ଷ୍ଟ୍ରିପ୍ (ଏସ୍‌କେ ୮୫ ସିୟୁ) | ୨୦୪ ଗୋଟି | ୧,୦୧,୮୦୦/- |
| ୬ | ୨୫୨୫୪୬୦୩ | ୧୩।୧୦।୨୫ | ଏଚ୍ ଟାଇପ୍ ସିବିସିର ସ୍ପେୟାର ପାର୍ଟସ୍ ସେଟ୍ ଆଦି | ୪୮ ସେଟ୍ | ୧,୨୮,୬୦୦/- |
| ୭ | ୨୯୨୫୩୨୫୨ | ୧୪।୧୦।୨୫ | ଏକ୍ସିଲ ବକ୍ସ ପାଇଁ ହୋଲ୍ଡର ସହିତ ଆର୍ଥ ରିଟର୍ନ ବକ୍ସ ଆଦି | ୩୦୬ ଗୋଟି | ୧,୪୫,୦୧୦/- |
| ୮ | ୨୯୨୫୩୧୬୯ | ୨୯।୧୦।୨୫ | ଭିଜିଲାନ୍ସ କଣ୍ଟ୍ରୋଲ ଡିଭାଇସ (ଭିସିଡି) ସମ୍ବଳିତ। | ୩୧ ଗୋଟି | ୧,୨୮,୯୬୦/- |
| ୯ | ୮୩୨୫୧୮୮୩ | ୨୫।୦୮।୨୫ | କମ୍ପ୍ୟୁଟରାଇଜଡ ଅଣସଂରକ୍ଷିତ ଟିକେଟ ଆଦି | ୧୦୦୦୦୦ ଗୋଟି | ୧,୫୩,୪୦୦/- |
| ୧୦ | ୨୯୨୫୪୮୪୮ଏ | ୨୫।୦୮।୨୫ | ସିଲିକନ ଇମ୍ପ୍ରେଗ୍ନେଟିଂ ରେଜିନ୍ ସିଲରେସ୍, ଏଚ୍୬୨ସି | ୧୫୨୩ କିଗ୍ରା | ୧,୧୭,୮୨୦/- |
| ୧୧ | ୧୧୨୫୧୦୯୬ | ୦୧।୦୯।୨୫ | ଟ୍ରାଞ୍ଜିସନ୍ ସ୍କ୍ରୁ କପ୍‌ଲିଂର ସଂଶୋଧିତ ଆରେଞ୍ଜମେଣ୍ଟ ଓ ବିବରଣୀ। | ୩୧୧ ସେଟ୍ | ୧,୨୨,୫୬୦/- |
| ୧୨ | ୨୯୨୫୩୦୮୬ | ୦୧।୦୯।୨୫ | ସୁଇଚ୍ ୬ଏ–୨୫୦ଭିର ସେଟ୍ ଆଦି | ୨୨୨ ସେଟ୍ | ୧,୩୬,୭୪୦/- |
| ୧୩ | ୨୯୨୫୩୨୮୫ | ୧୫।୦୯।୨୫ | ଏୟାର୍ ଡ୍ରାୟର୍। | ୭୫ ଗୋଟି | ୨,୭୯,୬୬୦/- |
| ୧୪ | ୨୯୨୫୩୧୫୨ | ୧୬।୦୯।୨୫ | ପିନିୟନ୍ ଶାଫ୍ଟ ୨୧ ଟିଥ୍ ଆଦି | ୮୪୧ ଗୋଟି | ୪,୯୬,୧୯୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି।

(PR-467)



**OHPC**

**ODISHA HYDRO POWER CORPORATION LIMITED**
(A Government of Odisha Undertaking)
Regd. Office: OHPC CORPORATE OFFICE, BHOINAGAR, JANPATH, BHUBANESWAR –751022
Tel: 91- 0674-2542983, 2542802, 2545526, 2542826, Fax-2542102
E-mail: ohpc.co@gmail.com, CIN : U40101OR1995SGC003963

No. OHPC: TECH: C&P: 25/2025-26/6132, Date: 01.08.2025

ICB No. OHPC -C&P-01/2025 dated: - 01.08.2025

**NOTICE INVITING TENDER (NIT)**
**(INTERNATIONAL COMPETITIVE BIDDING)**

Odisha Hydro Power Corporation Limited Invites bids from eligible and qualified bidders for carrying out Design, Engineering, Manufacturing, Testing at manufacturer's works before Dispatch, Supply, Transportation, Storage at site, Intra site transportation, Insurance (Transit, Storage cum Erection, Testing & Commissioning), Erection, Testing and Commissioning of 4 nos. Vertical Francis Reversible Pump-Turbines and synchronous Motor-Generator sets each of 150 MW (total of 4 x 150 MW i.e 600 MW) along with all associated Auxiliary and Ancillary Equipments, 400KV GIS, Pothead yard & Power evacuation Structures including all Civil works, Hydro Mechanical works for Upper Indravati Pumped Storage Project through EPC on turnkey basis at Ranibahal, Kalahandi District, Odisha.

For enquiry, the interested bidders may contact Contract & Procurement Head, OHPC Corporate Office and visit website www.ohpcltd.com. Subsequent corrigendum/addendum/clarifications to the tender shall be published only on OHPC website mentioned above.

**Tender paper Cost Fee: Rs 20,000/- + G.S.T. @ 18% (Rupees Twenty Thousand Only + G.S.T @18%)**
**Earnest Money Deposit (EMD): ₹40,00,00,000/-(Rupees Forty Crores) Only**
**Sale of Tender documents: 07.08.2025 to 22.08.2025.**
**Last date for submission of Pre-bid queries: 22.08.2025.**
**Pre-Bid Meeting: -29.08.2025.**
**Uploading of Pre-Bid Compliance: - 04.09.2025.**
**Bid submission: - From 05.09.2025 to 19.09.2025 up to 4.00PM.**

For OHPC Limited
Contract & Procurement Head,
OHPC Corporate Office, Bhoinagar, Janpath,
Bhubaneswar-751022
Email: ohpc.co@gmail.com
Website: www.ohpcltd.com

Place: Bhubaneswar, Odisha, India
Date : 01.08.2025



**GOVERNMENT OF ODISHA**
**OFFICE OF THE PANCHAYAT SAMITI, KUARMUNDA BLOCK, SUNDARGARH**

**INVITATION TENDER CALL NOTICE**

No.2114 Dt. - 01.08.2025

The Block Development Officer, Kuarmunda, Sundargarh invites percentage rate basis for the following work in sealed tender on behalf of Government of Odisha from registered and eligible contractor of the state PWD (R&B) / Water Resources / Rural Work / Minor Irrigation / CPWD for the following works eventually to be drawn up in the P1 forms in conformity with the details tender call notice. The bidder may submit bids for following works under DMF scheme for the year 2025-26.

| Sl. No. | Name of works | Value of Works In Rupees (Excluding GST) | Bid Security @1% (In Rs) | Cost of Bid document (In Rs) | Class of bidder | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | CONSTRUCTION OF MPCC BUILDING AT MAJHAPADA, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 2 | CONSTRUCTION OF MPCC BUILDING AT RITHATOLI, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 3 | CONSTRUCTION OF MPCC BUILDING AT JAIKUDAR, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 4 | CONSTRUCTION OF MPCC BUILDING AT BESALBADI, SALANGABAHAL G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 5 | CONSTRUCTION OF ADDITIONAL CLASS ROOM AT GOVT. UPPER PRIMARY SCHOOL, KARICHAPAL JHARBEDA G.P | 1553390.00 | 15535.00 | 6000/- | "C&D" | 6 (Six) Calendar month |
| 6 | CONSTRUCTION OF ADDITIONAL CLASS ROOM AT GOVT. PRIMARY SCHOOL, SALANGABAHAL G.P | 1511102.00 | 15112.00 | 6000/- | "C&D" | 6 (Six) Calendar month |
| 7 | CONSTRUCTION OF ADDITIONAL CLASS ROOM AT GOVT. PRIMARY SCHOOL, ANDALI G.P | 1509068.00 | 15090.00 | 6000/- | "C&D" | 6 (Six) Calendar month |

The detailed terms & conditions can be downloaded from the district website www.sundargarh.nic.in

Sd./- Block Development Officer
Kuarmunda

# ଜଣେ କର୍ମଚାରୀରେ ଚାଲିଛି ଟାଙ୍ଗୀ ପୋଷ୍ଟଅଫିସ

ଟାଙ୍ଗୀ,୧୮ (ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ବ୍ଲକ ସଦର ମହକୁମାରେ ଥିବା ଟାଙ୍ଗୀ ଡାକଘର ମାତ୍ର ଜଣେ କର୍ମଚାରୀଙ୍କୁ ନେଇ ଚାଲିଛି। ଫଳରେ କାମ ବିଳମ୍ବ ହେଉଛି। ଗ୍ରାହକମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ାହୋଇ ରହୁଥିବା ଦେଖିବାକୁ ମିଳିଛି। ଏଠାରେ ଦାୟିତ୍ୱରେ ଥିବା ଡାକ ସହାୟକଙ୍କୁ ଗତ ଜୁନ୍ ୧୪ରୁ ବାଲୁଗାଁ ବଦଳି କରାଯାଇଛି। କିନ୍ତୁ ସେହି ପଦବୀରେ ଅଦ୍ୟାବଧି କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ କାର୍ଯ୍ୟ ବ୍ୟାହତ ହେଉଛି। ଏନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଟାଙ୍ଗୀ ଡାକଘର ଉପରେ ଚାନ୍ଦପୁର, କାଲୁପଡା ଘାଟ, ସିଙ୍ଗିପୁର, କୁହୁଡ଼ି ଅଞ୍ଚଳର ଜନସାଧାରଣ ନିର୍ଭର କରିଥାନ୍ତି। ଏହା ଅଧୀନରେ ୬ଟି ବ୍ରାଞ୍ଚ ଡାକଘର ବଡପାରୀ, ପାରିଓରଡ, ଚଣ୍ଡେଶ୍ୱର, ମଙ୍ଗଳାଯୋଡ଼ି, ପଟିଆମାଳ ଓ ରଣ୍ଡା ରହିଛି। ଏହି ଡାକଘରେ ୫୦ ହଜାରରୁ ଉର୍ଦ୍ଧ୍ୱ ସେଭିଙ୍ଗ୍‌ସ ଆକାଉଣ୍ଟ, ମାସିକ ଆର୍‌ଡି ପ୍ରାୟ ୧ କୋଟି ୩୦ ଲକ୍ଷ ଟଙ୍କା, ଟାଇମ୍ ଡିପୋଜିଟ୍ (ଟିଡି), କିଶାନ ବିକାଶପତ୍ର, ଜାତୀୟ ସେଭିଙ୍ଗ୍‌ସ ସାର୍ଟିଫିକେଟ, ସୁକନ୍ୟା ଯୋଜନାରେ ଡିପୋଜିଟ, ପାର୍ସଲ, ରେଜିଷ୍ଟ୍ରି ପୋଷ୍ଟ, ସ୍ପିଡ୍‌ପୋଷ୍ଟ, ରେଭେନ୍ୟୁ ଷ୍ଟାମ୍ପ, ଇଣ୍ଡିଆନ ପୋଷ୍ଟାଲ ଅର୍ଡର, ପୋଷ୍ଟକାର୍ଡ, ଇନ୍‌ଲାଣ୍ଡ ଲେଟର ବିକ୍ରି କରାଯାଇଥାଏ। ଏଠାରେ ତହସିଲ ଓ ଉପନିବନ୍ଧକ କାର୍ଯ୍ୟାଳୟର ମାସିକ ୫୦୦ରୁ ଉର୍ଦ୍ଧ୍ୱ ବିଏନ୍‌ପିଏଲ୍ କାର୍ଯ୍ୟ କରାଯାଉଛି। ୧୨ଜଣ ପୋଷ୍ଟାଲ ଏଜେଣ୍ଟ ମଧ୍ୟ ନିୟୋଜିତ ଅଛନ୍ତି। ତେବେ ସମସ୍ତ କାର୍ଯ୍ୟକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଜଣେ ମାତ୍ର କର୍ମଚାରୀରେ ବହୁବିଧ କାର୍ଯ୍ୟ ହେଉଥିବାରୁ ଉପଭୋକ୍ତାଙ୍କୁ ହଇରାଣ ହେବାକୁ ପଡୁଛି। ଏପରିକି ବେଳେବେଳେ ନିରାଶରେ ଫେରିଯିବାକୁ ପଡୁଛି। ଏ ସମ୍ପର୍କରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ କହିଛନ୍ତି, ଗ୍ରାମାଞ୍ଚଳରେ ଜନସାଧାରଣ ପୋଷ୍ଟ ଅଫିସ ଉପରେ ଆର୍ଥିକ ଦେଣନେଣ ପାଇଁ ନିର୍ଭର କରିଥାନ୍ତି। ଏଠାରେ ୭୦ବର୍ଷ ହେଲା ପୋଷ୍ଟ ଅଫିସ ଭଡ଼ାଘରେ ଚାଲିଛି। ବରିଷ୍ଠ ନାଗରିକଙ୍କ ବସିବା ପାଇଁ ଓ ପାନୀୟଜଳର ବ୍ୟବସ୍ଥା ନାହିଁ। କର୍ମଚାରୀ ଅଭାବରୁ କାମ ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିବା କଷ୍ଟକର ହେଉଛି। ତୁରନ୍ତ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି କରାଯିବାକୁ ରାଉତ ଦାବି କରିଛନ୍ତି। ଏ ସମ୍ପର୍କରେ ପୋଷ୍ଟ ମାଷ୍ଟର ବୈକୁଣ୍ଠନାଥ ମହାରଣା କହିଛନ୍ତି, କର୍ମଚାରୀ ଅଭାବ ସମସ୍ୟା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ୟା ଦୂର ହେବ ବୋଲି ଆଶା ରହିଛି।


ଟାଙ୍ଗୀ ପୋଷ୍ଟ ଅଫିସ ପରିସରରେ ଲୋକଙ୍କ ଲମ୍ବା ଧାଡ଼ି।

# ଚିଲିକାରୁ ବେଆଇନ ଘେରି ଉଚ୍ଛେଦ

କୃଷ୍ଣପ୍ରସାଦ,୧୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)



ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ଶୁକ୍ରବାରଠାରୁ ପୁରୀ ଜିଲା ପ୍ରଶାସନ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବେଆଇନ ଘେରି ଉଚ୍ଛେଦ ଆରମ୍ଭ କରାଯାଇଛି। ପ୍ରଥମ ଦିବସରେ ବୁଦ୍ଧିବରଣସି ଅଞ୍ଚଳରୁ ୯୨ ଏକର ଚିଲିକାରେ ହୋଇଥିବା ମାଟିବନ୍ଧ ଓ ଜାଲଘେରିକୁ ପ୍ରଶାସନ ଉଚ୍ଛେଦ କରିଛି। କୃଷ୍ଣପ୍ରସାଦ ତହସିଲଦାର ବିକାଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୦ ଜଣ ଶ୍ରମିକ ଏହି କାର୍ଯ୍ୟରେ ନିୟୋଜିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି କୃଷ୍ଣପ୍ରସାଦ ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଫତେପୁର ରାଜସ୍ୱ ନିରୀକ୍ଷକ ପ୍ରତୀକ ପଣ୍ଡା, ସୁପରଭାଇଜର ଲକ୍ଷ୍ମୀକାନ୍ତ ପାତ୍ର, ସହକାରୀ ରାଜସ୍ୱ ନିରୀକ୍ଷକ ଗୋକୁଳ ପ୍ରଧାନ, କୃଷ୍ଣପ୍ରସାଦ ଥାନା ସବ୍‌ଇନ୍ସପେକ୍ଟର ଚନ୍ଦ୍ରଶେଖର ନାୟକ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଜିପିଏସ୍ ଅପରେଟର ରାକେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚିଲିକାକୁ ସମ୍ପୂର୍ଣ୍ଣ ଘେରିମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ ବୋଲି ତହସିଲଦାର ସେଠୀ କହିଛନ୍ତି।

# ଗୋଚାଲାଣ ବେଳେ ୨୬ ଗୋରୁ ଉଦ୍ଧାର, ୪ ଗିରଫ

ଖୋର୍ଦ୍ଧା,୧୮ (ପ୍ରଭାତ ପାଣିଗ୍ରାହୀ)

ବେଆଇନ ଭାବେ ଗୋଚାଲାଣ ବେଳେ ଶୁକ୍ରବାର ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷରୁ ଚଢ଼ାଉ କରାଯାଇ ଏକ କଣ୍ଟେନର ଜବତ କରାଯାଇଛି। ୨୬ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହରିୟାନାର ନାବେଦ ଖାନ (୨୯) ଓ ମୁସ୍ତାକିନ (୩୦), ମହାରାଷ୍ଟ୍ରର ତାବେଜ ଫିରୋଜ ଖାନ (୨୮) ଓ ମହମ୍ମଦ ଆମ୍‌ଜାଦ୍ (୫୪)। ପୋଲିସ ଗୋରୁଙ୍କୁ ଗୋଶାଳାକୁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୩୧୩/୨୫) ରୁଜୁ ହୋଇଛି। କୌଣସି ସୂତ୍ରରୁ ଖବରପାଇ ଗୋସେବକମାନେ ୧୬ ନମ୍ବର ଜାତୀୟ ରାଜପଥରେ ଜଗିରହିଥିଲେ। ହରିୟାଣା ପଟୁ ଭୁବନେଶ୍ୱର ଆଡ଼କୁ ଯାଉଥିବା ଏକ କଣ୍ଟେନର (ନଂ. ଏନ୍‌ଏଲ-୦୧-ଏନ୍ ୨୪୧୦)କୁ ବାଟମଙ୍ଗଳା ଛକରେ ଅଟକାଇ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କଣ୍ଟେନରକୁ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଥିଲା।

# ଟ୍ରକ୍ ଚାଳକଙ୍କଠାରୁ ଲୁଟ୍ କରି ଯୁବକ ଗିରଫ

ଖୋର୍ଦ୍ଧା,୧୮ (ପ୍ରଭାତ ପାଣିଗ୍ରାହୀ)

ଜଣେ ଟ୍ରକ୍ ଡ୍ରାଇଭରଙ୍କଠାରୁ ଲୁଟ୍ ଘଟଣାରେ ଶିଳ୍ପାଞ୍ଚଳ ଥାନା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜଟଣୀ ଥାନା ଅରୁଗୁଳ ଦେଉଳବସ୍ତ ଗ୍ରାମର ବିଶ୍ୱନାଥ ସାହୁ (୩୩)। ସୂଚନା ଅନୁସାରେ, ଏକ ୧୬ଚକିଆ ଟ୍ରକ୍‌ର ଡ୍ରାଇଭର କୃଷ୍ଣଚନ୍ଦ୍ର ସେଠୀ ଗୁରୁବାର ରାତିରେ ଶିଳ୍ପାଞ୍ଚଳ ରାସ୍ତା ପାର୍ଶ୍ୱରେ ଗାଡ଼ି ପାର୍କିଂ କରିଥିଲେ। ଏହି ସମୟରେ ବିଶ୍ୱନାଥ ଗାଡ଼ିରେ ଆସି ତାଙ୍କୁ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ୧୨ଶହ ଟଙ୍କା, ମୋବାଇଲ ଫୋନ୍ ଲୁଟି ନେଇଥିଲେ। କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ. ୧୮୨/୨୫) ରୁଜୁ କରି ପୋଲିସ ବରୁଣେଇ-ବେଣାପଞ୍ଜୁରୀ ରାସ୍ତାରୁ ବିଶ୍ୱନାଥଙ୍କୁ ଗିରଫ କରିଛି। ତାଙ୍କଠାରୁ ଲୁଟ ଟଙ୍କା, ୨ଟି ମୋବାଇଲ ଫୋନ୍ ସମେତ ଏକ ବାଇକ ଏବଂ ଛୁରି ଜବତ କରାଯାଇଛି।

# ସ୍ୱଚ୍ଛତା ଅଭିଯାନ ଆରମ୍ଭ କଲା ପୂର୍ବତଟ ରେଳପଥ


ସ୍ୱଚ୍ଛତା ଅଭିଯାନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭୁବନେଶ୍ୱର/ଜଟଣୀ,୧୮
(ଅନୁରାଧା ମହାରଣା/ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ପକ୍ଷରୁ ନିଜ ଅଧୀନରେ ଥିବା ରେଳ ଷ୍ଟେଶନ, ଟ୍ରେନ୍, ଅଫିସ, କର୍ମଶାଳା, ରକ୍ଷଣାବେକ୍ଷଣ ଡିପୋ, ଡାକ୍ତରଖାନା ଏବଂ ଆବାସିକ ଅଞ୍ଚଳରେ ୧୫ ଦିନିଆ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଛି। ଉଦ୍‌ଘାଟନୀ ଦିବସରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ସ୍ୱଚ୍ଛତା ଅଭିଯାନର ଶପଥ ପାଠ କରାଇଛନ୍ତି। ସ୍ୱଚ୍ଛତା ଅଭିଯାନର ଏକ ଅଂଶ ଭାବରେ ସଚେତନତା ସୃଷ୍ଟି ପାଇଁ ପରିଷ୍କାର ପରିଚ୍ଛନ୍ନତା ଉପରେ ଚିତ୍ରାଙ୍କନ, ରଚନା ଆଦି ପ୍ରତିଯୋଗିତା କରାଯାଉଛି। ଏହାସହ ଷ୍ଟେଶନ ଏବଂ ଟ୍ରେନରେ ଅଳିଆ ଆବର୍ଜନାର ବିପଦ ବିଷୟରେ ସଚେତନତା ବାର୍ତ୍ତା ଦିଆଯାଉଛି। ଟ୍ରେନ ଭିତରେ ବିଶେଷକରି କୋଚ, ଟଏଲେଟ ବ୍ଲକ ଏବଂ ପାଣ୍ଟ୍ରି କାରରେ ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦିଆଯାଉଛି। ଜଳ ଯୋଗାଣ ସ୍ଥାନଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ଟ୍ୟାପ ଏବଂ ଷ୍ଟେଶନଗୁଡ଼ିକରେ ଜଳ ଗୁଣବତ୍ତା ଯାଞ୍ଚ ଉପରେ ଗୁରୁତ୍ୱାରୋପ କରାଯାଉଛି। ପରିବେଷିତ ଖାଦ୍ୟର ଗୁଣବତ୍ତା, ଷ୍ଟେଶନ ପରିସର ଏବଂ ସୁବିଧାଗୁଡ଼ିକର ସ୍ୱଚ୍ଛତା ଉପରେ ଯାତ୍ରୀଙ୍କ ମତାମତ ମଧ୍ୟ ସଂଗ୍ରହ କରାଯାଉଛି। ପୂର୍ବତଟ ରେଳପଥ କର୍ମଚାରୀମାନେ ପ୍ରତିବର୍ଷ ୧୦୦ ଘଣ୍ଟା ପରିଷ୍କାର ପରିଚ୍ଛନ୍ନତା ପ୍ରତି ଉତ୍ସର୍ଗ କରିବା ଏବଂ ଅତି କମ୍‌ରେ ୧୦୦ ଜଣ ବ୍ୟକ୍ତିଙ୍କୁ ମଧ୍ୟ ଏହା କରିବାକୁ ଉତ୍ସାହିତ କରିବା ପାଇଁ ଶପଥ ନେଇଛନ୍ତି।

# ଅଧ୍ୟାପକ ବିରଞ୍ଚି ସାହୁଙ୍କୁ ଅବସର ସମ୍ବର୍ଦ୍ଧନା


ଅଧ୍ୟାପକ ବିରଞ୍ଚି ପ୍ରସାଦ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ବେଗୁନିଆ,୧୮
(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ମହାବିଦ୍ୟାଳୟ ସଭାଗୃହରେ ଗୁରୁବାର ଭୌତିକ ବିଜ୍ଞାନ ପ୍ରୟୋଗ ଅଧ୍ୟାପକ ବିରଞ୍ଚି ପ୍ରସାଦ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସାଇନ୍ସ ସୋସାଇଟି କ୍ୱାଣ୍ଟମ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ସାହୁ ମିଷ୍ଟଭାଷୀ ଓ ଛାତ୍ରବତ୍ସଳ ଥିଲେ। ସେ ବିଜ୍ଞାନ ଓ କଳାର ଉତ୍ତମ ସମନ୍ୱୟ ରକ୍ଷାକରି ଚାକିରି ଜୀବନରେ ଅନେକ କୃତୀ ଅର୍ଜନ କରିଛନ୍ତି। ତାଙ୍କ ରଚିତ କବିତାଗୁଡ଼ିକ ଛାତ୍ରୀଛାତ୍ର ଓ ସହକର୍ମୀଙ୍କୁ ଉତ୍ସାହିତ କରୁଥିଲା ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ କ୍ୱାଣ୍ଟମ୍ କ୍ଲବର ଅନ୍ୟ ସଦସ୍ୟଙ୍କ ସହିତ ଅଧ୍ୟାପକ ସୁଧାଂଶୁ କୁମାର ପରିଡ଼ା, ଶୁଭେନ୍ଦୁ ପଟ୍ଟନାୟକ, ଉଦିତ ନାରାୟଣ ପାଢୀ, ଲୋହିତାକ୍ଷ ମେହେର୍, ବିଭେଶ ରଞ୍ଜନ ଚୌଧୁରୀ ଓ ସୌମ୍ୟରଞ୍ଜନ ତ୍ରିପାଠୀ ଏବଂ ଅଧ୍ୟାପିକା ଅନୁଜା ପାଲଟାସିଂହ ପ୍ରମୁଖ ଉପସ୍ଥିତ ରହି ସେବା ନିବୃତ୍ତ ଅଧ୍ୟାପକ ସାହୁଙ୍କ ମଙ୍ଗଳ କାମନା କରିଥିଲେ।

# ମାତାପିତା-ଶିକ୍ଷକ ସମ୍ମିଳନୀ

ବେଗୁନିଆ,୧୮
(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ରନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବେଗୁନିଆ ବ୍ଲକ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ କୁମାର ମୁନି ଏବଂ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ସମ୍ପାଦକ ଦେବାଶିଷ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ହରିହର ସାହୁ ସ୍ମୃତି ପରିଷଦ ପକ୍ଷରୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ୨୦୨୪-୨୫ ଶିକ୍ଷା ବର୍ଷର ମାଟ୍ରିକ ଟପ୍ପର ଛାତ୍ର ଦୁର୍ଗାପ୍ରସାଦ ଆଚାର୍ଯ୍ୟ ଏବଂ ଦ୍ୱିତୀୟ ସମାପ୍ତି ସୂଚକ ଆକଳନରୁ ଶ୍ରେଣୀରେ ପ୍ରଥମ ହୋଇଥିବା ଛାତ୍ରୀ ସୁତାପା ବେହେରା, ଅଙ୍କିତା ଅନୁଶ୍ରୁତି, ଲକ୍ଷ୍ମୀପ୍ରିୟା ସ୍ୱାଇଁ ଓ ଦ୍ୱିତୀଶିଖା ରଥ ପ୍ରମୁଖ ଟ୍ରଫି ହାସଲ କରିଥିଲେ। ହିମାଂଶୁ ଭୂଷଣ ସ୍ୱାଇଁ ଏବଂ ବିରଞ୍ଚି ନାରାୟଣ ସ୍ୱାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୁନିତା ପୃଷ୍ଟି ଧନ୍ୟବାଦ ଦେଇଥିଲେ।

**NOTICE**

The Deed of Partnership was executed on Dated 28.09.2007. At that time 1) SRI ASHOK KUMAR BHAGAT, 2) SRI DIWAKAR AZAD, were the partners of the partnership firm namely "M/S BARUNEI GASES" vide Registered No - 972 of 2011, whose registered office is situated at PLOT No : 184/797, VILLAGE : HANSPAL, PO : NAHARAKANTA, BALIANTA, DIST : KHURDA, ODISHA, On Dated 18.10.2013, the Deed has been reconstituted. This time 1) SRI ASHOK KUMAR BHAGAT, 2) SMT MANJU BHAGAT are the partners of the firm. Here, 1) SRI ASHOK KUMAR BHAGAT is the EXISTING PARTNER, 2) SMT MANJU BHAGAT is the INCOMING PARTNER whereas SRI DIWAKAR AZAD is the OUTGOING PARTNER wef 18.10.2013.

Sd./- Ashok Kumar Bhagat

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/49,ତା.30.07.2025ରିଖ

(1) ଟେଣ୍ଡର ସଂ.e-Tender-CENTKUR-172-2025,ତା.18.07.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ହିନ୍ଦୋଳ ରୋଡ୍ ଗୁଡ୍‌ସ ସେଡ୍ ଠାରେ ଭିତ୍ତିଭୂମି ସୁବିଧାର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 706.85 ଲକ୍ଷ, EMD (ଟଙ୍କାରେ) : 5,03,400/-।

(2) ଟେଣ୍ଡର ସଂ.e-Tender-CENTKUR-173-2025,ତା.18.07.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ହିନ୍ଦୋଳ ରୋଡ୍ ଗୁଡ୍‌ସ ସେଡ୍ ଠାରେ ଭିତ୍ତିଭୂମି ସୁବିଧାର ବ୍ୟବସ୍ଥା ସମ୍ବନ୍ଧୀୟ ଜଳ ଯୋଗାଣ ବ୍ୟବସ୍ଥା ନିମନ୍ତେ 50000 ଗ୍ୟାଲୋନ୍ କ୍ଷମତା ବିଶିଷ୍ଟ RCC ଓଭର ହେଡ୍ ଟାଙ୍କିର ପ୍ରସ୍ତାବିତ ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 143.31 ଲକ୍ଷ, EMD (ଟଙ୍କାରେ) : 2,21,700/-।

(3) ଟେଣ୍ଡର ସଂ.e-Tender-CENKUR-174-2025,ତା.18.07.2025ରିଖ
ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ସେକ୍ସନ ପରିସୀମା ଅଧୀନସ୍ଥ 06 ଗୋଟି ଲେଭେଲ କ୍ରସିଙ୍ଗ ଗୁମ୍ଟି ଠାରେ ରବରିକୃତ (Rubberized) ପୃଷ୍ଠଭାଗ ପ୍ୟାଡ୍‌ଗୁଡ଼ିକର ସଂସ୍ଥାପନ ଦ୍ୱାରା ସଡ଼କ ପୃଷ୍ଠଭାଗର ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 151.98 ଲକ୍ଷ, EMD (ଟଙ୍କାରେ) : 2,26,000/-।

ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ପାଇଁ), 08 ମାସ (କ୍ରମ ସଂ.2 ପାଇଁ) ଏବଂ 06 ମାସ (କ୍ରମ ସଂ.3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.08.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-426/Q/25-26

**Repco Home Finance**
**ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**
ଭୁବନେଶ୍ୱର ଶାଖା: ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୬/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

**ଇ - ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ
ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ **ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ଭୁବନେଶ୍ୱର ଶାଖା**ରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି। ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **''ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ''** ଏବଂ **''ଯେମିତି ଅଛି ଯାହା ଅଛି ସ୍ଥିତିରେ''** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି।

**ଇ-ନିଲାମର ତାରିଖ ଓ ସମୟ: ୦୩.୦୯.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା**
**(୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୦୨.୦୯.୨୦୨୫, ଅପରାହ୍ନ ୪.୦୦ ଘଟିକା**

କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ସୁବୋଧ କୁମାର ଲେଙ୍କା, ପିତା: ଶ୍ରୀ ଲକ୍ଷ୍ମଣ ଲେଙ୍କା, ସହ-ଋଣଗ୍ରହୀତା: ୧. ଶ୍ରୀମତୀ ଏଲ. ସବିତା ଲେଙ୍କା, ସ୍ୱାମୀ: ଶ୍ରୀ ଲକ୍ଷ୍ମଣ ଲେଙ୍କା, ୨. ଶ୍ରୀମତୀ ଏସ୍. ସଂଘମିତ୍ରା ସ୍ୱାଇଁ, ସ୍ୱାମୀ: ଶ୍ରୀ ସୁବୋଧ କୁମାର ଲେଙ୍କା ଏବଂ ଗ୍ୟାରେଣ୍ଟିଦାତା: ଶ୍ରୀ ବ୍ରଜ କିଶୋର ସ୍ୱାଇଁ; ଡିମାଣ୍ଡ ନୋଟିସ ତାରିଖ: ୧୭.୧୧.୨୦୨୨; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. ୧୬୮୧୮୭୦୦୦୦୬୭୦) ହେଉଛି ତା୧୬.୧୧.୨୦୨୨ରିଖ ସୁଦ୍ଧା ₹୨୭,୪୯,୨୫୨/- ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: ୦୮.୦୩.୨୦୨୩; ବର୍ତ୍ତମାନର ବକେୟା ଅର୍ଥରାଶି: ତା୧୪.୦୭.୨୦୨୫ରିଖ ସୁଦ୍ଧା ₹୩୮,୪୯,୯୦୯/-।
**ସମ୍ପତ୍ତିର ବର୍ଣ୍ଣନା:** କଟକ ନିବନ୍ଧନ ଜିଲ୍ଲା, ଆଠଗଡ଼ ତହସିଲ, ମୌଜା: ରାଧାଗୋବିନ୍ଦପୁରଠାରେ ଅବସ୍ଥିତ ଜମି ଓ କୋଠାର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.୧୩୫, ଡ୍ରଇଂ ନଂ.: ଆଇ-୮୯୭/୪୩। ପ୍ଲଟ୍ ନଂ.୦୫ (ପି) ଏମ୍‌ଆଇଜି-୧୧-୩୪, ରକବା-୨୨୦୦ ବର୍ଗଫୁଟ, ଜମିର କିସମ- ହୋମଷ୍ଟିଡ୍। ଚଉହଦୀ: ପୂର୍ବରେ: ଘର ନଂ. ଏମ୍‌ଆଇଜି୧୧-୨୭ ଦ୍ୱାରା, ପଶ୍ଚିମରେ: ରାସ୍ତା ଦ୍ୱାରା, ଉତ୍ତରରେ: ଘର ନଂ. ଏମ୍‌ଆଇଜି୧୧-୩୩, ଦକ୍ଷିଣରେ: ଘର ନଂ. ଏମ୍‌ଆଇଜି୧୧-୩୫ ଦ୍ୱାରା।

| ସଂରକ୍ଷିତ ମୂଲ୍ୟ | ₹୪୫,୪୦,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୫୪,୦୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ରାମକୃଷ୍ଣ ସେନାପତି, ପିତା: ଶ୍ରୀ ଗୌରାଙ୍ଗ ଚରଣ ସେନାପତି, ସହ-ଋଣଗ୍ରହୀତା: ଶ୍ରୀ ଗୌରାଙ୍ଗ ଚରଣ ସେନାପତି, ପିତା: ଶ୍ରୀ ଧରମୁ ସେନାପତି; ଡିମାଣ୍ଡ ନୋଟିସ ତାରିଖ: ୦୭.୧୧.୨୦୨୦; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. ୧୬୮୧୮୭୦୦୦୦୬୫୪) ହେଉଛି ତା୦୭.୧୧.୨୦୨୦ରିଖ ସୁଦ୍ଧା ₹୨୦,୮୨,୪୫୭/- ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: ୧୦.୦୮.୨୦୨୧; ବର୍ତ୍ତମାନର ବକେୟା ଅର୍ଥରାଶି: ତା୦୯.୦୭.୨୦୨୫ରିଖ ସୁଦ୍ଧା ₹୨୮,୭୭,୧୩୯/-।
**ସମ୍ପତ୍ତିର ବର୍ଣ୍ଣନା:** ଜିଲ୍ଲା: କଟକ, ତହସିଲ: କଣ୍ଟାପଡ଼ା, ମୌଜା: ବ୍ରାହ୍ମଣସାଇଲୋଠାରେ ଅବସ୍ଥିତ ଜମି ଓ କୋଠାର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.୯୬୩/୧୩୮, ପ୍ଲଟ୍ ନଂ.: ୧୬୫୨/୩୧୧୨, ରକବା: ୦.୦୫୦ ଡିସିମିଲ, ଜମିର କିସମ: ହୋମଷ୍ଟିଡ୍ ଯାହାର ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା, ପୂର୍ବ: ଗୌରାଙ୍ଗ ଚରଣ ସେନାପତି, ପଶ୍ଚିମ: ଗୌରାଙ୍ଗ ଚରଣ ସେନାପତି।

| ସଂରକ୍ଷିତ ମୂଲ୍ୟ | ₹୪୯,୪୩,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୯୪,୩୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ। ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି। ଯୋଗାଯୋଗ ନଂ. ୦୬୭୪ - ୨୩୬୦୧୬୬ ଏବଂ ୯୪୩୭୪୯୬୯୯୮।
ତାରିଖ: ୨୨.୦୭.୨୦୨୫/୨୪.୦୭.୨୦୨୫ ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

**ଦ.ପୂ. ରେଳପଥ – ଇ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୨୯, ତାରିଖ: ୩୦।୦୭।୨୦୨୫
**''ଇ'' ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.in ରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ |
|---|---|---|---|---|---|
| ୧ | ୩୩୨୫୧୪୭୯ଏ | ୧୭।୦୯।୨୫ | ପ୍ରାଇମେରୀ ସସ୍‌ପେନ୍ସନ ପାଇଁ ଟିପିୟୁ ରିଙ୍ଗସର ସେଟ୍ ଆଦି | ୨୮୫୦ ସେଟ୍ | ୬,୫୧,୦୮୦/- |
| ୨ | ୨୯୨୫୫୦୬୮ | ୨୬।୦୮।୨୫ | ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ପ୍ରଣାଳୀ ଆଦିର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ | ୧୫୨୪ ପାଉଣ୍ଡ | ୫୦,୦୦,୦୦୦/- |
| ୩ | ୨୫୨୫୫୦୧୪ | ୨୯।୦୮।୨୫ | ଟ୍ରାକ୍ସନ୍ ମୋଟର ଟାଇପ୍ ଏଚ୍‌ଏସ୍୧୫୨୫୦ଏ, ଆର୍ଥ ବ୍ରଶ୍ ଆସେମ୍ବ୍ଲି ଆଦି ସହିତ | ୧୧୨ ଗୋଟି | ୨୦,୦୦,୦୦୦/- |
| ୪ | ୨୫୨୫୩୩୦୩ | ୨୨।୦୯।୨୫ | ସିଙ୍ଗଲ ବଟଲ ଭିସିବି ଆଦି ପାଇଁ ଆଇଓଏଚ୍ କିଟ୍ | ୧୭୯ ସେଟ୍ | ୪,୧୭,୪୬୦/- |
| ୫ | ୨୯୨୫୩୨୯୮ | ୨୪।୦୯।୨୫ | କାର୍ବନ ସ୍ଲାଇଡିଂ ଷ୍ଟ୍ରିପ୍ (ଏସ୍‌କେ ୮୫ ସିୟୁ) | ୨୦୪ ଗୋଟି | ୧,୦୧,୮୦୦/- |
| ୬ | ୨୫୨୫୪୬୦୩ | ୧୩।୧୦।୨୫ | ଏଚ୍ ଟାଇପ୍ ସିବିସିର ସ୍ପେୟାର ପାର୍ଟସ୍ ସେଟ୍ ଆଦି | ୪୮ ସେଟ୍ | ୧,୨୮,୬୦୦/- |
| ୭ | ୨୯୨୫୩୨୫୨ | ୧୪।୧୦।୨୫ | ଏକ୍ସିଲ ବକ୍ସ ପାଇଁ ହୋଲ୍ଡର ସହିତ ଆର୍ଥ ରିଟର୍ନ ବକ୍ସ ଆଦି | ୩୦୬ ଗୋଟି | ୧,୪୫,୦୧୦/- |
| ୮ | ୨୯୨୫୩୧୬୯ | ୨୯।୧୦।୨୫ | ଭିଜିଲାନ୍ସ କଣ୍ଟ୍ରୋଲ ଡିଭାଇସ୍ (ଭିସିଡି) ସମ୍ବଳିତ। | ୩୧ ଗୋଟି | ୧,୨୮,୯୬୦/- |
| ୯ | ୮୩୨୫୧୮୮୩ | ୨୫।୦୮।୨୫ | କମ୍ପ୍ୟୁଟରାଇଜଡ ଅଣସଂରକ୍ଷିତ ଟିକେଟ ଆଦି | ୧୦୦୦୦୦ ଗୋଟି | ୧,୫୩,୪୦୦/- |
| ୧୦ | ୨୯୨୫୪୮୪୮ଏ | ୨୫।୦୮।୨୫ | ସିଲିକନ ଇମ୍ପ୍ରେଗ୍ନେଟିଂ ରେଜିନ୍ ସିଲରେସ୍, ଏଚ୍୬୨ସି | ୧୫୨୩ କିଗ୍ରା | ୧,୧୭,୮୨୦/- |
| ୧୧ | ୧୧୨୫୧୦୯୬ | ୦୧।୦୯।୨୫ | ଟ୍ରାଞ୍ଜିସନ୍ ସ୍କ୍ରୁ କପ୍‌ଲିଂର ସଂଶୋଧିତ ଆରେଞ୍ଜମେଣ୍ଟ ଓ ବିବରଣୀ। | ୩୧୧ ସେଟ୍ | ୧,୨୨,୫୬୦/- |
| ୧୨ | ୨୯୨୫୩୦୮୬ | ୦୧।୦୯।୨୫ | ସୁଇଚ୍ ୬ଏ-୨୫୦ଭିର ସେଟ୍ ଆଦି | ୨୨୨ ସେଟ୍ | ୧,୩୬,୭୪୦/- |
| ୧୩ | ୨୯୨୫୩୨୮୫ | ୧୫।୦୯।୨୫ | ଏୟାର ଡ୍ରାୟର। | ୭୫ ଗୋଟି | ୨,୭୯,୬୬୦/- |
| ୧୪ | ୨୯୨୫୩୧୫୨ | ୧୬।୦୯।୨୫ | ପିନିୟନ୍ ଶାଫ୍ଟ ୨୧ ଟିଥ୍ ଆଦି | ୮୪୧ ଗୋଟି | ୪,୯୬,୧୯୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-467)

**ODISHA HYDRO POWER CORPORATION LIMITED**
OHPC
(A Government of Odisha Undertaking)
Regd. Office: OHPC CORPORATE OFFICE,BHOINAGAR, JANPATH, BHUBANESWAR –751022
Tel: 91- 0674-2542983, 2542802, 2545526, 2542826, Fax-2542102
E-mail: ohpc.co@gmail.com, CIN : U40101OR1995SGC003963

No. OHPC: TECH: C&P: 25/2025-26/6132, Date: 01.08.2025
ICB No. OHPC -C&P-01/2025 dated: - 01.08.2025
**NOTICE INVITING TENDER (NIT)**
**(INTERNATIONAL COMPETITIVE BIDDING)**

Odisha Hydro Power Corporation Limited Invites bids from eligible and qualified bidders for carrying out Design, Engineering, Manufacturing, Testing at manufacturer's works before Dispatch, Supply, Transportation, Storage at site, Intra site transportation, Insurance (Transit, Storage cum Erection, Testing & Commissioning), Erection, Testing and Commissioning of 4 nos. Vertical Francis Reversible Pump-Turbines and synchronous Motor-Generator sets each of 150 MW (total of 4 x 150 MW i.e 600 MW) along with all associated Auxiliary and Ancillary Equipments, 400KV GIS, Pothead yard & Power evacuation Structures including all Civil works, Hydro Mechanical works for Upper Indravati Pumped Storage Project through EPC on turnkey basis at Ranibahal, Kalahandi District, Odisha.
For enquiry, the interested bidders may contact Contract & Procurement Head, OHPC Corporate Office and visit website www.ohpcltd.com. Subsequent corrigendum/addendum/clarifications to the tender shall be published only on OHPC website mentioned above.

**Tender paper Cost Fee: Rs 20,000/- + G.S.T. @ 18% (Rupees Twenty Thousand Only + G.S.T @18%)**
**Earnest Money Deposit (EMD): ₹40,00,00,000/-(Rupees Forty Crores) Only**
**Sale of Tender documents: 07.08.2025 to 22.08.2025.**
**Last date for submission of Pre-bid queries: 22.08.2025.**
**Pre-Bid Meeting: -29.08.2025.**
**Uploading of Pre-Bid Compliance: - 04.09.2025.**
**Bid submission: - From 05.09.2025 to 19.09.2025 up to 4.00PM.**

For OHPC Limited
Contract & Procurement Head,
OHPC Corporate Office, Bhoinagar, Janpath,
Bhubaneswar-751022
Email: ohpc.co@gmail.com
Website: www.ohpcltd.com

Place: Bhubaneswar, Odisha, India
Date : 01.08.2025

**GOVERNMENT OF ODISHA**
**OFFICE OF THE PANCHAYAT SAMITI, KUARMUNDA BLOCK, SUNDARGARH**
**INVITATION TENDER CALL NOTICE**

No.2114 Dt. - 01.08.2025

The Block Development Officer, Kuarmunda, Sundargarh invites percentage rate basis for the following work in sealed tender on behalf of Government of Odisha from registered and eligible contractor of the state PWD (R&B) / Water Resources / Rural Work / Minor Irrigation / CPWD for the following works eventually to be drawn up in the P1 forms in conformity with the details tender call notice. The bidder may submit bids for following works under DMF scheme for the year 2025-26.

| Sl. No. | Name of works | Value of Works In Rupees (Excluding GST) | Bid Security @1% (In Rs) | Cost of Bid document (In Rs) | Class of bidder | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | CONSTRUCTION OF MPCC BUILDING AT MAJHAPADA, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 2 | CONSTRUCTION OF MPCC BUILDING AT RITHATOLI, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 3 | CONSTRUCTION OF MPCC BUILDING AT JAIKUDAR, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 4 | CONSTRUCTION OF MPCC BUILDING AT BESALBADI, SALANGABAHAL G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 5 | CONSTRUCTION OF ADDITIONAL CLASS ROOM AT GOVT. UPPER PRIMARY SCHOOL, KARICHAPAL JHARBEDA G.P | 1553390.00 | 15535.00 | 6000/- | "C&D" | 6 (Six) Calendar month |
| 6 | CONSTRUCTION OF ADDITIONAL CLASS ROOM AT GOVT. PRIMARY SCHOOL, SALANGABAHAL G.P | 1511102.00 | 15112.00 | 6000/- | "C&D" | 6 (Six) Calendar month |
| 7 | CONSTRUCTION OF ADDITIONAL CLASS ROOM AT GOVT. PRIMARY SCHOOL, ANDALI G.P | 1509068.00 | 15090.00 | 6000/- | "C&D" | 6 (Six) Calendar month |

The detailed terms & conditions can be downloaded from the district website www.sundargarh.nic.in

Sd./- Block Development Officer
Kuarmunda

## ସଂକ୍ଷେପରେ

### ଗଛ ପାଇଁ ୧୦୦ କବିତା

କାକଟପୁର/ଅସ୍ତରଙ୍ଗ,୧।୮ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ବ୍ଲକ ପିଏମ୍‌ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରବେଶ ଦ୍ୱାରରେ ଉଦ୍ୟାନରେ ଇଂରାଜୀ ବର୍ଣ୍ଣମାଳାର ୨୬ଗୋଟି ଅକ୍ଷର 'ଏ' ଠାରୁ 'ଜେଡ'ପର୍ଯ୍ୟନ୍ତ ଲାଗିଛି। ଇଂରାଜୀ ଅକ୍ଷର 'ଏ' ଅକ୍ଷର ଲାଗିଛି ଆଜାଦିରାଚତା ଇଣ୍ଡିକା (ନିମ୍ବ), 'ବି'ରେ ଲାଗିଛି ବାଉହିନିଆ ଭେରିଏଗେଟା (କାଞ୍ଚନ) ଭଳି ଗଛ। ସେହିପରି ଶେଷରେ 'ଜେଡ୍' ଲାଗିଛି ଜିଞ୍ଜିର ଅଫିସିନାଲ (ଅଦା) ଭଳି ଗଛ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପ୍ରବେଶ ଦ୍ୱାରରେ ଇଂରାଜୀ ବର୍ଣ୍ଣମାଳା ଶିକ୍ଷାଦେବାକୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଚେଷ୍ଟା କରିଛନ୍ତି। ଶୁକ୍ରବାର ଜିଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥ ବୁଲି ଦେଖିବା ସହ ଖୁସି ଅନୁଭବ କରିଥିଲେ। ଏ ନେଇ ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରତାପ ରାଉତ କହିଛନ୍ତି, ପିଲାଟିଏ ୬ଷ୍ଠ କିମ୍ବା ୮ମ ଶ୍ରେଣୀରେ ଆଲ୍‌ଫାବେଟିକାଲ ଧାରଣା ବହୁତ କମ ଥାଏ। ବଡ଼ ଅକ୍ଷର ଇଂରାଜୀ ବର୍ଣ୍ଣମାଳା ଲେଖାଯାଇଛି, ଛୋଟ ଅକ୍ଷର ଇଂରାଜୀ ବର୍ଣ୍ଣମାଳା କିପରି ଲେଖା ହୋଇଛି ସେ ସମ୍ପର୍କରେ ଜ୍ଞାନ ଆସିବ। ଜ୍ଞାନ ପାଇବା ସହ ଗଛକୁ ଚିହ୍ନିବ, ଗଛ ବିଷୟରେ ଜାଣିବ, ଗଛ ପ୍ରତି ମମତା ବଢ଼ିବ। ଅନ୍ୟପଟେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ନିଆରା ପ୍ରୟାସକୁ ସବୁ ମହଲରେ ପ୍ରଶଂସା କରାଯାଉଛି।

# କାର୍ଯ୍ୟାନୁଷ୍ଠାନ ପୂର୍ବରୁ ପୋଲିସ ହାତରେ ଧରାପଡ଼ି ଜେଲଗଲେ ଅଭିଯୁକ୍ତ

### ଥାନାରୁ ୨ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣା

ଗୋପ,୧।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନାରେ ଚୋରି ଘଟଣାରେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ଥାନା ପାଇଖାନା ସ୍କାଇଲାଇଟ ଭାଙ୍ଗି ଫେରାର୍ ହୋଇଯାଇଥିଲେ। ଏହି ଘଟଣାର ୩ଦିନ ପରେ ଗୋପ ପୋଲିସ ଓ ଏସ୍‌ପିଙ୍କ ଦ୍ୱାରା ଗଠନ ହୋଇଥିବା ସ୍ପେଶାଲ ସ୍କ୍ୱାଡ୍ ଗୁରୁବାର ରାତିରେ ଥାନାରୁ ଚମ୍ପଟ ମାରିଥିବା ଦୁଇ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଅଞ୍ଚଳରୁ ଧରିବାରେ ସଫଳ ହୋଇଛନ୍ତି। ଏହି ଦୁଇ ଅଭିଯୁକ୍ତ ହେଲେ ଭୁବନେଶ୍ୱର ମଞ୍ଚେଶ୍ୱରର ମଣି ନାଗେଶ୍ୱର ବସ୍ତି ଅଞ୍ଚଳର କ୍ରିଷ୍ଣା ସାହୁ (୧୮) ଓ ଚାରିଛକ ଥାନା ଅନ୍ତର୍ଗତ ଅଳକୁଣ୍ଡ ସୁଦୁରକ ଗ୍ରାମର ସୂର୍ଯ୍ୟକାନ୍ତ ମହାନ୍ତି (୨୫)। ଅଭିଯୁକ୍ତମାନେ ୨୯ ତାରିଖ ରାତିରେ ଗୋପ ଥାନା ଅଞ୍ଚଳର ୪/୫ ଗୋଟି ସ୍ଥାନରୁ ଚୋରି କରି ଫେରାର୍ ହୋଇଥିଲେ। ଥାନାରେ ଅଭିଯୋଗ ହେବା ପରେ ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଚମ୍ପଟ ମାରିବା ପରେ ପୁରୀ ଜିଲା ଅତିରିକ୍ତ ଏସ୍‌ପି ସଚିନ ପଟେଲଙ୍କ ରିପୋର୍ଟ ପ୍ରଦାନ ପରେ ଜିଲା ଏସ୍‌ପି ପିନାକ ମିଶ୍ର ୩ଦିନ ଭିତରେ ଯଦି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ନ ପାରେ ତା ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। କିନ୍ତୁ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଅଭିଯୁକ୍ତଙ୍କୁ ଗୋପ ପୋଲିସ ଗିରଫ କରିଥିଲା। ଶୁକ୍ରବାର ଏହି ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା।




ଶଙ୍ଖ ଧ୍ୱନି ଦିବସ ଅବସରରେ ବଡଦାଣ୍ଡ ସେବା ଅନୁଷ୍ଠାନର ସଦସ୍ୟମାନେ ଶଙ୍ଖ ଫୁଙ୍କୁଛନ୍ତି।

# ଅଗ୍ନିକାଣ୍ଡ: ଜଳିଗଲା ୧୨ ବଖରା

ସାକ୍ଷୀଗୋପାଳ,୧।୮ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)



ଜଳିଯାଇଥିବା ଘର।

ପୁରୀ ଜିଲା ନରେନ୍ଦ୍ରପୁର ପଞ୍ଚାୟତ ଅଧୀନ ଘାସିଭୋବାନୀପୁର ଗ୍ରାମରେ ଶୁକ୍ରବାର ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ୫ରୁ ଊର୍ଦ୍ଧ୍ୱ ପରିବାରର ୧୨ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭଗବାନ ପ୍ରଧାନ, ଈଶ୍ୱର ଜେନା, ଓକିଲ ଜେନା, କୁମାରୀ ଜେନା, ଜଗନ୍ନାଥ ଜେନା, ସହଦେବ ଜେନା, ବିଶ୍ୱନାଥ ଜେନା ଓ ରବୀନ୍ଦ୍ର ଜେନାଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ସେମାନଙ୍କର ୧୦ ବଖରା ଛପର ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଘର ମଧ୍ୟରେ ଧାନ, ଚାଉଳ ଆଦି ଖାଦ୍ୟ ପଦାର୍ଥ, ଲୁଗାପଟା, ଆସବାବପତ୍ର ଆଦି ଜଳିଯାଇଛି। ଖବରପାଇ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରଦୀପ୍ତ ମହାପାତ୍ର ଦୁଇଟି ଦମକଳ ଗାଡ଼ି ଏବଂ ଅଗ୍ନିଶମ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା ଓ ଅଳଗୁମ ରାଜସ୍ୱ ନିରୀକ୍ଷକ ହୃଷୀକେଶ ନାୟକଙ୍କ ସହ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ସମ୍ପର୍କରେ ପ୍ରାଥମିକ ତଦନ୍ତ କରିଛନ୍ତି। ପ୍ରତ୍ୟେକ ପରିବାରକୁ ଖଣ୍ଡିଏ ଖଣ୍ଡିଏ ପଲିଥିନ ଜରି ଦିଆଯାଇଛି ବୋଲି ତହସିଲଦାର ପାଣିଗ୍ରାହୀ କହିଛନ୍ତି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ୍ୟ ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

# 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ

କଣାସ,୧।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ପ୍ରତିଷ୍ଠିତ ଆଞ୍ଚଳିକ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ମେରା ଭାରତ ପୁରୀ ସହାୟତାରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଶୁକ୍ରବାର ଦୋକନ୍ଦା ଗ୍ରାମର ଆରାଧ୍ୟ ଠାକୁର ବାବା ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଛୁଆଲସିଂହ, ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ, ସହସମ୍ପାଦକ ପ୍ରେମାନନ୍ଦ ଜାଲି, କଣାସ ବ୍ଲକର କନିଷ୍ଠ ଯନ୍ତ୍ରୀ, ଅନୁଷ୍ଠାନର ୫୦ଜଣ ବାଳକ ବାଳିକା ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରିବା ସହିତ ମନ୍ଦିର ପରିସରରେ ଗୋଟିଏ ଗୋଟିଏ ଗଛ ଲଗାଇଥିଲେ।

### ମହିଳାଙ୍କୁ ଉଦ୍ଧାର କରିଥିବା ଯୁବକଙ୍କୁ ସମ୍ବର୍ଦ୍ଧନା

ବଳଙ୍ଗା,୧।୮ (କେଦାରେଶ୍ୱର ନନ୍ଦ)

ଭାର୍ଗବୀ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ମହିଳାଙ୍କୁ ବଳଙ୍ଗା ଅଞ୍ଚଳର କେତେଜଣ ଯୁବକ ନିଜ ଜୀବନକୁ ବାଜିଲଗାଇ ନଦୀରୁ ଉଦ୍ଧାର କରିଥିଲେ। ଫଳରେ ମହିଳାଙ୍କ ଜୀବନ ବଞ୍ଚି ଯାଇଥିଲା। ଯୁବକମାନଙ୍କର ଅଦମ୍ୟ ସାହସିକତା ପାଇଁ ଶୁକ୍ରବାର ବଳଙ୍ଗା ଥାନା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ପିପିଲି ଡିଏସ୍‌ପି ଦେବାଶିଷ ମିଶ୍ର ଥାନାରେ ପହଞ୍ଚି ଯୁବକମାନଙ୍କୁ ସେମାନଙ୍କ ସାହସିକତା ପାଇଁ ଧନ୍ୟବାଦ ଦେବା ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନା ଏସ୍‌ଆଇ କେଦାର ଚନ୍ଦ୍ର ଦୋରା, ଏଏସ୍‌ଆଇ ପ୍ରଶାନ୍ତ ବେହେରା, ଅନିଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଚିଲିକାରୁ ବେଆଇନ ଘେରି ଉଚ୍ଛେଦ

କୃଷ୍ଣପ୍ରସାଦ,୧।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)



ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ଶୁକ୍ରବାରଠାରୁ ପୁରୀ ଜିଲା ପ୍ରଶାସନ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବେଆଇନ ଘେରି ଉଚ୍ଛେଦ ଆରମ୍ଭ କରାଯାଇଛି। ପ୍ରଥମ ଦିବସରେ ବୁଦ୍ଧିବରନାସି ଅଞ୍ଚଳରୁ ୯୨ ଏକର ଚିଲିକାରେ ହୋଇଥିବା ମାଟିବନ୍ଧ ଓ ଜାଲଘେରିକୁ ପ୍ରଶାସନ ଉଚ୍ଛେଦ କରିଛି। କୃଷ୍ଣପ୍ରସାଦ ତହସିଲଦାର ବିକାଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୦ ଜଣ ଶ୍ରମିକ ଏହି କାର୍ଯ୍ୟରେ ନିୟୋଜିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି କୃଷ୍ଣପ୍ରସାଦ ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଫତେପୁର ରାଜସ୍ୱ ନିରୀକ୍ଷକ ପ୍ରତୀକ ପଣ୍ଡା, ସୁପରଭାଇଜର ଲକ୍ଷ୍ମୀକାନ୍ତ ପାତ୍ର, ସହକାରୀ ରାଜସ୍ୱ ନିରୀକ୍ଷକ ଗୋକୁଳ ପ୍ରଧାନ, କୃଷ୍ଣପ୍ରସାଦ ଥାନା ସବ୍‌ଇନ୍‌ସ୍ପେକ୍ଟର ଚନ୍ଦ୍ରଶେଖର ନାୟକ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଜିପିଏସ୍ ଅପରେଟର ରାକେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚିଲିକାକୁ ସମ୍ପୂର୍ଣ୍ଣ ଘେରିମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ ବୋଲି ତହସିଲଦାର ସେଠୀ କହିଛନ୍ତି।

# ଛାତ୍ରୀ ନିଖୋଜ, ପତ୍ତା ମିଳୁନି

ନିମାପଡ଼ା,୧।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ଅଞ୍ଚଳର ଜଣେ କଲେଜ ଛାତ୍ରୀ ଗତ ଗୁରୁବାର ପୂର୍ବାହ୍ନରୁ କେଉଁଆଡ଼େ ନିଖୋଜ ହୋଇଥିବା ଜଣାପଡ଼ିଛି। ଛାତ୍ରୀ ଜଣଙ୍କ ନିମାପଡ଼ା ମହିଳା କଲେଜର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀ। ଗୁରୁବାର ରାତିସୁଦ୍ଧା ଛାତ୍ରୀ ଜଣକ ଘରକୁ ନ ଫେରିବାରୁ ପରିବାର ଲୋକେ ଅନେକ ଖୋଜାଖୋଜି କରି ଛାତ୍ରୀଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଝିଅର ସନ୍ଧାନ ନ ପାଇ ପରିବାର ଲୋକ ନିରାଶ ହୋଇ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି. ଏ ସମ୍ପର୍କରେ ନିଖୋଜ ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏ ସମ୍ପର୍କରେ କେସ୍ ନଂ ୨୩୯/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଛାତ୍ରୀଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି।

# କ୍ରାନ୍ତି ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ପୁରୀ,୧।୮ (ଅଜିତ୍ କୁମାର ମହାନ୍ତି)

ଅଗଷ୍ଟ ୯ ତାରିଖକୁ ସାରା ଦେଶରେ କ୍ରାନ୍ତି ଦିବସ ଭାବେ ପାଳନ କରାଯାଏ। ଚଳିତବର୍ଷ କ୍ରାନ୍ତି ଶ୍ରଦ୍ଧାଞ୍ଜଳି କମିଟି ପକ୍ଷରୁ ୯ ତାରିଖ ଶନିବାର ନାୟକପ୍ଲାଜା ଠାରେ ଜିଲାସ୍ତରୀୟ ସର୍ବଦଳୀୟ କ୍ରାନ୍ତି ସମ୍ମିଳନୀ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ନାୟକ ପ୍ଲାଜା ଠାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଗିରିଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଇନଜୀବୀ ପୁଷ୍କର ମହାପାତ୍ର, ଡ. ପ୍ରଫୁଲ ମହାପାତ୍ର, ପୁରୀ ବାର୍ ଆସୋସିଏଶନର ସଭାପତି ପ୍ରେମାନନ୍ଦ ମହାନ୍ତି, କ୍ରାନ୍ତି ଶ୍ରଦ୍ଧାଞ୍ଜଳି କମିଟିର ସମ୍ପାଦକ ବିମଳ କୁମାର ପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଇତିହାସ ଉପରେ ଏକ କ୍ରାନ୍ତି କର୍ମଶାଳା ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ବୃଦ୍ଧିଜୀବୀ, ସାମାଜିକ କର୍ମୀ, ଯୁବକ, ଶ୍ରମିକନେତାମାନେ ଉପସ୍ଥିତ ଥିଲେ। ଶେଷରେ ଖବରଦାତା ଅଜିତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଆସ ଆମେ ବୁଲିଯିବା ଅଙ୍ଗନୱାଡ଼ି କେନ୍ଦ୍ର

ବଳଙ୍ଗା,୧।୮ (କେଦାରେଶ୍ୱର ନନ୍ଦ)

ଚଳିତ ଅଗଷ୍ଟ ୧ରୁ ୧୧ ତାରିଖ ମଧ୍ୟରେ ପ୍ରତ୍ୟେକ ଅଙ୍ଗନୱାଡ଼ି ସର୍କଲଗୁଡ଼ିକରେ ଏକ ସଚେତନତା ସମ୍ପର୍କରେ 'ଆସ ଆମେ ବୁଲିଯିବା ଅଙ୍ଗନୱାଡ଼ି କେନ୍ଦ୍ର' କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଛି। ଶୁକ୍ରବାର ପିପିଲି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଅଧୀନରେ ଥିବା ବଳଙ୍ଗା ରଥପୁରୁଷୋତ୍ତମପୁର ପଞ୍ଚାୟତ ନୂଆହାଟ ଅଙ୍ଗନୱାଡ଼ି କେନ୍ଦ୍ର ଠାରେ କୋମଳମତି ଶିଶୁଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କୋମଳମତି ଶିଶୁଙ୍କ ଅଭିଭାବକମାନେ ସାମିଲ ହୋଇଥିବା ବେଳେ ଅଙ୍ଗନୱାଡ଼ି ସୁପରଭାଇଜର ରଶ୍ମିତା ମହାନ୍ତି ପରିଚାଳନା କରିଥିଲେ।



ଅଙ୍ଗନୱାଡ଼ି କେନ୍ଦ୍ର ଆଗରେ ସଚେତନତା କରାଯାଉଛି।


**NOTICE**

The Deed of Partnership was executed on Dated 28.09.2007. At that time 1) SRI ASHOK KUMAR BHAGAT, 2) SRI DIWAKAR AZAD, were the partners of the partnership firm namely "M/S BARUNEI GASES" vide Registered No - 972 of 2011, whose registered office is situated at PLOT No : 184/797, VILLAGE : HANSPAL, PO : NAHARAKANTA, BALIANTA, DIST : KHURDA, ODISHA, On Dated 18.10.2013, the Deed has been reconstituted. This time 1) SRI ASHOK KUMAR BHAGAT, 2) SMT MANJU BHAGAT are the partners of the firm. Here, 1) SRI ASHOK KUMAR BHAGAT is the EXISTING PARTNER, 2) SMT MANJU BHAGAT is the INCOMING PARTNER whereas SRI DIWAKAR AZAD is the OUTGOING PARTNER wef 18.10.2013.

**Sd./- Ashok Kumar Bhagat**

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/49,ତା.30.07.2025ରିଖ

(1) ଟେଣ୍ଡର ସଂ.e-Tender-CENTKUR-172-2025,ତା.18.07.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼୍ ମଣ୍ଡଳର ହିନ୍ଦୋଳ ରୋଡ଼୍ ଗୁଡ଼ସ ସେଡ୍ ଠାରେ ଭିତ୍ତିଭୂମି ସୁବିଧାର ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 706.85 ଲକ୍ଷ, EMD (ଟଙ୍କାରେ) : 5,03,400/-।

(2) ଟେଣ୍ଡର ସଂ.e-Tender-CENTKUR-173-2025,ତା.18.07.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼୍ ମଣ୍ଡଳର ହିନ୍ଦୋଳ ରୋଡ଼୍ ଗୁଡ଼ସ ସେଡ୍ ଠାରେ ଭିତ୍ତିଭୂମି ସୁବିଧାର ବ୍ୟବସ୍ଥା ସମ୍ବନ୍ଧୀୟ ଜଳ ଯୋଗାଣ ବ୍ୟବସ୍ଥା ନିମନ୍ତେ 50000 ଗ୍ୟାଲୋନ୍ କ୍ଷମତା ବିଶିଷ୍ଟ RCC ଓଭର ହେଡ୍ ଟାଙ୍କିର ପ୍ରସ୍ତାବିତ ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 143.31 ଲକ୍ଷ, EMD (ଟଙ୍କାରେ) : 2,21,700/-।

(3) ଟେଣ୍ଡର ସଂ.e-Tender-CENKUR-174-2025,ତା.18.07.2025ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ସେକ୍ସନ ପରିସୀମା ଅଧୀନସ୍ଥ 06 ଗୋଟି ଲେଭେଲ କ୍ରସିଙ୍ଗ୍ ଗୁଡ଼ିକ ଠାରେ ରବରିକୃତ (Rubberized) ପୃଷ୍ଠଭାଗ ପ୍ୟାଡ୍‌ଗୁଡ଼ିକର ସଂସ୍ଥାପନ ଦ୍ୱାରା ସଡ଼କ ପୃଷ୍ଠଭାଗର ଉନ୍ନୟନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 151.98 ଲକ୍ଷ, EMD (ଟଙ୍କାରେ) : 2,26,000/-।

ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ପାଇଁ), 08 ମାସ (କ୍ରମ ସଂ.2 ପାଇଁ) ଏବଂ 06 ମାସ (କ୍ରମ ସଂ.3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.08.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼୍

PR-426/Q/25-26

**Repco Home Finance — ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

ଭୁବନେଶ୍ୱର ଶାଖା: ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୬/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

**ଇ - ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ **ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ଭୁବନେଶ୍ୱର ଶାଖା**ରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି। ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **"ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ"** ଏବଂ **"ଯେମିତି ଅଛି ଯାହା ଅଛି ସ୍ଥିତିରେ"** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି।

**ଇ-ନିଲାମର ତାରିଖ ଓ ସମୟ: ୦୩.୦୯.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା (୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୦୨.୦୯.୨୦୨୫, ଅପରାହ୍ନ ୪.୦୦ ଘଟିକା**

କ୍ର.ସଂ. ୧: **ଋଣଗ୍ରହୀତା: ଶ୍ରୀ ସୁବୋଧ କୁମାର ଲେଙ୍କା,** ପିତା: ଶ୍ରୀ ଲକ୍ଷ୍ମଣ ଲେଙ୍କା, **ସହ-ଋଣଗ୍ରହୀତା: ୧. ଶ୍ରୀମତୀ ଏଲ୍. ସବିତା ଲେଙ୍କା,** ସ୍ୱାମୀ: ଶ୍ରୀ ଲକ୍ଷ୍ମଣ ଲେଙ୍କା, **୨. ଶ୍ରୀମତୀ ଏସ୍. ସଂଘମିତ୍ରା ସ୍ୱାଇଁ,** ସ୍ୱାମୀ: ଶ୍ରୀ ସୁବୋଧ କୁମାର ଲେଙ୍କା ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ବ୍ରଜ କିଶୋର ସ୍ୱାଇଁ;** ଡିମାଣ୍ଡ ନୋଟିସ ତାରିଖ: **୧୭.୧୧.୨୦୨୨;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୨୦)** ହେଉଛି **ତା୧୬.୧୧.୨୦୨୨ରିଖ ସୁଦ୍ଧା ₹୨୭,୪୯,୨୫୨/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୮.୦୩.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୪.୦୭.୨୦୨୫ରିଖ ସୁଦ୍ଧା ₹୩୮,୪୯,୯୦୯/-।**

**ସମ୍ପତ୍ତିର ବର୍ଣ୍ଣନା:** କଟକ ନିବନ୍ଧନ ଜିଲ୍ଲା, **ଆଠଗଡ଼ ତହସିଲ, ମୌଜା: ରାଧାଗୋବିନ୍ଦପୁରଠାରେ ଅବସ୍ଥିତ** ଜମି ଓ କୋଠାର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.୧୩୫, ଡ୍ରଇଂ ନଂ.: ଆଇ-୮୯୭/୯୩। **ପ୍ଲଟ୍ ନଂ.୦୫ (ପି) ଏମ୍‌ଆଇଜି-୧୧-୩୪, ରକବା-୨୨୦୦ ବର୍ଗଫୁଟ, ଜମିର କିସମ- ହୋମ୍‌ଷ୍ଟିଡ୍।** ଚଉହଦୀ: ପୂର୍ବରେ: ଘର ନଂ. ଏମ୍‌ଆଇଜି୧୧-୨୭ ଦ୍ୱାରା, ପଶ୍ଚିମରେ: ରାସ୍ତା ଦ୍ୱାରା, ଉତ୍ତରରେ: ଘର ନଂ. ଏମ୍‌ଆଇଜି୧୧-୩୩, ଦକ୍ଷିଣରେ: ଘର ନଂ. ଏମ୍‌ଆଇଜି୧୧-୩୫ ଦ୍ୱାରା।

| ସଂରକ୍ଷିତ ମୂଲ୍ୟ | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ |
|---|---|---|
| ₹୪୫,୪୦,୦୦୦/- | ₹୪,୫୪,୦୦୦/- | ₹୨୫,୦୦୦/- |

କ୍ର.ସଂ. ୨: **ଋଣଗ୍ରହୀତା: ଶ୍ରୀ ରାମକୃଷ୍ଣ ସେନାପତି,** ପିତା: ଶ୍ରୀ ଗୌରାଙ୍ଗ ଚରଣ ସେନାପତି, **ସହ-ଋଣଗ୍ରହୀତା: ଶ୍ରୀ ଗୌରାଙ୍ଗ ଚରଣ ସେନାପତି,** ପିତା: ଶ୍ରୀ ଧରମୁ ସେନାପତି; ଡିମାଣ୍ଡ ନୋଟିସ ତାରିଖ: **୦୭.୧୧.୨୦୨୦;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୯୪)** ହେଉଛି **ତା୦୭.୧୧.୨୦୨୦ରିଖ ସୁଦ୍ଧା ₹୨୦,୮୨,୪୫୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୦.୦୮.୨୦୨୧;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୯.୦୭.୨୦୨୫ରିଖ ସୁଦ୍ଧା ₹୨୮,୭୭,୧୩୯/-।**

**ସମ୍ପତ୍ତିର ବର୍ଣ୍ଣନା:** ଜିଲ୍ଲା: କଟକ, ତହସିଲ: କଣ୍ଟପଡ଼ା, **ମୌଜା: ବ୍ରାହ୍ମଣସାଇଲୋଠାରେ ଅବସ୍ଥିତ** ଜମି ଓ କୋଠାର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.୯୬୩/୧୩୮, **ପ୍ଲଟ୍ ନଂ.: ୧୬୫୨/୩୧୧୨, ରକବା: ଏ.୦.୦୫୦ ଡିସିମିଲ, ଜମିର କିସମ: ହୋମ୍‌ଷ୍ଟିଡ୍** ଯାହାର ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା, ପୂର୍ବ: ଗୌରାଙ୍ଗ ଚରଣ ସେନାପତି, ପଶ୍ଚିମ: ଗୌରାଙ୍ଗ ଚରଣ ସେନାପତି।

| ସଂରକ୍ଷିତ ମୂଲ୍ୟ | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ |
|---|---|---|
| ₹୪୯,୪୩,୦୦୦/- | ₹୪,୯୪,୩୦୦/- | ₹୨୫,୦୦୦/- |

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ। **ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି। ଯୋଗାଯୋଗ ନଂ. ୦୬୭୪ - ୨୩୬୦୧୬୬ ଏବଂ ୯୪୩୭୪୯୬୯୯୮।**

**ତାରିଖ: ୨୨.୦୭.୨୦୨୫/୨୪.୦୭.୨୦୨୫ ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

**ଦ.ପୂ. ରେଳପଥ – ଇ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୨୯, ତାରିଖ: ୩୦।୦୭।୨୦୨୫

**"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.in ରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର.ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ |
|---|---|---|---|---|---|
| ୧ | ୩୩୨୫୧୪୭୯ଏ | ୧୭।୦୯।୨୫ | ପ୍ରାଇମେରୀ ସସ୍‌ପେନ୍ସନ ପାଇଁ ଟିପିୟୁ ରିଙ୍ଗସର ସେଟ୍ ଆଦି | ୨୮୫୦ ସେଟ୍ | ୬,୫୧,୦୮୦/- |
| ୨ | ୨୯୨୫୫୦୬୮ | ୨୬।୦୮।୨୫ | ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ପ୍ରଣାଳୀ ଆଦିର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ | ୧୫୨୪ ପାଉଣ୍ଡ | ୫୦,୦୦,୦୦୦/- |
| ୩ | ୨୫୨୫୫୦୧୪ | ୨୯।୦୮।୨୫ | ଟ୍ରାକ୍ସନ୍ ମୋଟର ଟାଇପ୍ ଏଚ୍‌ଏସ୍୧୫୨୫୦ଏ, ଆର୍ଥ ବ୍ରଶ୍ ଆସେମ୍ବ୍ଲି ଆଦି ସହିତ | ୧୧୨ ଗୋଟି | ୨୦,୦୦,୦୦୦/- |
| ୪ | ୨୫୨୫୩୩୦୩ | ୨୨।୦୯।୨୫ | ସିଙ୍ଗଲ ବଟଲ ଭିସିବି ଆଦି ପାଇଁ ଆଇଓଏଚ୍ କିଟ୍ | ୧୭୯ ସେଟ୍ | ୪,୧୭,୪୬୦/- |
| ୫ | ୨୯୨୫୩୨୯୮ | ୨୪।୦୯।୨୫ | କାର୍ବନ ସ୍ଲାଇଡିଂ ଷ୍ଟ୍ରିପ୍ (ଏସ୍‌କେ ୮୫ ସିୟୁ) | ୨୦୪ ଗୋଟି | ୧,୦୧,୮୦୦/- |
| ୬ | ୨୫୨୫୪୬୦୩ | ୧୩।୧୦।୨୫ | ଏଚ୍ ଟାଇପ୍ ସିବିସିର ସ୍ପେୟାର ପାର୍ଟସ୍ ସେଟ୍ ଆଦି | ୪୮ ସେଟ୍ | ୧,୨୮,୬୦୦/- |
| ୭ | ୨୯୨୫୩୨୫୨ | ୧୪।୧୦।୨୫ | ଏକ୍ସେଲ ବକ୍ସ ପାଇଁ ହୋଲ୍ଡର ସହିତ ଆର୍ଥ ରିଟର୍ନ ବକ୍ସ ଆଦି | ୩୦୬ ଗୋଟି | ୧,୪୫,୦୧୦/- |
| ୮ | ୨୯୨୫୩୧୬୯ | ୨୯।୧୦।୨୫ | ଭିଜିଲାନ୍ସ କଣ୍ଟ୍ରୋଲ ଡିଭାଇସ (ଭିସିଡି) ସମ୍ବଳିତ। | ୩୧ ଗୋଟି | ୧,୨୮,୯୬୦/- |
| ୯ | ୮୩୨୫୧୮୮୩ | ୨୫।୦୮।୨୫ | କମ୍ପ୍ୟୁଟରାଇଜଡ ଅଣସଂରକ୍ଷିତ ଟିକେଟ ଆଦି | ୧୦୦୦୦୦ ଗୋଟି | ୧,୫୩,୪୦୦/- |
| ୧୦ | ୨୯୨୫୪୮୪ଏ | ୨୫।୦୮।୨୫ | ସିଲିକନ ଇମ୍ପ୍ରେଗ୍ନେଟିଂ ରେଜିନ୍ ସିଲରେସ୍, ଏଚ୍୬୨ସି | ୧୫୨୩ କିଗ୍ରା | ୧,୧୭,୮୨୦/- |
| ୧୧ | ୧୧୨୫୧୦୯୬ | ୦୧।୦୯।୨୫ | ଟ୍ରାନ୍ସିସନ୍ ସ୍କ୍ରୁ କପ୍ଲିଂର ସଂଶୋଧିତ ଆରେଞ୍ଜମେଣ୍ଟ ଓ ବିବରଣୀ। | ୩୧୧ ସେଟ୍ | ୧,୨୨,୫୬୦/- |
| ୧୨ | ୨୯୨୫୩୦୮୬ | ୦୧।୦୯।୨୫ | ସୁଇଚ୍ ୬ଏ–୨୫୦ଭିର ସେଟ୍ ଆଦି | ୨୨୨ ସେଟ୍ | ୧,୩୬,୭୪୦/- |
| ୧୩ | ୨୯୨୫୩୨୮୫ | ୧୫।୦୯।୨୫ | ଏୟାର ଡ୍ରାୟର। | ୭୫ ଗୋଟି | ୨,୭୯,୬୬୦/- |
| ୧୪ | ୨୯୨୫୩୧୫୨ | ୧୬।୦୯।୨୫ | ପିନିୟନ୍ ଶାଫ୍ଟ ୨୧ ଟିଥ୍ ଆଦି | ୮୪୧ ଗୋଟି | ୪,୯୬,୧୯୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-467)

**ODISHA HYDRO POWER CORPORATION LIMITED**

(A Government of Odisha Undertaking)

Regd. Office: OHPC CORPORATE OFFICE,BHOINAGAR, JANPATH, BHUBANESWAR –751022

Tel: 91- 0674-2542983, 2542802, 2545526, 2542826, Fax-2542102

E-mail: ohpc.co@gmail.com, CIN : U40101OR1995SGC003963

No. OHPC: TECH: C&P: 25/2025-26/6132, Date: 01.08.2025

ICB No. OHPC -C&P-01/2025 dated: - 01.08.2025

**NOTICE INVITING TENDER (NIT)**

**(INTERNATIONAL COMPETITIVE BIDDING)**

Odisha Hydro Power Corporation Limited Invites bids from eligible and qualified bidders for carrying out Design, Engineering, Manufacturing, Testing at manufacturer's works before Dispatch, Supply, Transportation, Storage at site, Intra site transportation, Insurance (Transit, Storage cum Erection, Testing & Commissioning), Erection, Testing and Commissioning of 4 nos. Vertical Francis Reversible Pump-Turbines and synchronous Motor-Generator sets each of 150 MW (total of 4 x 150 MW i.e 600 MW) along with all associated Auxiliary and Ancillary Equipments, 400KV GIS, Pothead yard & Power evacuation Structures including all Civil works, Hydro Mechanical works for Upper Indravati Pumped Storage Project through EPC on turnkey basis at Ranibahal , Kalahandi District, Odisha.

For enquiry, the interested bidders may contact Contract & Procurement Head, OHPC Corporate Office and visit website www.ohpcltd.com. Subsequent corrigendum/addendum/clarifications to the tender shall be published only on OHPC website mentioned above.

**Tender paper Cost Fee: Rs 20,000/- + G.S.T. @ 18% (Rupees Twenty Thousand Only + G.S.T @18%)**
**Earnest Money Deposit (EMD): ₹40,00,00,000/-(Rupees Forty Crores) Only**
**Sale of Tender documents: 07.08.2025 to 22.08.2025.**
**Last date for submission of Pre-bid queries: 22.08.2025.**
**Pre-Bid Meeting: -29.08.2025.**
**Uploading of Pre-Bid Compliance: - 04.09.2025.**
**Bid submission: - From 05.09.2025 to 19.09.2025 up to 4.00PM.**

For OHPC Limited
Contract & Procurement Head,
OHPC Corporate Office, Bhoinagar, Janpath,
Bhubaneswar-751022
Email: ohpc.co@gmail.com
Website: www.ohpcltd.com

Place: Bhubaneswar, Odisha, India
Date : 01.08.2025

**GOVERNMENT OF ODISHA**
**OFFICE OF THE PANCHAYAT SAMITI, KUARMUNDA BLOCK, SUNDARGARH**
**INVITATION TENDER CALL NOTICE**

No.2114 Dt. - 01.08.2025

The Block Development Officer, Kuarmunda, Sundargarh invites percentage rate basis for the following work in sealed tender on behalf of Government of Odisha from registered and eligible contractor of the state PWD (R&B) / Water Resources / Rural Work / Minor Irrigation / CPWD for the following works eventually to be drawn up in the P1 forms in conformity with the details tender call notice. The bidder may submit bids for following works under DMF scheme for the year 2025-26.

| Sl. No. | Name of works | Value of Works In Rupees (Excluding GST) | Bid Security @1% (In Rs) | Cost of Bid document (In Rs) | Class of bidder | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | CONSTRUCTION OF MPCC BUILDING AT MAJHAPADA, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 2 | CONSTRUCTION OF MPCC BUILDING AT RITHATOLI, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 3 | CONSTRUCTION OF MPCC BUILDING AT JAIKUDAR, MAJHAPADA G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 4 | CONSTRUCTION OF MPCC BUILDING AT BESALBADI, SALANGABAHAL G.P | 2288135.00 | 22882.00 | 6000/- | "B&C" | 9 (Nine) Calendar month |
| 5 | CONSTRUCTION OF ADDITIONAL CLASS ROOM AT GOVT. UPPER PRIMARY SCHOOL, KARICHAPAL JHARBEDA G.P | 1553390.00 | 15535.00 | 6000/- | "C&D" | 6 (Six) Calendar month |
| 6 | CONSTRUCTION OF ADDITIONAL CLASS ROOM AT GOVT. PRIMARY SCHOOL, SALANGABAHAL G.P | 1511102.00 | 15112.00 | 6000/- | "C&D" | 6 (Six) Calendar month |
| 7 | CONSTRUCTION OF ADDITIONAL CLASS ROOM AT GOVT. PRIMARY SCHOOL, ANDALI G.P | 1509068.00 | 15090.00 | 6000/- | "C&D" | 6 (Six) Calendar month |

The detailed terms & conditions can be downloaded from the district website www.sundargarh.nic.in

Sd./- Block Development Officer
Kuarmunda

# ସ୍ତ୍ରୀଙ୍କ ବିରୋଧରେ ପାଲଟା ଅଭିଯୋଗକଲେ ସୌରଭ

**ଘନେଇଲା ଓଏଏସ୍-ଇଞ୍ଜିନିୟର ଦମ୍ପତି କଳି**

- ମୁଁ ଅତୁଲ ସୁବାସ ନୁହେଁ, ଶେଷ ଯାଏ ଲଢ଼ିବି: ସୌରଭ
- ଛାଡ଼ପତ୍ର ନୋଟିସ ପାଇ ନାହିଁ: ଅର୍ଚ୍ଚନା

ଭୁବନେଶ୍ୱର,୧୮(ସତ୍ୟଜିତ୍ ରାଉତ)

ଓଏଏସ୍ ଅଧିକାରୀ ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା)ର ଡେପୁଟି ଜେନେରାଲ ମ୍ୟାନେଜର(ଟେକ୍) ସାର୍ଥକ ସୌରଭ ମହାପାତ୍ର ଏବଂ ତାଙ୍କ ସ୍ତ୍ରୀ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସହକାରୀ ଯନ୍ତ୍ରୀ (ଏଇ) ଅର୍ଚ୍ଚନା ଦାଶଙ୍କ ପାରିବାରିକ କଳି ବଢ଼ିବାରେ ଲାଗିଛି। ଉଭୟ ଗଣମାଧ୍ୟମ ସାମ୍ନାରେ ଅଭିଯୋଗ ଆଣି ପରସ୍ପର ଉପରେ ଦୋଷ ଲଦାଲଦି ହୋଇଛନ୍ତି। ବୁଧବାର ଅର୍ଚ୍ଚନା ତାଙ୍କ ସ୍ୱାମୀ ସାର୍ଥକଙ୍କ ବିରୋଧରେ ମହିଳା ଥାନାରେ ଏତଲା ଦେଇଥିଲେ। ପୋଲିସ ଡାଇରି ପ୍ରୋହିବିଶନ୍ ଆକ୍ଟର ସେକ୍ସନ୍ ୪ ଓ ବିଏନ୍ଏସ୍ ଦଫା ୮୫, ୩୫୧(୨),୩(୫)ରେ ମାମଲା (ନଂ.୨୦୯/୨୦୨୫) ରୁଜୁ କରି ତଦନ୍ତ କରୁଛି। ଶୁକ୍ରବାର ସାର୍ଥକ ଥାନାରେ ହାଜର ହୋଇ ନିଜ ପକ୍ଷ ରଖିବା ସହ ଗଣମାଧ୍ୟମ ସାମ୍ନାରେ ମୁହଁ ଖୋଲିଛନ୍ତି। ସ୍ତ୍ରୀ ଆଣିଥିବା ସମସ୍ତ ଅଭିଯୋଗକୁ ସେ ଖଣ୍ଡନ କରି ପାଲଟା ଅଭିଯୋଗ କରିଛନ୍ତି। ମୁଁ ଅତୁଲ ସୁବାସ ନୁହେଁ, ମୁଁ ଶେଷ ଯାଏ ଲଢ଼ିବି। କୋର୍ଟ, ପୋଲିସ ଓ



ସାର୍ଥକ ସୌରଭ ମହାପାତ୍ର



ଅର୍ଚ୍ଚନା ଦାଶ

ପ୍ରଭୁ ଜଗନ୍ନାଥଙ୍କ ଉପରେ ଭରସା ଅଛି। ସ୍ତ୍ରୀ ଅର୍ଚ୍ଚନା ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ମା'ଙ୍କୁ ଅବହେଳା କରିଥିବା ସେ କହିଛନ୍ତି। ପୋଲିସ ପକ୍ଷରୁ ମାମଲା ସଂକ୍ରାନ୍ତରେ ତାଙ୍କୁ ପଚରାଉଚରା କରାଯାଇଥିଲା। ସାର୍ଥକ ନିଜ ଓକିଲଙ୍କ ସହ ଥାନାକୁ ଆସି ସବୁ ତଥ୍ୟ ଦେଇଥିଲେ।

ସାର୍ଥକ କହିଛନ୍ତି, ମୋ ଛଡ଼ା ମା'ଙ୍କ ପାଖରେ ଆଉ କେହି ନାହାନ୍ତି। ବାହାଘର ପୂର୍ବରୁ ଦିଲ୍ଲୀରେ ଭଉଣୀ ରହୁଛନ୍ତି। ମା' ଓ ଭଉଣୀଙ୍କୁ ସହଯୋଗ ଆବଶ୍ୟକ ଥିବାବେଳେ ସ୍ତ୍ରୀ ଅର୍ଚ୍ଚନା ଏହାକୁ ବାରଣ କରିଥିଲେ। ମା' ଓ ଭଉଣୀଙ୍କୁ ମାତ୍ର ଗୋଟିଏ ଘଣ୍ଟା ସମୟ ଦେଇଦେଲେ ଏକ ବଡ଼ ଅପରାଧ କରିଦେଲି ବୋଲି ଦର୍ଶାଇ ସ୍ତ୍ରୀ ଝଗଡ଼ା କରୁଥିଲେ। ସେ ଆତ୍ମହତ୍ୟା କରିଦେବେ ବୋଲି ବାରମ୍ବାର ଧମକ ଦେଉଥିବାରୁ ମୁଁ ମାନସିକ ଚିନ୍ତାରେ ଓ ଭୟରେ ରହୁଥିଲି। ପିଲା ଜନ୍ମହେବା ପୂର୍ବରୁ ୩ ମାସ ସେବା କରିଥିଲେ ମଧ୍ୟ ସ୍ତ୍ରୀଙ୍କଠାରୁ କେବଳ ନିନ୍ଦା ମିଳିଥିଲା। ଛୁଆ ଜନ୍ମ ହେବା ପରେ ସବୁ ସମାଧାନ ହୋଇଯିବ ବୋଲି ଭାବିଥିଲି। ହସ୍ପିଟାଲରେ ସ୍ତ୍ରୀ ଓ ପୁଅର ସବୁ କାମ କରିବା ସହ ଘରେ ଆସି ମା'ଙ୍କ ଯତ୍ନ ନେଉଥିଲି। ମାତ୍ର ଶ୍ୱଶୁର ଘର ପକ୍ଷରୁ କୌଣସି ସାହାଯ୍ୟ ମିଳି ନ ଥିଲା। ମୋ ଘରେ ରହି ଖାଇଥିବାରୁ ଛୁଆ କୁପୋଷଣର ଶିକାର ହେଲା ବୋଲି ଅର୍ଚ୍ଚନା ଆରୋପ ଲଗାଇଥିଲେ। ପ୍ରକୃତରେ ନବଜାତ ପୁଅର ଓଜନ ବହୁତ ଭଲ ଥିଲା। ହସ୍ପିଟାଲରେ ଥିବା ବେଳେ ମା'ଙ୍କ ଅସୁସ୍ଥତା ପାଇଁ ଘରକୁ ଆସିଥିଲି। ମା' ବହୁତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ମଧ୍ୟ ହସ୍ପିଟାଲ ନେଇଥିଲି। ଏଥିପାଇଁ ୨ ଘଣ୍ଟା ବିଳମ୍ବରେ ହସ୍ପିଟାଲ ଫେରିବାରୁ ସ୍ତ୍ରୀ ଗାଳି ଦେଇଥିଲେ। ଏହି ଦୁଇଘଣ୍ଟା ଭିତରେ ଅର୍ଚ୍ଚନା ତାଙ୍କର ସବୁ ସମ୍ପର୍କୀୟଙ୍କୁ ଏକଥା କହି ଘଟଣାକୁ ବିଗାଡି ଦେଇଥିଲେ। ଏହାପରେ ମୁଁ ଆଉ ହସ୍ପିଟାଲ ଯାଇ ନ ଥିଲି। ଅର୍ଚ୍ଚନା ରାଗିଯାଇ ବହୁତ କିଛି କରିଦେବେ ବୋଲି ଧମକ ଦେଉଥିବାରୁ ମୁଁ ତାଙ୍କୁ ଏଯାଏ ଦେଖାକରୁନାହିଁ। ସୁରକ୍ଷା ପାଇଁ କୋର୍ଟଙ୍କ ନିର୍ଦ୍ଦେଶରେ ସବୁ କରିବେ ବୋଲି ସୌରଭ କହିଛନ୍ତି। ଥରେ ଭଲପାଇ ବିବାହ କରି ସମ୍ପର୍କକୁ ଦେଖିଦେଲି। ହେଲେ କାହା ସହ ପରକୀୟା ପ୍ରୀତି ପାଇଁ ସାହସ ନାହିଁ ବୋଲି ସେ କହିଛନ୍ତି। ସ୍ତ୍ରୀଙ୍କଠାରୁ ଏପରି ନିର୍ଯାତନା ପାଇ ମେ' ମାସରେ କୋର୍ଟରେ ଛାଡ଼ପତ୍ର ପାଇଁ ପିଟିଶନ୍ ଦାଖଲ କରିବା ସହ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିବା ସାର୍ଥକ କହିଛନ୍ତି।

ସନ୍ଧ୍ୟାରେ ଅର୍ଚ୍ଚନା ଖବରଦାତା ସମ୍ମିଳନୀ କରି କହିଛନ୍ତି, ଏୟାରଫିଲ୍ଡ ଥାନାରେ ସାର୍ଥକଙ୍କ ଅଭିଯୋଗ ନେଇ ମୁଁ କିଛି ଜାଣିନାହିଁ। ପୋଲିସ ପକ୍ଷରୁ ମଧ୍ୟ କୌଣସି ଡାକରା ଆସିନାହିଁ। ଏପରିକି ଛାଡ଼ପତ୍ର ନେଇ ନୋଟିସ୍ ମଧ୍ୟ ପାଇନାହିଁ। ମୁଁ ଥାନାରେ କରିଥିବା ଅଭିଯୋଗର ସବୁ ପ୍ରମାଣ ଦାଖଲ କରିଛି। ତଦନ୍ତ ବେଳେ ଯଦି ଆଉ କିଛି ପ୍ରମାଣ ଦେବାକୁ ପଡ଼େ, କୋର୍ଟ ଏବଂ ପୋଲିସ ନିକଟରେ ତାହା ମଧ୍ୟ ଦେବି। ହସ୍ପିଟାଲରେ ସବୁ ବିଲ୍ ମୁଁ ଭରିଥିବାବେଳେ ସ୍ତ୍ରୀ ଓ ବୋହୂର କର୍ତ୍ତବ୍ୟ କରିଛି। ସମାଧାନ ପାଇଁ ସବୁ ଚେଷ୍ଟା କରି ବିଫଳ ହେବା ପରେ ଉପାୟଶୂନ୍ୟ ହୋଇ ଥାନାକୁ ଗଲି ବୋଲି ଅର୍ଚ୍ଚନା କହିଛନ୍ତି।



ନୃତ୍ୟମ୍ କଳାକ୍ଷେତ୍ର ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ଘୁଙ୍ଗୁରୁ ଉତ୍ସବରେ ଶିଳ୍ପୀଙ୍କ ନୃତ୍ୟ ପରିବେଷଣ।

# ଅକ୍ଟୋବର ୪ରୁ ଆକାଶ ନ୍ୟାଶନାଲ ଟ୍ୟାଲେଣ୍ଟ ହଣ୍ଟ ଏକ୍‌ଜାମ

**ଆକାଶ ଇନ୍‌ଭିକ୍ଟସ୍ଏସ୍ ପରୀକ୍ଷାର ଶୁଭାରମ୍ଭ**

ଭୁବନେଶ୍ୱର,୧୮(ଅନୁରାଧା ମହାରଣା)

ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍(ଏଇଏସ୍ଏଲ୍) ପକ୍ଷରୁ ପରିଚାଳିତ ଆକାଶ ନ୍ୟାଶନାଲ ଟ୍ୟାଲେଣ୍ଟ ହଣ୍ଟ ଏକ୍‌ଜାମ(ଆନ୍ଥେ)ର ୧୬ତମ ବର୍ଷ ପାଳନ କରାଯାଉଛି। ଏହା ଅଧୀନରେ ୫ମରୁ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ୨୫୦ କୋଟି ଟଙ୍କାର ୧୦୦% ପର୍ଯ୍ୟନ୍ତ ବୃତ୍ତି ଏବଂ ୨.୫ କୋଟି ଟଙ୍କାର ନଗଦ ଅର୍ଥ ପୁରସ୍କାର ଘୋଷଣା କରାଯାଇଛି। ଶୁକ୍ରବାର ଭୁବନେଶ୍ୱର ଭୌମନଗରସ୍ଥିତ ଆକାଶର ପୂର୍ବାଞ୍ଚଳ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଞ୍ଚଳିକ ନିର୍ଦ୍ଦେଶକ ଅଜୟ ବାହାଦୁର ସିଂହ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ବୃତ୍ତି ଓ ଆକାଶ ଇନ୍‌ଭିକ୍ଟସ୍‌ର ନାମଲେଖା ପାଇଁ ଏଇଏସ୍ଏଲ୍ ପକ୍ଷରୁ ଆକାଶ ଇନ୍‌ଭିକ୍ଟସ୍ଏସ୍ ପରୀକ୍ଷାର ଶୁଭାରମ୍ଭ କରାଯାଇଛି। ଆନ୍ଥେ ୨୦୨୫ ଅକ୍ଟୋବର ୪ରୁ ୧୨ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଅନୁଷ୍ଠିତ ହେବ। କ୍ଲାସ୍‌ରୁମ୍, ଆକାଶ ଡିଜିଟାଲ ଏବଂ ଇନ୍‌ଭିକ୍ଟସ୍ ପାଠ୍ୟକ୍ରମଗୁଡ଼ିକ ନିମନ୍ତେ ବୃତ୍ତି ପ୍ରଦାନ କରାଯିବ। ଗତବର୍ଷ ୧ ନିୟୁତରୁ ଅଧିକ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ଏନ୍ଇଇଟି ୟୁଜି, ଜେଇଇ ମେନ୍ ଏବଂ ଆଡ୍‌ଭାନ୍ସଡ୍‌ରେ ଟପ୍ପର ହୋଇଥିବା ଅନେକ ଛାତ୍ରୀଛାତ୍ର ସେମାନଙ୍କ ଯାତ୍ରା ଆନ୍ଥେ ସହ ଆରମ୍ଭ କରିଥିଲେ। ସେମାନଙ୍କ ମଧ୍ୟରେ ଏନ୍ଇଇଟି ୨୦୨୫ର ଶୀର୍ଷ ୧୦୦ ଜଣଙ୍କ ମଧ୍ୟରୁ ୨୨ଜଣ ଏବଂ ଜେଇଇ ଆଡ୍‌ଭାନ୍ସଡ ୨୦୨୫ର ଶ୍ରେଷ୍ଠ ୧୦୦ଙ୍କ ମଧ୍ୟରୁ ୧୦ ଜଣ ରହିଥିଲେ। ଏଇଏସ୍ଏଲ୍ ଅଗଷ୍ଟ ୨୪, ୩୧ ଏବଂ ସେପ୍ଟେମ୍ବର ୭ରେ ହେବାକୁଥିବା ଆଡଭାନ୍ସଡ୍ ଜେଇଇ ପାଇଁ ପ୍ରସ୍ତୁତି ଆବଶ୍ୟକ କରୁଥିବା ୮ମରୁ ଦ୍ୱାଦଶ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ଜାତୀୟସ୍ତରର ବୃତ୍ତିପରୀକ୍ଷା ଆକାଶ ଇନ୍‌ଭିକ୍ଟସ୍ ଏସ୍ ଟେଷ୍ଟ ପ୍ରଚଳନ କରିଛି। https://anthe.aakash.ac.in/home କିମ୍ବା https://www.aakash.ac.in/invictus-ace ମାଧ୍ୟମରେ ଅନ୍‌ଲାଇନରେ ଆବେଦନ କରିପାରିବେ। ଏଇଏସ୍ଏଲ୍‌ର ସିଇଓ ତଥା ଏମ୍‌ଡି ଦୀପକ ମେହରୋତ୍ରା ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ଆନ୍ଥେ ସମଗ୍ର ଭାରତରେ ଛାତ୍ରୀଛାତ୍ରଙ୍କ ପାଇଁ ସମ୍ଭାବନାର ଏକ ପ୍ରତୀକ ପାଲଟିଛି। ବିଗତ ୧୬ ବର୍ଷ ଧରି ଆମେ ମେଧାବୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ସ୍ୱପ୍ନ ସାକାର କରିବା ଦିଗରେ ସକ୍ଷମ କରାଉଛୁ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆକାଶର ଡେପୁଟି ଡାଇରେକ୍ଟର ସୂର୍ଯ୍ୟଭାନୁ ସିଂହ, ଏକାଡେମିକ୍ ଡାଇରେକ୍ଟର ରାଜୀବ ନୟନ, ରିଜିଓନାଲ ସେଲ୍ ଆଣ୍ଡ ଗ୍ରୋଥ୍ ହେଡ୍ ବିକାଶ ଦାସ, ରିଜିଓନାଲ ଅପରେଶନ ହେଡ୍(ଇଷ୍ଟ) ଜୟଦୀପ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।



ଆକାଶ ଇନ୍‌ଭିକ୍ଟସ୍ଏସ୍ ପରୀକ୍ଷାର ଶୁଭାରମ୍ଭ ସହ ଆନ୍ଥେ ସମ୍ପର୍କରେ ସୂଚନା ଦିଆଯାଉଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ

**କୁଳପତିଙ୍କୁ ଫେରାଦ ହେଲେ ବିତ୍ତ ଅଧିକାରୀ**

ଭୁବନେଶ୍ୱର,୧୮(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ବିରୋଧରେ ଦୁର୍ବ୍ୟବହାର ଓ ନିର୍ଯାତନା ଅଭିଯୋଗ ଆସିଛି। ବିତ୍ତ ଅଧିକାରୀ ଭାବେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ଏନେଇ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ନିକଟରେ ଫେରାଦ ହୋଇଛନ୍ତି। କୁଳସଚିବ ତାଙ୍କୁ ବ୍ୟକ୍ତିଗତ ଭାବେ ଆକ୍ଷେପ କରିବା ସହ ସର୍ବସମ୍ମୁଖରେ ଅପମାନିତ କରିଥିବାରୁ ସେ ମାନସିକସ୍ତରରେ ଆଘାତ ପାଉଛନ୍ତି। ଘଟଣାର ବିଚାରକରି ନ୍ୟାୟ ପ୍ରଦାନ କରିବାକୁ ସେ କୁଳପତିଙ୍କୁ ନିବେଦନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗୁରୁବାର ଅପରାହ୍ଣରେ ଏକ ଫାଇଲ୍ ନେବା ପାଇଁ କୁଳସଚିବଙ୍କ ଷ୍ଟେନୋ ବିତ୍ତ ଅଧିକାରୀଙ୍କ ପାଖକୁ ଆସିଥିଲେ। କୁଳସଚିବ ଡ. ସ୍ୱାତୀ ମିଶ୍ର ତାଙ୍କୁ ପଠାଇଥିବା ଭାବି ସେ ତାଙ୍କୁ ଫାଇଲ୍ ଦେଇଥିଲେ। ହେଲେ ଅପରାହ୍ଣରେ କୁଳପତିଙ୍କ ପ୍ରକୋଷ୍ଠରେ ଏହି ଫାଇଲ୍ ସମ୍ପର୍କିତ ଆଲୋଚନା ବେଳେ କୁଳସଚିବ ତାଙ୍କ ପ୍ରତି ଖରାପ ବ୍ୟବହାର କରି କାହିଁକି ଫାଇଲ୍ ଦେଲେ ବୋଲି ପ୍ରଶ୍ନ କରିଥିଲେ। ଏହାସହ ତାଙ୍କ ପଦକୁ ନେଇ କୁଳପତିଙ୍କ ସମେତ ଅଧସ୍ତନ କର୍ମଚାରୀଙ୍କ ସମ୍ମୁଖରେ ଅପମାନିତ କରିଥିଲେ। ସର୍ବସମ୍ମୁଖରେ ତାଙ୍କର ବ୍ୟବହାର ଓ ବୟାନ ମାନସିକ ଯନ୍ତ୍ରଣା ଦେଇଥିବା ସେ ଅଭିଯୋଗ କରିଛନ୍ତି। ମାତ୍ର ମାସେ ତଳେ ବିଶ୍ୱବିଦ୍ୟାଳୟରେ ଯୋଗଦେଇଥିବା କୁଳସଚିବ ବ୍ୟକ୍ତିଗତ ଭାବେ ନିର୍ଯାତନା ଦେଉଛନ୍ତି। ଏହି ଯନ୍ତ୍ରଣାଦାୟକ ଆଚରଣ ମାନସିକ ଭାବେ ନକାରାତ୍ମକ ପ୍ରଭାବ ପକାଉଛି ଓ କାର୍ଯ୍ୟ କ୍ଷେତ୍ରରେ ବାଧା ଦେଉଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଘଟଣା ସମ୍ପର୍କରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଦଣ୍ଡପାଟ କହିଛନ୍ତି, ଅଭିଯୋଗ ପାଇବା ପରେ ତଦନ୍ତ କମିଟି ଗଠନ କରାଯାଇଛି। ଶନିବାର କମିଟି ବୈଠକ କରି ତଦନ୍ତ କରିବ। ଅଭିଯୋଗ ସମ୍ପର୍କରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ମଧ୍ୟ ତଦନ୍ତ କରିବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ଏ ସମ୍ପର୍କରେ କୁଳସଚିବଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ପରିବା ଗୋଦାମରେ ଆତଙ୍କରାଜ ଘଟଣା: ଜଣେ ଗିରଫ

ଭୁବନେଶ୍ୱର,୧୮(ସତ୍ୟଜିତ୍ ରାଉତ)

ଆଇଗିଣିଆ ଆଳୁଗଦିରେ ଥିବା ଏକ ପରିବା ଗୋଦାମରେ କେତେଜଣ ଅସାମାଜିକ ଆତଙ୍କରାଜ ଖେଳାଇଥିବା ଘଟଣାରେ ଭରତପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳର ସନ୍ତୋଷ କୁମାର ବିଶ୍ୱାଳ (୪୩)। ମଦ୍ୟପାନକୁ ବିରୋଧ କରିବାକୁ ଅଭିଯୁକ୍ତମାନେ ଏହି କାଣ୍ଡ ଘଟାଇଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ରାତିରେ ଗୋଦାମ ନିକଟରେ ଅଭିଯୁକ୍ତମାନେ ମଦ୍ୟପାନ କରୁଥିବା ବେଳେ କର୍ମଚାରୀ ରାଜେନ୍ଦ୍ର ବାରଣ କରିଥିଲେ। ଫଳରେ ଅଭିଯୁକ୍ତମାନେ ଉତ୍କ୍ଷିପ୍ତ ହୋଇ ଏକ ଧଡ଼ା ସାହାଯ୍ୟରେ ଆକ୍ରମଣ କରିଥିଲେ। ଏହି ମାମଲାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି।

# କୋଟିପତି ସହକାରୀ ଯନ୍ତ୍ରୀ ଅଶୋକ ପଣ୍ଡା ଗିରଫ

**ଠାବ ହେଲା ଆଉ ଏକ ବହୁତଳ ପ୍ରାସାଦ, ୨ କୋଟି ଜମାରାଶି**

- ଠୁଳ କରିଥିଲେ ୨୧୩ % ଆୟ ବହିର୍ଭୂତ ସମ୍ପତ୍ତି
- ମାମଲାରେ ଅଭିଯୁକ୍ତ ହେଲେ ସ୍ତ୍ରୀ

ଭୁବନେଶ୍ୱର,୧୮(ସତ୍ୟଜିତ୍ ରାଉତ)

ସରକାରୀ କ୍ଷମତାର ଦୁରୁପଯୋଗ କରି ବେଆଇନ ଭାବେ ବିପୁଳ ସମ୍ପତ୍ତି ଠୁଳ କରିଥିବା ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ-୩ର ସହକାରୀ ଯନ୍ତ୍ରୀ (ଏଇ) ଅଶୋକ କୁମାର ପଣ୍ଡାଙ୍କୁ ଶେଷରେ ଭିଜିଲାନ୍ସ ଗିରଫ କରିଛି। ଏଥିସହ ଶୁକ୍ରବାର ଚଢ଼ାଉର ଚତୁର୍ଥ ଦିନରେ ଆଉ ଗୋଟିଏ ବହୁତଳ ପ୍ରାସାଦ ଏବଂ ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମାରେ ୧ କୋଟି ୯୫ ଲକ୍ଷ ୭୭ ହଜାର ଜମାରାଶି ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଚନ୍ଦକା ଶିଳ୍ପାଞ୍ଚଳରେ ୮୪୦୦ ବର୍ଗଫୁଟରେ ନିର୍ମିତ ଏହି ୪ ମହଲା କୋଠା ଅଶୋକଙ୍କ ସ୍ତ୍ରୀଙ୍କ ନାମରେ ରହିଥିବାବେଳେ ଏହାର ମୂଲ୍ୟକୁ ୧.୭୬ କୋଟି ଟଙ୍କାରେ ହିସାବ କରିଛି ଭିଜିଲାନ୍ସ। ଏହାକୁ ମିଶାଇ କୋଠା ସଂଖ୍ୟା ୩ ଓ ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୨ କୋଟି ୪୩ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏଥିସହ ଠାବ ହୋଇଥିବା ମୋଟ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୨୧୩% ଅଧିକ। ତେବେ ବିପୁଳ ସମ୍ପତ୍ତି ସଂକ୍ରାନ୍ତରେ ଅଶୋକ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏନେଇ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା (ନଂ.୧୦/୨୦୨୫) ରୁଜୁ କରାଯାଇଛି। ବେଆଇନ ଭାବେ ଏସବୁ ସମ୍ପତ୍ତି ଠୁଳ କରିବାରେ ଅଶୋକଙ୍କୁ ତାଙ୍କ ସ୍ତ୍ରୀ ସହଯୋଗ କରିଥିବାରୁ ତାଙ୍କୁ ମଧ୍ୟ ମାମଲାରେ ଅଭିଯୁକ୍ତ କରାଯାଇଛି। ଗିରଫ ପରେ ଅଭିଯୁକ୍ତ ଅଶୋକଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ଆର୍‌ଆଣ୍ଡବି ଡିଭିଜନ-୩ର ଏଇ ରାଜକିଶୋର ଜେନା ଭିଜିଲାନ୍ସ ଜାଲରେ ପଡ଼ିବାବେଳେ ସହକର୍ମୀ ଅଶୋକଙ୍କ ଗୁମର ପଦାକୁ ଆସିଥିଲା। ରାଜକିଶୋର ଓ ଅଶୋକ ମିଳିତ ମାଲିକାନାରେ ସମ୍ପତ୍ତି କିଣିବା ସହ ଟଙ୍କା କାରବାର କରିଥିବା ଜଣାପଡ଼ିଥିଲା। ଭିଜିଲାନ୍ସ ପକ୍ଷରୁ ଅଶୋକଙ୍କ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ କସ୍ମୋପଲିସ୍‌ରେ ଏକ ଫ୍ଲାଟ୍ ଠାବ ହୋଇଥିବାବେଳେ ଘରୁ ୧୨୫.୩୩୦ ଗ୍ରାମ୍ ଓଜନର ସୁନା ଅଳଙ୍କାର ଓ ୧୧୭.୧୦୦ ଗ୍ରାମ୍‌ର ରୁପା ଅଳଙ୍କାର, ୨୧ଲକ୍ଷ ଟଙ୍କାର ଘରୋଇ ଉପକରଣ, ନଗଦ ୧.୩୩ ଲକ୍ଷ ଟଙ୍କା ମିଳିଥିଲା। ଏଥିସହ ୯ଟି ପ୍ଲଟ ଠାବ ହୋଇଥିବାବେଳେ ଉତ୍କଳ ଗାଲେରିଆ ମଲ୍‌ରେ ଦୁଇଟି ଶପ୍, ସିମ୍ଫୋନି ମଲ୍‌ରେ ଗୋଟିଏ ଶପ୍, ଭୁବନେଶ୍ୱର ସୋମନାଥ ଗାର୍ଡେନରେ ୪ ମହଲା କୋଠା, ଢୁଙ୍କୁଡ଼ୁମା ହାଉସିଂ ବୋର୍ଡ କଲୋନିରେ ଏକ ୩ ମହଲା କୋଠା, ଏକ କାର୍ ଠାବ ହୋଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶଶୀକାନ୍ତ



@ ଯୁଧିଷ୍ଠିର



@ ଗାଙ୍ଗୁଲି



@ ଦିନେଶ



@ ବଳରାମ



@ ଆଦିତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡା. ନଳିନୀ ବେହେରା ରାଜ୍ୟ ହୋମିଓପ୍ୟାଥିକ୍ ଉପନିର୍ଦ୍ଦେଶକ

ଭୁବନେଶ୍ୱର,୧୮(ବନ୍ଦନା ସେଠୀ)

ଆୟୁଷ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ହୋମିଓପ୍ୟାଥିକ୍ ଉପନିର୍ଦ୍ଦେଶକ ଭାବେ ଡା. ନଳିନୀ ବେହେରାଙ୍କୁ ନିଯୁକ୍ତ କରାଯାଇଛି। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ବର୍ତ୍ତମାନ ସମ୍ବଲପୁରସ୍ଥିତ ଓଡ଼ିଶା ସରକାରୀ ହୋମିଓପ୍ୟାଥିକ୍ ମେଡିକାଲ କଲେଜ, ହସ୍ପିଟାଲ ଓ ରିସର୍ଚ୍ଚର ଉପଅଧୀକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟର ଆୟୁଷ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଉପନିର୍ଦ୍ଦେଶକ ପଦବୀ ବହୁଦିନରୁ ଖାଲି ରହିଥିଲା। ଏହାର ପୂରଣ ପାଇଁ ଓଡ଼ିଶା ଆୟୁଷ ବିକାଶ ପରିଷଦ ଓ ଆୟୁଷ ଛାତ୍ର ସଂସଦ ପକ୍ଷରୁ ଦାବି କରାଯାଉଥିଲା। ଉପନିର୍ଦ୍ଦେଶକ ନିଯୁକ୍ତି ଫଳରେ ରାଜ୍ୟର ସମସ୍ତ ୫୬୦ଟି ସରକାରୀ ହୋମିଓପାଥିକ୍ ଡିସ୍ପେନ୍ସାରି, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଡାକ୍ତରଙ୍କ କାର୍ଯ୍ୟର ମନିଟରିଂ ସହି ଚିକିତ୍ସା ମାନଦଣ୍ଡରେ ଉନ୍ନତି ହୋଇପାରିବ ବୋଲି ଓଡ଼ିଶା ଆୟୁଷ ବିକାଶ ପରିଷଦ ପକ୍ଷରୁ ଆଶାପ୍ରକଟ କରାଯାଇଛି।

**ଚାସିଭ୍ ୟାର୍ ଦଖଲ ଦାବିକଲା ରୁଷିଆ**

କିଭ୍: ୧୬ ମାସର ସଂଘର୍ଷ ପରେ ପୂର୍ବ ୟୁକ୍ରେନ୍‌ର ଚାସିଭ୍ ୟାର୍ ସହରକୁ କବ୍‌ଜା କରିଥିବା ଶୁକ୍ରବାର ରୁଷିଆ ଦାବି କରିଛି। ଚାସିଭ୍ ୟାର୍ ସହରର ଏକ ନିର୍ଜନ ସ୍ଥାନରେ ରୁଷିଆର ବ୍ୟାନର ଏବଂ ଜାତୀୟ ପତାକା ଲାଗିଥିବାର ଭିଡିଓକୁ ଏହାର ସାମରିକ ୟୁନିଟ ଜାରି କରିଛି। ତେବେ ରୁଷିଆର ଏହି ଦାବିକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଅଗ୍ରାହ୍ୟ କରିଛନ୍ତି।

# ବିହାର ପାଇଁ ଚିଠା ଭୋଟର ତାଲିକା ପ୍ରକାଶିତ

ପାଟନା,୧।୮(ପି.ଟି.)

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ନିର୍ବାଚନ କମିଶନଙ୍କ ଦ୍ୱାରା ଦୀର୍ଘ ମାସେ ଧରି ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିବା ପରେ ଶୁକ୍ରବାର ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଏବେ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଭୋଟରଙ୍କଠାରୁ ଅଭିଯୋଗ ଓ ଦାବି ଆହ୍ୱାନ କରାଯିବ। ରାଜ୍ୟବ୍ୟାପୀ ସଂକଳିତ ତାଲିକା ଉପଲବ୍ଧ କରାଯାଇ ନ ଥିବାବେଳେ ଭୋଟରମାନେ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରୁ ସେମାନଙ୍କ ନାମ ଯାଞ୍ଚ କରିପାରିବେ। ଜୁନ୍‌ରେ ଏସ୍‌ଆଇଆର୍ ଆରମ୍ଭ ହେବା ପୂର୍ବରୁ ରାଜ୍ୟରେ ୭.୯୩ କୋଟି ପଞ୍ଜୀକୃତ ଭୋଟର ରହିଥିଲେ। ତେବେ ସଦ୍ୟପ୍ରକାଶିତ ଭୋଟର ତାଲିକାରେ ମୋଟ ଭୋଟରଙ୍କ ସଂଖ୍ୟା କେତେ ଅଛି ଜଣାପଡ଼ିନାହିଁ। ବିଭିନ୍ନ ଜିଲାର ଜିଲାପାଳମାନେ ଚିଠା ଭୋଟର ତାଲିକାକୁ ସମ୍ପୃକ୍ତ ଜିଲାର ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରିଛନ୍ତି। ଯେଉଁମାନଙ୍କ ନାଁ ବାଦ୍ ପଡ଼ିଥିବ କିମ୍ବା ତ୍ରୁଟି ଥିବ ସେମାନେ ଆବଶ୍ୟକ ଦସ୍ତାବିଜ ସହ ଆବେଦନ କରି ଭୋଟର ତାଲିକାରେ ନାମ ସଂଯୋଗ କରିପାରିବେ କିମ୍ବା ସଂଶୋଧନ କରାଇପାରିବେ। ଏଥିପାଇଁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଛି।

ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଜୁନ୍ ୨୪ରୁ ଆରମ୍ଭ ହୋଇ ଜୁଲାଇ ୨୫ ପର୍ଯ୍ୟନ୍ତ ଚାଲିଥିଲା ଏବଂ ୭.୨୩ କୋଟି ଭୋଟର ସେମାନଙ୍କ ଏନୁମେରେଶନ ଫର୍ମ ଦାଖଲ କରିଥିଲେ। ୩୫ ଲକ୍ଷ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିଲେ କିମ୍ବା ସେମାନଙ୍କ ଖୋଜଖବର ନ ଥିଲା ବୋଲି ନିର୍ବାଚନ କମିଶନ କହିଛନ୍ତି। ଏହା ବ୍ୟତୀତ ୨୨ ଲକ୍ଷ ଭୋଟରଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଲକ୍ଷ ଲୋକ ଏକାଧିକ ଭୋଟର ତାଲିକାରେ ନାମ ପଞ୍ଜୀକୃତ କରାଇଥିଲେ। ୧.୨ ଲକ୍ଷ ଭୋଟର ଏନୁମେରେଶନ ଫର୍ମ ଦାଖଲ କରି ନ ଥିବା ଇସି କହିଛନ୍ତି।

## ଇସି ଭୋଟ ଚୋରି କରୁଥିବାର ପ୍ରମାଣ ରହିଛି: ରାହୁଲ

**ଭିତ୍ତିହୀନ ଅଭିଯୋଗକୁ ଅଣଦେଖା କରୁଛୁ: ଇସି**

ନୂଆଦିଲ୍ଲୀ,୧।୮(ପି.ଟି.)

ନିର୍ବାଚନ କମିଶନ ଭାଜପା ପାଇଁ ଭୋଟ ଚୋରି କରୁଥିବା ପ୍ରମାଣ କରିବା ପାଇଁ କଂଗ୍ରେସ ପାଖରେ ପ୍ରମାଣର ପରମାଣୁ ବୋମା ରହିଛି ବୋଲି ଦଳର ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଅଭିଯୋଗ କରିଛନ୍ତି। ଏହି ବୋମା ଫୁଟିଲେ ନିର୍ବାଚନ କମିଶନ ଦେଶରେ ଲୁଚିବାକୁ କେଉଁଠି ସ୍ଥାନ ପାଇବେ ନାହିଁ ବୋଲି ରାହୁଲ କହିଥିଲେ। ଇସିର ତଳୁ ଉପର ପର୍ଯ୍ୟନ୍ତ ଅଧିକାରୀମାନେ ରାଜଦ୍ରୋହରେ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ଲୋକ ସଭାର ବିରୋଧୀ ଦଳ ନେତା


ରାହୁଲ ଗାନ୍ଧୀ

କହିଥିଲେ। ତେବେ ରାହୁଲଙ୍କ ଏଭଳି ଅଭିଯୋଗକୁ ନିର୍ବାଚନ କମିଶନ ଭିତ୍ତିହୀନ କହିବା ସହ ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ଅଣଦେଖା କରିବା ଲାଗି ଏହାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଦିନ କଂଗ୍ରେସ ନେତା ଏଭଳି ଭିତ୍ତିହୀନ ଅଭିଯୋଗ ଆଣୁଥିବାରୁ ଆମେ ତାକୁ ଅଣଦେଖା କରୁଛୁ ଓ ଆମର ସମସ୍ତ ଅଧିକାରୀମାନଙ୍କୁ ଅଣଦେଖା କରିବାକୁ କହିଛୁ ବୋଲି ନିର୍ବାଚନ କମିଶନ କହିଛନ୍ତି। ୨୦୨୩ ମଧ୍ୟପ୍ରଦେଶ ବିଧାନସଭା ନର୍ବାଚନରେ ଅନିୟମିତତା ହୋଇଥିବା କଂଗ୍ରେସ ସନ୍ଦେହ କରୁଛି ବୋଲି ରାହୁଲ ପୂର୍ବରୁ କହିଥିଲେ। ଏହାପରେ ଲୋକ ସଭା ନିର୍ବାଚନ ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ସେ ଅଭିଯୋଗ ଆଣିଥିଲେ। ଏବେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ବିରୋଧୀ ସଦସ୍ୟମାନେ ରାଜ୍ୟ ବିଧାନସଭା ଏବଂ ସଂସଦରେ ପ୍ରବଳ ବିରୋଧ କରିଆସୁଛନ୍ତି। ବିହାର ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ସଂଶୋଧନ ନାମରେ ଅନେକ ଭୋଟରଙ୍କ ମତାଧିକାର ଛଡ଼ାଇନେବାକୁ ଉଦ୍ୟମ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।

## ଟଙ୍କା ପାଇଁ ୧୩ ବର୍ଷର ବାଳକଙ୍କୁ ଅପହରଣ ପରେ ହତ୍ୟା

ବେଙ୍ଗାଲୁରୁ,୧।୮

ବେଙ୍ଗାଲୁରୁରୁ ଗତ ବୁଧବାର ନିଖୋଜ ହୋଇଥିବା ଜଣେ ୧୩ ବର୍ଷୀୟ ବାଳକଙ୍କ ପୋଡ଼ିଯାଇଥିବା ମୃତଦେହ କଗାଲିପୁରା ରୋଡ୍ ଅଞ୍ଚଳରୁ ମିଳିଛି। ନିଶ୍ଚିଥ ଏ ନାମକ ଏହି ପିଲା କ୍ରିଷ୍ଟ ସ୍କୁଲ୍‌ର ଅଷ୍ଟମ ଶ୍ରେଣୀ ଛାତ୍ର। ବୁଧବାର ଅପରାହ୍ନ ୫ଟାରେ ଟ୍ୟୁଶନ ପାଇଁ ଘରୁ ବାହାରିଯାଇ ଆଉ ଫେରି ନ ଥିଲେ। ତାଙ୍କ ବାପା ଜେ.ସି. ଅଚିତ ଏକ ଘରୋଇ କଲେଜର ଆସିଷ୍ଟାଣ୍ଟ ପ୍ରଫେସର। ବହୁ ଖୋଜାଖୋଜି ପରେ ଆରେକେରେ ଫାମିଲି ପାର୍କ ନିକଟରୁ ନିଶ୍ଚିଥଙ୍କ ସାଇକେଲ ମିଳିଥିଲା। ଏକ ଅଜଣା ନମ୍ବରରୁ ଅଚିତଙ୍କୁ ଫୋନ୍ କରି କେହି ଜଣେ ପୁଅଙ୍କ ମୁକ୍ତି ପାଇଁ ୫ ଲକ୍ଷ ଟଙ୍କା ଦାବି କରିଥିଲେ। ଫଳରେ ହୁଲିମାଭୁ ଥାନାରେ ନିଖୋଜ ଓ ଅପହରଣ ମାମଲା ରୁଜୁ ହୋଇଥିଲା। ପୋଲିସ ଫୋନ୍ କରିଥିବା ବ୍ୟକ୍ତିଙ୍କ ଲୋକେଶନ ଖୋଜୁଥିବାବେଳେ ଗୁରୁବାର ବାଳକଙ୍କ ମୃତଦେହ ମିଳିଥିଲା। ଏହି ମାମଲାରେ ଅଭିଯୁକ୍ତ ଗୁରୁମୂର୍ତ୍ତି ଏବଂ ଗୋପାଳ କ୍ରିଷ୍ଣଙ୍କୁ ପୋଲିସ ଗିରଫ କରିଥିବାବେଳେ ସେମାନେ ପୋଲିସ ଅଫିସରଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ପୋଲିସ ଗୁଳିରେ ସେମାନେ ଆହତ ହୋଇଛନ୍ତି।

## ପ୍ରଜ୍ୱଳ ରେଭନ୍ନା ଦୋଷୀସାବ୍ୟସ୍ତ

**ବଳାତ୍କାର ମାମଲା**

ବେଙ୍ଗାଲୁରୁ,୧।୮(ପି.ଟି.)



କର୍ନାଟକ ହାସନ୍‌ର ପୂର୍ବତନ ଏମ୍‌ପି ତଥା ଜେଡିଏସ୍‌ରୁ ନିଲମ୍ବିତ ନେତା ପ୍ରଜ୍ୱଳ ରେଭନ୍ନାଙ୍କ ବିରୋଧରେ ୪ଟି ଯୌନ ନିର୍ଯାତନା ଓ ବଳାତ୍କାର ମାମଲା ରୁଜୁ ହୋଇଥିବାବେଳେ ସେଥିରୁ ଗୋଟିଏ ମାମଲାରେ ଶୁକ୍ରବାର ଏକ ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ସ୍ୱତନ୍ତ୍ର କୋର୍ଟ ବିଚାରପତି ସନ୍ତୋଷ ଗଜାନନ ଭଟ୍ଟ ଶନିବାର ଦଣ୍ଡାଦେଶ ଘୋଷଣା କରିବେ।

ଜେଡିଏସ୍ ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ନାତି ପ୍ରଜ୍ୱଳ ହାସନ୍ ଜିଲାର ହୋଲେନରସିପୁରସ୍ଥିତ ତାଙ୍କ ପରିବାରର ଫାର୍ମହାଉସ୍‌ରେ ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଥିବା ଜଣେ ୪୮ ବର୍ଷୀୟା ମହିଳାଙ୍କୁ ୨୦୨୧ରେ ୨ ଥର ବଳାତ୍କାର କରିବା ସହ ନିଜ ମୋବାଇଲ୍ ଫୋନ୍‌ରେ ଏହାର ଭିଡିଓ ରେକର୍ଡିଂ କରାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ସେ ୧୪ ମାସ ହେଲା ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲରେ ବନ୍ଦୀ ଥିଲେ। ଶୁକ୍ରବାର ବିଚାରପତି ରାୟ ଶୁଣାଇବା ବେଳେ ଅଦାଲତରେ ଉପସ୍ଥିତ ଥିବା ପ୍ରଜ୍ୱଳ ଥରିବା ସହ କାନ୍ଦୁଥିବା ଦେଖାଯାଇଥିଲା। ଏହି ମାମଲାର ଶୁଣାଣି ଜୁଲାଇ ୧୮ରେ ଶେଷ ହେବା ପରେ ମୋବାଇଲ ଲୋକେଶନ ତଥ୍ୟ ଏବଂ ଅନ୍ୟାନ୍ୟ ବୈଷୟିକ ପ୍ରମାଣ ପାଇଁ ବିଚାରପତି ରାୟ ସଂରକ୍ଷିତ ରଖିଥିଲେ। ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗତବର୍ଷ ସେପ୍ଟେମ୍ବରରେ ୧୧୩ ଜଣ ସାକ୍ଷୀଙ୍କ ବୟାନ ସହ ୧,୬୩୨ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିଲା। ପ୍ରଜ୍ୱଳଙ୍କ ବିରୋଧରେ ଆଇପିସିର ଦଫା ୩୭୬(୨)(କେ)(ମହିଳାଙ୍କ ନିୟନ୍ତ୍ରଣ କରିବା ସ୍ଥିତିରେ ରହି ତାଙ୍କୁ ବଳାତ୍କାର କରିବା), ୩୭୬(୨)(ଏନ୍)(ବାରମ୍ବାର ବଳାତ୍କାର), ୩୫୪ଏ(ଯୌନ ନିର୍ଯାତନା), ୩୫୪ବି (ଉଲଗ୍ନ କରିବା ଉଦ୍ଦେଶ୍ୟରେ ମାଡ଼ ମାରିବା ବା ଆପରାଧିକ ବଳପ୍ରୟୋଗ) ଆଦିରେ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତକାରୀ ଅଧିକାରୀ ୨୬ ଜଣ ସାକ୍ଷୀଙ୍କୁ ଜେରା କରିବା ସହ ୧୮୦ଟି ଦସ୍ତାବିଜ୍ ଦଖଲ କରିଥିଲେ।

## ପଳାତକ ଅପରାଧୀ ଉଦିତ ଖୁଲ୍ଲାର ୟୁଏଇରୁ ପ୍ରତ୍ୟର୍ପିତ

ନୂଆଦିଲ୍ଲୀ,୧।୮ (ପି.ଟି.)

୪.୫୫ କୋଟି ଟଙ୍କା ବ୍ୟାଙ୍କ ଜାଲିଆତି ମାମଲାରେ ଦିଲ୍ଲୀ ପୋଲିସର ୱାଣ୍ଟେଡ୍ ତାଲିକାରେ ଥିବା ପଳାତକ ଅପରାଧୀ ଉଦିତ୍ ଖୁଲ୍ଲାରଙ୍କୁ ଶୁକ୍ରବାର ୟୁଏଇ ପ୍ରତ୍ୟର୍ପଣ କରିଛି। ତାଙ୍କ ପ୍ରତ୍ୟର୍ପଣ ପାଇଁ ସିବିଆଇ ଇଣ୍ଟରପୋଲ୍ ଚ୍ୟାନେଲ୍ ସହ ସମନ୍ୱୟ ରଖି କାର୍ଯ୍ୟ କରୁଥିଲା। ଶୁକ୍ରବାର ଉଦିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ହାଜତକୁ ନିଆଯାଇଛି। ଉଦିତ ନିଜ ସହଯୋଗୀମାନଙ୍କ ସହ ଆପରାଧିକ ଷଡ଼ଯନ୍ତ୍ର ଜରିଆରେ ଜାତୀୟକରଣ ଏବଂ ଘରୋଇ ବ୍ୟାଙ୍କରୁ ୩ଟି ଗୃହଋଣ ନେଇ ଜାଲିଆତି କରିଥିଲେ। ସେ ଅନ୍ୟ ସମ୍ପତ୍ତିକୁ ନିଜର ଦର୍ଶାଇ ବ୍ୟାଙ୍କକୁ ଜାଲ୍ ଦସ୍ତାବିଜ ଦେଇ ଋଣ ନେଇଥିଲେ ବୋଲି ସିବିଆଇ କହିଛି। ଉଦିତ୍‌ଙ୍କ ପ୍ରତ୍ୟର୍ପଣ ପାଇଁ ତଦନ୍ତକାରୀ ସଂସ୍ଥାର ନିବେଦନକ୍ରମେ ୟୁଏଇରେ ତାଙ୍କୁ ଗିରଫ କରାଯାଇଥିଲା।



ବିହାରରେ ନିର୍ବାଚନ କମିଶନଙ୍କ ଦ୍ୱାରା ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍)କୁ ବିରୋଧ କରି ଶୁକ୍ରବାର ପାର୍ଲାମେଣ୍ଟ ପରିସରରେ କଂଗ୍ରେସ ଏମ୍‌ପି ମଲ୍ଲିକାର୍ଜୁନ ଖାର୍ଗେ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ପ୍ରମୋଦ ତିୱାରୀ, ଡିଏମ୍‌କେର ଟି.ଆର୍. ବାଲୁ ଏବଂ ଇଣ୍ଡିଆ ବ୍ଲକ୍‌ର ଅନ୍ୟ ସାଂସଦମାନେ ବିକ୍ଷୋଭ କରୁଛନ୍ତି।

## ଟାରିଫ୍ ଚାପରେ ଜାତୀୟ ସ୍ୱାର୍ଥ ସହ ସାଲିସ୍ କରାଯିବନି: କେନ୍ଦ୍ର

ନୂଆଦିଲ୍ଲୀ,୧।୮

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ୨୫% ଟାରିଫ୍‌କୁ ଡରି କୃଷକଙ୍କ ସ୍ୱାର୍ଥ କିମ୍ବା ଜିଏମ୍ ଫସଲ ଆମଦାନୀ ଉପରେ ସାଲିସ୍ କରାଯିବାର ପ୍ରଶ୍ନ ଉଠୁନାହିଁ। କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ ଭଳି ଗୁରୁତ୍ୱପୂର୍ଣ୍ଣ ସେକ୍ଟରଗୁଡ଼ିକର ସୁରକ୍ଷାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବ ଏବଂ ମୋଟାମୋଟି ଭାବେ ଅର୍ଥନୀତିର କ୍ଷତି ହେବାକୁ ଦିଆଯିବ ନାହିଁ ବୋଲି ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି। ଆମେରିକା ଟାରିଫ୍‌କୁ ନେଇ ଭୟଭୀତ ହେବାର କାରଣ ନାହିଁ। ଏହା ଭାରତର ଜିଡିପି ଉପରେ ନଗଣ୍ୟ ପ୍ରଭାବ ପକାଇବ ଏବଂ କୃଷି, ଦୁଗ୍ଧ ଉତ୍ପାଦନ, ଅଣ୍ଡା, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସୁରକ୍ଷିତ ରହିବ। ୨୫% ଟାରିଫ୍ ଯୋଗୁ ଜିଡିପିକୁ ୦.୨ ପ୍ରତିଶତରୁ ଅଧିକ କ୍ଷତି ହେବା ସମ୍ଭାବନା ନାହିଁ ବୋଲି ଜଣେ ଭାରତୀୟ ଅର୍ଥନୀତିଜ୍ଞ ବ୍ଲୁମ୍‌ବର୍ଗକୁ କହିଛନ୍ତି। ସରକାର ମୂଲ୍ୟ ସମ୍ବେଦନଶୀଳ କୃଷି, ଦୁଗ୍ଧଜାତ ସାମଗ୍ରୀ ବଜାର ଖୋଲିଦେବାକୁ ଆମେରିକାର ଚାପ ଆଗରେ ମୁଣ୍ଡ ନୁଆଁଇବେ ନାହିଁ କିମ୍ବା ଗୋମାଂସ କିମ୍ବା ଆମିଷ ଉତ୍ପାଦ ଭକ୍ଷଣକାରୀ ଗାଈର ଦୁଗ୍ଧ ଆମଦାନିକୁ ଅନୁମତି ଦେବେ ନାହିଁ। ସରକାର ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ କାମ କରିବା ସହ କୃଷକ, ଉଦ୍ୟୋଗୀ ଓ ଏମ୍‌ଏସ୍‌ଏମ୍‌ଇର କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଉକ୍ତ ସୂତ୍ରରୁ କୁହାଯାଇଛି।

## ଅନିଲ ଅମ୍ବାନୀଙ୍କ ନାଁରେ ଲୁକ୍‌ଆଉଟ୍ ନୋଟିସ



ନୂଆଦିଲ୍ଲୀ,୧।୮

୩,୦୦୦ କୋଟି ଟଙ୍କା ବ୍ୟାଙ୍କ ଋଣ ଜାଲିଆତି ମାମଲା ସହ ଜଡ଼ିତ ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ନାଁରେ ଲୁକ୍‌ଆଉଟ୍ ନୋଟିସ ଜାରି କରିଛି। ଅନିଲଙ୍କୁ ଜେରା ପାଇଁ ମଙ୍ଗଳବାର ଇଡି କାର୍ଯ୍ୟାଳୟରେ ହାଜର ହେବା ନିମନ୍ତେ ସମନ ଜାରି କରାଯାଇଥିଲା। ମୋକଦ୍ଦମାରୁ ଖସିଯିବା ଲାଗି ବିଦେଶ ଯିବାରୁ ରୋକିବା ନିମନ୍ତେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରାଯାଇଥାଏ। ଏଥିପାଇଁ ସମସ୍ତ ବନ୍ଦର ଓ ବିମାନ ବନ୍ଦର ସମେତ ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଏଣ୍ଟକୁ ଏହା ଜଣାଇ ଦିଆଯାଇଥାଏ ବୋଲି ଜଣେ ଅଧିକାରୀ କହିଛନ୍ତି। ୨୦୧୭ରୁ ୨୦୧୯ ମଧ୍ୟରେ ରିଲାଏନ୍ସ ଗ୍ରୁପ୍ କମ୍ପାନୀକୁ ୟେସ୍ ବ୍ୟାଙ୍କ ୩,୦୦୦ କୋଟି ଟଙ୍କା ମଞ୍ଜୁର କରିଥିବାବେଳେ ଏହାକୁ ବେଆଇନ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ଋଣ ମଞ୍ଜୁରୀ ପୂର୍ବରୁ ବ୍ୟାଙ୍କ୍ ପ୍ରମୋଟରମାନଙ୍କୁ ଉତ୍କୋଚ ମିଳିଥିବା ଇଡି ଜାଣିବାକୁ ପାଇଛି। ଜୁଲାଇ ୨୪ରେ ଇଡି ଏହି ମାମଲା ସହ ସମ୍ପୃକ୍ତ ୫୦ଟି ସଂସ୍ଥା ଉପରେ ଚଢ଼ାଉ କରିଥିଲା।

## ଛାଡ଼ପତ୍ର ମାମଲା ବେଳେ ସ୍ତ୍ରୀ ନଂପୁସକତା ଅଭିଯୋଗ ଆଣିବା ମାନହାନି ନୁହେଁ: ହାଇକୋର୍ଟ

ମୁମ୍ବାଇ,୧।୮

ଛାଡ଼ପତ୍ର ମାମଲାର ବିଚାର ଚାଲିଥିବାବେଳେ ସ୍ତ୍ରୀ ସ୍ୱାମୀଙ୍କ ବିରୋଧରେ ନଂପୁସକତା ଅଭିଯୋଗ ଆଣିବା ମାନହାନି ନୁହେଁ। ମହିଳାଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏହା ଆଇନଗତ ପ୍ରକ୍ରିୟାର ଜରୁରୀ ଅଂଶ ବୋଲି ବମ୍ବେ ହାଇକୋର୍ଟ କହିଛନ୍ତି। ଦୂରେଇଯାଇଥିବା ସ୍ତ୍ରୀ ଓ ତାଙ୍କ ପରିବାର ବିରୋଧରେ ସ୍ୱାମୀ ମାନହାନି ଅଭିଯୋଗ ଆଣିଥିବାବେଳେ ଜଷ୍ଟିସ୍ ମୋଡକ ଏହାକୁ ଖାରଜ କରିଦେଇଛନ୍ତି। ହିନ୍ଦୁ ବିବାହ ଆଇନରେ ନଂପୁସକତା ଅଭିଯୋଗ ଅତ୍ୟନ୍ତ ପ୍ରାସଙ୍ଗିକ ଏବଂ ଛାଡ଼ପତ୍ର ପାଇଁ ବୈଧ କାରଣ ହୋଇପାରେ ବୋଲି ବିଚାରପତି କହିଛନ୍ତି।

## ଗୃହ ମଧ୍ୟଭାଗରେ ସିଆଇଏସ୍‌ଏଫ୍ ମୁତୟନକୁ ଖାର୍ଗେଙ୍କ ନିନ୍ଦା

ନୂଆଦିଲ୍ଲୀ,୧।୮

ପାର୍ଲାମେଣ୍ଟର ଉଭୟ ଗୃହର ମଧ୍ୟଭାଗରେ ସିଆଇଏସ୍‌ଏଫ୍ ସମେତ ସୁରକ୍ଷା କର୍ମୀଙ୍କ ଉପସ୍ଥିତିକୁ ନେଇ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ତୀବ୍ର ସମାଲୋଚନା କରିଛନ୍ତି। ବିରୋଧୀ ଏମ୍‌ପିମାନଙ୍କୁ ବିଭିନ୍ନ ପ୍ରସଙ୍ଗ ଉଠାଇବାରେ ବାଧା ଦିଆଯାଉଥିବା ସେ ଅଭିଯୋଗ କରିଥିଲେ। ଏହାର ଜବାବରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ରାଜ୍ୟ ସଭାରେ କେତେଜଣ ଏମ୍‌ପି ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାରୁ ସେମାନଙ୍କୁ ରୋକିବା ପାଇଁ ମାର୍ଶାଲଙ୍କୁ ନିୟୋଜିତ କରିବାକୁ ପଡୁଛି। ଏହା ସରକାରଙ୍କର ନୁହେଁ ସମ୍ପୃକ୍ତ ଗୃହର ଅଧ୍ୟକ୍ଷଙ୍କ ନିଷ୍ପତ୍ତି ବୋଲି ରିଜିଜୁ କହିଛନ୍ତି। ଲୋକ ସଭାରେ ୨ ଜଣ ପ୍ରବେଶ କରି ସ୍ମୋକ୍ କାନିଷ୍ଟର ଖୋଲିବା ଘଟଣା ପରେ ସିଆଇଏସ୍‌ଏଫ୍ ଯବାନଙ୍କୁ ସୁରକ୍ଷାରେ ସାମିଲ କରାଯାଇଛି। ଏପରିକି ଗୃହରେ କେତେଜଣ ଏମ୍‌ପି ସେକ୍ରେଟାରିଏଟ୍ ଟେବୁଲ୍ ଉପରେ ଡେଉଁଥିବାର ନଜିର ମଧ୍ୟ ରହିଛି ବୋଲି ରିଜିଜୁ କହିଥିଲେ।

## ଦରମା ୧୫ ହଜାର: ୨୪ ଘର, ୩୦ କୋଟି ସମ୍ପତ୍ତିର ମାଲିକ




କଲାକପ୍ପା ନିଦାଗୁଣ୍ଡି

ବେଙ୍ଗାଲୁରୁ, ୧।୮

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଲୋକାୟୁକ୍ତ ପକ୍ଷରୁ ଶୁକ୍ରବାର କର୍ନାଟକ ଗ୍ରାମୀଣ ଭିତ୍ତିଭୂମି ଉନ୍ନୟନ ଲିମିଟେଡ୍ (କେଆର୍‌ଆଇଡିଏଲ୍)ର ପୂର୍ବତନ କିରାଣି କଲାକପ୍ପା ନିଦାଗୁଣ୍ଡିଙ୍କ ବାସଭବନରେ ଚଢ଼ାଉ କରାଯାଇଛି। ଉକ୍ତ କ୍ଲର୍କଙ୍କ ମାସିକ ଦରମା ୧୫ ହଜାର ଟଙ୍କା ଥିବାବେଳେ ଚଢ଼ାଉରେ ତାଙ୍କର ୩୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି ଥିବା ଜଣାପଡ଼ିଛି। ସେ ଜଣେ ଇଞ୍ଜିନିୟରଙ୍କ ସହ ମିଶି ୭୨ କୋଟି ଟଙ୍କାର ଦୁର୍ନୀତି କରିଥିଲେ ଏବଂ ନିଜ ପରିବାର ଓ ସମ୍ପର୍କୀୟଙ୍କ ନାମରେ ଅନେକ ଘର, ଜମି ଏବଂ ଅଳଙ୍କାର କିଣିଥିଲେ। ଲୋକାୟୁକ୍ତ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନିଦାଗୁଣ୍ଡି ମାସିକ ୧୫ ହଜାର ଟଙ୍କା ଦରମାରେ କାର୍ଯ୍ୟ କରୁଥିଲେ। ତାଙ୍କର ୨୪ଟି ଘର, ୪ଟି ପ୍ଲଟ୍ ଏବଂ ୪୦ ଏକର ଚାଷଜମି ଥିବା ନେଇ ଚଢ଼ାଉରୁ ଜଣାପଡ଼ିଛି। ସେହିପରି ଚଢ଼ାଉବେଳେ ତାଙ୍କ ନିକଟରୁ ୪ଟି ଗାଡ଼ି, ୩୫୦ ଗ୍ରାମ ସୁନା, ୧.୫ କେ.ଜି. ରୁପା ମଧ୍ୟ ଜବତ କରାଯାଇଛି। ଏହି ସମସ୍ତ ସମ୍ପତ୍ତି ନିଦାଗୁଣ୍ଡି, ତାଙ୍କ ସ୍ତ୍ରୀ ଏବଂ ତାଙ୍କ ଭାଇଙ୍କ ନାମରେ ରହିଛି। କେଆର୍‌ଆଇଡିଏଲ୍‌ର ପୂର୍ବତନ ଇଞ୍ଜିନିୟର ଜେଡ୍.ଏମ୍. ଚିଞ୍ଚୋଲକରଙ୍କ ସହ ମିଶି ସେ ୭୨ କୋଟି ଟଙ୍କାରୁ ଅଧିକ ଟଙ୍କାର ଦୁର୍ନୀତି କରିଥିଲେ। ଉଭୟେ ୯୬ ଅସମ୍ପୂର୍ଣ୍ଣ ପ୍ରୋଜେକ୍ଟର ବିଭିନ୍ନ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଲୋକଙ୍କୁ ଲୁଟୁଥିଲେ।

## ଗାଜାରେ ୧,୩୭୩ ସହାୟତା ଆଶାୟୀଙ୍କ ଜୀବନ ଗଲାଣି

ନ୍ୟୁୟର୍କ, ୧।୮

ଗତ ମେ’ ୨୭ ତାରିଖରୁ ଗାଜା ଷ୍ଟ୍ରିପ୍‌ରେ ଖାଦ୍ୟ ସହାୟତା ପାଇଁ ଅପେକ୍ଷା କରି ରହିଥିବା ୧,୩୭୩ ଜଣ ପାଲେଷ୍ଟିନୀୟଙ୍କୁ ହତ୍ୟା କରାଯାଇଥିବା ନେଇ ଜାତିଂସଘ ମାନବାଧିକାର କାର୍ଯ୍ୟାଳୟ ଶୁକ୍ରବାର ସୂଚନା ଦେଇଛି। ସହାୟତା ଦେଉଥିବା ଆମେରିକା ସମର୍ଥିତ ବିଭିନ୍ନ ଗାଜା ହ୍ୟୁମାନଟାରିଆନ୍ ଫାଉଣ୍ଡେଶନର କ୍ୟାମ୍ପ ନିକଟରେ ୮୫୯ ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ଖାଦ୍ୟ ସହାୟତା ପାଇଁ ଯିବା ସମୟରେ ବାଟରେ ୫୧୪ ଜଣଙ୍କୁ ହତ୍ୟା କରାଯାଇଛି। ଖାଦ୍ୟ ସହାୟତା ଅପେକ୍ଷାରେ ଥିବା ଅଧିକାଂଶ ପାଲେଷ୍ଟିନୀୟଙ୍କୁ ଇସ୍ରାଏଲୀ ସେନା ହତ୍ୟା କରିଛି। ଶୁକ୍ରବାର ଇସ୍ରାଏଲର ଏୟାର ଷ୍ଟ୍ରାଇକ୍ ଏବଂ ଗୁଳିମାଡ଼ରେ ୧୧ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବା ବେଳେ ୭୦ ଆହତ ହୋଇଛନ୍ତି। ଦକ୍ଷିଣ ଗାଜାର ଖାନ୍ ୟୁନିସ୍ ସହରରେ ୫ ଜଣ, କେନ୍ଦ୍ରୀୟ ଗାଜାର ଡେର୍ ଅଲ୍-ବଲାହ ସହରରେ ୪ ଜଣଙ୍କର ମୃତ୍ୟୁ ଘଟିଛି।

## ବିଭିନ୍ନ ଦେଶ ପାଇଁ ଆମେରିକାର ନୂଆ ଟାରିଫ୍

**ପାକିସ୍ତାନକୁ ୧୯%, ବାଂଲାଦେଶ ପାଇଁ ୨୦%**

ୱାଶିଂଟନ,୧।୮(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତରୁ ଆମଦାନି ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବା ସହ ବିଭିନ୍ନ ଦେଶର ସାମଗ୍ରୀ ଉପରେ ନୂଆ ଟାରିଫ୍ ଘୋଷଣା କରିଛନ୍ତି। ଆମେରିକୀୟ ସଂରକ୍ଷଣବାଦର ନୂଆ ଯୁଗ ସାରା ବିଶ୍ୱର ବାଣିଜ୍ୟ ସହଯୋଗୀଙ୍କ ମଧ୍ୟରେ ସାନି ଉତ୍ତେଜନା ଓ ଉଦ୍‌ବେଗ ସୃଷ୍ଟି କରିଛି। ‘ଜବାବୀ ଶୁଳ୍କ ହାରରେ ସାନି ସଂଶୋଧନ’ ନାମରେ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ଟ୍ରମ୍ପ୍ ସ୍ୱାକ୍ଷର କରିଛନ୍ତି। ପାଖାପାଖି ୭୦ଟି ଦେଶ ପାଇଁ ସେ ନୂଆ ଟାରିଫ୍ ଘୋଷଣା କରିଛନ୍ତି। ଭାରତ ପାଇଁ ୨୫% ରେସିପ୍ରୋକାଲ୍ ଟାରିଫ୍ ଲାଗୁ


ଡୋନାଲ୍ଡ ଟ୍ରମ୍ପ୍

ହୋଇଥିବା ଉକ୍ତ ତାଲିକାରୁ ଜଣାପଡ଼ିଛି। ତେବେ ରୁଷିଆରୁ ଇନ୍ଧନ କ୍ରୟ କରି ଏହାକୁ ସାମରିକ ସରଞ୍ଜାମ କିଣିବା ପାଇଁ ଅର୍ଥ ଯୋଗାଉଥିବା ଭାରତ ଉପରେ ଜରିମାନା ଲଗାଇବେ ବୋଲି ଗତ ବୁଧବାର ଟ୍ରମ୍ପ୍ କହିଥିଲେ ହେଁ ତାଲିକାରେ ତାହା ଉଲ୍ଲେଖ ନାହିଁ। ଟାରିଫ୍‌ର ଶେଷ ତାରିଖ ଅଗଷ୍ଟ ୧ ଥିବାବେଳେ ଅଗଷ୍ଟ ୭ରୁ ନୂଆ ଶୁଳ୍କ କାର୍ଯ୍ୟକାରୀ ହେବ।

ୟୁରୋପୀୟ ସଂଘ, ଜାପାନ ଓ ଦକ୍ଷିଣ କୋରିଆ ଭଳି ସହଯୋଗୀଙ୍କ ସହ ଆମେରିକା ବାଣିଜ୍ୟ ଚୁକ୍ତିନାମା କରିଥିବାବେଳେ ଭାରତ ଉପରେ ଚାପ ପକାଇବା ପାଇଁ ପାକିସ୍ତାନ ଓ ବାଂଲାଦେଶ ଉପରେ କମ୍ ଟାରିଫ୍ ଲଗାଇଛି। ପାକିସ୍ତାନ ଉପରେ ୧୯% ଓ ବାଂଲାଦେଶ ଉପରେ ୨୦% ଟାରିଫ୍ ଲଗାଯାଇଛି। ସେହିପରି ଭିଏତ୍‌ନାମ ଉପରେ ୨୦%, ମାଲେସିଆ, ଇଣ୍ଡୋନେସିଆ ଏବଂ ଫିଲିପାଇନ୍ସ ଉପରେ ୧୯% ଟାରିଫ୍ ଲାଗୁ କରାଯାଇଛି। କାନାଡା ସାମଗ୍ରୀ ଉପରେ ୩୫% ଶୁଳ୍କ ଶୁକ୍ରବାରଠାରୁ ଲାଗୁ ପାଇଁ ଟ୍ରମ୍ପ୍ ନିର୍ଦ୍ଦେଶ ଦେଇଥିବାବେଳେ ମେକ୍ସିକୋ ସହ ବାଣିଜ୍ୟ ବୁଝାମଣା ପାଇଁ ୯୦ ଦିନ ସମୟ ବଢ଼ାଇଛନ୍ତି।

## ୨୦୨୪ରେ ୨୩ ହଜାର କୋଟିର ସାଇବର ଅପରାଧ

ନୂଆଦିଲ୍ଲୀ, ୧।୮

ଭାରତରେ ଡିଜିଟାଲ ଅର୍ଥ ବ୍ୟବସ୍ଥା ଦ୍ରୁତଗତିରେ ବଢ଼ିଚାଲିଥିବାବେଳେ ସାଇବର ଅପରାଧ ମଧ୍ୟ ଅନୁରୂପ ଭାବେ ବଢ଼ିଚାଲିଛି। ଦେଶରେ ବଢ଼ିଚାଲିଥିବା ସାଇବର ଅପରାଧକୁ ନେଇ ଶୁକ୍ରବାର ଦିଲ୍ଲୀସ୍ଥିତ ମିଡିଆ ଆଣ୍ଡ୍ ଟେକ୍ କମ୍ପାନୀ ଡେଟାଲିଡ୍ସ ପକ୍ଷରୁ ‘ପର୍ସିଷ୍ଟେଣ୍ଟ ଆଣ୍ଡ୍ ଏମର୍ଜିଙ୍ଗ ରିସ୍କ ଅଫ୍ ଅନ୍‌ଲାଇନ ଫାଇନାନ୍ସିଆଲ ଫ୍ରଡ୍ ଆଣ୍ଡ୍ ଡିପ୍‌ଫେକ୍ସ ଇନ୍ ଇଣ୍ଡିଆ’ ନାମରେ ଏକ ରିପୋର୍ଟ ଜାରି କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ, ୨୦୨୪ରେ ସାଇବର ଅପରାଧ ଯୋଗୁ ଭାରତର ଡିଜିଟାଲ ଅର୍ଥ ବ୍ୟବସ୍ଥାକୁ ୨୨,୮୪୫ କୋଟି ଟଙ୍କାର କ୍ଷତି ପହଞ୍ଚିଥିଲା। ୨୦୨୩ ତୁଳନାରେ ଏହି ସଂଖ୍ୟା ୨୦୬% ଅଧିକ ରହିଛି।




୨୦୨୩ରେ ଭାରତୀୟମାନେ ବିଭିନ୍ନ ସାଇବର ଠକେଇର ସମ୍ମୁଖୀନ ହୋଇ ୭,୪୬୫ କୋଟି ଟଙ୍କା ହରାଇଥିବାବେଳେ ୨୦୨୨ରେ ଉକ୍ତ ସଂଖ୍ୟା ୨,୩୦୬ କୋଟି ରହିଥିଲା। ସମ୍ପ୍ରତି ସାଇବର ଅପରାଧୀମାନେ ସୋସିଆଲ ମିଡିଆକୁ ସେମାନଙ୍କର ପ୍ରମୁଖ ଅସ୍ତ୍ର କରିଥିବା ଏହି ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଭାରତରେ ଡିପ୍‌ଫେକ୍ ଭିଡିଓର ଧାରା ବଢ଼ିବାରେ ଲାଗିଛି। ଡିପ୍‌ଫେକ୍ ମାଧ୍ୟମରେ ସାଇବର ଅପରାଧୀମାନେ ଫିଲ୍ମ ଷ୍ଟାର୍ ତଥା ସେଲିବ୍ରିଟିମାନଙ୍କ ନକଲି ଭିଡିଓ ପ୍ରସ୍ତୁତ କରି ବିଭିନ୍ନ ଫେକ୍ ଇନ୍‌ଭେଷ୍ଟମେଣ୍ଟ ଆପ୍ ଏବଂ ଗେମିଂ ଆପ୍‌ଗୁଡ଼ିକର ପ୍ରଚାର କରୁଛନ୍ତି। ବିଭିନ୍ନ ତାରକାଙ୍କୁ ଦେଖି ଲୋକେ ନକଲି ଆପ୍‌ଗୁଡ଼ିକ ଦ୍ୱାରା ପ୍ରଲୋଭିତ ହେଉଛନ୍ତି। ଡେଟାଲିଡ୍ସର ପ୍ରତିଷ୍ଠାତା ତଥା ସିଇଓ ସୟଦ ନଜାକତ କହିଛନ୍ତି, ସମ୍ପ୍ରତି ଡିପ୍‌ଫେକ୍ ଏବଂ ଅନ୍‌ଲାଇନ ଆର୍ଥିକ ଠକେଇ ପୃଥକ୍ ଘଟଣା ହୋଇ ରହିନାହିଁ। ବିଭିନ୍ନ ପ୍ରକାରର ସାଇବର ଠକେଇ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବାର ଆବଶ୍ୟକତା ଥିବା ସେ କହିଛନ୍ତି।

## ପ୍ରଧାନଶିକ୍ଷକଙ୍କ ମାଡ଼ରେ ଛାତ୍ରୀ ଗୁରୁତର, ଉତ୍ତେଜନା

ବାସୁଦେବପୁର,୧୮ (କାଳିପଦ ରାୟ): ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ଶୁକଦେବପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର କାଠଙ୍କ ମାଡ଼ରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକ ଶ୍ରେଣୀରେ ପଢ଼ାଉଥିବା ସମୟରେ ବ୍ୟାଗ୍ ବାଜିବାକୁ କେନ୍ଦ୍ରକରି ତୃତୀୟ ଶ୍ରେଣୀ ଛାତ୍ରୀ ଜଣକ ଶ୍ରେଣୀଗୃହରେ ଥିବା ନିଜ ସାନଭଉଣୀକୁ ତାଗିଦ୍ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରଧାନଶିକ୍ଷକ ଛାତ୍ରୀଙ୍କ ଗାଲକୁ ଚାପୁଡ଼ା ମାରିଥିବା ନେଇ ତାଙ୍କ ମା' ଅଭିଯୋଗ କରିଛନ୍ତି।

# ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ପାଇଁ ୨୭୩୮ କୋଟି ଅନୁମୋଦନ

**ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି**

ଭୁବନେଶ୍ୱର,୧୮ (ରବିନାରାୟଣ ଜେନା)

ରାଜ୍ୟରେ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହିକ୍ରମରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରୀ ଯୋଜନା-୩.୦ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି ଯେ, ରାଜ୍ୟରେ ଥିବା ଛୋଟ ଛୋଟ ନାଳଗୁଡ଼ିକରେ ୩,୩୧୩ଟି ନୂତନ ଆଡିବନ୍ଧ ନିର୍ମାଣ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଅସ୍ଥାୟୀ ବନ୍ଧ ଦ୍ୱାରା ଜଳସେଚିତ ଜମିରେ ସୁନିଶ୍ଚିତ ଜଳସେଚନ ହେବା ସହିତ ଅଚଳ ଅବସ୍ଥାରେ ଥିବା ପ୍ରାୟ ୩,୫୨୯ ଆଡ଼ିବନ୍ଧର ପୁନରୁଦ୍ଧାର ଦ୍ୱାରା ଜଳସେଚନ ବ୍ୟବସ୍ଥା ନୀରବଚ୍ଛିନ୍ନ ହୋଇପାରିବ। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା-୩.୦କୁ ଅତିରିକ୍ତ ୫ବର୍ଷ (୨୦୨୫-୨୬ରୁ ୨୦୨୯- ୩୦) ପର୍ଯ୍ୟନ୍ତ ୨,୭୩୮ କୋଟି ଆନୁମାନିକ ମୂଲ୍ୟରେ ସମ୍ପ୍ରସାରଣ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଫଳରେ ରାଜ୍ୟର ୫୭,୫୨୫ ହେକ୍ଟର ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି ହେବା ସହିତ ୪୧,୭୧୩ ହେକ୍ଟର ଚାଷ ଜମିକୁ ପୁନଃ ଜଳସେଚନ ବ୍ୟବସ୍ଥା ହୋଇପାରିବ। ଏହି ଯୋଜନା ଦ୍ୱାରା ମୌସୁମୀ ପରବର୍ତ୍ତୀ ସମୟରେ ଗ୍ରାମଗୁଡ଼ିକୁ ପାନୀୟ ଜଳ ସୁବିଧା ଯୋଗାଇବା ସହିତ ଭୂତଳ ଜଳ ପୁନଃଭରଣ ଏବଂ ଖରିଫ ଜଳସେଚନ ତ୍ୱରାନ୍ୱିତ ହୋଇପାରିବ।

## ଦ୍ରୁତ ନ୍ୟାୟ ପ୍ରଦାନକୁ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର,୧୮ (ରବିନାରାୟଣ ଜେନା)

**ଓଡ଼ିଶା ଲ' ଅଫିସର୍ସ ନିୟମରେ ସଂଶୋଧନ**

ରାଜ୍ୟବାସୀଙ୍କୁ ତ୍ୱରିତ୍ ନ୍ୟାୟ ପ୍ରଦାନ ଲାଗି ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଏହାକୁ ନେଇ ଶୁକ୍ରବାର ବିଧି ବିଭାଗର ଦୁଇଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛନ୍ତି।

ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଥିଲେ, ଓଡ଼ିଶା ରାଜ୍ୟ ପ୍ରୋସେକ୍ୟୁଶନ ସେବା କ୍ୟାଡରରେ ସରକାରୀ ଅଧିବକ୍ତାମାନଙ୍କର ସଂଖ୍ୟା ଅଧିକ ଥିବା ପରିପ୍ରେକ୍ଷୀରେ, ମାମଲାଗୁଡ଼ିକର ଜଟିଳତା କମାଇବା ସହିତ ଦ୍ରୁତ ନ୍ୟାୟ ପ୍ରଦାନକୁ ସୁନିଶ୍ଚିତ କରିବା ଲାଗି ଏହି ନିୟମର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ଏହି ନିୟମରେ ସଂଶୋଧନ ହେବା ଦ୍ୱାରା ରାଜ୍ୟରେ ଜମା ଥିବା ମାମଲାଗୁଡ଼ିକର ଭାର କମିବା ସହ ଦ୍ରୁତ ଓ ନିରନ୍ତର ନ୍ୟାୟ ପ୍ରଦାନ ସୁନିଶ୍ଚିତ ହୋଇପାରିବ ବୋଲି ମୁଖ୍ୟ ସଚିବ କହିଥିଲେ।

ସେ କହିଥିଲେ, ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩ ନାମକ ନୂତନ ଦଣ୍ଡ ସମ୍ବନ୍ଧୀୟ ଆଇନଗୁଡ଼ିକର ଘୋଷଣା ହେବା ପରେ ଓଡ଼ିଶା ଜିଲା ଏବଂ ସିଭିଲ କୋର୍ଟରେ ନ୍ୟାୟିକ କର୍ମଚାରୀ ସେବା ନିୟମାବଳୀ-୨୦୦୮ର ସଂଶୋଧନ ଅତ୍ୟାବଶ୍ୟକ ହୋଇପଡ଼ିଛି। ଏହି ସଂଶୋଧନର ଉଦ୍ଦେଶ୍ୟ ହେଉଛି, ଅଧୀନସ୍ଥ ନ୍ୟାୟିକ କର୍ମଚାରୀଙ୍କର ନୂତନ ଆଇନ ସମ୍ବନ୍ଧୀୟ ଜ୍ଞାନ ଓ କାର୍ଯ୍ୟକୁଶଳତା ବୃଦ୍ଧି କରିବା। ଏହି ପଦକ୍ଷେପ ଦ୍ୱାରା ଦୈନିକ ଅଦାଲତ କାର୍ଯ୍ୟ ନିର୍ବିଘ୍ନରେ ଚାଲିପାରିବ ଏବଂ ଲୋକମାନେ ତ୍ୱରିତ୍ ନ୍ୟାୟ ପାଇପାରିବେ।

# ୩୦ ହଜାର ନୁହେଁ, ଲକ୍ଷାଧିକ ବନ୍ୟା ପ୍ରଭାବିତ: ଭକ୍ତ



ଭୁବନେଶ୍ୱର,୧୮ (ରବିନାରାୟଣ ଜେନା)

**କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜକୁ ବନ୍ୟା ପ୍ରଭାବିତ ଘୋଷଣା ହେଉ**

ରାଜ୍ୟରେ ସଂପ୍ରତି ଦେଖାଦେଇଥିବା ବନ୍ୟା ଯୋଗୁ ୩୦ହଜାର ଲୋକ ପ୍ରଭାବିତ ହୋଇଛନ୍ତି ବୋଲି ସରକାରଙ୍କ ପକ୍ଷରୁ ଯାହା କୁହାଯାଇଛି ତାହା ଠିକ୍ ନୁହେଁ, ବରଂ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

କଂଗ୍ରେସଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଥିଲେ, ଯାଜପୁର, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜ ଇତ୍ୟାଦି ଜିଲାରେ ଅନେକଗୁଡ଼ିଏ ବ୍ଲକ ପ୍ରଭାବିତ ହୋଇଛି। କିନ୍ତୁ ଏକ୍ଷେତ୍ରରେ ସରକାର ଗମ୍ଭୀର ଥିଲା ଭଳି ଜଣାପଡୁନାହାନ୍ତି। ବାୟୁସେନାର ହେଲିକପ୍ଟରରେ ବସି ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରି ଆସିଲେ, କିନ୍ତୁ କେତେ ଜନଜୀବନ, ପଶୁଧନ ଏବଂ ଚାଷଜମି କ୍ଷୟକ୍ଷତି ଘଟିଛି ତା'ର ଆକଳନ ରିପୋର୍ଟ ଏପର୍ଯ୍ୟନ୍ତ ଦେଇପାରିଲେ ନାହିଁ। ୫ଟି ଜିଲା ବନ୍ୟା ପ୍ରଭାବିତ ହୋଇଥିବାବେଳେ ସେଥିମଧ୍ୟରୁ କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜର ନାମ ବାଦ୍ ଦିଆଯାଇଛି। ତେବେ ରାଜ୍ୟ ସରକାର ୧ ଲକ୍ଷରୁ ଅଧିକ ଲୋକଙ୍କୁ କ୍ଷତି ପୂରଣ ଦେବା ସହିତ ୧ ମାସ ପାଇଁ ରିଲିଫ ବ୍ୟବସ୍ଥା, ଏମ୍‌ଏଫ୍‌ଟି ନିୟମ ଅନୁଯାୟୀ ଫସଲ ବୀମା ଆକଳନ କରି ୧ ମାସ ମଧ୍ୟରେ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରନ୍ତୁ। ଏହାସହିତ ତୁରନ୍ତ ମେଡିକାଲ ଟିମ୍ ପଠାଯାଉ ଏବଂ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ କ୍ଷୟକ୍ଷତି ପୂର୍ଣ୍ଣାଙ୍ଗ ରୂପେ ଆକଳନ କରାଯାଇ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯାଉ।

ଏହି ଅବସରରେ କେନ୍ଦ୍ରାପଡ଼ା ବନ୍ୟା ଅଞ୍ଚଳ ପରିଦର୍ଶନରୁ ଫେରିଥିବା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ରାଜନଗର ବ୍ଲକର ୧୭ ଏବଂ ପଟ୍ଟାମୁଣ୍ଡାଇ ବ୍ଲକର ୧୭ ଗୋଟି ପଞ୍ଚାୟତ ବନ୍ୟା ପ୍ରଭାବିତ ହୋଇଛି। ଦୀର୍ଘ ୨୦ ଦିନ ହେଲା ଗାଁଗୁଡ଼ିକ ଜଳମଗ୍ନ ଅଛି, ଖାଦ୍ୟ ପହଞ୍ଚି ପାରିନି, ଜିଲାପାଳ କିମ୍ବା ମେଡିକାଲ ଟିମ୍ ମଧ୍ୟ ପରିଦର୍ଶନ କରି ନାହାନ୍ତି, ଏପରି କି ବନ୍ୟା ପ୍ଲାବିତ ଅଞ୍ଚଳରେ ଗୋଖାଦ୍ୟ ମଧ୍ୟ ବଣ୍ଟନ ହୋଇନି। ମୟୂରଭଞ୍ଜ ଜିଲାରେ ମଧ୍ୟ ଅନୁରୂପ ଭାବେ ଫସଲ ନଷ୍ଟ ହେବା ସହିତ ଗୋରୁ ଓ ପ୍ରପୀଡ଼ିତମାନେ ଦୁର୍ଦ୍ଦଶା ଭିତରେ ରହିଛନ୍ତି। ତେଣୁ ମୟୂରଭଞ୍ଜ ଏବଂ କେନ୍ଦ୍ରାପଡ଼ାକୁ ବନ୍ୟା ପ୍ରଭାବିତ ଜିଲା ବୋଲି ଘୋଷଣା କରାଯାଉ। ଅପରପକ୍ଷେ ପିଇବା ପାଣି ପାଇଁ ଲୋକେ ପ୍ରତ୍ୟେକ ଦିନ ୧୦୦ ରୁ ୨୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି, ଏପରିକି ଗୋଳିଆ ପାଣି ମଧ୍ୟ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ସରକାରଙ୍କ ତରଫରୁ ଶୃଙ୍ଖଳା ଖାଦ୍ୟ ବଣ୍ଟନ ହେଉନି। ବର୍ତ୍ତମାନ ଜଳଘେରି ପାଇଁ ଡାଇରିଆ ବ୍ୟାପିବା ଆଶଙ୍କା ଦେଖାଦେଲାଣି ବୋଲି କାଡ଼ାମ ପ୍ରକାଶ କରିଛନ୍ତି।

ଏହିସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ, ସମାଜସେବୀ ସୁଧାଂଶୁ ଶେଖର ଦେଓ, ମୁଖପାତ୍ର ନଳିନୀକାନ୍ତ ନାୟକ ଓ ସଂଗ୍ରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗତବର୍ଷ ତୁଳନାରେ ୯ ହଜାର ଅଧିକ ଚାଷୀ ପଞ୍ଜୀକୃତ

ଭୁବନେଶ୍ୱର,୧୮ (ସୁନିତ୍ ମିଶ୍ର)

ରାଜ୍ୟରେ ଖରିଫ ଋତୁ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ଗତ ମାସ ୧୯ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏଥିପାଇଁ ଚାଷୀମାନେ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି ପ୍ୟାକ୍ସ, ଲ୍ୟାମ୍ପସ୍ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣିପଞ୍ଚାୟତରେ ଆଗୁଆ ପଞ୍ଜୀକରଣ କରୁଛନ୍ତି। ଚଳିତ ବର୍ଷ ଆଜି ସୁଦ୍ଧା ୩ ଲକ୍ଷ ୯୫ ହଜାର ୯୪୯ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ଗତବର୍ଷ ଏହି ଦିନ ସୁଦ୍ଧା ୩ ଲକ୍ଷ ୮୭ ହଜାର ୧୦୪ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଗତବର୍ଷ ତୁଳନାରେ ୫ ଦିନ ବିଳମ୍ବରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଅଧିକ ଚାଷୀ ପଞ୍ଜୀକରଣ ହୋଇଥିବାରୁ ଶେଷ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ଚାଷୀ ପଞ୍ଜୀକରଣ କରିବେ ବୋଲି ଆଶା କରାଯାଉଛି।

ସମସ୍ତ ପଞ୍ଜୀକୃତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ସଂଯୋଗୀକରଣ କରିବା ସହ ଇ-କେୱାଇସି ବାଧ୍ୟତାମୂଳକ ଭାବେ କରାଯାଇଛି। ଯୋଗ୍ୟ ଚାଷୀମାନଙ୍କୁ ଧାନକିଣା ପ୍ରକ୍ରିୟାରେ ସାମିଲକରିବା ଏବଂ ନକଲି ଚାଷୀମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ୍‌ଦେବା ଉଦ୍ଦେଶ୍ୟରେ ଚଳିତ ବର୍ଷ ଆଧାରଭିତ୍ତିକ ଇ-କେୱାଇସି କରାଯାଉଛି। ଏହାଦ୍ୱାରା ଯୋଗ୍ୟ ଚାଷୀମାନଙ୍କ ମଧ୍ୟରେ ଧାନ ବିକ୍ରୟ ପାଇଁ ଆଗ୍ରହ ପରିଲକ୍ଷିତ ହେଉଛି। ଏତଦ୍‌ବ୍ୟତୀତ ଭାଗଚାଷୀ ଏବଂ ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମଧ୍ୟ ଉପକୃତ ହୋଇପାରିବେ। ସମସ୍ତ ଚାଷୀଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରେକର୍ଡଧାରୀ ତଥା ଜମି ମାଲିକଙ୍କ ସହମତିପତ୍ର ମଧ୍ୟ ସଂଲଗ୍ନ କରାଯାଉଛି। ଏହାଦ୍ୱାରା ଧାନ ସଂଗ୍ରହବେଳେ କୌଣସି ସ୍ତରରେ ଯୋଗ୍ୟଚାଷୀ ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ଏଥିପାଇଁ ସମିତିଗୁଡ଼ିକରେ ନିୟୋଜିତ କର୍ମଚାରୀ ଓ ଅଧିକାରୀ ସମସ୍ତ ସହଯୋଗ ଯୋଗାଇଦେଉଛନ୍ତି। ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି କିମ୍ବା ଅଣଧାନ ଚାଷ ହୋଇଥିବା ଜମିକୁ ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ଦେବା ପାଇଁ ସମିତି ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ କରାଯାଇ ଯୋଗ୍ୟ ଚାଷୀମାନଙ୍କଠାରୁ ଧାନ କ୍ରୟ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। କୌଣସି ସମସ୍ୟା ଥିଲେ ଚାଷୀମାନେ ଦେୟମୁକ୍ତ ନଂ. ୧୯୬୭ରେ ଯୋଗାଯୋଗ କରିପାରିବେ।

## ତାଡ଼କାସାହି ଜଙ୍ଗଲରେ ବାଘ ପାଦଚିହ୍ନ



ପାତ୍ରପୁର,୧୮ (ଉମା ଚରଣ ନେପାକ)

ଗଞ୍ଜାମ ଜିଲା ସାମନ୍ତିଆପଲ୍ଲୀ ବନାଞ୍ଚଳ ତାଡ଼କାସାହି ଓ ମାଡୁଆ ଜଙ୍ଗଲ ରାସ୍ତାରେ ଶୁକ୍ରବାର ବାଘ ପାଦଚିହ୍ନ ପଡିଥିବା କେତେଜଣ ଆଦିବାସୀ ଦେଖିଥିବା ପ୍ରକାଶ କରିଛନ୍ତି। ରାସ୍ତାରେ ଶାବକ ସହିତ ବାଘର ପାଦଚିହ୍ନ ଦେଖି ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏନେଇ ସାମନ୍ତିଆପଲ୍ଲୀ ରେଞ୍ଜର ମନୋଜ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଖବରପାଇ ସ୍ଥାନୀୟ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇ ସନ୍ଧାନ ଆରମ୍ଭ ହୋଇଛି। ମିଳିଥିବା ପାଦଚିହ୍ନ ଯାଞ୍ଚ କଲା ପରେ ପ୍ରକୃତ ସୂଚନା ଜଣାପଡ଼ିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୪ ଦିନ ତଳେ ମଶାଣିବାଡ ଗ୍ରାମର କୁମର ବେହେରାଙ୍କ ଗୋଟିଏ ଛେଳିକୁ ବାଘ ଟାଣି ନେଉଥିବା ଚରାଳି ଦେଖିଥିଲେ।

# ତଳସରା ବଳାତ୍କାର: କଂଗ୍ରେସ ଗଠନ କଲା ତଥ୍ୟ ଅନୁଧାନ କମିଟି

ଭୁବନେଶ୍ୱର,୧୮ (ରବିନାରାୟଣ ଜେନା)

ସୁନ୍ଦରଗଡ଼ ଜିଲା ତଳସରା ଅଞ୍ଚଳରେ ଜଣେ ନାବାଳିକାକୁ ଅପହରଣ ଓ ୧୪ଦିନ ଧରି ଏକ ଭଡ଼ା ଘରେ ବଳାତ୍କାର କରାଯିବା ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ତଥ୍ୟ ଅନୁଧାନ କମିଟି ଗଠନ କରାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ ଉକ୍ତ କମିଟିରେ ବିଧାୟକ ସି.ଏସ୍. ରାଜନ ଏକ୍କା ଅଧ୍ୟକ୍ଷ ରହିଥିବା ବେଳେ ସୁନ୍ଦରଗଡ଼ ଜିଲା କଂଗ୍ରେସ ସଂଯୋଜକ ନିର୍ମଳ ନାଏକ ଆବାହକ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଅମିତା ବିଶ୍ୱାଳ, ଭୁଲକି ସେଠ୍, ଗେରୋଟି ସେସ୍, କଳ୍ପନା ଆପଟ, ବିନିତା ନାୟକ, ସୁଧାଂଶୁ ପଶାୟତ, ଦିଲୀପ କୁମୁରା, ଦେବେନ୍ଦ୍ର ଭିତିରିଆ ଓ ଇକ୍‌ବାଲ ମଲ୍ଲିକ ପ୍ରମୁଖ ସଭ୍ୟ ଭାବରେ ରହିଛନ୍ତି।

# ଉପସ୍ଥିତ ସବୁ କର୍ମଚାରୀଙ୍କ ପରିସ୍ରା ନମୁନା ପରୀକ୍ଷା ହେବ: ଏସ୍‌ପି

**ଯନ୍ତ୍ରୀଙ୍କୁ ପାଣି ଭାବି ପରିସ୍ରା ପିଆଇବା ଘଟଣା**

ପାରଳାଖେମୁଣ୍ଡି/ଆର. ଉଦୟଗିରି,୧୮ (ଗିରିଧାରୀ ପରିଛା/ମନୋଜ କୁମାର ପାଢୀ)

ଗଜପତି ଜିଲା ଆର. ଉଦୟଗିରି ବ୍ଲକ ଆରଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ସଚିନ ଗୌଡ଼ଙ୍କୁ ପାଣି ବଦଳରେ ପରିସ୍ରା ପିଇବାକୁ ଦେବା ଘଟଣାରେ ଅଭିଯୋଗକୁ ଭିତ୍ତିକରି ପୋଲିସ ୮୦/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ଶୁକ୍ରବାର ପୋଲିସ ପିଅନ ଶିବ ନାରାୟଣଙ୍କୁ ଧରିନେଇ ପଚରାଉଚରା ପରେ ଛାଡ଼ି ଦେଇଛି। ତେବେ ଅଭିଯୋଗ ଅନୁସାରେ ତାଙ୍କ ବିରୋଧରେ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଘଟଣା ଦିନ ଆରଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟରେ ସେ ସମୟରେ ଯେଉଁମାନେ ଉପସ୍ଥିତ ଥିଲେ ସମସ୍ତଙ୍କ ପରିସ୍ରା ପରୀକ୍ଷା ହେବ ବୋଲି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା କହିଛନ୍ତି। ଏସ୍‌ପି କହିଛନ୍ତି, ଘଟଣା ପରେ କନିଷ୍ଠ ଯନ୍ତ୍ରୀ ନିଜ ଲାବରେଟୋରିରେ ଏହାକୁ ପରୀକ୍ଷା କରିଥିଲେ। ସେଥିରେ ଆମୋନିଆର ପରିମାଣ ଅଧିକା ଥିବା ଜାଣିବାକୁ ପାଇ ପରେ ଜିଲାସ୍ତରରେ ଥିବା ତାଙ୍କ ବିଭାଗର ଲାବରେଟୋରିକୁ ପରୀକ୍ଷା ପାଇଁ ପଠାଇଥିଲେ। ରିପୋର୍ଟ ଆସିବା ପରେ ସେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଗୁରୁତର ସହ ନିଆଯାଇଛି। ପାଣି ଦେଇଥିବା ପିଅନ ଶିବଙ୍କ ବିରୋଧରେ ସେପରି କୌଣସି ଦୃଢ଼ ପ୍ରମାଣ ମିଳିନି। ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପଣ୍ଡା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଆରଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଭାବେ ସଚିନ ଗତ ୨୨ ତାରିଖରେ ଏଠାରେ କାର୍ଯ୍ୟରେ ଯୋଗଦେଇଥିଲେ। ତାଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସରେ ରହିଥିଲେ। ୨୩ରେ ସେ ଖାଇସାରିବା ପରେ ତାଙ୍କ ପାଇଁ ରହିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଶିବଙ୍କୁ ପିଇବାକୁ ପାଣି ମାଗିଥିଲେ। ସେ ପାଣି ଆଣି ଦେବା ପରେ କନିଷ୍ଠ ଯନ୍ତ୍ରୀ ସଚିନ ତାହା ପିଇଥିଲେ। ମାତ୍ର ଏହି ପାଣି ଖାରିଆ ଲାଗିବାରୁ ସେ ପାଖରେ ଥିବା ଅନ୍ୟ ୨ ଜଣଙ୍କୁ ମଧ୍ୟ ପିଇବାକୁ ଦେଇଥିଲେ। ଏହା ଖାରିଆ ଲାଗୁଥିବା ସେମାନେ ମଧ୍ୟ କହିବାରୁ ସେ ପାଣିକୁ ପରୀକ୍ଷା ପାଇଁ ଦେଇଥିଲେ। ରିପୋର୍ଟ ଆସିବା ପରେ ଥାନାରେ ଅଭିଯୋଗ କରିଥିଲେ।

# ନ୍ୟାୟ ନ ମିଳିଲେ ଧାରଣାକାରୀଙ୍କ ଆତ୍ମାହୁତି ଚେତାବନୀ

କେନ୍ଦ୍ରାପଡ଼ା,୧୮ (ଜଗନ୍ନାଥ ଧଳ)

ଆଣି ରାଜକନିକା ଥାନା ଦୋସୋଉତୁଣୀ ଗ୍ରାମର ମନୋରମା ମଲ୍ଲିକ ଓ ତାଙ୍କ ପରିବାର ସଦସ୍ୟମାନେ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାରଠାରୁ ଧାରଣାରେ ବସିଛନ୍ତି।

ଏ ସମ୍ପର୍କରେ ମନୋରମା କହିଛନ୍ତି, ଜୁନ୍ ମାସରେ ଗ୍ରାମର କେତେଜଣ ବ୍ୟକ୍ତି ସାମାନ୍ୟ କଳିରୁ ଅତ୍ୟାଚାର ଆରମ୍ଭ କରିଥିଲେ। ଏପରିକି ରହୁଥିବା ଘରକୁ ପୋଡ଼ି ଦେଇଥିଲେ। ଏ ନେଇ ଥାନାରେ ଜଣାଇବା ପରେ ଅଭିଯୁକ୍ତଙ୍କୁ ଡାକି ପୋଲିସ ପଚରାଉଚରା କଲାନାହିଁ। ଫଳରେ ଅଭିଯୁକ୍ତମାନେ ପ୍ରତ୍ୟହ ଗାଳିଗୁଲଜ କରୁଛନ୍ତି। ଗ୍ରାମରେ ରହିବା ପରି ପରିସ୍ଥିତି ଆଉ ନାହିଁ। ଏ ନେଇ ଏସ୍‌ପି କାର୍ଯ୍ୟାଳୟର ଏଏସ୍‌ପି ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ଆକାରରେ ଅଭିଯୋଗ କରିଥିଲି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜୁନ ୨୦ରେ ପ୍ରତିଶ୍ରୁତି ମିଳିଥିଲା। ସେହିପରି ଘରପୋଡି ଯାଇଥିବାରୁ ସରକାରୀ ସାହାଯ୍ୟ ପାଇଁ ତହସିଲଦାରଙ୍କୁ ଅନୁରୋଧ ପରେ କେବଳ ଜାତିକୁ ନେଇ ଗାଳି ଶୁଣିବାକୁ ମିଳିଥିଲା। ଏପରି ସ୍ଥିତିରେ ଜିଲାପାଳଙ୍କ କାର୍ଯ୍ୟାନୁଷ୍ଠାନ ପାଇଁ ଧାରଣା ଦେଇଛୁ। ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବାକୁ ବାଧ୍ୟ ହେବୁ ବୋଲି ସେ କହିଛନ୍ତି। ଖବର ଲେଖା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନାହାନ୍ତି।

ଘରେ ନିଆଁ ଲଗାଇଦେଲେ। ଏ ନେଇ ଥାନାରେ ବହୁବାର ଅଭିଯୋଗ ସତ୍ତ୍ୱେ ଜିଲା ପୋଲିସ ଅଭିଯୁକ୍ତଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ତହସିଲ କାର୍ଯ୍ୟାଳୟକୁ ଘରପୋଡି ସାହାଯ୍ୟ ପାଇଁ ଗଲେ ତହସିଲଦାର ଜାତି ସମ୍ପର୍କିତ ଖରାପ ଭାଷାରେ ଗାଳି କରୁଛନ୍ତି। ପୂର୍ବରୁ ଜିଲାପାଳ ଘରପୋଡ଼ି ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅଦ୍ୟାବଧି କାର୍ଯ୍ୟକାରୀ ତାହା ହୋଇନାହିଁ। ଅଭିଯୁକ୍ତ, ଜିଲା ପୋଲିସ, ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆତ୍ମାହୁତି ଦେବି। ଏପରି ଅଭିଯୋଗ

# ଆଇନ ଅଧ୍ୟୟନରେ କଠିନ ପରିଶ୍ରମ, ଦୃଢ଼ତା ଦରକାର



ଭୁବନେଶ୍ୱର,୧୮ (ଅନୁରାଧା ମହାରଣା)

**ବିର୍ଲା ଆଇନ ସ୍କୁଲରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଆଇନ ସ୍କୁଲ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଶ୍ୱବିଦ୍ୟାଳୟର ବିବିଏ ଏଲ୍‌ଏଲ୍‌ବି (ଅନର୍ସ) ଏବଂ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମ ପାଇଁ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କୋଲକାତା ହାଇକୋର୍ଟ ଏବଂ ଓଡ଼ିଶା ହାଇକୋର୍ଟରେ ପୂର୍ବତନ ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଇନ ଶୃଙ୍ଖଳାରେ ସଫଳତା ପାଇଁ କଠିନ ପରିଶ୍ରମ ଓ ଦୃଢ଼ତା ଉପରେ ଗୁରୁତ୍ୱାରୋପ କରିଥିଲେ। ବେଙ୍ଗାଲୁରୁର ପୁଭାୟା ଆଣ୍ଡ କୋ'ର ପାର୍ଟନର ଧର୍ମେନ୍ଦ୍ର ଚତୁର ଆଇନ ଅଧ୍ୟୟନରେ ଆନ୍ତରିକତାର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ୱିପ୍ରୋ ଲିମିଟେଡ୍‌ର ଜେନେରାଲ କାଉନ୍‌ସେଲ ଉପାଧ୍ୟକ୍ଷ ତେଜଲ ପାଟିଲ ଆଇନ ଛାତ୍ରୀଛାତ୍ରଙ୍କ ପାଇଁ ଭବିଷ୍ୟତ କ୍ୟାରିୟର ବିକଳ୍ପ ଭାବରେ ଉନ୍ମୁକ୍ତ ହୋଇଥିବା ବିଭିନ୍ନ ସୁଯୋଗ ବିଷୟରେ ତଥ୍ୟ ରଖିଥିଲେ। ପ୍ରଫେସର ଡ. ସୁକାନ୍ତ କୁମାର ନନ୍ଦ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରି ଆଇନ ଅଧ୍ୟୟନ କ୍ଷେତ୍ରରେ କଠିନ ପରିଶ୍ରମ ଏବଂ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜିୟୁ କୁଳପତି ପ୍ରଫେସର ଡ. ବି.କେ. ଦାସ ଛାତ୍ରୀଛାତ୍ରଙ୍କୁ ଆଇନ ବିଷୟ ବାଛିଥିବାରୁ ଅଭିନନ୍ଦନ ଜଣାଇବା ସହ ଘରୋଇ ଓ ଅନ୍ତର୍ଜାତୀୟ ସ୍ତରରେ ଆଇନ ଶିକ୍ଷାର ବର୍ଦ୍ଧିତ ପ୍ରାସଙ୍ଗିକତା ପ୍ରତି ସେମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଫେସର ଡ. କୁଳଭୂଷଣ ବାଲୁନ ଆଇନଗତ ବୃତ୍ତିଗତଙ୍କ ସହ କାମ କରିବାର ନିଜ ଅଭିଜ୍ଞତା ବାଣ୍ଟିଥିଲେ। ବିଜିୟୁର ସହଯୋଗୀ ପ୍ରଫେସର ଡ. ଭାବନା ଶର୍ମା ଛାତ୍ରୀଛାତ୍ରଙ୍କୁ ସମ୍ମାନ ସଂହିତା ପ୍ରଦାନ କରିଥିଲେ। ଏହି ଅବସରରେ 'ସମ୍ବିଧାନ ଆଇନର ଉଦୀୟମାନ ପ୍ରସଙ୍ଗ' ଶୀର୍ଷକ ଏକ ସମ୍ମିଳନୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହାସହ ତାରା ରୋପଣ କରାଯାଇଥିଲା। ଏକାଡେମିକ ଆସୋସିଏଟ ଅସ୍ମା ସିଦ୍ଦିକି ଧନ୍ୟବାଦ ଦେଇଥିଲେ।

# ଭାରତୀୟ ରିଅଲ ଇଷ୍ଟେଟ୍ ଡେଭେଲପର୍ସ ଓଡ଼ିଶାର ଅଭିବୃଦ୍ଧିରେ ଯୋଗଦାନ ଜାରିରଖନ୍ତୁ: ରାଜ୍ୟପାଳ

ଭୁବନେଶ୍ୱର,୧୮ (ଅନୁରାଧା ମହାରଣା)



ଭାରତୀୟ ରିଅଲ ଇଷ୍ଟେଟ୍ ଡେଭେଲପର୍ସ କ୍ରେଡାଇ ଓଡ଼ିଶାର ଅଭିବୃଦ୍ଧିରେ ଯୋଗଦାନ ଜାରି ରଖନ୍ତୁ। ଭୁବନେଶ୍ୱରଠାରେ ଶୁକ୍ରବାର ଭାରତୀୟ ରିଅଲ ଇଷ୍ଟେଟ୍ ଡେଭେଲପର୍ସର ଜାତୀୟସ୍ତରୀୟ ଏକ୍ସଟ୍ରା ଅର୍ଡିନାରି ଜେନେରାଲ ବଡି ୨୦୨୫ରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି। ରାଜ୍ୟପାଳ କହିଥିଲେ, ବର୍ଷ ବର୍ଷ ଧରି କ୍ରେଡାଇ ଭାରତର ରିଅଲ ଇଷ୍ଟେଟ କ୍ଷେତ୍ରରେ ଏକ ଶକ୍ତିଶାଳୀ ସ୍ୱରରେ ପରିଣତ ହୋଇଛି। ନୈତିକ ବ୍ୟବସାୟିକ ଅଭ୍ୟାସ ଏବଂ ଦକ୍ଷତା ବିକାଶ ପଦକ୍ଷେପରେ ଏହାର ସକ୍ରିୟ ଆଭିମୁଖ୍ୟ ପ୍ରଶଂସନୀୟ। ୨ ଲକ୍ଷରୁ ଅଧିକ ନିର୍ମାଣ ଶ୍ରମିକ ଏବଂ ଯୁବକଙ୍କୁ ଦକ୍ଷ କରିବାରେ ଏହାର ଅବଦାନ କେବଳ ଜୀବିକା ଉତ୍ଥାନ ନୁହେଁ ବରଂ ସମାବେଶୀ ଅଭିବୃଦ୍ଧିକୁ ନିଶ୍ଚିତ କରୁଛି। ବଙ୍ଗୋପସାଗର କୂଳରେ ଏହାର ଅବସ୍ଥିତି, ବିପୁଳ ଖଣିଜ ସମ୍ପଦ, ବନ୍ଦର ଏବଂ ପ୍ରଗତିଶୀଳ ଭିତ୍ତିଭୂମି ସହ ଓଡ଼ିଶା ପୂର୍ବ ଭାରତରେ ଏକ ଅର୍ଥନୈତିକ ଏବଂ ସହରାଞ୍ଚଳ ଯୋଜନା ଏବଂ ଭିତ୍ତିଭୂମି ଆଧୁନିକୀକରଣରେ ଆଗେଇ ଚାଲିଛି। ଭୁବନେଶ୍ୱର-କଟକ-ପୁରୀ କରିଡର, ଦ୍ରୁତ ସହରୀକରଣ, ବିମାନବନ୍ଦର ସମ୍ପ୍ରସାରଣ ଏବଂ ଶିଳ୍ପ କରିଡର ଭଳି ମେଗା ପ୍ରକଳ୍ପଗୁଡ଼ିକ ଅଭିବୃଦ୍ଧିର ନୂତନ ପଥ ଖୋଲିବାରେ ଲାଗିଛି। କୋଣାର୍କ ଏବଂ ପୁରୀର କାଳଜୟୀ ଐତିହ୍ୟରୁ ଆରମ୍ଭକରି ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ପର୍ବପର୍ବାଣିର ସ୍ୱାତନ୍ତ୍ର୍ୟ ପର୍ଯ୍ୟନ୍ତ ଓଡ଼ିଶା ଗୃହକ୍ରେତା, ବିକାଶକ ଏବଂ ନିବେଶକଙ୍କ ପାଇଁ ଆକର୍ଷଣୀୟ ପ୍ରସ୍ତାବ ଉପସ୍ଥାପନକରେ। ସ୍ମାର୍ଟ ସିଟି ସମାଧାନ, ପ୍ରଯୁକ୍ତି ବିଦ୍ୟା ସମନ୍ୱୟ, ଦକ୍ଷତା ବିକାଶ ଏବଂ ସ୍ୱଚ୍ଛତା ଉପରେ ଏହାର ଧ୍ୟାନ ଏକ ଆଗୁଆ ଚିନ୍ତାଧାରା ଓ ଦାୟିତ୍ୱପୂର୍ଣ୍ଣ ନୀତିକୁ ପ୍ରତିଫଳିତ କରୁଛି ବୋଲି ରାଜ୍ୟପାଳ କହିଥିଲେ। ସରକାରଙ୍କ ସହଭାଗିତାରେ କ୍ରେଡାଇ କାମ ଜାରି ରଖିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହାଦ୍ୱାରା ସୁଲଭ ଏବଂ ସ୍ଥାୟୀ ଗୃହ ନିର୍ମାଣକୁ ପ୍ରୋତ୍ସାହିତ କରାଯାଇପାରିବ। ଗ୍ରାହକଙ୍କ ବିଶ୍ୱାସ ସୁନିଶ୍ଚିତ କରାଯାଇପାରିବ, ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମ ଗୁଡ଼ିକୁ ଗ୍ରହଣ କରାଯାଇପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ କ୍ରେଡାଇ ଭୁବନେଶ୍ୱର ପ୍ରେସିଡେଣ୍ଟ ତଥା କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, କ୍ରେଡାଇ ନ୍ୟାଶନାଲ ପ୍ରେସିଡେଣ୍ଟ ଶେଖର ପଟେଲ, ଇଏଲ୍‌ସିଟି ପ୍ରେସିଡେଣ୍ଟ ଜି. ରାମ ରେଡ୍ଡି, ସେକ୍ରେଟାରି ଗୌରବ ଗୁପ୍ତା, କ୍ରେଡାଇ ଓଡ଼ିଶା ପ୍ରେସିଡେଣ୍ଟ ସ୍ୱଦେଶ କୁମାର ରାଉତରାୟ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଶେଷରେ କ୍ରେଡାଇ ଓଡ଼ିଶାର ସେକ୍ରେଟାରି ଅନୀଲ କୁମାର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

**ଯୁବତୀଙ୍କୁ ଯୌନ ନିର୍ଯାତନା: ସିଡବ୍ଲ୍ୟୁସି ସଭ୍ୟ ଅଟକ**

ଜଗତ୍‌ସିଂହପୁର, (ପ୍ରମୋଦ କୁମାର ନାୟକ): ଜଗତ୍‌ସିଂହପୁର ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ସଭ୍ୟ ବିବେକାନନ୍ଦ ବଳଙ୍କ ନାଁରେ ସାଂଘାତିକ ଅଭିଯୋଗ ହୋଇଛି। ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ କାର୍ଯ୍ୟରତ ଜଣେ ଅନୁସୂଚିତ ଜାତିର ଯୁବତୀଙ୍କୁ ସେ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ କରାଯାଇଛି। ଏହାକୁ ଭିତ୍ତି କରି ଜଗତ୍‌ସିଂହପୁର ଥାନାରେ ମାମଲା (ନଂ. ୫୬୭/୨୫) ରୁଜୁ ହୋଇଛି। ବଳଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଅତିରିକ୍ତ ଆଇଆଇସି ଦିଲୀପ କାଣ୍ଡି ସୂଚନା ଦେଇଛନ୍ତି।

# ହାତଗୋଡ଼ ବାନ୍ଧି ପଥରରେ ଛେଚି ଦେଇଥିଲେ

ବାରିପଦା/କୁଳିଅଣା,୧୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ଆଦିକନ୍ଦ ସାହୁ)



ଅତିରିକ୍ତ ଏସ୍‌ପି ଓ ଅନ୍ୟ ପୋଲିସ ଅଧିକାରୀମାନେ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଉଛନ୍ତି।

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ବଡ଼ନୂଆଗାଁ ଗ୍ରାମ ଡବଲ ମର୍ଡର ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଡ଼ନୂଆଗାଁ ଗ୍ରାମର ମୃତା ସୋନାଲିଙ୍କ ସ୍ୱାମୀ ଦେବାଶିଷ ପାତ୍ର(୩୬), ଦେବାଶିଷଙ୍କ ମା' ଭାରତୀ ପାତ୍ର(୬୦) ଓ ତିତିରି ଗ୍ରାମର ଶମ୍ଭୁନାଥ ନାଏକ(୨୯) ଓ ସିପୁନ ପ୍ରଧାନ(୨୫)। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୧୩୬/୨୫) ରୁଜୁ କରିଛି। ମା' ଝିଅଙ୍କ ହାତଗୋଡ଼ ବାନ୍ଧି ପଥର ଓ କୁରାଢ଼ିରେ ଛେଚି ହତ୍ୟା କରାଯାଇଥିବା ନେଇ ଅତିରିକ୍ତ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସୂଚନାଯୋଗ୍ୟ, ଦେବାଶିଷ ୨ ବର୍ଷ ପୂର୍ବେ ସୋନାଲିଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ କଳିକଜିଆ ଲାଗିରହୁଥିଲା। ଏହାକୁ ନେଇ ସୋନାଲି ବାରମ୍ବାର ନିଜ ବାପଘର ଆମ୍ବଟୁବି ଗ୍ରାମକୁ ପଳାଇ ଯାଉଥିଲେ। ଇତିମଧ୍ୟରେ ସେମାନଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ସୋନାଲି ବାପଘରକୁ ପଳାଇଯାଉଥିବାରୁ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ସୁସମ୍ପର୍କ ରହୁ ନ ଥିଲା।

**କୁଳିଅଣା ଡବଲ ମର୍ଡର ଘଟଣା**

**୪ ଅଭିଯୁକ୍ତ କୋର୍ଟ ଚାଲାଣ**

୨୦୨୪ ସେପ୍ଟେମ୍ବର ୮ରେ ସୋନାଲି କୁଳିଅଣା ଥାନାରେ ସ୍ୱାମୀ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୪୧/୨୪) ରୁଜୁ କରିଥିଲା। ଅନ୍ୟପକ୍ଷରେ ଶାଶୁ ସୁମତୀଙ୍କ କଥାରେ ପଡ଼ି ସୋନାଲି ବାରମ୍ବାର ବାପ ଘରକୁ ପଳାଇଯାଉଥିବାରୁ ତାଙ୍କ ଶିଶୁପୁତ୍ରର ଲାଳନପାଳନରେ ଅସୁବିଧା ହେଉଥିଲା। ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ରହୁ ନ ଥିବାରୁ ଦେବାଶିଷ ତାଙ୍କ ସ୍ତ୍ରୀ ଓ ଶାଶୁଙ୍କୁ ହତ୍ୟା କରିବାର ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଥିଲେ। ନିଜ ଘରବାଡ଼ିରେ ୧୦ଫୁଟର ଗାତ ଖୋଳି ରଖିଥିଲେ। କିଛିଦିନ ପୂର୍ବରୁ ସୋନାଲି ରାଗି ବାପଘରକୁ ପଳାଇଥିଲେ। ପରେ ଦେବାଶିଷ ଫୋନ୍ କରିବାରୁ ଗତ ୧୨ ତାରିଖରେ ସୋନାଲିଙ୍କୁ ଏକ ଅଟୋ ଯୋଗେ ମା' ସୁମତୀ ଓ ଭାଇ ଆଣି ଶାଶୁଘରେ ଛାଡ଼ିଥିଲେ। ସେହିଦିନଠାରୁ ଝିଅଘରେ ସୁମତୀ ରହି ଆସୁଥିଲେ। ଗତ ୧୪ ତାରିଖ ସନ୍ଧ୍ୟାରେ ପୁନର୍ବାର ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଦେବାଶିଷ ଉତ୍ତ୍ୟକ୍ତ ହୋଇ ସୋନାଲି ଓ ସୁମତୀଙ୍କ ହାତ ଗୋଡ଼ ବାନ୍ଧିବା ପାଇଁ ୨ ସହଯୋଗୀ ଶମ୍ଭୁନାଥ ଓ ସିପୁନ୍‌ଙ୍କୁ ଡକାଇଥିଲେ। ସହଯୋଗୀ ଦ୍ୱୟ ୨ ହଜାର ଟଙ୍କା ଲେଖାଏ ନେଇ ସୋନାଲି ଓ ସୁମତୀଙ୍କ ହାତଗୋଡ଼ ବାନ୍ଧିଦେଇ ସେଠାରୁ ପଳାଇଯାଇଥିଲେ। ପରେ ବିଳମ୍ବିତ ରାତିରେ ଦେବାଶିଷ ଏକ ପଥର ଏବଂ କୁରାଢ଼ିରେ ଛେଚି ଅତି ନିର୍ମମ ଭାବେ ମା' ଝିଅଙ୍କୁ ହତ୍ୟାକରିଥିଲେ। ଅପରାଧକୁ ଲୁଚାଇବା ପାଇଁ ଶବକୁ ପଲିଥିନରେ ଘୋଡ଼ାଇ ପୂର୍ବରୁ ଖୋଳାଯାଇଥିବା ଗାତରେ ପୋତି ଦେଇ ସେହି ସ୍ଥାନରେ କଦଳୀଗଛ ଲଗାଇଦେଇଥିଲେ। ହତ୍ୟାକାଣ୍ଡ ବିଷୟରେ ଜାଣି ଚୁପ୍ ରହିଥିବା ଏବଂ ସହଯୋଗ କରିଥିବା ଅଭିଯୋଗରେ ଦେବାଶିଷଙ୍କ ମା' ଭାରତୀଙ୍କୁ ପୋଲିସ ଗିରଫ କରିଛି। ତେବେ ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ି, ପଥର ଏବଂ ପିନ୍ଧା ଲୁଗାପଟାକୁ ଅଦ୍ୟାବଧି ପୋଲିସ ଜବତ କରିପାରିନାହିଁ। ଘଟଣାରେ ଜଡ଼ିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମଧୁସ୍ମିତା ମହାନ୍ତି ପ୍ରକାଶ କରିଛନ୍ତି। ୧୧ ମାସର ଶିଶୁପୁତ୍ରର ଲାଳନପାଳନ ପାଇଁ ମୃତା ସୋନାଲିଙ୍କ ଭଉଣୀଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

## ନାବାଳିକାଙ୍କୁ ବଳାତ୍କାର: ଦୋଷୀଙ୍କୁ ୨୦ବର୍ଷ ଜେଲ

ସୁନ୍ଦରଗଡ଼,୧୮ (ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟର ପ୍ରିଜାଇଡିଂ ଅଫିସର ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ଭଷ୍ମା ଥାନା ଅଞ୍ଚଳର ଆନନ୍ଦ ମାଝୀ(୪୭)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩୫ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ଦେଢ଼ବର୍ଷ ଜେଲଦଣ୍ଡ ପାଇଁ କୋର୍ଟ ଆଦେଶ କରିଛନ୍ତି। ପୀଡ଼ିତାଙ୍କୁ ସରକାରଙ୍କ ତରଫରୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧୀକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିବରଣୀରୁ ପ୍ରକାଶ ଯେ, ଅଷ୍ଟମ ଶ୍ରେଣୀର ଛାତ୍ରୀ ଓ ସାମାନ୍ୟ ମାନସିକ ଭିନ୍ନକ୍ଷମ ଥିବା ଏହି ପୀଡ଼ିତା ଜଣକ ନିଜ ମା'ଙ୍କ ସହ ମାମୁଙ୍କ ଘରେ ରହି ପାଠ ପଢୁଥିଲେ। ୨୦୨୨ ଅଗଷ୍ଟ ୧୭ ସନ୍ଧ୍ୟାରେ ନାବାଳିକା ଘର ଆଗରେ ଥିବା ବେଳେ ଅଭିଯୁକ୍ତ ଆନନ୍ଦ ତାଙ୍କୁ ଗାଁ ପାଖ ବିଲକୁ ଟେକିନେଇ ବଳାତ୍କାର କରିଥିଲେ। ଏହି ସମୟରେ ପୀଡ଼ିତାଙ୍କ ମାଆଁ ତାଙ୍କୁ ଖୋଜି ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ପରେ ଏ ସମ୍ପର୍କରେ ପୀଡ଼ିତାଙ୍କ ମାମୁ ଭଷ୍ମା ଥାନାରେ ଅଭିଯୋଗ କରିବା ପରେ ଏକ ଅପହରଣ ଓ ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଶିଶୁକନ୍ୟାକୁ କିରୋସିନ ଢାଳି ବାପାଙ୍କ ହତ୍ୟା ଉଦ୍ୟମ

**ସିଗାରେଟ୍ ଚେଙ୍କ ବି ଦେଇଥିବା ଅଭିଯୋଗ ଆଣିଲେ ସ୍ତ୍ରୀ**

ପୁରୀ,୧୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଚନ୍ଦନପୁର ଥାନା ଅଧୀନ ବୀରନରସିଂହପୁର ଅଞ୍ଚଳରେ ଜଣେ ଯୁବକ ନିଜ ୫ମାସର ଝିଅକୁ କିରୋସିନ ଢ଼ାଳି ଜାଳି ଦେବାକୁ ଉଦ୍ୟମ କରିବା ସହ ତା' ଶରୀରରେ ସିଗାରେଟ ଚେଙ୍କ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଶୁକ୍ରବାର ଶିଶୁକନ୍ୟାର ମା' ଚନ୍ଦନପୁର ଥାନାରେ ନିଜ ସ୍ୱାମୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଯୁବକ ହେଲେ ବୀରନରସିଂପୁର ଅଞ୍ଚଳର ସୌମ୍ୟରଞ୍ଜନ ନାୟକ। ଅଭିଯୋଗ ଆଧାରରେ ପୋଲିସ ସୌମ୍ୟରଞ୍ଜନଙ୍କୁଥାନାକୁଆଣିଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କୁ ସୌମ୍ୟରଞ୍ଜନ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ସେ ଗର୍ଭାବସ୍ଥାରେ ଥିବାବେଳେ ସୌମ୍ୟରଞ୍ଜନ ତାଙ୍କ ପେଟକୁ ଗୋଇଠା ମାରି ଛୁଆ ନଷ୍ଟ କରିଦେବାକୁ ଉଦ୍ୟମ କରିଥିଲେ। ବର୍ତ୍ତମାନ ସୌମ୍ୟରଞ୍ଜନ ତାଙ୍କୁ ଏବଂ ତାଙ୍କ ୫ମାସର ଝିଅକୁ ମାରିଦେବାକୁ ଉଦ୍ୟମ କରୁଛନ୍ତି। ସେ ଝିଅକୁ କିରୋସିନ ଢ଼ାଳି ମାରିଦେବାକୁ ଚେଷ୍ଟା କରୁଥିଲେ। ତେବେ ଏହ ସମୟରେ ମହିଳା ଜଣକ କିରୋସିନି ଜାର୍ ଛଡ଼ାଇ ଆଣି ଫିଙ୍ଗିଦେଇଥିଲେ। ଏହାପରେ ସୌମ୍ୟରଞ୍ଜନ ଝିଅ ଦେହରେ ସିଗାରେଟ ଚେଙ୍କ ଦେଇ ବିଭିନ୍ନ ସ୍ଥାନରେ ଫୋଟକା କରିଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ସୌମ୍ୟରଞ୍ଜନଙ୍କ ବାପା ମଧ୍ୟ ଏଥିରେ ସହାୟତା କରି ଉଭୟଙ୍କୁ ମାରିଦେଲେ, ସେ ଜେଲରୁ ତାଙ୍କୁ ଆଣିବେ ବୋଲି ପୁଅଙ୍କୁ ବାରମ୍ବାର ଉସୁକାଉଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ମା'ଙ୍କୁ ଟାଙ୍ଗିଆରେ ହାଣି ହତ୍ୟାକଲା ପୁଅ

ଘଟଗାଁ,୧୮ (ରାଜେନ୍ଦ୍ର କୁମାର ପଣ୍ଡାନାୟକ)

**ଅନ୍ଧ ବିଶ୍ୱାସର କରୁଣ ପରିଣତି**

କେନ୍ଦୁଝର ଜିଲା ଘଟଗାଁ ଥାନା ନୋଲାଣ ରଙ୍ଗମାଟିଆ ସାହିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଜଣେ କଳିଯୁଗ ଜନ୍ମଦାତ୍ରୀ ମା'ଙ୍କୁ ପୁଅ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ସାହିର ରାଜି ସୋରେନ ଓରଫ ମୁଣ୍ଡା(୭୦)। ପୋଲିସ ଅଭିଯୁକ୍ତ ପୁଅ ସାଲଖାନ ସୋରେନଙ୍କୁ ଗିରଫ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ପୁଅ ସାଲଖାନଙ୍କ ସହ ମା'ଙ୍କ ଝଗଡ଼ା ହେଉଥିଲା। ଝଗଡ଼ା ବେଳେ ମା' ତାଙ୍କୁ ମରିବୁ ବୋଲି କୁହନ୍ତି। ଏହାରି ଭିତରେ ସାଲଖାନଙ୍କ ଗତ କିଛିଦିନ ହେବ ଅସୁସ୍ଥ ରହୁଥିଲା। ତେଣୁ ମରିବା କଥା ତାଙ୍କ ମନରେ ଅନ୍ଧବିଶ୍ୱାସ ଜନ୍ମାଇଥିଲା। ମା' ତାଙ୍କୁ ମାରିଦେବା ପାଇଁ କିଛି ଗୁଣିଗାରେଣି କରୁଛନ୍ତି ବୋଲି ଭାବି ତାଙ୍କୁ ଜୀବନରେ ମାରିଦେବାକୁ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ସକାଳେ ମା' ବିଲରେ ଧାନ ରୁଆ କାର୍ଯ୍ୟ କରୁଥିବା ବେଳେ ସାଲଖାନ ଏକ ଟାଙ୍ଗିଆରେ ପଛପଟୁ ମୁଣ୍ଡକୁ ହାଣି ହତ୍ୟା କରିଥିଲେ। ବିଲରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମା' ପଡ଼ିଥିବା ବେଳେ ଅଭିଯୁକ୍ତ ଘଟଗାଁ ଥାନାରେ ଆତ୍ମସମର୍ପଣ କରିଥିଲେ। ଘଟଗାଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଘଟଣାରେ ମାମଲା(ନଂ. ୩୧୭/୨୫) ରୁଜୁ ହୋଇ ତଦନ୍ତ ଚାଲିଥିବା ପୋଲିସ କହିଛି।

## ବଡ଼ଭାଇ ଫାଉଡ଼ା ମାଡ଼ରେ ସାନଙ୍କ ଜୀବନ ଗଲା

ଭବାନୀପାଟଣା/ଜୁନାଗଡ଼,୧୮ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ମହିଭର (ଖୁଡୁପଡ଼ା) ଗ୍ରାମରୁ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଧାନବିକ୍ରି ଅନ୍‌ଲାଇନ ପଞ୍ଜୀକରଣକୁ କେନ୍ଦ୍ର କରି ବଡ଼ଭାଇ ପ୍ରେମାନନ୍ଦ ନାଏକ(୫୦)ଙ୍କ ଫାଉଡା (ରଫା) ମାଡ଼ରେ ସାନ ଭାଇ ଲିଙ୍ଗରାଜ (୪୪)ଙ୍କ ଜୀବନ ଯାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନରେ ନିଜ ପୈତୃକ ଜମିର ଧାନ ବିକ୍ରୟ ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିବାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ବଡ଼ଭାଇ ପ୍ରେମାନନ୍ଦ ଉତ୍ତ୍ୟକ୍ତ ହୋଇ ଫାଉଡ଼ାରେ ଲିଙ୍ଗରାଜଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ଲିଙ୍ଗରାଜଙ୍କ ମୃତ୍ୟୁ ହୋଇଥିଲା। ଜୁନାଗଡ଼ ପୋଲିସ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲେ। ମୃତକଙ୍କ ସ୍ତ୍ରୀ ପ୍ରେମିଶୀଳା ତାଙ୍କ ସ୍ୱାମୀଙ୍କୁ ଦେଢ଼ଶୁର ପ୍ରେମାନନ୍ଦ ହତ୍ୟା କରିଥିବା ନେଇ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୫୧୩/୨୫) ରୁଜୁ କରି ଅଭିଯୁକ୍ତ ପ୍ରେମାନନ୍ଦଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଶନିବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ଜୁନାଗଡ଼ ଆଇଆଇସି ଶେଷଦେବ ବେହେରାଙ୍କଠାରୁ ସୂଚନା ମିଳିଛି।


**ZILLA SWASTHYA SAMITI, SAMBALPUR**
DISTRICT PROGRAMME MANAGEMENT UNIT,NHM
SAMBALPUR, ODISHA, 768002
E-mail: nhmsambalpur@gmail.com, Phone: (0663)- 2400441
Letter No.2018/DPMU/NHM Date:30.07.2025

**TENDER CALL NOTICE**

No.E-276: Sealed tenders are invited in the prescribed format from Interested/Reputed firms/agencies having adequate experience for printing and supply of IEC Materials, Forms and Register etc. for Health programme in the District Sambalpur. The eligible firms/agencies are requested to submit their bid documents to the office of the undersign on or before **18.08.2025 at 5.00 PM.** The details terms and conditions and formats will be available at district website www.sambalpur.odisha.gov.in **from 30.07.2025 to 18.08.2025 till 5 P.M**. The sealed tender will be opened on **dated 19.08.2025 at 11.00 AM** in the office chamber of the undersigned. The tender should be superscripted as **"Tender for Printing of IEC/BCC Materials 2025-26**. The undersigned reserves the right to reject any or all the quotations without assigning any reason thereof.

Sd./- CDM & PHO-cum- District Mission Director, Sambalpur
OIPR-10049/11/0019/2526



**Office of the Executive Engineer, Support Services Division,**
2nd Floor, Dam Safety Building, Secha Sadan, Bhubaneswar - 751001.
E-mail :eessdivision@gmail.com.

**QUOTATION CALL NOTICE NO.06/2025-26**

**No.A-444** : Sealed quotations are invited from eligible Firms Suppliers, and Dealers etc to supply of the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 12.08.2025, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 04.08.2025 to 3.00 PM of 12.08.2025 on payment of Rs. 100/- (Rupees One Hundred) only

| Sl. No. | Name of Work | Item | Paper Cost (Non Refundable) | Quotation Call Notice No. |
|---|---|---|---|---|
| 1 | Supply of One no. of Air Conditioner to the Staff Common Room of Jala Sechan Sanskrutika Parisada, in the O/o Engineer-in-Chief, WR, BBSR. | 01 No. | Rs.100.00 | 06(1)/2025-26 |
| 2 | Supply of two nos. of 8 Port Switch to the room no. 263 & 264 for the official use under CE, ISWI, in the O/o Engineer-in-Chief, WR, BBSR. | 01 No. | Rs.100.00 | 06(2)/2025-26 |
| 3 | Supply of Two nos. of Air Conditioner to the Room no. 305 and 347, in the O/o Engineer-in-Chief, WR, BBSR. | 01 No. | Rs.100.00 | 06(3)/2025-26 |
| 4 | Supply of Chairs to the Room no. 313 under CE, Water Services, in the O/o Engineer-in-Chief, WR, BBSR. | 02 Nos. | Rs.100.00 | 06(4)/2025-26 |
| 5 | Supply of six nos. of Wooden Chair and four nos. of Visiting Chair for the official use under CE, Procurement, in the O/o Engineer-in-Chief, WR, BBSR. | 02 Nos. | Rs.100.00 | 06(5)/2025-26 |

Sd./- Executive Engineer, Support Services Division, Bhubaneswar
OIPR-32447/11/0026/2526



GOVERNMENT OF ODISHA No.i-258
PR & DW, DEPARTMENT
**OFFICE OF THE PANCHAYAT SAMITI, KAMAKHYANAGAR**
BID DOCUMENT
BID IDENTIFICATION NO - 02/2025-26
**Tender call Notice No. Panchayat Samiti Office, Kamakhyanagar - 02/2025-26**

| | Name of Work | |
|---|---|---|
| 01 | Construction of Office Building with Market Complex of GPLF in Anlabereni GP | Rs.24,65,990.00 |
| 02 | Construction of Office Building with Market Complex of GPLF in Baruan (K) GP | Rs.24,65,990.00 |
| 03 | Construction of Additional Class Room at JKS United High School in Kotagara GP | Rs.14,45,314.00 |
| 04 | Construction of Additional Class Room at Ambabola Primary School in Baruan (K) GP | Rs.14,45,314.00 |
| 05 | Construction of Additional Class Room at Jagannathpur Primary School in Jagannathpur GP | Rs.14,64,784.00 |
| 06 | Construction of Additional Class Room at Dhobabahali Harijan Sahi Project Primary School in Tumusingha GP | Rs.14,64,784.00 |
| 07 | Construction of 50 MT Godown at Mahulpal PACs | Rs.13,75,219.00 |
| 08 | Construction of Office Building at Mahulpal PACs | Rs.10,56,407.00 |

Sd./- BLOCK DEVELOPMENT OFFICER KAMAKHYANAGAR
OIPR-19309/11/0004/2526



**NOTICE**

It is for information to all concerned that partnership firm M/s Sagar Sangam Hotel & Resort & Guest house bearing Regd No-2620202300055/23 having its principal place of business at back side of Hotel Sagar kanya Pvt Ltd, Shipa saru bali, sea beach puri, Odisha has been dissolved with effect from 20 April 2025 vide dissolution deed dated 16.5.2025 with following partners
1. Sibani Pattnayak
2. Swarnendu Sanu Pattnayak

Sibani Pattnayak
Managing partner
Sagar Sangam Hotel & Resort & Guest House



ପୌର ପରିଷଦ କାର୍ଯ୍ୟାଳୟ, ଜୟପୁର
**OFFICE OF THE MUNICIPAL COUNCIL, JEYPORE**
Phone No.: 06854-231098, e-Mail: ulbjeypore@gmail.com
Letter No. 3373 Date: 01.08.25

**QUOTATION CALL NOTICE**

No. C-794: Sealed quotation in plain paper/letter pad is invited from the interested registered firm/agency for supply of Jeypore Municipality 6 Nos. of Boy Spare Parts and Repairing & Maintenance of Jeypore Municiplaity. They can apply to this office as per specification which is mentioned below. This will be received by the undersigned upto 11.00 A.M. on Dt.08.08.2025 and will be opened at 4.00 P.M. on the same day if the last date of receipt and date of opening of quotation happens to be holiday, the next working day will be treated as last date of receipt and date of opening at the same time in presence of the quotation or their authorized agents. The authority reserves the right to accept or cancel any or all quotation without assigning any reason thereof.

| Sl. No. | Name of the Items | Quantity | Rate in Rs. | Amount in Rs. |
|---|---|---|---|---|
| 1 | Cy Gold BLDC 1500 Watt Motor | | | |
| 2 | Converter | | | |
| 3 | Key System | | | |
| 4 | Throttle | | | |
| 5 | Controller | | | |
| 6 | Gear Oil | | | |
| 7 | Mechanical Gear Breaker | | | |
| 8 | Wiring Kit | | | |
| 9 | Brake Shoe | | | |
| 10 | Bearing (Front/Back) | | | |
| 11 | Cable | | | |
| 12 | Socket | | | |
| 13 | Handle Bearing | | | |
| 14 | Battery Charger | | | |

Add: Packing and forwarding and delivery charged. GST Charges Extra @18%.

Sd./- Executive Officer Jeypore Municipality
OIPR-13079/11/0053/2526



**GOVERNMENT OF ODISHA**
**OFFICE OF THE PANCHAYAT SAMITI, RENGALI, SAMBALPUR**
E-mail : ori-rengali@nic.in
TENDER CANCELLATION NOTICE (E-TENDER)
Bid Identification No.P.S./REN/SBP/DEV/01/2025-26
No.3097 / Date. 31.07.2025

**CANCELLATION NOTICE**

**No.I- :** This is to inform all concerned that Tender Notice (e-tender) No. 2711, dated 05.07.2025, issued by the Office of the Panchayat Samiti, Rengali, Sambalpur, is hereby canceled with immediate effect due to some Technical Error.

Fresh Tender shall be invited shortly in the website www.tendersodisha.gov.in only.

Sd./- Block Development Officer Rengali
OIPR-15013/11/0067/2526



**GOVERNMENT OF ODISHA**
**OFFICE OF THE DISTRICT PROJECT COORDINATOR**
SARVASIKHYA AVIYAN, SAMBALPUR
E-Procurement Notice
Bid Identification No: SSA/SBP/CIVIL/01/2025-26
E-mail: dpcsamblpur.opepa@nic.in Phone/Fax-0663-2410834
No.166/CW/Dated 29.07.25

**No.n-112:** 1. The District Project Coordinator, SSA, Sambalpur on behalf of Governor of Odisha, invites Percentage Rate bids in Single & Double Cover System in ONLINE MODE for construction of Buildings, as detailed in the DTCN from the eligible Class of Contractors.
2. No. of Works: 09 (Nine)
3. Tender Cost: Rs.10,000/- & Rs.6000.00/-
4. Class of Contractor : "B" Class & "C" Class
5. Date and Time Available in website & receipt of Bids: 12.00 Hrs. of 04.08.2025 to 17.00 Hrs. of 16.08.2025.
6. Date of Opening of Tender : 20.08.2025 at 11.30 Hrs.
7. The Bidders have to participate in ONLINE bidding only. Further details can be seen from the Website www.tendersodisha.gov.in only.
8. Any Corrigendum/ Addendum will be displayed in the website www.tendersodisha.gov.in. only.

Sd./- District Project Coordinator SSA, Sambalpur
OIPR-27119/11/0002/2526



**ZILLA SWASTHYA SAMITI, KEONJHAR**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
(DSU CELL KEONJHAR)

**SHORT TENDER CALL NOTICE**

Advt. No. 1444 Date: 01.08.2025

No. E-280: Sealed tender is invited from the registered supplier/firm for supply of Kit, Consumable, Glass, Plastic Items, Instrument and equipment's under DPHL for the year 2024-25. The interested supplier/ firm having valid GST Regd. No. may be applied. The lists of the items are mentioned below in details. The term & condition of the tender may be downloaded from the website **www.kendujhar.odisha.gov.in**. The tender should reach to the office of the undersigned by 19.08.2025 at 5 P.M. through Speed Post/Regd. Post/Courier and which will be opened on the same day at 19.08.2025 at 5.30 P.M. DTU Conference Hall, NHM, Keonjhar. This office will not entertain any tender after the due date/time fixed for at any circumstances.
The undersigned reserves the right to reject any or whole tender without assignment any reason thereof.

Sd./- Chief District Medical & Public Health Officer, Keonjhar
OIPR-10033/11/0043/2526



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
ରେଙ୍ଗାଲି ବନ୍ଧ ବିଭାଜନ, ରେଙ୍ଗାଲି ବନ୍ଧ ପାର୍ଶ୍ୱ
**OFFICE OF THE SUPERINTENDING ENGINEER RENGALI DAM DIVISION, RENGALI DAM SITE**
ANGUL - 759105, e-mail : rengalidam@gmail.com
'e'-Procurement Notice No.SE-RDD-02/2025-26

**No.A-455** : The Superintending Engineer, Rengali Dam Division, Rengali Dam Site, on behalf of Hon'ble Governor of Odisha invites percentage rate contract on lined tender in the prescribed form to be eventually drawn in P.W.D. form No. F2 from Manufacturer of DG set or Electrical Contractor (HT/MV) registered with the State Government of Odisha or from contractors of equivalent grade /class registered with other State Government / Central Government / M.E.S. / Railways or other Government undertakings. All the contractors are to be registered in the State portal and must possess compatible digital signature certificate of Class-II and III for on line bidding.

| | | | |
|---|---|---|---|
| 1 | Name of Work | : | Supply, Installation, Testing and Commissioning of 250 KVA DG Set at Rengali Dam Site |
| 2 | No. of works | : | 01 (One) Nos of works |
| 3 | Estimated Cost | : | 30.69 Lakh (Excluding GST) |
| 4 | Cost of tender paper | : | **Rs.6000.00 (Non-refundable)** |
| 5 | EMD/Bid Security | : | **Rs.30,700.00 (Refundable)** |
| 6 | Class of contractor | : | Manufacturer of DG set or Electrical Contractor (HT/MV) |
| 7 | Period of Completion of work | : | 02 Calendar month |
| 8 | Date and time of availability of bid Document in the website | : | From 11.00 A.M. of Dt.05.08.2025 to 5.00 P.M. of Dt.16.08.2025 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.18.08.2025 at 11.00 A.M. in O/o the Superintending Engineer, Rengali Dam Division, rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : | Dt.21.08.2025 at 11.00 A.M. onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : | Superintending Engineer, Rengali Dam Division, At. Rengali Dam Site, P.O. - Rengali Dam Site, Dist. : Angul, Odisha, PIN-759105, Email Id - rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Superintending Engineer Rengali Dam Division, Rengali Dam Site
OIPR-32028/11/0009/2526



See Career Appointment on every Wednesday & Saturday



No. C-791
**OFFICE OF THE NOTIFIED AREA COUNCIL**
REMUNA, BALASORE
e-mail: remuna-nac@gov.in, Tel. No.: 06782-291978
Letter No. 1181 Dated: 31.07.25

| | | |
|---|---|---|
| 01 | Type of Work | Sanitation Work |
| 02 | No. of Work | 01 (One) No. |
| 03 | Class of Contractor | As per DTCN |
| 04 | Bid Identification No. | RN_02_2025-26 |
| 05 | Estimate Cost | 17.92 Lakhs |
| 06 | Date and time availability of bid documents in the portal | Dt.01.08.2025 at 10.00 A.M. to Dt.16.08.2025 upto 5.00 P.M. |
| 07 | Last date/time for receipt of bids in the portal | Dt.16.08.2025 upto 5.00 P.M. |
| 08 | Date of Opening Bid | Dt.18.08.2025 at 11.00 A.M. |
| 09 | Name and address of the Officer Inviting Bid | Executive Officer, NAC Remuna, Dist.: Balsore - 756019 Mail ID: remuna-nac@od.gov.in |

1. Any addendum/corrigendum/cancellation/erratum of tender can also be seen in the said website.
2. Further details can be seen from Government website **http://tenderodisha.gov.in**.

Sd./- Executive Officer, Remuna NAC
OIPR-13204/11/0019/2526



GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SAMBALPUR**
Phone No. (0663)-2412791(Off.), E-mail : eemisbp@yahoo.co.in
No. 2575/Date. 30.07.2025
'e' Procurement Notice
BID REF No. : SE, MID, SBP/02/2025-26
No.A-445

| | | |
|---|---|---|
| Name of work | : | Civil Construction works |
| No. of Works | : | 15 (Fifteen) Nos. |
| Estimated cost | : | Varies from approximately Rs.7.14 lakh to Rs.45.74 lakh for 15 Nos. of work (Rs.331.50 lakh) |
| Tender paper cost | : | Referred to DTCN |
| Period of completion | : | Referred to DTCN |
| Availability of bid through online | : | From **dt.13.08.2025 at 11.00 A.M. to dt.29.08.2025 up to 05.30 P.M.** in website (www.tendersorissa.gov.in) |
| Period of receipt of bid through online | : | From **dt.13.08.2025 at 11.00 A.M. to dt.29.08.2025 up to 05.30 P.M.** through online |
| Date of opening of bid documents | : | On **dt.30.08.2025 at 10.00 A.M.** onwards |
| Digital signature certificate of Bidder | : | The bidder must posses compatible digital signature certificate (DSC) of Class-II or Class-III |

**The detail tender call notice can also be seen in the DOWR website - http://dowrorissa.gov.in**

| | | |
|---|---|---|
| Name & Address of the OIT | : | Superintending Engineer, M.I.Division, Sambalpur At-Motijharan, P.O.-B.S.S. Nagar, Dist.-Smbalpur, PIN-768001, Ph : 0663-2412791, E-mail ID : eemisbp@yahoo.co.in |
| Further details can be seen from the e-Procurement market place | : | http://tendersorissa.gov.in |

Sd./- Superintending Engineer M.I.Division, Sambalpur
OIPR-32036/11/0019/2526



**ZILLA PARISHAD, BARGARH**
E-Mail ID : ori-dbargarh@nic.in, Telephone No. : 06646-234499
Letter No. : 3410 Date : 31.07.2025

**NOTICE INVITING TENDER**

**No.CAD-1355** : The Chief Development Officer-cum-Executive Office (CDO-cum-EO), ZP, Bargarh on behalf of District Administration, Bargarh, Odisha invites Tenders/Bids in two cover bid system for **"Request for Proposal for Operation & Maintenance of Food Processing Centers at Designated Site(s) on PPP Basis"**. The bids should reach the undersigned by speed post/ registered post. The last date for submission of tenders is **30.08.2025 up to 5.00 PM.** Details regarding terms & conditions and submission of bids can be downloaded from the district website of Bargarh: https://bargarh.odisha.gov.in.

| Sl. No. | Event Description | Date |
|---|---|---|
| 1 | Availability of Bidding Documents | 01.08.2025 |
| 2 | Pre-Bid conference | 08.08.2025 |
| 3 | Bid Due Date (Last date of submission of bids) | 30.08.2025 |
| 4 | Opening of Technical Bids | 01.09.2025 |
| 5 | Date of Technical Presentation | 03.09.2025 |
| 6 | Announcement of qualified Bidders | 04.09.2025 |
| 7 | Opening of Financial Bids | 06.09.2025 |
| 8 | Letter of Award (LOA) | 08.09.2025 |
| 9 | Signing of Concession Agreement | Within 15 days of award of LOA |

Sd./- CDO-cum-EO Zilla Parishad, Bargarh
OIPR-19244/11/0004/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ଚିତ୍ତରଞ୍ଜନ
ପରିବାରବର୍ଗ


ବଣ୍ଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜୁଲାଇରେ ୧.୯୬ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ,୧।୮**

ଚଳିତ ଆର୍ଥିକ ବର୍ଷର ଚତୁର୍ଥ ମାସରେ ପ୍ରାୟ ୧.୯୬ ଲକ୍ଷ କୋଟି (୧,୯୫,୭୩୫ କୋଟି ଟଙ୍କା)ର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷର ଚତୁର୍ଥ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ରେକର୍ଡ ପରିମାଣ ହୋଇଥିଲାବେଳେ

## ବାର୍ଷିକ ଭିତ୍ତିରେ ୭.୫% ବୃଦ୍ଧି

୨୦୨୫ ଜୁଲାଇରେ ୧,୯୫,୭୩୫ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ କରାଯାଇଥିବା ଟିକସ ପରିମାଣ ୧,୮୨,୦୭୫ କୋଟିଠାରୁ ଏହା ବାର୍ଷିକ ଭିତ୍ତିରେ ୭.୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି




୨୦୨୫-୨୬ ଆର୍ଥିକ ବର୍ଷର ୪ର୍ଥ ମାସରେ ମୋଟ ୧,୯୫,୭୩୫ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୫,୪୭୦ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସଟି) ବାବଦକୁ ୪୪,୦୫୯ କୋଟି ଆଦାୟ ହୋଇଛି। ଏପରିକି ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି (ଆଇଜିଏସ୍‌ଟି) ବାବଦକୁ ମୋଟ ୧,୦୩,୫୨୬ ଟଙ୍କା ଏବଂ ସେସ୍ ବାବଦରେ ୧୨,୬୩୦ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି। ସେହିପରି କେନ୍ଦ୍ର ସରକାର ୨୦୨୫ ଜୁଲାଇରେ ମୋଟ ୧,୯୫,୭୩୫ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ଆକାରରେ ସଂଗ୍ରହ କରିଥିଲାବେଳେ ସେଥିମଧ୍ୟରୁ ଘରୋଇ ରାଜସ୍ୱ ପ୍ରାୟ ୧,୪୩,୦୨୩ ଲକ୍ଷ କୋଟି ଏବଂ ରପ୍ତାନି ବାବଦୀୟ ରାଜସ୍ୱ ୫୨,୭୧୨ କୋଟି ଅନ୍ତର୍ଭୁକ୍ତ ରହିଛି। ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷର ୪ର୍ଥ ମାସରେ (୨୦୨୫ ଜୁଲାଇ) ଓଡ଼ିଶାରୁ ମୋଟ ୪୯୯୧ କୋଟି ଟଙ୍କାର ରାଜସ୍ୱ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ରାଜ୍ୟରୁ ମୋଟ ୪୯୨୫ କୋଟି ଟଙ୍କା ଟିକସ ସଂଗ୍ରହ ହୋଇଥିଲା। ଗତ ଆର୍ଥିକ ବର୍ଷ ତୁଳନାରେ ରାଜ୍ୟରୁ ଚଳିତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ୧%ରୁ ଅଧିକ ଟିକସ ରାଜସ୍ୱ ଆକାରରେ ଜିଏସ୍‌ଟି ଆଦାୟ କରାଯାଇଛି।

# କେ.ଜେ. ପଟେଲ ଇଫ୍‌କୋର ନୂଆ ଏମ୍‌ଡି


କେ.ଜେ. ପଟେଲଙ୍କୁ ଇଫ୍‌କୋର ଚେୟାରମ୍ୟାନ ଦିଲୀପ ସଂଘାନି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଉଛନ୍ତି।

**ନୂଆଦିଲ୍ଲୀ,୧।୮ (ଅଭୟ ଦାଶ)**

ଇଣ୍ଡିଆନ ଫାର୍ମସ ଫର୍ଟିଲାଇଜର କୋଅପରେଟିଭ (ଇଫ୍‌କୋ)ର ନୂତନ ମ୍ୟାନେଜିଂ ଡାଇରେକ୍ଟର (ଏମ୍‌ଡି) ଭାବେ କେ.ଜେ. ପଟେଲ ନିକଟରେ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଇଫ୍‌କୋର ଡାଇରେକ୍ଟର (ଟେକ୍‌ନିକାଲ) ଭାବେ କାର୍ଯ୍ୟ କରୁଥିଲେ। ସାର ଶିଳ୍ପରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ରହିଛି। ଅପରପକ୍ଷରେ ଇଫ୍‌କୋର ଚେୟାରମ୍ୟାନ ଦିଲୀପ ସଂଘାନି ଇଫ୍‌କୋର ନୂତନ ମ୍ୟାନେଜିଂ ଡାଇରେକ୍ଟର ଭାବେ ପଟେଲଙ୍କ ନାମ ଘୋଷଣା କରିଥିଲେ। ପଟେଲ ସୌରାଷ୍ଟ୍ର ୟୁନିଭର୍ସିଟିର ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ବିଶେଷକରି ନାଇଟ୍ରୋଜେନ୍‌ସ ଓ ଫସ୍‌ଫେଟିକ୍ ଫର୍ଟିଲାଇଜର ପ୍ଲାଣ୍ଟଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣରେ ତାଙ୍କର ୩୨ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରହିଛି। ଭାରତର ସର୍ବବୃହତ୍ କମ୍ପ୍ଲେକ୍ସ ସାର କାରଖାନା ତଥା ପାରାଦୀପ ପ୍ଲାଣ୍ଟର ସେ ନେତୃତ୍ୱ ନେଉଥିଲେ। ସେହିଭଳି ଇଫ୍‌କୋର ନୂଆ ଏମ୍‌ଡି ପଟେଲଙ୍କୁ ଚେୟାରମ୍ୟାନ ସଂଘାନି ସ୍ୱାଗତ କରିବା ସହ କହିଛନ୍ତି, ତାଙ୍କର ଶିଳ୍ପ ସମ୍ପର୍କିତ ଗଭୀର ଜ୍ଞାନ, ପ୍ରମାଣିତ ରଣକୌଶଳାତ୍ମକ ଚିନ୍ତନ ଆଭିମୁଖ୍ୟ ରହିଛି। ଯାହା ଇଫ୍‌କୋର ଲକ୍ଷ୍ୟ ସମୂହ ସହ ମେଳ ଖାଉଛି। ସେହିପରି ଦିଲୀପ ସଂଘାନି ମଧ୍ୟ ବିଦାୟୀ ଏମ୍‌ଡି ଡ. ୟୁ.ଏସ୍. ଅୱସ୍ଥିଙ୍କୁ ଇଫ୍‌କୋ ଓ ସମଗ୍ର ଦେଶରେ କୃଷକ ସମୁଦାୟଙ୍କ ପ୍ରତି ବହୁମୂଲ୍ୟ ଅବଦାନ ଓ ଉତ୍ସର୍ଗୀକୃତ କାର୍ଯ୍ୟ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି।

# କମିଲା କମର୍ସିଆଲ ଗ୍ୟାସ ଦର

**ନୂଆଦିଲ୍ଲୀ,୧।୮**

କ୍ରମାଗତ ଭାବେ ଘରୋଇ ବଜାରରେ କମର୍ସିଆଲ ଗ୍ୟାସ (୧୯କେଜି) ର ଦର ପରିବର୍ତ୍ତନ ହେଉଥିବା ବେଳେ ଘରୋଇ ଗ୍ୟାସ (୧୪.୨ କିଗ୍ରା) ର ଦର ପୂର୍ବ ପରି ସ୍ଥିର ରହିଛି। ଚଳିତ ବର୍ଷ ଅଗଷ୍ଟ ପହିଲାରୁ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ (୧୯ କେଜି) ଦର ୩୪ ଟଙ୍କା କମିଥିଲାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ ଦର ୩୩.୫୦ ଟଙ୍କା ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ ବିପଣନକାରୀକମ୍ପାନୀଗୁଡିକ ପକ୍ଷରୁ ଚଳିତ ମାସର ନୂତନ ଗ୍ୟାସ ଦର ସୂଚୀ (ନୂଆ ଦର) ଶୁକ୍ରବାର ଠାରୁ ଲାଗୁ କରାଯାଇଛି। ଏପରିକି ନୂତନ ଦର ସୂଚୀ ଅନୁଯାୟୀ ଭୁବନେଶ୍ୱର ସହରରେ କମର୍ସିଆଲ ଗ୍ୟାସ (୧୯ କେଜି) ଦର ୩୪ ଟଙ୍କା କମି ୧୭୭୫ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ କମର୍ସିଆଲ ଗ୍ୟାସ (୧୯କେ.ଜି) ଦର ୧୮୦୯ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ (୧୪.୨ କେ.ଜି) ଦର ପୂର୍ବ ପରି ୮୭୯ ଟଙ୍କାରେ କାରବାର ହେଉଛି। ସେହିଭଳି ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ (୧୯କେଜି) ଦର ୩୩.୫୦ ଟଙ୍କା ହ୍ରାସ ଘଟି ୧୬୩୧.୫୦ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ (୧୪.୨ କିଗ୍ରା) ଦର ୮୫୩ ଟଙ୍କାରେ ରହିଛି। ସେହିପରି କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ଦେଶର ପ୍ରମୁଖ ମହାନଗର ଅଞ୍ଚଳରେ କମର୍ସିଆଲ ଗ୍ୟାସ (୧୯ କେଜି) ଦର ଯଥାକ୍ରମେ ୧୭୩୪.୫୦ ଟଙ୍କା, ୧୫୮୨.୫୦ ଟଙ୍କା ଏବଂ ୧୭୮୯ ଟଙ୍କାରେ କାରାବାର ହେଉଥିଲାବେଳେ ଉପରୋକ୍ତ ମହାନଗରଗୁଡିକରେ ଘରୋଇ ଗ୍ୟାସ ଦର ଯଥାକ୍ରମେ ୮୭୯ ଟଙ୍କା, ୮୫୨.୫୦ ଟଙ୍କା ଏବଂ ୮୬୮.୫୦ ଟଙ୍କାରେ ବିକ୍ରି ହେଉଛି।

# ଅଲ୍ ନ୍ୟୁ ଟାଟା ହାରିଅର.ଇଭିର ଅନାବରଣ

**ଭୁବନେଶ୍ୱର,୧।୮**



କଟକର ଗୁଗ୍‌ନାନି ଅଟୋ କାର୍ ଶୋ'ରୁମ୍‌ରେ ଶୁକ୍ରବାର ଟାଟା ମୋଟର୍ସର ନୂଆ ହାରିଅର ଇଭିର ଅନାବରଣ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଟାଟା ମୋଟର୍ସ ଇଲେକ୍ଟ୍ରିକ ମୋବିଲିଟର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ଟାଟା ହାରିଅର.ଇଭି'ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ତଥା କଟକ ପ୍ରତାପନଗରୀସ୍ଥିତ ଗୁଗ୍‌ନାନି ଅଟୋ କାର୍ ଶୋ'ରୁମ୍ ପକ୍ଷରୁ ଶୁକ୍ରବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗୁଗ୍‌ନାନି ଅଟୋ କାର୍‌ର ରାଜନ ଗୁଗ୍‌ନାନି, ଯସ୍‌ନୀତ ଗୁଗ୍‌ନାନିଙ୍କ ସମେତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ ଅଶ୍ୱିନ୍ ପ୍ରହରାଜ, ଟାଟା ମୋଟର୍ସର ଏରିଆ ମ୍ୟାନେଜର ଅଭିଷେକ ଚକ୍ରବର୍ତ୍ତୀ ଏବଂ ଆଇଡିବିଆଇ ବ୍ୟାଙ୍କର ମହାପ୍ରବନ୍ଧକ ମନୋଜ କୁମାର ସେନାପତି ପ୍ରମୁଖ ମିଳିତ ଭାବେ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ।

ସେହିଭଳି ଏହି ନୂତନ କାର୍‌ରେ ଅନେକ ବୈଶିଷ୍ଟ୍ୟତା ସାମିଲ ରହିଛି। ଏହା ଅଟୋ ମୋବାଇଲ ଇଣ୍ଡଷ୍ଟ୍ରିରେ ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି। ଏହି ମଡେଲ ସୁପର କାର୍ ଗିୟରର ଅନୁଭୂତି ସହ ଡୁଆଲ ମୋଟର ପାୱାରଟ୍ରେନ୍ ୨୩୮ ପିଏସ୍ ଉପଲବ୍ଧ ରହିଛି। ଏହା ମାତ୍ର ୬.୩ ସେକେଣ୍ଡରେ ୦ରୁ ୧୦୦କିଲୋମିଟର ପ୍ରତି ଘଣ୍ଟା ଗତି କରିଥାଏ। ଏଥିରେ ୭୫କିଲୋ ୱାଟ୍ ବ୍ୟାଟେରି ରହିଛି। ଏହା ମାତ୍ର ୧୫ ମିନିଟ୍ ଚାର୍ଜରେ ୨୫୦ କି.ମି.ର ଯାତ୍ରା ଅନୁଭୂତ କରାଇଥାଏ।

ସେହିଭଳି ଏହା ସିଟି ଡ୍ରାଇଭ ସହ ଅପ୍-ଲୋଡିଂରେ ମଧ୍ୟ ଉତ୍ତମ ସୁବିଧା ଏବଂ ଆରାମଦାୟକ ଯାତ୍ରା ପାଇଁ ଫ୍ରିକ୍ୱେନ୍ସି ଡିପେଡାଣ୍ଟ ଡ୍ୟାମ୍ପିଂ ସସ୍‌ପେନ୍‌ସନ ସହ ୫୦୪ ଏନ୍‌ଏମ୍ ଟର୍କ ଏବଂ ଏକ୍ସଡବ୍ଲ୍ୟୁଡି ଡୁଆଲ ମୋଟର ସହ ଉପଲବ୍ଧ ରହିଛି। ଏହାକୁ ସବୁ ପ୍ରକାର ରାସ୍ତା ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି। ଏଥିରେ ୪ଟି ଆକର୍ଷଣୀୟ ରଙ୍ଗ ଏବଂ ଗ୍ରାଉଣ୍ଡ କ୍ଲିୟରାନ୍ସ ମଧ୍ୟ ରହିଛି। ଏଥିସହ ଟାଟା ମୋଟର୍ସର ଗ୍ରାହକ ସନ୍ତୁଷ୍ଟିର ପ୍ରତିବଦ୍ଧତା ପାଇଁ ଏଥିରେ ଲାଇଫ୍‌ଟାଇମ୍ ୱାରେଣ୍ଟି ମଧ୍ୟ ପ୍ରଦାନ କରାଯାଉଛି।

ଅପରପକ୍ଷରେ କଟକ ପ୍ରତାପନଗରୀସ୍ଥିତ ଗୁଗ୍‌ନାନି ଟାଟା ଶୋ'ରୁମ୍‌ରେ ଏହାର ଅଗ୍ରିମ ବୁକିଂ ଉପଲବ୍ଧ। ଏହି ମଡେଲ ଗ୍ରାହକଙ୍କୁ ଆକୃଷ୍ଟ କରିପାରିବ ବୋଲି ଶୋ'ରୁମ୍ ପକ୍ଷରୁ ଆଶା କରାଯାଉଛି।

# ସେବିର ନିବେଶକ ସଚେତନତା ଅଭିଯାନ


## ଜନ୍ମଦିନ ଶୁଭେଚ୍ଛା



**ରଶ୍ମିରଞ୍ଜନ (ବଣ୍ଟି)**
ସୁଦୁସାଇଲୋ, ସାଇଲୋ ବଡ଼ବିଲି, କଟକ
୧୯ତମ ଜନ୍ମତିଥିରେ ଶଙ୍କର, ପାର୍ବତୀଙ୍କ ଆଶୀର୍ବାଦରୁ ତୋର ଶରୀର ସୁଖମୟ ହେଉ। ଶୁଭେଚ୍ଛା ସହ- କେଜେବାପା, କେଜେମା, ପିଣ୍ଟୁ ଭାଇ, ଭିକିଭାଇ, ଅନିଲଭାଇ, କାବେରୀଦିଦି, ପପୁଦିଦି, ବାପା, ବୋଉ
ଧ-୧୫୧୭


**ଭୁବନେଶ୍ୱର,୧।୮:** ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ପକ୍ଷରୁ ସର୍ବଭାରତୀୟସ୍ତରରେ ଏକ ନିବେଶକ ସଚେତନତା ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏପରିକି ହାସ୍‌ଟ୍ୟାଗ୍ ସେବି ବନାମ ଦୁର୍ନୀତି ଶୀର୍ଷକ ଏକ ଜାତୀୟସ୍ତରୀୟ ନିବେଶକ ସଚେତନତା ଅଭିଯାନ/କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହା ନିବେଶକମାନଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ଠକେଇ ସମ୍ପର୍କରେ ସଚେତନ କରିବା ଏବଂ ସେମାନଙ୍କୁ ସେଥିରୁ ସୁରକ୍ଷିତ ରଖିବା ପାଇଁ ଲକ୍ଷ୍ୟ ରଖିଛି। ସେହିଭଳି ସେବିର ମାର୍ଗଦର୍ଶନ ଓ ନିୟାମକୀୟ ତତ୍ତ୍ୱାବଧାନରେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏନ୍‌ଏସ୍‌ଇ) ଏହି କ୍ୟାମ୍ପେନକୁ ସମର୍ଥନ କରିବା ପାଇଁ ଏକ ବିସ୍ତୃତ ନିବେଶକ ସୁରକ୍ଷା ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସୁରକ୍ଷିତ ନିବେଶ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସୁଚିନ୍ତିତ ନିଷ୍ପତ୍ତି ନେବା ପାଇଁ ନିବେଶକଙ୍କୁ ସଶକ୍ତ କରିବାକୁ ଚାହୁଁଛି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୧।୮**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୮୬ (୫୮୫.୬୭) ପଏଣ୍ଟ ହ୍ରାସ ଘଟି ୮୦,୬୦୦ (୮୦,୫୯୯.୯୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୦୩ (୨୦୩.୦୦) ପଏଣ୍ଟ କମି ୨୪,୫୬୫ (୨୪,୫୬୫.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଇକ୍ୱିଟି ସେଭିଙ୍ଗସ ଫଣ୍ଡର ଶୁଭାରମ୍ଭ

**ଭୁବନେଶ୍ୱର,୧।୮**

ବଜାଜ ଫିନସର୍ଭ ଏଏମସି ପକ୍ଷରୁ ଏକ ଓପନ-ଏଣ୍ଡେଡ ସ୍କିମ ବଜାଜ ଫିନସର୍ଭ ଇକ୍ୱିଟି ସେଭିଙ୍ଗ୍‌ସ ଫଣ୍ଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି ଯାହା ଇକ୍ୱିଟି, ମଧ୍ୟସ୍ଥ ଲାଭ ଓ ଋଣ ଉତ୍ପାଦଗୁଡିକରେ ନିବେଶ କରିଥାଏ। ଏହି ନୂତନ ଫଣ୍ଡ ଅଫର (ଏନଏଫଓ) ୨୦୨୫ ଅଗଷ୍ଟ ୧୧ରେ ବନ୍ଦ ହେବ। ଏ ସମ୍ପର୍କରେ ବଜାଜ ଫିନସର୍ଭ ଏଏମସିର ପରିଚାଳନା ନିର୍ଦ୍ଦେଶକ ଗଣେଶ ମୋହନ କହିଛନ୍ତି, ବଜାଜ ଫିନସର୍ଭ ଇକ୍ୱିଟି ସେଭିଙ୍ଗ୍‌ସ ଫଣ୍ଡ ନିବେଶକଙ୍କୁ ଏକ ସନ୍ତୁଳିତ ଆଭିମୁଖ୍ୟ ମାଧ୍ୟମରେ ଆର୍ଥିକ ବିଶ୍ୱାସ ଓ ଏକ ସ୍ଥିର ସମ୍ପତ୍ତି ସୃଷ୍ଟି ସୁଯୋଗ ଦେଇଥାଏ। ଅଭିବୃଦ୍ଧି-ଆଧାରିତ ଇକ୍ୱିଟି, ସ୍ଥିର ଋଣ ଓ କମ୍ ରିସ୍କର ମଧ୍ୟସ୍ଥି ଲାଭକୁ ଏକତ୍ରିତ କରି ଏହା କମ୍ ଅସ୍ଥିରତା ସହ ନିରନ୍ତର ରିଟର୍ଣ୍ଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।


# Classified Everyday

**0674-2580101, 9692975378**



**REAL ESTATE**
**SALE**

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

BDA Approved Apartment Near Sum Hospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

**A gharabari corner plot at Brahmanjharilo near Phulanakhara, Cuttack, 1560sft. 20lakhs including registration & compoundwall. 7809525452.** D-76478

ଭୁବନେଶ୍ୱର AIIMS MEDICAL ପାଖରେ B.D.A Town Planning, Road 30ft, Electricity, Yellowzone ଘରବାଡ଼ି ପାଚେରି ସହ ପ୍ଲଟ ମିଳୁଅଛି। (No broker). 9437537549, 7735595306. D- 1515




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

500Sft Carpet area Ground floor and 1000Sft carpet area 1st floor for commercial/office purposes at Plot No.- 280, Saheed Nagar, Near Sai Temple. Interested person may contact Mob- 9937152700 D-1511

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open health benefits SPA special Offer @ 799 Bapujinagar. 7327058897. D-76931

Positively health benifits SPA expert female therapist homely atmosphere. 9114559830. D-1516

**LOST**

I, Manmeet Singh Chhabda, S/o- Surjeet Singh Chhabda, R/o- Khariar Road, Ward No.- 10, P.S.- Jonk, Dist- Nuapada have lost the original sale deed vide No.- 1777/2005 somewhere on date 04.11.2024. Till date I have not found the same and reported at Jonk Police Station G.D. No.- 009, date 31.07.2025. D-1510

ମୁଁ ଶ୍ରୀ ବିଚିତ୍ର କୁମାର ନାୟକ (୪୬), ପିତା- ସ୍ୱର୍ଗତ ଭ୍ରମରବର ନାୟକ, ଗ୍ରା- ଆମ୍ବସୌରୀ, ପୋ/ଥା- ବାଲିଚନ୍ଦ୍ରପୁର, ଜି- ଯାଜପୁର ଜଣାଉ ଅଛିକି ଗତ ୨୩।୦୭।୨୫ ଦିନ ସନ୍ଧ୍ୟା ସମୟରେ ମୁଁ ବାଲିଚନ୍ଦ୍ରପୁର ବଜାରକୁ ଜେରକ୍ସ କରିବାକୁ ଯାଇଥିବା ସମୟରେ ମୋର ଜମିର ଦଲିଲ ତିନି ଗୋଟି RSD No.- 1281, dated- 05.09.2008, RSD No.- 250, dated- 25.02.2008, RSD No.- 10791201853, dated- 28.09.2012 ହଜି ଯାଉଛି। ଉକ୍ତ ଦଲିଲ ବନ୍ଧକ ରଖି ଭାରତୀୟ ଷ୍ଟେଟ ବ୍ୟାଙ୍କ ବିଦ୍ୟାଧରପୁର ଶାଖାରୁ ଋଣ ଆଣିବି। ୯୪୩୭୯୬୬୪୨୫ D- ୧୫୦୯

**AFFIDAVIT**

**I, Sahnaz Bari, W/o- Late Sk Abdul Bari, resident at Plot No.- 146, Chintamaniswar area, Canal road, Dist- Khordha, Bhubaneswar- 751006, Odisha, declare by this affidavit CFN- 96, dtd- 26.06.2025, that from now onwards, I shall be known as Shanaz Bari for all future purposes.** D-1513

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Cuttack Dated- 22.07.2025, I Sagir Ahamed, At- Gobindpur, P.O.- Jharakata, P.S.- Cuttack Sadar, PIN- 754112. I have declared that my son's sur- name has been corrected as Ahamed instated of Shaikh. Henceforth now the correct name is Shaikh Farhan Ahamed. D-1508

By virtue of an affidavit sworn before the Executive Magistrate, Hemgir, Dist.- Sundargarh, date- 04.02.2025, I, Damodara Padhan, R/o. Vill- Khunti Jharia, P.S.- Hemgir, Dist.- Sundargarh do hereby declare that the good name of my daughter is Naina Padhan which is recorded in her Aadhaar Card and Birth Certificate. That in the School leaving certificate her name is recorded as Nainarani Padhan, that Naina Padhan and Naina rani Padhan is a one and same person, that is my daughter. D-1514

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate G. Udayagiri, dated- 31.07.2025, I Rupali Pradhan, Village- Beredakia, P.O.- Beredakia, P.S.- Raikia, Dist.- Kandhamal, PIN- 762101, declare that I have changed the name of my daughter from Nigrasini Pradhan to Arohi Pradhan. Henceforth, she shall be known as Arohi Pradhan for all purposes. D-1507

By virtue of an affidavit before Notary Public, Kantabanji on 01.08.2025 that before marriage I known as Basanti Dharua, D/o- Kashinath Dharua which is mentioed in my Aadhaar Card and S.B. Account and after marriage to Siba Majhi of Village- Kirekela P.O.- Karlakote P.S.- Boden, Dist.- Nuapada, I updated my Aadhaar Card and known as Basanti Majhi, W/o- Siba Majhi, whereas Basanti Dharua and Basanti Majhi W/o- Siba Majhi is same and one person. D-1512

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଗନ୍ତବ୍ୟ



**ଗଳ୍ପ**

**ଭବାନୀ ଶଙ୍କର ଦାଶ**

ମୋ ସାମ୍ନା ସିଟ୍‌ରେ ସିଏ ବି ଝରକା ପାଖକୁ ଲାଗିକି ବସିଥିଲେ। ଦୁଇ ତିନୋଟି ଷ୍ଟେଶନ ଟପିଗଲା ଭିତରେ ଖୁବ୍ ଅମାୟିକ ଭାବେ ଅତି ପରିଚିତ ଭଳି ସିଏ ମୋ' ସହ କଥାହେଲେ। ମତେ ଲାଗୁଥିଲା ସିଏ ଯେମିତି ପ୍ରସ୍ତୁତ ହୋଇ ଆସିଥିଲେ ଗପିବା ପାଇଁ। ମୋର ବାଙ୍ଗାଲୋର ଯିବାର ଥିଲା ଏକାଏକା। ଭଲ ହେଲା, ଜଣେ ସୁନ୍ଦରୀ ଭଦ୍ର ମହିଳା ପୁଣି ପ୍ରଗଲ୍‌ଭା ମିଳିଗଲେ। ମୋର ଆସବାବପତ୍ର ସାମାନ୍ୟ ଅଧିକ ଥିଲା। ମାତ୍ର ଭଦ୍ର ମହିଳାଙ୍କ ହାତରେ ଥିଲା କେବଳ ଏକ ବଡ଼ ବ୍ୟାଗ୍। କାହିଁକି କେଜାଣି ହସକୁରୀ ସେ ମହିଳା ଜଣଙ୍କର ହସ ଭିତରୁ ତାଙ୍କ ଉଦ୍‌ବିଗ୍ନତା ବେଶ୍ ବାରିହୋଇ ପଡୁଥିଲା। ତଥାପି ସିଏ କଥାକଥାକେ ହସୁଥିଲେ। ବାରମ୍ବାର ପାଇଖାନା ଯାଉଥିଲେ। ଗଲାବେଳେ ତାଙ୍କ ବ୍ୟାଗ୍ ଉପରେ ନଜର ରଖିବାକୁ କହି ଯାଉଥିଲେ। ପାଇଖାନାରୁ ଫେରି ତାଙ୍କ ବ୍ୟାଗ୍‌କୁ ଜାବୁଡ଼ି ଧରୁଥିଲେ। ଯେତେବେଳେ ବ୍ୟାଗ୍‌କୁ ଧରୁଥିଲେ, ସେତେବେଳେ ଆପେ ଆପେ ତାଙ୍କ ଆଖିରୁ ଲୁହ ଟୋପା ଝରିପଡୁଥିଲା; ଯାହାକୁ ସେ ମୋ ଆଖିରୁ ଲୁଚାଇ ରଖିବାକୁ ଯଥାସାଧ ଚେଷ୍ଟା ବି କରୁଥିଲେ। କ୍ରମେ ଏଭଳି ତାଙ୍କ ରହସ୍ୟମୟ ଆଚରଣରେ ମୁଁ ବଶୀଭୂତ ହୋଇଯାଉଥିଲି।

ବହୁତ ପ୍ରଶ୍ନ ମୋ' ଓଠ ପଛପଟେ ଛଟପଟ ହେଉଥିଲେ ହେଁ ମୁଁ କିଛି ପଚାରିପାରୁ ନଥିଲି। ତଥାପି ନିଜର ଅସମ୍ବରଣୀୟ ଉତ୍ସୁକତାବଶତଃ ପଚାରିଦେଲି ଆପଣ କୋଉଠିକି ଯିବେ? ଉତ୍ତରରେ ଭଦ୍ର ମହିଳା କହିଲେ– 'ବିଶାଖାପାଟଣା'। ଟ୍ରେନ୍‌ର ଗତି ଦ୍ରୁତ ହେବା ସହ ମୋ' ହୃତ୍‌ସ୍ପନ୍ଦନ ବଢ଼ିବଢ଼ି ଯାଉଥାଏ। ସେତେବେଳକୁ ରାତି ପ୍ରାୟ ସାଢ଼େ ଦଶଟା ହେବ। ଭଦ୍ର ମହିଳା ଏଥର ମୁହଁ ଉପରେ ଆଉ ନିଜ ହସକୁ ଧରି ରଖି ପାରିଲେନାହିଁ। ଉଜାଣି କୋହର ଭାରରେ ଅତିଷ୍ଠ ହୋଇ ବାଥ୍‌ରୁମ ଗଲେ। ଏଥର ବି ତାଙ୍କ ବ୍ୟାଗ୍ ଉପରେ ନଜର ରଖିବାକୁ କହିକି ଗଲେ। ତା'ପରେ ଆଉ ଫେରିଲେ ନାହିଁ। ମୁଁ ଅପେକ୍ଷା କଲି। ସାରା ରାତି ବିତିଗଲା। ତଥାପି ତାଙ୍କର ଦେଖାନାହିଁ। ବିଶାଖାପାଟଣାରେ ଗାଡ଼ି ପହଞ୍ଚି ପୁଣି ଆଗକୁ ଚାଲିଲା। ଭଦ୍ର ମହିଳାଙ୍କର ଦେଖାନାହିଁ।

ଏଥର ତାଙ୍କ ବ୍ୟାଗ୍ ଉପରେ ଧ୍ୟାନ କେନ୍ଦ୍ରିତ କଲି। ମତେ ଲାଗିଲା ସେ ବ୍ୟାଗ୍‌ଟା ମଝିରେ ମଝିରେ ହଲୁଛି। ଭଦ୍ର ମହିଳା ଗଲେ କୁଆଡ଼େ? ରାତି ସାଢ଼େ ଗୋଟେ ବେଳେ ରାତି ଖାଦ୍ୟ ଖାଇନେଲି। ତା'ପରେ ଭାବିଲି ସେ ବ୍ୟାଗ୍‌କୁ ଅନ୍ୟ କିଏ କାହିଁକି ନବ ବରଂ ମୋ' ପାଖରେ ଥାଉ। ଭଦ୍ର ମହିଳା ବାଟ ବାଉଳା ହେଇଥିବେ କାଳେ। ଯା ଭାବି ସେ ବ୍ୟାଗ୍‌କୁ ଆଣି ମୋ' ସିଟ୍ ତଳେଥିବା ମୋ' ଜିନିଷପତ୍ର ସହ ଏକାଠି ଚେନ୍‌ରେ ବାନ୍ଧି ଦେଇ ଶୋଇଲି। ସେ ବ୍ୟାଗ୍‌ଟା ଥିଲା ଠିକ୍ ମୋ' କାନ ପାଖରେ। ପାହାନ୍ତା ପହରକୁ ସେ ବ୍ୟାଗ୍ ଭିତରୁ କିଛି ଅସ୍ପଷ୍ଟ କଣ୍ଠସ୍ୱର ଶୁଭିଲା। ଭାବିଲି ତା' ଭିତରେ କୁକୁର ଛୁଆଟେ ଅଛି। ବ୍ୟାଗ୍ ଭିତରେ ମଣିଷ ଛୁଆଟେ ଥିବା କଥାଟାକୁ ମୁଁ ବିଶ୍ୱାସ କରିପାରୁ ନଥିଲି। ମାତ୍ର ସ୍ପଷ୍ଟରୁ କ୍ରମେ ସ୍ପଷ୍ଟତର ହେଲା ସେ ଶିଶୁର କଣ୍ଠସ୍ୱର। ଯୁଗପତ୍ ଭୟ ଓ କୌତୂହଳପରବଶ ହୋଇ ବ୍ୟାଗ୍‌ଟିକୁ ଖୋଲିବା ଉଚିତ ହେବ ଭାବି ଖୋଲିଦେଲି। ସତରେ ତା' ଭିତରେ ଶିଶୁକନ୍ୟାଟିଏ ଥିଲା। କାନ୍ଦିଲେ ନ ଶୁଭିବା ପାଇଁ ତା' ପାଟିରେ ସରୁ ପତଳା ଅଠାର ଟେପ୍‌ଟିଏ ଲଗାଯାଇଥିଲା। ପାଖରେ ଥିଲା ଶିଶୁଖାଦ୍ୟଭର୍ତ୍ତି ପିଲାଙ୍କ ଖାଦ୍ୟ, ପାଣି ବୋତଲ ଓ ଥିଲା ଫର୍ଦ୍ଦେ କାଗଜରେ କେତେଧାଡ଼ି ଅବ୍ୟବସ୍ଥିତ ଲେଖା।

ହେ ମହାତ୍ମା, ଆପଣ ଏ ଚିଠି ପଢ଼ିଲାବେଳକୁ ଦୁଇଟି ଜୀବନରୁ ଗୋଟିଏ ହୁଏତ ଏ ଦୁନିଆରେ ନ ଥିବ। ବିବାହର ଗୋଟିଏ ବର୍ଷ ମଧ୍ୟରେ ଗର୍ଭରେ ଭ୍ରୂଣସଞ୍ଚାର ହେଲା ଓ ଯୌତୁକ ଆଳରେ ଖୁବ୍ ଅତ୍ୟାଚାରର ହେଲା ଅୟମାରମ୍ଭ। ମୋତେ ଓ ଗର୍ଭସ୍ଥ ଶିଶୁର ହତ୍ୟା ପାଇଁ ଅନେକ ଯୋଜନା ସ୍ୱାମୀଙ୍କ ତରଫରୁ କରାଯିବା ପରେ ବି ଆମେ ଦୁହେଁ ମରିପାରିଲୁ ନାହିଁ। ଛୁଆ ଜନ୍ମ ହେଲା ପରେ ବାରମ୍ବାର ତା' ଖାଦ୍ୟରେ ବିଷ ମିଶାଇଲା ମୋ' ଜହ୍ଲାଦ ସ୍ୱାମୀ। ଏପରିକି ନାଗସାପ ଆଣି ମୋ' ଶୋଇବା ଘରେ ଛାଡ଼ିଲା। ଆଉ କ'ଣ କରିଥାନ୍ତି। କୋଉ ମାଆ ଚାହେଁ ତା' ସାମ୍ନାରେ ତା' ସନ୍ତାନର ଅତ୍ୟାଚାରଜନିତ ଅପମୃତ୍ୟୁ? ଆଉ ସହିପାରିଲିନି। ମତେ ଓ ଛୁଆକୁ ମାରିବା ପଛରେ ତାଙ୍କର ଅସଲ ଉଦ୍ଦେଶ୍ୟ ଥିଲା ଭଲପାଉଥିବା ଅନ୍ୟ ଏକ ଝିଅକୁ ବିବାହ କରିବା। ତିନିଦିନ ତଳେ କନାଶେଯରେ ଗୁଡ଼ାଇ ଛୁଆକୁ ନେଇ ବାରିପଟ ପୋଖରୀ ହୁଡ଼ାରେ ଫିଙ୍ଗି ଦେଇଥିଲେ। ସେତେବେଳକୁ ରାତି ଦୁଇଟା। ଅନ୍ଧାରରେ ଛୁଆକୁ ଖୋଜି ପାଇଲି। ଆଉ ଘରକୁ ଫେରିନି। ସିଧା ଆସିଲି ଷ୍ଟେଶନକୁ। ଭାବିଥିଲି ଛୁଆକୁ ଧରି ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିବି ବୋଲି। ହେଲେ ପାରିଲିନି। ନିରୁଦ୍ଦିଷ୍ଟ ହେବାପାଇଁ ଟ୍ରେନ୍‌ରେ ବସିଲି। ଆଉ ତା'ପରେ ଆପଣ ଭେଟହେଲେ। ଯଦି ଆପଣ ଘୃଣା କରନ୍ତି, ତେବେ ଟ୍ରେନ୍‌ରେ ପିଲାଟାକୁ ଛାଡ଼ିଦେଇ ଯିବେ। ବଞ୍ଚିଲେ ବଞ୍ଚିବ ନହେଲେ ନାହିଁ। (ଇତି) ହତଭାଗିନୀ ମାଆ।

ଚିଠିରେ କାହାର ନାମ କି ଫୋନ୍ ନମ୍ବର ନଥିଲା। ପିଲାଟାର ପାଟିରୁ ଲଗାଯାଇଥିବା ପଟି ଖୋଲିଲି। ରାହାଧରି ପିଲାଟା କାନ୍ଦୁଥିଲା। ପାଖରେ ରଖାଯାଇଥିବା ବୋତଲରୁ ଖାଦ୍ୟ ଖୁଆଇଲି। ପିଲାର କାନ୍ଦ କମିଲା। ଯା ପରେ ମୋ' ଭିତରେ ଅଜସ୍ର କାନ୍ଦ ସୃଷ୍ଟି ହେଲା ଏଇ ପିଲାକୁ ନେଇ। ଧର୍ମତଃ, ଆଇନତଃ ଓ ନ୍ୟାୟତଃ ମୋର କର୍ତ୍ତବ୍ୟ କ'ଣ ହେବା ଉଚିତ ସ୍ଥିର କରିପାରୁ ନଥିଲି। ଗନ୍ତବ୍ୟ ସ୍ଥଳରେ ଟ୍ରେନ୍ ରହିଲା। ଆଗ ପିଲାଟାକୁ ଆଣି ପ୍ଲାଟ୍‌ଫର୍ମ ଉପରେ ଶୁଆଇ ମୋ' ଆସବାବପତ୍ର ବାହାରକୁ ଆଣି ଛୁଆକୁ କୋଳକୁ ନେବାକୁ ଖୋଜିଲି, ମାତ୍ର ଛୁଆ ନଥିଲା।

ମୋ:୮୯୧୭୬୨୪୩୮୬

## ପୁସ୍ତକ ପରିଚୟ

### ଓଡ଼ିଆ ସାହିତ୍ୟରେ ରାଧାନାଥ, ସତ୍ୟବାଦୀ ସବୁଜ ଓ ପ୍ରଗତିଯୁଗ




**ଲେଖକ:** ପ୍ର. ବୈଷ୍ଣବ ଚରଣ ସାମଲ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୬୦/-

ମୋଟ ପାଞ୍ଚଟି ପରିଚ୍ଛେଦରେ ପ୍ରଫେସର ସାମଲ ଓଡ଼ିଆ ସାହିତ୍ୟର ଚାରିଟି ଯୁଗ (ତାଙ୍କ ବିଚାରରେ)ର ପ୍ରମୁଖ କବି, ଲେଖକ ଓ ସେମାନଙ୍କର ପ୍ରମୁଖ ରଚନା ସହିତ ଯୁଗଭୁକ୍ତ ଗୌଣ ଲେଖକମାନଙ୍କ ସାହିତ୍ୟକୃତିର ଆଲୋଚନା କରିଛନ୍ତି ଏହି ପୁସ୍ତକରେ। ପରିଚ୍ଛେଦଗୁଡ଼ିକର ନାମକରଣ ହୋଇଛି ଏହିପରି- ଯଥା: ରାଧାନାଥ ଯୁଗ, ନବଯୁଗର କବି ଓ କବିତା, ସତ୍ୟବାଦୀ ଯୁଗ, ସବୁଜ ଯୁଗ ଓ ପ୍ରଗତି ଯୁଗ। ପୁସ୍ତକଟି ମୁଖ୍ୟତଃ ଓଡ଼ିଆ ଭାଷା-ସାହିତ୍ୟର ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ପ୍ରଣୀତ ହୋଇଛି। 'ମୋ ତରଫରୁ' ଶୀର୍ଷକ ଗଦ୍ୟଲେଖରେ ଲେଖକ କହିଛନ୍ତି: ''ଛାତ୍ରୀଛାତ୍ରମାନଙ୍କର ରୁଚି ଓ ଆହରଣ କ୍ଷମତାକୁ ଆଖିଆଗରେ ରଖି ଏହି ପୁସ୍ତକର ପରିକଳ୍ପନା କରାଯାଇଛି। ରାଧାନାଥ ଯୁଗ, ସତ୍ୟବାଦୀ, ସବୁଜ ଓ ପ୍ରଗତି ଯୁଗର ମୁଖ୍ୟ କବି ଓ ଲେଖକମାନଙ୍କ ସହିତ ଅନ୍ୟାନ୍ୟ ଗୌଣ କବି ଓ ଲେଖକମାନଙ୍କ ବିଷୟରେ ଆଲୋଚନା କରାଯାଇଛି।'' ଶିରୋନାମାରେ 'ସବୁଜ ଯୁଗ' ଉଲ୍ଲେଖ କରିବା ସତ୍ତ୍ୱେ ପ୍ରଫେସର ସାମଲ ସବୁଜ ସମ୍ପର୍କରେ ପ୍ରଫେସର ନିତ୍ୟାନନ୍ଦ ଶତପଥୀ ତାଙ୍କ 'ସବୁଜରୁ ସାଂପ୍ରତିକ' ଗବେଷଣାଗ୍ରନ୍ଥରେ ଦେଇଥିବା ମତକୁ ସମର୍ଥନ ଦେଇଛନ୍ତି ଓ କହିଛନ୍ତି: ''ସତ୍ୟବାଦୀ ଯୁଗର ଦ୍ୱିତୀୟ ଦଶନ୍ଧି ଆରମ୍ଭରୁ ସବୁଜ ଚେତନାର ହେଲା ଉନ୍ମେଷ। ଏହାକୁ କେତେକ ସବୁଜ ଯୁଗ ବୋଲି ଅଭିହିତ କରିଛନ୍ତି। ମାତ୍ର ଏହାକୁ ଯୁଗ ନ କହି ଯୁଗାଭାସ କୁହାଯିବା ସମୀଚୀନ।'' ଆଲୋଚନା ପୁସ୍ତକଟି ବିଦ୍ୟାର୍ଥୀମାନଙ୍କ ଜିଜ୍ଞାସା ମୋଚନରେ ଯେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ।

### ସୂଚୀପତ୍ର




**କବି:** ବିନୟ ଭୂଷଣ ମହାପାତ୍ର
**ପ୍ରକାଶକ:** ପେନ୍ ଇନ୍ ବୁକ୍ସ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୨୯/-

ମୋଟ ୪୪ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। କବିଙ୍କର ଏହା ପ୍ରଥମ କବିତା ସଂକଳନ। ପ୍ରକାଶକ ଶୁଭ୍ରାଂଶୁ ପଣ୍ଡା ପ୍ରଚ୍ଛଦଲେଖରେ କବିଙ୍କ ସମ୍ପର୍କରେ କହିଛନ୍ତି: ''ଆବେଗ ଓ ଆରତ ତାଙ୍କ କବିତାର ମୁଖ୍ୟ ଉପାଦାନ।'' କବି ନିଜ କବିତା ସମ୍ପର୍କରେ ସ୍ୱତନ୍ତ୍ର ଭାବେ କିଛି କହିନାହାନ୍ତି। ତାଙ୍କ ପାଇଁ ତାଙ୍କ କବିତା କହିଛି। ବହିରୁ କେତୋଟି ଉଦ୍ଧୃତି ଆମେ ନେବା କବିଙ୍କୁ ଚିହ୍ନିବା ପାଇଁ- ୧. ''ଲେଖାଅଛି ଏଠି ଅନୁଭୂତି ରସେ/ ଜୀବନର ପ୍ରତିଭାଗ,/ ମନ ଉପବନେ ଯୌବନ କୁସୁମ/ ଫୁଟି ଚହଟଇ ଦିଗ।/ ପ୍ରେମ ପ୍ରଣୟର ଅନ୍ତରଙ୍ଗ ସୂତ୍ରେ/ ହୃଦୟର ଅନୁରାଗ,/ କେତେବେଳେ ମିଳେ ଭବ୍ୟ ପୁରସ୍କାର/ ଆଉ କେବେ ଲାଗେ ଦାଗ।'' (ସୂଚୀପତ୍ର, ପୃ:୧୮), ୨. ''ଅଙ୍କ ବିଭାଜନ ଭାଜ୍ୟ ଏ ଜୀବନ/ ଭାଜକ ସମ୍ପର୍କ ରସ,/ ଭାଗଫଳ ସ୍ଥଳେ ଭାଗ୍ୟଫଳ ମିଳେ/ ମୃତ୍ୟୁ ସଦା ଭାଗଶେଷ।'' (ଜଟିଳ ଗଣିତ, ପୃ:୫୫), ୩. ''ଅଝଟ କପଟ ଛାଡ଼େ ନାହିଁ ବାଟ/ ଜୀବନର ରଣାଙ୍ଗନେ,/ ମଧୁର ସମ୍ପର୍କ କରିଦେଇ ନର୍କ/ ସ୍ୱାର୍ଥ ବଢ଼େ ଆୟତନେ।'' (ଜୀବନଯୁଦ୍ଧ, ପୃ:୧୨୨)। କବିଙ୍କ ଆଖି ଚାରିଦିଗକୁ ମେଲା। ଜୀବନ ଓ ଜଗତକୁ ସେ ମନବୋଧ କରି ଦେଖନ୍ତି। କିନ୍ତୁ ଅଭିଜ୍ଞତାକୁ କବିତା କଲାବେଳେ କବିଠାରୁ ଯେଉଁ ନିକ କବିତ୍ୱର ପ୍ରତ୍ୟାଶା ରଖାଯାଏ, ତାହା ସେ ପୂରଣ କରିପାରନ୍ତି ନାହିଁ। ତାଙ୍କ ପାଖରେ ପ୍ରସଙ୍ଗ ନାନାବିଧ ଓ ସେସବୁକୁ ଧରି ରଖିବା ପାଇଁ ଆବେଗର ମଧ୍ୟ ଊଣା ନାହିଁ। ନିରନ୍ତର ସାଧନା ଦ୍ୱାରା କବିତାରେ ନିଜର କମିପଣକୁ ଅତିକ୍ରମ କରି ସେ ଏକ ନୂଆ ପରିଚୟ ହୋଇପାରିବେ ବୋଲି ଆମେ ଆଶା କରିବା।

## କବିତା

### ଅଭୀପ୍ସିତ

**ଶୁଭସ୍ମିତା ତ୍ରିପାଠୀ**

ଏମିତି ଏକ ସମୟ ଆସୁ,
ଯେତେବେଳେ ତୁମ ପୃଥିବୀ
ଆଉ ମୋ' ପୃଥିବୀର ଜହ୍ନ
ଅଲଗା ଅଲଗା ନ ଉଇଁ
ଏକାଠି ଉଇଁବେ।

ସେତେବେଳେ ହେଉଥିବ ଗୋଟେ
ବାସ୍ନାବିଭୋର ରାତି
ସେତେବେଳେ ସବୁ ଫୁଲ ମିଛ,
ତାରାମାନେ ମିଛ
ଆଉ ଜହ୍ନକୁ ମିଛ କହି
ସତ ହେଇ ରହିବା ଖାଲି ଆମେ!

ଏମିତି ଏକ ସମୟ ଆସୁ,
ଯେତେବେଳେ ସକାଳ
ମହକିବ ହସଲୁହର କବିତାରେ
ଭୁଲିଯିବା ଆମେ
କେତେବେଳେ ପାହାଡ଼ ଫାଙ୍କରୁ ଉଇଁବ ସୂର୍ଯ୍ୟ,
ଆଉ ରାତିର ସ୍ୱପ୍ନରୁ ଝରୁଥିବ
ମୁଠାମୁଠା କାକର,
କାଶତଣ୍ଡୀର ଅଗଣାରେ
ଆମେ ଶୁଣୁଥିବା ଲୁଚିଲୁଚି
ହଳଦୀବସନ୍ତର ଗୀତ!

ଏମିତି ଏକ ସମୟ ଆସୁ,
ଆବେଗର କୃଷ୍ଣଚୂଡ଼ା ଗଛତଳେ ଶୋଇ
ଆମେ ଅପେକ୍ଷା କରିବା ଫୁଲ ଫୁଟିବାର ଋତୁ
କିଛି ନ ଥିବାର ଜୀବନରେ ଖୋଜିବା
ମହୁଫେଣାର ବାସ୍ନା,
କେତେ ମୁହଁ ଫୁଲେଇ ବସିଥିବା ଅଭିଯୋଗ
ଆଉ ଅଭିମାନର ପୃଷ୍ଠାରେ ଲେଖିବା
ଭଲପାଇବାର ଗଜଲ!

ଏମିତି ଏକ ସମୟ ଆସୁ,
ଘରକୋଣରୁ ଅଳନ୍ଧୁ ସଫା କଲାପରି
ଆମେ ପରସ୍ପରର ମନରୁ
ପୋଛି ଦେଉଥିବା ଦୁଃଖ,
ରାତି ରାତି ନ ଶୋଇ ଗଣି ବସିବା ତାରା,
ମେଘର ନୀଳ ଲଫାପାରେ ଦେବା
ପରସ୍ପରକୁ ଚିଠି।

ସାଉଁଟି ନେବା କେତେ କେଉଁ ବାସ୍ନାୟିତ କାଳ,
ମୁଁ ହେବି କାକର ବଦୁରା ଅଳସ ଉଦୟ
ଆଉ ତମେ ମୋ' ଅବୁଝା ଅସ୍ଥିର ଖରାବେଳ!

ଶିକ୍ଷୟିତ୍ରୀ, ବ୍ରହ୍ମପୁର, ଗଞ୍ଜାମ
ମୋ: ୮୪୮୦୮୬୭୧୯୦

### ରହୁ ରହୁ

**ଗଜାନନ ମିଶ୍ର**

କାରଣ ନାଇଁ କିଛି
ମୋ' କବିତା ଲେଖିବାର।
କିଛି ନାଇଁ କାରଣ
ଟୁଟାଫୁଟା ଆବାଜର।

କ'ଣ ଖୋଜୁଖୋଜୁ
ହଜାଇ ଚାଲିଛି ମୁଁ
ମୋ' ନିଜକୁ ଏଇଠି।
ଦୁଃଖ ଆଉ ସୁଖ
ଭୋଗୁଭୋଗୁ ମୁଁ ଇ
ଦେଖି ଶୁଣି ବିବଶ।

କାରଣ ନାଇଁ କିଛି
କହୁକହୁ ଚୁପ୍ ମୁଁ ବି!
ଏମିତି ବି ଖଣ୍ଡଖଣ୍ଡ
ଦିଶୁଦିଶୁ ଫୁଟା ତାରା।
ଏମିତି ବି ରହୁରହୁ
ଯାଏ ଶୁଖି ସବୁ ସମୁଦ୍ର।

ତପୋବନ, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୪୩୭୩୬୬୬୪୪

### ଗୀତି-କବିତା
### ତୁମେ ହିଁ କେବଳ ମୋର

**ବିଷ୍ଣୁମୋହନ**

ମନ ଝରଣାର ସ୍ୱଚ୍ଛ ସଲିଳ
ହୋଇନାହିଁ ପଙ୍କିଳ
କା' ଛାଇ ପଡ଼ିନି ନୀଳ ଜଳ ଦେହେ
ରହିଅଛି ନିରିମଳ।

ରୂପ ଲାବଣ୍ୟର ଶରୀର ତୁମର
ହୃଦ କରଇ ଫେନିଳ
ମନ ମନ୍ଦିରେ ଜାଳଇ ପ୍ରଦୀପ
ପ୍ରେମରେ କରି ସଜଳ।

ତୁମରି ଦେହର ରୂପ ଚିତ୍ରଣେ
ମନ ମୋ ଚଳଚଞ୍ଚଳ
ରୂପମୟ ସେହି ଯଉବନ ତବ
କରଇ ମୋତେ ପାଗଳ।

ଛାଡ଼ି ଚାଲିଗଲେ ଶିରାବଣ ମେଘ
ପରି ହେବି ଅଶ୍ରୁଳ
କୂଳ ଲଂଘିବ ଲୁହର ବନ୍ୟା
ହୋଇ ପ୍ରବଳୁ ପ୍ରବଳ।

ମୋ: ୭୨୦୫୭୫୮୨୫୫

## କାଳକାଳକୁ



**''ଯହିଁରେ ଭାବ ନାହିଁ, ଯାହା ରସହୀନ;**
**ତାହା ହୃଦୟ ନୁହେଁ, ପଥର।''**
**- ମୈଥିଳୀ ଶରଣ ଗୁପ୍ତ**

**ମୈଥିଳୀ ଶରଣ ଗୁପ୍ତ**ଙ୍କ ଜନ୍ମ ୩ ଅଗଷ୍ଟ ୧୮୮୬ରେ ଓ ପରଲୋକ ୧୨ ଡିସେମ୍ବର ୧୯୬୪ରେ। ସେ ଏକାଧାରରେ କବି, ରାଜନୀତିଜ୍ଞ, ନାଟ୍ୟକାର ଓ ଅନୁବାଦକ। ତାଙ୍କର ପ୍ରସିଦ୍ଧ କାବ୍ୟଗ୍ରନ୍ଥ ମଧ୍ୟରେ ଅନ୍ତର୍ଭୁକ୍ତ- 'ଜୟଦ୍ରଥ ବଧ' (୧୯୧୦), 'ଭାରତ ଭାରତୀ' (୧୯୧୨), 'ପଞ୍ଚବଟୀ' (୧୯୨୫), 'ସାକେତ' (୧୯୩୧), 'ଯଶୋଧାରା' (୧୯୩୨) ଓ 'ଦ୍ୱାପର' (୧୯୩୬)। ଭାରତୀୟ ସାହିତ୍ୟକୁ ଅମ୍ଳାନ ଅବଦାନ ପାଇଁ ଭାରତ ସରକାରଙ୍କ ଦ୍ୱାରା ୧୯୫୪ରେ ସେ 'ପଦ୍ମଭୂଷଣ'ରେ ସମ୍ମାନିତ। ମହାତ୍ମା ଗାନ୍ଧୀ ତାଙ୍କୁ 'ରାଷ୍ଟ୍ରକବି' ଭାବେ ସମ୍ବୋଧିତ କରୁଥିଲେ। ଖଡ଼ିବୋଲି ଭାଷାର ରଚନାକାର ଭାବେ ସେ ପ୍ରସିଦ୍ଧ ଥିଲେ।

# ମା'ଝିଅର ଆକାଶ

**ଲଘୁ ଗଳ୍ପ**

**ମହାଶ୍ୱେତା ସାହୁ**

କଥାଟିଏ କହୁଁ, କଥାଟିଏ କହୁଁ। କିସ କଥା? ବେଙ୍ଗୁଲୀ କଥା। କି ବେଙ୍ଗ? ଠୁରା ବେଙ୍ଗ। କି ଠୁରା? ବ୍ରାହ୍ମଣ ମରା। କି ବ୍ରାହ୍ମଣ? ଶୁଦ୍ଧ ବ୍ରାହ୍ମଣ। କି ଶୁଦ୍ଧ? ପିଠା ମଧ। କି ପିଠା? ତାଳଗଇଁଠା। କି ତାଳ? ସୋରିଷ ମାଳ। କି ସୋରିଷ? ଅଣସୋରିଷ। କି ଅଣ? କିଆବଣ। କି କିଆ? ରଜାଡିଆ। କି ରଜା? ଖଣ୍ଡି ଖଜା। କି ଖଣ୍ଡି? ମିରିଗ ଲଣ୍ଡି। କି ମିରିଗ? ଝାଡ଼ ମିରିଗ। କି ଝାଡ଼? କଣ୍ଟା ବାଡ଼। କି କଣ୍ଟା? କାନକୋଳି କଣ୍ଟା। ଯହିଁରେ ଲାଗିବ ଲଟାପଟା।

ଗୀତ ଶେଷଆଡ଼କୁ ହୋ ହୋ ହୋଇ ହସୁଥିଲେ ମା' ଝିଅ! ଝିଅ ମା'ର ଜଙ୍ଘ ଉପରେ ନିଜର ଗୁଲୁଗୁଲିଆ କୁନି ପାଦ ଦି'ଟାକୁ ଥୋଇଦେଇ ପେଟ ଉପରକୁ ଚଢ଼ିଆସେ, ମୁଣ୍ଡକୁ ନଦିଦିଏ ମା' ଛାତିରେ। କହେ ଜାଣ ମାମା ଆମ ମିସ୍ କହୁଥିଲେ- ମା' ହେଉଛି ସବୁଠାରୁ ବେଷ୍ଟ ଫ୍ରେଣ୍ଡ୍! ତାକୁ ସବୁ କହିହୁଏ।

ଜାଣ ଆଜି ନା ଅଙ୍କିତା ପଢ଼ିଆଯାକ ବୁଲିଲା ଏକା। ପନିସ୍‌ମେଣ୍ଟ ପାଇଛି ସାର୍‌ଙ୍କଠାରୁ।

- କ'ଣ ପାଇଁରେ?

ତମେ ଜାଣିନ? 'ମୁଁ କେମିତି ଜାଣିବି ଯେ' ତୁମେ ତ ଆମ ସ୍କୁଲରେ ପଢୁନ କି ଚାକିରି କରିନ! ସେ ନା ବହୁତ ଦୁଷ୍ଟ ହଉଥିଲା, କ୍ଲାସ୍‌ଯାକ ଖାଲି ଘୂରିବୁଲେ, ଗୋଟେ ଜାଗାରେ ବସେନି। ପାଟି ଚିଲ୍ଲାଏ- କହେ ଚୁପ୍ ବେ... କେତେ ଅସଭ୍ୟ ସେ। ମାମ୍ ତାକୁ ଗାଳିକରନ୍ତି, କହନ୍ତି- ତୋ ମା'ବାପା କେମିତି ତୋତେ କିଛି ଶିଖାଇ ନାହାନ୍ତି!

ସେ ରାଗିଯାଏ ଖୁବ୍। କହେ ଚୁପ୍ ବେ! ମିସ୍ ତାକୁ ରାଗିକି ପୂରା ସ୍କୁଲ ପଢ଼ିଆଯାକ ବୁଲିବାକୁ କହିଲେ। ପୂରା ସାବାଡ୍। ନାଲି ପଡ଼ିଯାଇଥିଲା ତା' ମୁହଁ। ମାତ୍ର ତା' ମା' ବିଷୟରେ କେବେ ଥରେ ମଧ୍ୟ କହେନି କିଛି।

- ଓଃ! ମା' ଶୁଣେ ଝିଅର ଆବୁର୍ ଜାବୁର୍ ଅନେକ କଥା।

ଝିଅ କଥା ଅଧାରୁ ଧାଇଁଲା ତା' ସାଙ୍ଗକୁ ଦେଖି। ମା' ପିଠା ବନାଇବାରେ ବ୍ୟସ୍ତ। ମା' ଝିଅର ଆକାଶରେ ଆସନ୍ତି ତାରାମାନେ ଫୁଲ ହୋଇ ଫୁଟନ୍ତି ଖସିପଡ଼ନ୍ତି ରାତି ପାହିଲେ ତାଙ୍କ ବଗିଚାରେ। ଯାହାକୁ ଝିଅ ତୋଳିଆଣେ ଯତ୍ନରେ ଫୁଲଡାଲାରେ। ମା' ପୂଜାକରେ ଠାକୁରଙ୍କୁ। ଝିଅ ଦିନେ ପଚାରିଲା ବିଷଣ୍ଣ ହୋଇ- ମାମା ତୁମେ ମତେ କେମିତି ପାଇଲ? କ'ଣ ହସ୍ପିଟାଲରୁ? ପଚାରେ ଗୁଲୁଗୁଲିଆ ଓଠରେ, ଏ ଅଧାଅଧା ଅସ୍ପଷ୍ଟ ଶବ୍ଦଗୁଡ଼ିକ ବେଶ୍ ମନଲୋଭା। ମା' କହନ୍ତି - କିଏ କହିଲା ମୁଁ ତତେ ପାଇଲି? ମୁଁ ପେଟକାଟି ତୋତେ ଜନ୍ମ କରିଛି। ଦେଖୁନୁ ଏବେ ବି ଅଛି ପେଟରେ କଟାଦାଗ।

ଝିଅ ନଇଁପଡ଼ି ଦେଖୁଛି ଷ୍ଟିଚ୍‌ର ଲମ୍ବା ଦାଗ। କାନ୍ଦିପକାଇ ଆଉଁଶିଦିଏ ମା'ର ପେଟକୁ। ପଚାରେ- ତୁମକୁ ବହୁତ କଷ୍ଟ ହୋଇଥିବ ନା ମାମା!

-ନାଇଁ ଲୋ! ତୁ ଆସିବା ପରେ ମୁଁ ପୂର୍ଣ୍ଣ ହୋଇଗଲି। ଲାଗିଲା ମୋ' ବଞ୍ଚିବା ଲାଗି ସାହାରା ମିଳିଗଲା। ତୁ କେତେ ମୂଲ୍ୟବାନ ତୁ ଜାଣୁନା। ସାରା ପୃଥିବୀର ସବୁ ଧନ ତୋ ପାଖରେ ତୁଚ୍ଛରେ ଧନ!

ଚୁମ୍ୱିଲା ମା' ଝିଅର କପାଳ ଓ ଗାଲ। ସ୍ନେହରେ ଓଦା ହୋଇଗଲା ସେ। ମା' ଅନେଇଲା ଆକାଶକୁ, ଝିଅ ମଧ୍ୟ ଅନେଇଲା। ଆକାଶରେ ଆକାଶେ ଧଳା ବଉଦ। ଅତୀତ ଅସ୍ପଷ୍ଟ, ବର୍ତ୍ତମାନ ଅବଶିଷ୍ଟ ଅନୁସନ୍ଧିତ୍ସା। ଜୀବନ କିନ୍ତୁ ସୁନ୍ଦର। ଆନନ୍ଦମୟ, ତାକୁ ସମୟ ଅତି ନିଷ୍ଠୁର ନିର୍ମମ ଭାବରେ ଛଳାଇନିଏ।

ଝିଅ ମା'ର ଆଖିକୁ ଝାଙ୍କି ପଚାରିଲା- ମାମା ତୁମ ଆଖି ସବୁବେଳେ ଓଦା କାହିଁକି? କାହିଁକି ଆପୁ ମମି ପରି ହସ ନାହିଁ ଠୋ ଠୋ..., କାହିଁକି ତୁମେ ପିନ୍ଧନାହିଁ ଜିନ୍‌ସ। କାହିଁକି ତୁମେ ଯାଅନାହିଁ ବୁଲିବାକୁ?

ଓଠରେ ହସଫୁଟାଇ ମା' କହିଲା ଝିଅକୁ- ବୁଝିଲୁ ଝିଅ, ସୁସଜ୍ଜିତ ଜମାଣରେ ଥିବା ଏଇ ହତଭାଗିନୀ ମାମା ତୋର ଚିରକାଳ ଏକୁଟିଆ ଲୋ, ତୁହି ଏକମାତ୍ର ସମ୍ପତ୍ତି ଯାହାକୁ ମୁଁ ଅଣ୍ଟିରେ ସାଇତି ରଖିଛି। ଯାହା ପାଖରେ ମୋର ସବୁ ପାପ, ସବୁ ପୁଣ୍ୟର ହିସାବ ମୁଁ ଦେଇପାରିବି। ଆଉ ତୁ ମଧ୍ୟ ନିରବରେ ଉଦାରତାରେ ମତେ ସହିନେବୁ।

- ହଁ ମାମା! ତୁମେ କୁହ ପରା ତୁମର ମୁଁ ମାମା! ମୁଁ ବଡ଼ ହୋଇଗଲେ ତୁମକୁ ସାରା ପୃଥିବୀ ବୁଲେଇବି, ବୁଢ଼ୀ ହୋଇଗଲେ ମଧ୍ୟ ଜିନ୍‌ସ ପିନ୍ଧେଇ ଗାଡ଼ିରେ ବସାଇ ଘୂରାଇବି। ଗୋଟେ ଦୀର୍ଘ ବର୍ଷା ରାତିରେ ଆମେ ମାଛ ଧରିବା ପୋଖରୀରୁ। ବଣରେ ଭୋଜି କରିବା, ଢେର୍ ବୁଲିବା ସାରା ପୃଥିବୀ।

ଝିଅ ଆଖିରେ ଅସରନ୍ତି ସ୍ୱପ୍ନ। ଚମକିପଡ଼ିଲା ମା', ଝିଅ ଏତେ କୁନିରୁ ଏତେ ବୟସ୍କ କେବେ ପାଲଟିଗଲା! ଝିଅରୁ ମା' କେବେ ହୋଇଗଲା। ବୋଧହୁଏ ସବୁ ଝିଅମାନେ ମା'ର ମା' ପାଲଟିଯାଆନ୍ତି ସାମାନ୍ୟ ହେଉହେଉ। ଜନ୍ମ ସହ ମାତୃତ୍ୱକୁ ଉତାରି ଆଣିଥିବା ଝିଅର ଛାତିରେ ମା' ମୁଣ୍ଡ ଚାପିଦେଲା। ଆଖିରେ ଟଳମଳ ଲୁହ। ସେ ଲୁହ କିନ୍ତୁ ଓଦା କରୁଥିଲା ତା' ମନର ଆକାଶକୁ...।



ଅଧ୍ୟାପିକା, ଓଡ଼ିଆ ବିଭାଗ,
ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ, ରାଉରକେଲା
ମୋ: ୮୩୨୭୭୫୭୬୧୯

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨/୨୦୨୫ Bhubaneswar, Saturday, August 2/ 2025

# ଦ୍ୱିତୀୟ ଦିନରେ ୧୫ ଉଇକେଟ ପତନ

## ପଞ୍ଚମ ଟେଷ୍ଟ

### ସିରାଜ, ପ୍ରସିଦ୍ଧଙ୍କ ଘାତକ ବୋଲିଂ

ଲଣ୍ଡନ,୧।୮

ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରୀଷ୍ଣାଙ୍କ ପ୍ରଭାବୀ ବୋଲିଂ ବଳରେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛି। ମ୍ୟାଚ୍‌ର ପ୍ରଥମ ଦିନ ୬ ଉଇକେଟ ପଡ଼ିଥିବା ବେଳେ ଦ୍ୱିତୀୟ ଦିନ ୧୫ ଉଇକେଟର ପତନ ଘଟିଛି। ଭ୍ରମଣକାରୀ ଭାରତୀୟ ଦଳ ତା'ର ପ୍ରଥମ ଇନିଂସରେ ୨୨୪ ରନରେ ଅଲଆଉଟ୍ ହେବା ପରେ ଇଂଲଣ୍ଡ ୨୪୭ ରନରେ ସୀମିତ ରହିଥିଲା। ଫଳରେ ପ୍ରଥମ ଇନିଂସ ଭିତ୍ତିରେ ୨୩ ରନରେ ପଛରେ ଥିବା ଭାରତୀୟ ଦଳ ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୭୫ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଯଶସ୍ୱି ଜୟସ୍ୱାଲ ୫୧ ଓ ନାଇଟ୍ ୱାଚମ୍ୟାନ୍ ଆକାଶ ଦୀପ ୪ ରନରେ ଅପରାଜିତ ଅଛନ୍ତି। ମ୍ୟାଚ୍‌ରେ ଆହୁରି ୩ ଦିନ ବାକିଥିବା ବେଳେ ଭାରତୀୟ ଦଳ ହାତରେ ୮ ଉଇକେଟ ସୁରକ୍ଷିତ ରଖି ୫୨ ରନ ଆଗରେ ରହିଛି।

ଶୁକ୍ରବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦୪/୬ରୁ ବ୍ୟାଟିଂ ଆରମ୍ଭ କରି ବଳକା ୪ ଉଇକେଟରେ ଦଳୀୟ ସ୍କୋରରେ ୨୦ ରନ ଯୋଡ଼ିପାରିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର କରୁଣ ନାୟର ୫୭ ଓ ୱାଶିଂଟନ ସୁନ୍ଦର ୨୬ ରନ କରି ଆଉଟ୍ ହୋଇଥିଲେ। ସିରାଜ ଓ ପ୍ରସିଦ୍ଧଙ୍କୁ ଖାତା ଖୋଲିବା ପୂର୍ବରୁ ଆଟକିସନ ପାଭିଲିଅନ ପଠାଇଥିଲେ। ଫଳରେ ଭାରତ ୨୨୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଇଂଲଣ୍ଡ ପାଇଁ ଆଟକିନସନ ୫ ଉଇକେଟ ସଫଳତା ହାସଲ କରିଥିଲେ। ଟେଷ୍ଟ କ୍ୟାରିୟରରେ ଏହା ତାଙ୍କର ଚତୁର୍ଥ ୫ ଉଇକେଟ ସଫଳତା ଥିଲା। ତାଙ୍କ ବ୍ୟତୀତ ଜୋଶ ଟଙ୍ଗ ୩ ଓ କ୍ରିସ ୱୋକ୍ସ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡକୁ ଦୁଇ ଓପନର ଜ୍ୟାକ କ୍ରାଲି ଓ ବେନ ଡକେଟ ୯୨ରନର ଦୃଢ଼ ଆରମ୍ଭ ଦେଇଥିଲେ। ଦୁଇ ଓପନର ଆଉଟ୍ ହେବା ପରେ ମିଡିଲ ଅର୍ଡର ତାସ ଘର ଭଳି ଭୁଶୁଡ଼ି ପଡ଼ିଥିଲା। ଏକଦା ୧୨୮ ରନରେ ୧ ଉଇକେଟ ହରାଇଥିବା ଇଂଲଣ୍ଡ ୨୪୭ ରନରେ ଅଲଆଉଟ୍ ହୋଇଯାଇଥିଲା। ପ୍ରଥମ ଦିନରେ ଫିଲ୍ଡିଂ କରୁଥିବା ବେଳେ ଆହତ ହୋଇଥିବା କ୍ରିସ ୱୋକ୍ସ ପୂରା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଦଳ ପାଇଁ କ୍ରାଲି ୬୪, ହ୍ୟାରୀ ବ୍ରୁକ ୫୩, ଡକେଟ ୪୩ ଓ ଜୋ ରୁଟ ୨୯ ରନ କରିଥିଲେ। ଭାରତ ପକ୍ଷରୁ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ୪ ଲେଖାଏ ଉଇକେଟ ନେଇଥିବା ବେଳେ ଆକାଶ ଦୀପ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


ଜୋ ରୁଟ୍‌ଙ୍କ ଉଇକେଟ ନେବା ପରେ ଉଲ୍ଲସିତ ମହମ୍ମଦ ସିରାଜ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୨୪/ଅଲଆଉଟ୍ (କରୁଣ ନାୟର-୫୭, ୱାଶିଂଟନ ସୁନ୍ଦର-୨୬, ଗସ ଆଟକିନସନ-୫/୩୩, ଜୋଶ ଟଙ୍ଗ-୩/୫୭)। ଇଂଲଣ୍ଡ ପ୍ରଥମ ଇନିଂସ: ୨୪୭/ଅଲଆଉଟ୍ (ଜ୍ୟାକ କ୍ରାଲି-୬୪, ବେନ ଡକେଟ-୪୩, ହ୍ୟାରୀ ବ୍ରୁକ-୫୩, ପ୍ରସିଦ୍ଧ କ୍ରିଷ୍ଣା-୪/୬୨, ମହମ୍ମଦ ସିରାଜ-୪/୮୬, ଆକାଶ ଦୀପ-୧/୮୦)। ଭାରତ ଦ୍ୱିତୀୟ ଇନିଂସ: ୭୫/୨ (ଯଶସ୍ୱି ଜୟସ୍ୱାଲ-୫୧*, ସାଇ ସୁଦର୍ଶନ-୧୧, ଗସ ଆଟକିନସନ-୧/୨୬, ଜୋଶ ଟଙ୍ଗ-୧/୨୫)।

### ଭାରତୀୟ ଦଳରୁ ରିଲିଜ୍ ହେଲେ ବୁମ୍ରା

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୩ ମ୍ୟାଚ୍ ଖେଳିବାର କୋଟା ପୂରଣ କରିସାରିଥିବାରୁ ଯଶପ୍ରୀତ ବୁମରାଙ୍କୁ ଶୁକ୍ରବାର ଭାରତୀୟ ଦଳରୁ ଛାଡ଼ପ୍ରଦାନ କରାଯାଇଛି। ଏଥିଯୋଗୁ ସେ ପୁଣି କେବେ ଭାରତୀୟ ଦଳ ପାଇଁ ଖେଳିବେ, ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ୩୧ ବର୍ଷୀୟ ବୁମରା ୩ ଟେଷ୍ଟ ମ୍ୟାଚ୍‌ରେ ୧୧୯.୪ ଓଭର ବୋଲିଂ କରି ୧୪ ଉଇକେଟ ନେଇଥିଲେ। ହେଡିଂଲିରେ ପ୍ରଥମ ଟେଷ୍ଟ ଓ ଲର୍ଡସ୍‌ରେ ତୃତୀୟ ଟେଷ୍ଟରେ ସେ ୫ ଉଇକେଟ ସଫଳତା ପାଇଥିଲେ।

## ଦୁଲୀପ ଟ୍ରଫି: ପୂର୍ବାଞ୍ଚଳ ଦଳରେ ସନ୍ଦୀପ


ସନ୍ଦୀପ ପଟ୍ଟନାୟକ


ଆଶୀର୍ବାଦ ସ୍ୱାଇଁ


ସ୍ୱସ୍ତିକ ସାମଲ

### ଆଶୀର୍ବାଦ, ସ୍ୱସ୍ତିକ ଷ୍ଟାଣ୍ଡବାଇ

ଭୁବନେଶ୍ୱର, ୧।୮ (ବିଜୟ ରଣା)

ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଦୁଲୀପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଖେଳାଯିବ। ଏଥିପାଇଁ ଘୋଷିତ ୧୫ଜଣିଆ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ସନ୍ଦୀପ ପଟ୍ଟନାୟକ ସ୍ଥାନ ପାଇଛନ୍ତି। ଏହି ଦଳରେ ଷ୍ଟାଣ୍ଡବାଇ ଖେଳାଳି ଭାବେ ରାଜ୍ୟର ଅନ୍ୟ ଦୁଇ ଖେଳାଳି ଆଶୀର୍ବାଦ ସ୍ୱାଇଁ ଓ ସ୍ୱସ୍ତିକ ସାମଲ ସ୍ଥାନ ପାଇଛନ୍ତି। ପୂର୍ବାଞ୍ଚଳ ଏହାର ପ୍ରଥମ ମ୍ୟାଚ ଅଗଷ୍ଟ ୨୮ରେ ଉତ୍ତରାଞ୍ଚଳକୁ ଭେଟିବ। ସମ୍ମାନଜନକ ଦୁଲୀପ ଟ୍ରଫି ଟୁର୍ନାମେଣ୍ଟ ପାଇଁ ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାଗଣ ଶୁଭେଚ୍ଛା ଜଣାଇଛନ୍ତି।

## ଜାନ୍‌ଭିଙ୍କୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୧।୮ (ବିଜୟ ରଣା)

ସ୍ଥାନୀୟ କିଙ୍ଗଷ୍ଟନ ନ୍ୟାଶନାଲ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ଜାନ୍‌ଭି ପାତ୍ର ଟାଏକୋଣ୍ଡୋରେ ବ୍ରୋଞ୍ଜ ପଦକ ହାସଲ କରି ସ୍କୁଲ ଓ ଖୋର୍ଦ୍ଧା ଜିଲା ପାଇଁ ଗର୍ବ ଗୌରବ ଆଣିଛନ୍ତି। କିଲଙ୍ଗସ୍ଥିତ ବି.ଡି.ଇଣ୍ଟରନ୍ୟାଶନାଲ ସ୍କୁଲରେ ସିବିଏସ୍‌ଇ ଜୋନ ଟାଏକୋଣ୍ଡୋ ପ୍ରତିଯୋଗିତା ହୋଇଥିଲା। ଏଥିରେ ଜାନ୍‌ଭି ତାଙ୍କର ପରାକାଷ୍ଠା ଦେଖାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଜାନ୍‌ଭି ନିରଞ୍ଜନ ପାତ୍ର ଓ ରଶ୍ମିତା ପୃଷ୍ଟିଙ୍କର ଜ୍ୟେଷ୍ଠ କନ୍ୟା ତଥା ଶିଳ୍ପପତି ଡ଼.ନାରାୟଣ ପାତ୍ରଙ୍କର ନାତୁଣୀ।


ଜାନ୍‌ଭି ପାତ୍ର

## ରାକେଶ-ଆଶୁତୋଷ ଫାଇନାଲ



ରାକେଶ ରାକେଶ ରୋଶନ ପ୍ରଧାନ (ବାମ)ଙ୍କ ସହ ଆଶୁତୋଷ ଆଶୁତୋଷ ପାଢ଼ୀ।

### ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର

ଭୁବନେଶ୍ୱର, ୧।୮ (ଅନାଦି କର)

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନସିପରେ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ଫାଇନାଲରେ ରାକେଶ ରୋଶନ ପ୍ରଧାନ ଓ ଆଶୁତୋଷ ପାଢ଼ୀ ପରସ୍ପରକୁ ଭେଟିବେ। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରାକେଶ ୪-୩ରେ ସୁବ୍ରତ ଦାସଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ଟି ଅତ୍ୟଧିକ ସଂଘର୍ଷପୂର୍ଣ୍ଣ ରହିଥିଲା। ଆରମ୍ଭରୁ ରାକେଶ ୩-୦ରେ ଆଗରେ ରହିଥିଲେ। ପରେ ସୁବ୍ରତ ଲଗାତର ୩ ସେଟ୍ ଜିତି ମୁକାବିଲାକୁ ଫେରିଥିଲେ। ନିର୍ଣ୍ଣାୟକ ସେଟ୍‌ରେ ରାକେଶ ବାଜି ମାରି ନେଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ଆଶୁତୋଷ ୪-୧ରେ ଅବିନାଶ ମହାପାତ୍ରଙ୍କୁ ହରାଇଥିଲେ। ଏଥିପୂର୍ବରୁ କ୍ୱାର୍ଟର ଫାଇନାଲରେ ରାକେଶ ୪-୨ରେ କୁନାଲ ଅଗ୍ରୱାଲଙ୍କୁ, ସୁବ୍ରତ ଦାସ ୪-୧ରେ ବିରାଜ ଆରୋରାଙ୍କୁ, ଅବିନାଶ ୪-୨ରେ ସିଦ୍ଧାର୍ଥ ସେନଙ୍କୁ ଓ ଆଶୁତୋଷ ୪-୧ରେ ଆକାଶ ମହାପାତ୍ରଙ୍କୁ ହରାଇଥିଲେ।

## ଆତ୍ମହତ୍ୟା କରିବାକୁ ଚାହିଁଥିଲେ ଚହଲ

ନୂଆଦିଲ୍ଲୀ, ୧।୮ (ପି.ଟି.)

ଭାରତୀୟ ଲେଗ୍-ସ୍ପିନର ଯୁଜବେନ୍ଦ୍ର ଚହଲ ପ୍ରଥମ ଥର ପାଇଁ ପୂର୍ବତନ ପତ୍ନୀ ଧନଶ୍ରୀ ବର୍ମାଙ୍କଠାରୁ ଛାଡ଼ପତ୍ର ପରବର୍ତ୍ତୀ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସହ ସଂଘର୍ଷ ସମ୍ପର୍କରେ ମୁହଁ ଖୋଲିଛନ୍ତି। ସେ କହିପାରିବେ କରି ନ ଥିବା ଏବଂ ଆତ୍ମହତ୍ୟା କଥା ମନକୁ ଆସିଥିବା ସେ ପ୍ରକାଶ କରିଛନ୍ତି। 'ମୋ ଛାଡ଼ପତ୍ର ପରେ ଲୋକେ ମୋତେ ଚିଟର ବା ଠକ କହୁଥିଲେ। କିନ୍ତୁ ମୁଁ ଜୀବନରେ କଦାପି କାହାକୁ ଠକି ନାହିଁ। ମୁଁ ଅତ୍ୟନ୍ତ ବିଶ୍ୱସ୍ତ, ସମ୍ଭବତଃ ପ୍ରାୟଜଣଙ୍କ ଠାରୁ ଅଧିକ। ମୁଁ ଯେଉଁମାନଙ୍କୁ ଭଲ ପାଏ, ସେମାନଙ୍କ ସମ୍ପର୍କରେ ମୁଁ ହୃଦୟରୁ ଚିନ୍ତା କରେ' ବୋଲି ଚହଲ ଏକ ପଡକାଷ୍ଟରେ କହିଛନ୍ତି। ପୂର୍ବତନ ପତ୍ନୀଙ୍କ ସହ ବିଚ୍ଛେଦ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ମୁଁ ମୋ ଜୀବନରେ ଥକି ଯାଇଥିଲି। ଏପରି କି ଆତ୍ମହତ୍ୟା କଥା ମୋ ମନକୁ ଆସିଥିଲା। ମୁଁ ଦିନକୁ ୨ ଘଣ୍ଟା କାନ୍ଦୁଥିଲି ଓ ୨ ଘଣ୍ଟା ଶୋଉଥିଲି। ମୁଁ ୪୦ ଦିନ ଧରି ଏଭଳି ସଂଘର୍ଷ କରିଥିଲି। ସେହି ସମୟରେ ମୁଁ ଆନ୍‌ଜାଇଟି ଓ ଡିପ୍ରେସନର ସମ୍ମୁଖୀନ ହୋଇଥିଲି। ଯେଉଁମାନେ ମୋ ଘନିଷ୍ଠ, କେବଳ ସେମାନେ ହିଁ ଜାଣିଛନ୍ତି, ମୁଁ କେଉଁ ଭଳି ସଂଘର୍ଷ କରିଥିଲି।

## ପ୍ରଥମ ଫାଇନାଲରେ କଟକ ବିଜୟୀ


ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

### ସାହାଣୀ କପ୍ ଫୁଟ୍‌ବଲ

ଭୁବନେଶ୍ୱର, ୧।୮ (ବିଜୟ ରଣା)

୬୪ତମ ସିନିୟର ପୁରୁଷ ଆନ୍ତଃଜିଲା ଫୁଟ୍‌ବଲ ଟୁର୍ନାମେଣ୍ଟ ସାହାଣୀ କପର ପ୍ରଥମ ଫାଇନାଲ ମ୍ୟାଚ ଶୁକ୍ରବାର ବୌଦ୍ଧ ଜିଲା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ୧-୦ ଗୋଲରେ ସମ୍ବଲପୁରକୁ ପରାସ୍ତ କରିଛି। ବିଜୟସୂଚକ ଗୋଲ୍‌ଟିକୁ ପାରାଓ ଟୁଡୁ ଖେଳର ୨୦ତମ ମିନିଟରେ ସ୍କୋର କରିଥିଲେ। ଦ୍ୱିତୀୟ ଫାଇନାଲ ଏହି ଦୁଇ ଦଳ ମଧ୍ୟରେ କେନ୍ଦୁଝରସ୍ଥିତ କେନ୍ଦୁଝର ଷ୍ଟାଡିୟମରେ ଅଗଷ୍ଟ ୩ ତାରିଖରେ ଖେଳାଯିବ। ଶୁକ୍ରବାର ମ୍ୟାଚରେ ଅତିଥିଭାବେ ରାଜ୍ୟ ସ୍କିଲ ଡେଭଲପମେଣ୍ଟ ଓ ଟେକ୍ନିକାଲ ଏଜୁକେସନ ବିଭାଗ ମନ୍ତ୍ରୀ ସରୋଜ କୁମାର ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ବୌଦ୍ଧ ଜିଲାପାଳ ବିଭୂତି ଭୂଷଣ ନାୟକ, ବୌଦ୍ଧ ପୋଲିସ ଏସ୍‌ପି ରାହୁଲ ଗୋଏଲ, ଫାଓ ଉପସଭାପତି ସହଦେବ ରାଉତ, କୋଷାଧ୍ୟକ୍ଷ ଭକ୍ତ ବତ୍ସଳ ଦାସ, ଯୁଗ୍ମସମ୍ପାଦକ ଅଜିତେ ପାଲ ଓ ବିଶ୍ୱ ରଞ୍ଜନ ଘଡ଼େଇ, ବୌଦ୍ଧ ଆଥଲେଟିକ୍ ଆସୋସିଏସନ ସମ୍ପାଦକ ଯୁଗଳ କିଶୋର ସାମଲ ଏବଂ ଉପସଭାପତି ଲୟାଧର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ରିଅଲ କଶ୍ମୀରକୁ ହରାଇଲା ଇଣ୍ଡିଆନ ନେଭି

ଇମ୍ଫାଲ, ୧।୮ (ପି.ଟି.)

ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଖେଳାଯାଇଥିବା ଗ୍ରୁପ୍ 'ଏ'ର ଏକ ମ୍ୟାଚ୍‌ରେ ଇଣ୍ଡିଆନ ନେଭି ୨-୧ ଗୋଲରେ ରିଅଲ କଶ୍ମୀରକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ବିଜୟ ମାରାଣ୍ଡି (୬ଷ୍ଠ ମିନିଟ୍) ଓ ଶ୍ରେୟସ ଭି.ଜି. (୭୦ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ରିଅଲ କଶ୍ମୀର ତରଫରୁ ଫ୍ରାଙ୍କ୍ ଓଲିୟମ ସେସେଗନଙ୍କ (୬୪ତମ) ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ ଦେଇଥିଲେ। ଇଣ୍ଡିଆନ ନେଭି ଏହି ଜୟ ଫଳରେ ଦୁଇ ମ୍ୟାଚରୁ ୩ ପଏଣ୍ଟ ଅର୍ଜନ କରି ଗ୍ରୁପ୍ 'ଏ' ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି।

## ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର ୧।୮ (ବିଜୟ ରଣା)

ଆସନ୍ତା ୧୦ ତାରିଖରେ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ହେବ ୱାର୍ଲ୍ଡ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା। ଏହି ପରିପ୍ରେକ୍ଷୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ପ୍ରତିଯୋଗିତା ଆୟୋଜନର ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଓ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପ୍ରଶାସନର ସହଯୋଗରେ ଯେପରି ଏହି ପ୍ରତିଯୋଗିତାକୁ ସଫଳ ରୂପେ ଆୟୋଜନ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିମାନଙ୍କର ସୁରକ୍ଷିତ ରହଣି, ଆତିଥେୟତାଠାରୁ ନେଇ ଲଜିଷ୍ଟିକ୍ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଷ୍ଟାଡିୟମରେ ପ୍ରତିଯୋଗିତା ଆୟୋଜନ ବେଳେ ଖେଳାଳି, ଦର୍ଶକ ଏବଂ ଅଂଶୀଦାରମାନଙ୍କର ସୁରକ୍ଷା ବ୍ୟବସ୍ଥା, ପୋଲିସ ଫୋର୍ସ ମୁତୟନ ଏବଂ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଆବଶ୍ୟକ ରହିଥିବା ସମସ୍ତ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୧୯ଟି ଦେଶରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଏଥିରେ ମୋଟ ୨୦ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଓଡ଼ିଶାରେ ପ୍ରଥମ ଥର ପାଇଁ ୱାର୍ଲ୍ଡ ଆଥଲେଟିକ କଣ୍ଟିନେଣ୍ଟାଲ ଟୁରର ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି। ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଓ କ୍ରୀଡ଼ାବିତ୍‌ମାନେ ମଧ୍ୟ ନିକଟ ଅତୀତରେ ଆୟୋଜିତ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ୱାର୍ଲ୍ଡ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଶୁକ୍ରବାର ଏହି ପ୍ରସ୍ତୁତି ସମୀକ୍ଷା ବେଳେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ, ଅତିରିକ୍ତ ପୋଲିସ କମିଶନର ଭୁବନେଶ୍ୱର ନରସିଂହ ଭୋଳ, ହକି ପ୍ରମୋଶନ କାଉନ୍‌ସିଲ ଓ ସିଇଓ ଦୀପଙ୍କର ମହାପାତ୍ର, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

### ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍

## ଜମିଲ ପୁରୁଷ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍

ନୂଆଦିଲ୍ଲୀ, ୧।୮ (ପି.ଟି.)

ଷ୍ଟିଫେନ୍ କନ୍‌ଷ୍ଟାଣ୍ଟାଇନ୍ ଓ ଷ୍ଟିମାକ ଇଗୋରଙ୍କ ପଛରେ ପକାଇ ଖାଲିଦ ଜମିଲ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଭାବେ ମନୋନୀତ ହୋଇଛନ୍ତି। ଫଳରେ ୧୩ ବର୍ଷ ପରେ ଜଣେ ଭାରତୀୟ ଜାତୀୟ ଫୁଟ୍‌ବଲ ଟିମ୍‌ର ମୁଖ୍ୟକୋଚ୍ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ଏହା ପୂର୍ବରୁ ଶେଷ ଭାରତୀୟ ଭାବେ ସାଭିଓ ମେଡିରା ୨୦୧୧ରୁ ୨୦୧୨ ପର୍ଯ୍ୟନ୍ତ ଜାତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଥିଲେ। ୪୮ ବର୍ଷୀୟ ଜମିଲଙ୍କ ନେତୃତ୍ୱରେ ଆଇଜଲ ଫୁଟ୍‌ବଲ କ୍ଲବ ୨୦୧୭ରେ ଆଇ-ଲିଗ୍ ଟାଇଟଲ ହାସଲ କରିଥିଲା। ସଂଘର୍ଷ କରୁଥିବା ଭାରତୀୟ ଫୁଟ୍‌ବଲ ଦଳ ଭାଗ୍ୟରେ ପରିବର୍ତ୍ତନ ଆଣିବା ତାଙ୍କ ପାଇଁ ସହଜ ହେବ ନାହିଁ। ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଜମିଲ ବର୍ତ୍ତମାନ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଦଳ ଜାମସେଦପୁର ଏଫ୍‌ସିର ଦାୟିତ୍ୱରେ ରହିଛନ୍ତି। ଜମିଲ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ର କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ମନୋନୀତ ହୋଇଛନ୍ତି। କନ୍‌ଷ୍ଟାଣ୍ଟାଇନ ହେଉଛନ୍ତି ଜଣେ ପୂର୍ବତନ ଭାରତୀୟ ଫୁଟ୍‌ବଲ କୋଚ୍। ଟାର୍କୋଭିଚ୍ ଅତୀତରେ ସ୍ଲୋଭାକିଆ ଜାତୀୟ ଦଳର ମ୍ୟାନେଜର ଥିଲେ। ଜିବଦନ୍ତୀ ଷ୍ଟ୍ରାଇକର ଆଇଏମ୍ ବିଜୟନଙ୍କ ନେତୃତ୍ୱାଧୀନ ଏଆଇଏଫ୍ଏଫ୍ ଟେକ୍ନିକାଲ କମିଟି ୩ ଜଣିଆ ଶର୍ଟଲିଷ୍ଟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିଥିଲା। କାର୍ଯ୍ୟନିର୍ବାହୀ କମିଟି ଚୂଡ଼ାନ୍ତ ନିଷ୍ପତ୍ତି ନେଇଥିଲେ। ଜମିଲ ହେଉଛନ୍ତି ଜଣେ ଏଏଫ୍‌ସି ପ୍ରୋ ଲାଇସେନ୍ସ ଡିପ୍ଲୋମାଧାରୀ। ସ୍ପେନର ମାନୋଲୋ ମାର୍କେଜ୍‌ଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତି ମିଳିଛି। ଭାରତୀୟ ଦଳର ଭାଗ୍ୟରେ ପରିବର୍ତ୍ତନ ଆଣି ନ ପାରିବାରୁ ମାର୍କେଜ୍ ଗତ ମାସରେ ଏଆଇଏଫ୍ଏଫ୍‌ରୁ ଦୂରେଇ ଯାଇଥିଲେ। ଏଆଇଏଫ୍ଏଫ୍ କାର୍ଯ୍ୟନିର୍ବାହୀ କମିଟି ଯଦିଓ ଖାଲିଦ ଜମିଲଙ୍କୁ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ଦେଇଛି ତାଙ୍କ କାର୍ଯ୍ୟକାଳ ସମ୍ପର୍କରେ କୌଣସି ନିଷ୍ପତ୍ତି ନେଇପାରିନି। ଏହି ପରିପ୍ରେକ୍ଷୀରେ ବୈଠକପରେ ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେ କହିଛନ୍ତି, ଆମେ ନିଜ ଭିତରେ ଏବଂ ଜମିଲଙ୍କ ସହିତ ଆଲୋଚନା ପରେ ତାଙ୍କ କାର୍ଯ୍ୟକାଳ ଓ ବେତନ ଧାର୍ଯ୍ୟ କରିବୁ। ଅନ୍ୟପକ୍ଷରେ ଜମିଲ କିନ୍ତୁ ୩ବର୍ଷ କାର୍ଯ୍ୟକାଳ ଚାହୁଁଥିବା ବେଳେ କେତେଜଣ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ୧ବର୍ଷ କିମ୍ବା ୨ବର୍ଷ ହୋଇପାରେ ବୋଲି କହୁଛନ୍ତି। କିନ୍ତୁ ଚୌବେଙ୍କ ସୂଚନା ଅନୁସାରେ ପ୍ରଦର୍ଶନ ଭିତ୍ତିରେ ଜମିଲଙ୍କ କାର୍ଯ୍ୟକାଳ ୨ରୁ ୩ ବର୍ଷ ପର୍ଯ୍ୟନ୍ତ ହୋଇପାରେ। ଏଆଇଏଫ୍ଏଫ୍ ସଭାପତି ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଜମିଲଙ୍କୁ ଭାରତୀୟ ଦଳର ଫୁଲ୍ ଟାଇମ୍ କୋଚ ହେବାକୁ ପଡ଼ିବ। କାର୍ଯ୍ୟକାଳ ସମୟରେ ସେ ଅନ୍ୟ କୌଣସି ଦଳ ପାଇଁ କାର୍ଯ୍ୟ କରିପାରିବେ ନାହିଁ। ଜମିଲଙ୍କ ପୂର୍ବବର୍ତ୍ତୀ ମାନୋଲୋଙ୍କୁ ତାଙ୍କ ଏକ ବର୍ଷର କାର୍ଯ୍ୟକାଳ ସମୟରେ ଦ୍ୱୈତ ଭୂମିକାରେ ଦେଖିବାକୁ ମିଳିଥିଲା। ଜାତୀୟ ଦଳର ମ୍ୟାଚ ନ ଥିବା ବେଳେ ସେ ଏଫ୍‌ସି ଗୋଆ ପାଇଁ କାର୍ଯ୍ୟ କରୁଥିଲେ। ଅଗଷ୍ଟ ୨୯ରୁ ତାଜିକିସ୍ତାନ ଓ ଉଜବେକିସ୍ତାନରେ ଅନୁଷ୍ଠିତ ହେବାକୁଥିବା ସେଣ୍ଟ୍ରାଲ ଏସିଆନ ଫୁଟ୍‌ବଲ ଆସୋସିଏସନ (କାଫା) ନେସନ୍ସ କପ୍‌ରେ ଜମିଲଙ୍କୁ ପ୍ରଥମେ ମୁଖ୍ୟକୋଚ୍ ଦାୟିତ୍ୱରେ ଦେଖିବାକୁ ମିଳିବ।


ଖାଲିଦ ଜମିଲ

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ